

‘ଫଳାଫଳ ପରଠୁ ଆଖିକୁ ନିଦ ନାହିଁ’ ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 237 | ଭାଗ ୩୩ | ସଂଖ୍ୟା ୨୩୭ Thursday 20 November 2025 | Page 8 Rs. 5.00 ● ଭୁବନେଶ୍ୱର ଗୁରୁବାର ୨୦ ନଭେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ୧୦ ଲକ୍ଷ ହେବ ସାପ କାମୁଡ଼ା କ୍ଷତିପୂରଣ ରାଶି!

● କେନ୍ଦ୍ରକୁ ରାଜ୍ୟ ସରକାରଙ୍କ ପ୍ରସ୍ତାବ

**ଭୁବନେଶ୍ୱର,୧୯।୧୧(ସଂଚାର ବ୍ୟୁରୋ):** ରାଜ୍ୟରେ ସାପ କାମୁଡାରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ପରିବାରକୁ କ୍ଷତିପୂରଣ ରାଶି ବଢାଇବାକୁ ରାଜ୍ୟ ସରକାର କେନ୍ଦ୍ରକୁ ପ୍ରସ୍ତାବ ଦେଇଛନ୍ତି। ଏବେ ସାରା ଦେଶରେ ଗୋଟିଏ କ୍ଷତିପୂରଣ ରାଶି ଦିଆଯାଉଛି। ସେହି କ୍ରମରେ ଓଡିଶାରେ ମଧ୍ୟ ସାପ କାମୁଡାରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଦିଆଯାଉଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଦେଶରେ ସାପ କାମୁଡ଼ାରେ ମୃତ୍ୟୁ ସଂଖ୍ୟାରେ ଓଡ଼ିଶାର ସ୍ଥିତି ଉଦବେଗଜନକ ରହିଛି। ୨୦୨୪ରେ ରାଜ୍ୟରେ ସାପ କାମୁଡାରେ ସରକାରୀ ଭାବେ ୯୭୨ ଜଣ ମୃତ୍ୟୁବରଣ କରିଥିଲେ। ଏହିସବୁ ଲୋକଙ୍କ ପରିବାରକୁ ସରକାର ୪ ଲକ୍ଷ ଲେଖାଏଁ କ୍ଷତିପୂରଣ ଦେଇଛନ୍ତି। ଗତ ଅକ୍ଟୋବର ୩୧ ତାରିଖ ସୁଦ୍ଧା ରାଜ୍ୟରେ ➪ପୃଷ୍ଠା-୬

## ଏନକାଉଣ୍ଟରରେ ୭ ମାଓବାଦୀ ନିହତ

● ୨୪ ଘଣ୍ଟାରେ ମଲେଣି ୧୩

**ମାଲକାନଗିରି,୧୯।୧୧(ସଂଚାର ବ୍ୟୁରୋ):** ମାଓବାଦୀଙ୍କ ଉପରେ ସୁରକ୍ଷାକର୍ମୀଙ୍କ ଅପରେସନ୍ ବେଶ୍ ଭାରୀ ପଡ଼ିଛି। କ୍ରମାଗତ ଦ୍ୱିତୀୟ ଦିନରେ ଆଜି ମାଲକାନଗିରି ସୀମାନ୍ତରେ ଏନକାଉଣ୍ଟରରେ ୭ ଜଣ ମାଓବାଦୀ ନିହତ ହୋଇଛନ୍ତି। ଗତକାଲି ଏନ୍‌କାଉଣ୍ଟର୍‌ରେ ପ୍ରମୁଖ ମାଓ ନେତା ତଥା ୨୬ଟି ହିଂସାତ୍ମକ ଆକ୍ରମଣରେ ଭାଗ ନେଇଥିବା ମାଡଭୀ ହିଡମା ସମେତ ୬ ଜଣ ମାଓବାଦୀ ନିହତ ହୋଇଥିଲେ। ଆଜି ଆନ୍ଧ୍ରପ୍ରଦେଶ ଆଲୁରୀ ସୀତାରାମ ରାଜୁ ଜିଲ୍ଲାର ମାରେଡିମିଲ୍ଲୀ ଜଙ୍ଗଲରେ ଏହି ଏନକାଉଣ୍ଟର ହୋଇଛି। ମୃତ ମାଓବାଦୀଙ୍କ ମଧ୍ୟରେ ୩ ଜଣ ମହିଳା ଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଗତକାଲି ଆନ୍ଧ୍ରପ୍ରଦେଶର ଆଲୁରୀ ସୀତାରାମ ରାଜୁ ଜିଲ୍ଲାର ମାରେଡମିଲ୍ଲୀ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ସହ ମାଓବାଦୀଙ୍କ ମୁକାବିଲା ହୋଇଥିଲା। ଦୀର୍ଘ ସମୟ ଧରି ଚାଲିଥିବା ଏହି ଏନକାଉଣ୍ଟରରେ ଟପ୍ ମାଓନେତା ହିଡ୍‌ମା ସମେତ ୬ ମାଓବାଦୀ ନିହତ ହୋଇଥିଲେ। ହିଡମାର ନିହତ ପରେ ମଧ୍ୟ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଚାଲିଥିଲା ସର୍ଚ୍ଚ ଅପରେସନ। ଏହି ସର୍ଚ୍ଚ ଅପରେସନରେ ବୁଧବାର ପ୍ରାତଃ ପ୍ରାୟ ୭ଟା ସମୟରେ ସୁରକ୍ଷାକର୍ମୀଙ୍କୁ ସଫଳତା ମିଳିଛି ଓ ସେମାନେ ୭ ଜଣ ମାଓବାଦୀଙ୍କୁ ସଫା କରିବାରେ ସକ୍ଷମ ହୋଇଛନ୍ତି। ➪ପୃଷ୍ଠା-୬

### ଓଡ଼ିଶା ଚାଷୀଙ୍କୁ ମୋଦି ବାଣ୍ଟିଲେ ୭୦୦ କୋଟି

# ରାଜ୍ୟର ୩୪ ଲକ୍ଷ କୃଷକ ଉପକୃତ

- ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ
- ଫସଲ ବିବିଧିକରଣ ପାଇଁ ମୁଖ୍ୟମନ୍ତ୍ରୀ ଦେଲେ ପରାମର୍ଶ
- କୃଷି ବିଦ୍ୟାନିଧି ଯୋଜନାରେ ଦିଆଯାଇଛି ୫ ଗୁଣ ବୃତ୍ତି



**ଭୁବନେଶ୍ୱର,୧୯।୧୧(ସଂଚାର ବ୍ୟୁରୋ):** ଆମ ରାଜ୍ୟରେ କୃଷକଙ୍କ ସଶକ୍ତିକରଣ ଓ କଲ୍ୟାଣ ହେଉଛି ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ। ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ମୁଁ ଚାହେଁ ଯେ କୃଷକ ମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଯୋଜନାର ସୁବିଧା ସୁଯୋଗ ରାଜ୍ୟର ସମସ୍ତ ଯୋଗ୍ୟ ଚାଷୀ ନିଶ୍ଚିତରୂପେ ପାଆନ୍ତୁ। କେହି ଜଣେ ବି ଯେପରି ଏଥିରୁ ବଞ୍ଚିତ ନହୁଅନ୍ତୁ ବୋଲି ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ୨୧ତମ ପିଏମ୍ କିଷାନ ସମ୍ମାନ ନିଧି ପ୍ରଦାନ କାର୍ଯ୍ୟକ୍ରମ ଅବସରରେ ଭୁବନେଶ୍ୱର କୃଷି ଭବନଠାରେ କୃଷକ ମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି।

ସୂଚନାଯୋଗ୍ୟ ଯେ, ତାମିଲନାଡୁର କୋଏମ୍ବାଟୁର୍‌ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଏମ୍ କିଷାନ ସମ୍ମାନ ନିଧିର ୨୧ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। ୨୧ତମ କିସ୍ତିରେ ଦେଶର ୯ କୋଟିରୁ ଉର୍ଦ୍ଧ୍ୱ କୃଷକଙ୍କୁ ୧୮ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ସବୁ ରାଜ୍ୟର ଜିଲ୍ଲା, ବ୍ଲକ, ପଞ୍ଚାୟତ, ପ୍ୟାକ୍ସ ଓ ମଣ୍ଡିରେ ଆୟୋଜନ କରାଯାଇଛି। ପ୍ରଧାନମନ୍ତ୍ରୀ ଏହି ଅବସରରେ ଦେଶର କୃଷକମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି।

ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ କୃଷକ ମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, କୃଷକ ମାନଙ୍କୁ ଆବଶ୍ୟକ ସମୟରେ ବିହନ, ସାର, କୀଟନାଶକ ଆଦି କିଣିବା ପାଇଁ କେନ୍ଦ୍ର ସରକାର ବାର୍ଷିକ ୩ଟି କିସ୍ତିରେ ୬ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଆଜି ୨୧ତମ କିସ୍ତିରେ ଆମ ରାଜ୍ୟର ୩୪.୧୨ ଲକ୍ଷରୁ ଉର୍ଦ୍ଧ୍ୱ କୃଷକ କିସ୍ତି ବାବଦକୁ ୨ ହଜାର ଟଙ୍କା ଲେଖାଏଁ ପାଇବେ। ଏହି ସହାୟତା ପ୍ରଦାନ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ କରାଯାଉଛି ଏବଂ ଏଥିରେ କ୍ଷୁଦ୍ର, ମଧ୍ୟମ, ବୃହତ୍ତ ଓ ସହରାଞ୍ଚଳର ଭୂମିଧାରୀ ଚାଷୀମାନେ ଉପକୃତ ହେଉଛନ୍ତି। ପ୍ରଧାନମନ୍ତ୍ରୀଙ୍କର ଯୁଗାନ୍ତକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ଆଜି ଦେଶର ଚାଷୀ, ଗରିବ, ମହିଳା ସମସ୍ତେ ଉପକୃତ ହେଉଛନ୍ତି।

ସେ ପୁଣି କହିଥିଲେ ପିଏମ୍ କିଷାନ ସହିତ ଆମ ରାଜ୍ୟରେ ସିଏମ୍ କିଷାନ ଜରିଆରେ ୨ଟି କିସ୍ତିରେ ୪ ହଜାର ଟଙ୍କା ପ୍ରଦାନ କରାଯାଉଛି। ଚଳିତ ଆର୍ଥିକ ବର୍ଷରେ ସିଏମ କିଷାନ ଯୋଜନାରେ ୫୧.୫୪ ଲକ୍ଷ ଚାଷୀଙ୍କୁ ୨୯୯୧ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ଏଥିରେ ୩୨୩୬ ଜଣ ପିଭିଟିଜି ଚାଷୀ ଏବଂ ୩୧,୬୯୫ ଜଣ ସହରାଞ୍ଚଳ ଚାଷୀ ଅନ୍ତର୍ଭୁକ୍ତ ଅଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ➪ପୃଷ୍ଠା-୬

## ପ୍ରହସନ ପାଲଟିଛି ଶିଶୁ ଶ୍ରମିକ ଉଚ୍ଛେଦ

- ୨୮ ବର୍ଷ ଧରି ହୋଇନି ଆନୁଷ୍ଠାନିକ ସର୍ଭେ
- ଶ୍ରମିକ ଭାବେ ଖଟୁଛନ୍ତି ୭.୭୨ ଲକ୍ଷ ଶିଶୁ
- ୨୪ ବର୍ଷ ଧରି ଶୋଇଥିଲା ବିଜେଡି ସରକାର



**ଭୁବନେଶ୍ୱର,୧୯।୧୧(ସଂଚାର ବ୍ୟୁରୋ):** ଶିଶୁ ଶ୍ରମିକ ନିରୋଧ ଦିବସରେ ସରକାର ଓ ଶ୍ରମ ବିଭାଗ ରାଜ୍ୟରୁ ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସହ ଯୋଜନା ବି କରୁଛନ୍ତି। ହେଲେ ସେସବୁ ଯୋଜନା ଓ ସଚେତନତା କେବଳ ଏକ ପ୍ରହସନ କହିଲେ ଭୁଲ ହେବନି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ପ୍ରଥମ ଓ ଶେଷ ଥର ପାଇଁ ୧୯୯୭ରେ ହୋଇଥିଲା ଶିଶୁ ଶ୍ରମିକ ସର୍ଭେ। ତା’ପରଠୁ ରାଜ୍ୟ ସରକାର ଆଉ ସର୍ଭେ କରିନାହାଁନ୍ତି।

ବିଭିନ୍ନ ଆନ୍ତର୍ଜାତିକ ସ୍ତରର ରିପୋର୍ଟ ଅନୁଯାୟୀ ଭାରତରେ ଶିଶୁମାନେ ବାଲ୍ୟ ବିବାହ, ଅନୈତିକ ଦେହ ବ୍ୟବସାୟ, ଶିଶୁ ଚାଲାଣ, କୁପୋଷଣ, ବାଧ୍ୟତାମୂଳକ ଶ୍ରମିକ ବିଭିନ୍ନ ପ୍ରକାର ନିର୍ଯାତନାର ଶିକାର ହୋଇଥାନ୍ତି। ଆଉ ଶିଶୁଙ୍କ ବିରୋଧରେ ହେଉଥିବା ଏଭଳି ନିର୍ଯାତନାରେ ଭାରତ ବିଶ୍ୱରେ ଏକ ନମ୍ବର। ଦେଶର ମୋଟ ଜନସଂଖ୍ୟାର ଏକ ତୃତୀୟାଂଶ ଅର୍ଥାତ ପ୍ରାୟ ୪୦ ଲକ୍ଷ ହେଉଛନ୍ତି ଶିଶୁ। ପାରିବାରିକ ଓ ସାମାଜିକ ବାଧ୍ୟବାଧକତାରେ ବହୁ ସଂଖ୍ୟାରେ ଶିଶୁ ନିଜ ଶୈଶବରୁ ପାଠରେ ଡୋରି ବାନ୍ଧି ପେଟ ପୋଷିବାକୁ ଶ୍ରମଦାନ କରିବାକୁ ବାଧ୍ୟ ହେଉଛନ୍ତି। ଏବଂ ସେମାନଙ୍କ ସମସ୍ୟାକୁ କେହି ଶୁଣୁନାହାଁନ୍ତି କି ସେମାନଙ୍କ ଅଧିକାରକୁ ସମ୍ମାନ ଦିଆଯାଉନି। ଜାତିସଂଘର ଶିଶୁ ଅଧିକାର ସଂପର୍କିତ କନଭେନସନର ଧାରା ୨୪ ଓ ଭାରତୀୟ ସମ୍ବିଧାନ ମଧ୍ୟ ୧୪ ବର୍ଷରୁ କମ ଶିଶୁ କୌଣସି ପ୍ରକାର ବିପଦଶଙ୍କୁଳ କାର୍ଯ୍ୟରେ ନିୟୋଜିତ ହେବାକୁ ବାରଣ କରିଛନ୍ତି। ଏଥିପାଇଁ କେନ୍ଦ୍ର ସରକାର ଶିଶୁ ଶ୍ରମିକ ନିରୋଧ ଆଇନ ମଧ୍ୟ ଲାଗୁ କରିଛନ୍ତି। କିନ୍ତୁ ପ୍ରକୃତ ପକ୍ଷେ ତା’ର କିଛି ସୁଫଳ ମିଳୁଥିବା ଦେଖାଯାଉନି।

ସୁପ୍ରିମକୋର୍ଟଙ୍କ ଏକ ରାୟ ଆଧାରରେ ୧୯୯୭ରେ ଶେଷ ଥର ପାଇଁ ➪ପୃଷ୍ଠା-୬



## ଆଇପିଏସଙ୍କ ପ୍ରେମରେ ଆଇଆଇସିଙ୍କ ସ୍ତ୍ରୀ

ପୁଲିସ ମହଲ ଏବେ ପଡୁଛି ଉଠୁଛି। ଛୋଟରୁ ବଡ଼ ସଭିଙ୍କ ମୁହଁରେ ଗୋଟିଏ କଥା। ଆଇପିଏସଙ୍କ ପ୍ରେମ କାହାଣୀ। ସେ ପୁଣି ଜଣେ ଆଇଆଇସିଙ୍କ ସ୍ତ୍ରୀଙ୍କ ସହ। ଟ୍ୱିନସିଟିରେ କାର୍ଯ୍ୟରତ ଜଣେ ଯୁବ ଆଇପିଏସଙ୍କ ସହ ଇନ୍ସପେକ୍ଟରଙ୍କ ସ୍ତ୍ରୀଙ୍କ ପ୍ରେମ କାହାଣୀ ପାଖାପାଖି ୬ ମାସ ହେଲା ଚାଲିଛି। କେବଳ ଚାଲିନି ବରଂ ଦୌଡୁଛି କହିଲେ ଠିକ୍ ହେବ। ଆଇପିଏସ ଜଣଙ୍କ ଚାମ୍ବରରେ ପହଞ୍ଚିବା ବେଳକୁ ମ୍ୟାଡାମ ସେଠାରେ ପହଞ୍ଚିଯାଉଛନ୍ତି। ସାଙ୍ଗରେ ହାତରନ୍ଧା ଟିଫିନ ଓ ଫୁଟାପାଣି ଧରିକି ଆସୁଛନ୍ତି ମ୍ୟାଡାମ୍। ଥରେ ଭିତରକୁ ପଶିଲେ ଘଣ୍ଟାଏ ଯାଏଁ ବାହାରକୁ ଆସୁନାହାନ୍ତି ମ୍ୟାଡାମ୍। ଆଉ ଯେତେବେଳେ ବାହାରୁଛନ୍ତି, ସେତେବେଳେ ମୁହଁରେ ଖୁସିଭାବ କହିଲେ ନସରେ। ସାରଙ୍କ ଫର୍ମାଲ ଶାର୍ଟ କିଣାଠାରୁ ଟୁର ବେଳେ ଭଲମନ୍ଦ ସବୁକିଛି ବୁଝୁଛନ୍ତି ମ୍ୟାଡାମ। ଟିକେ ଥଣ୍ଡା ହେଲେ ତୁରନ୍ତ ବେସରକାରୀ ହସ୍ପିଟାଲରେ ନେଇ ସାରଙ୍କୁ ଟ୍ରିଟମେଣ୍ଟ ବି କରାଉଛନ୍ତି। ରୋମିଓ-ଜୁଲିଏଟଙ୍କ ଏଭଳି ପ୍ରେମ କାହାଣୀକୁ ନେଇ ଚର୍ଚ୍ଚା ଯେତିକି ବଢୁଛି, କିଛି ଆଇପିଏସଙ୍କ ମଧ୍ୟରେ ଈର୍ଷାଭାବ ମଧ୍ୟ ସେତିକି ତେଜିବାରେ ଲାଗିଛି। ଆଇପିଏସଙ୍କ ପତ୍ନୀ ଅଧିକାଂଶ ସମୟରେ ରାଜ୍ୟ ବାହାରେ ରହୁଥିବାରୁ ସେ କୁଆଡେ ବାବୁଙ୍କ ବୁଡ଼ି ବୁଡ଼ି ପାଣିପିଆ ଅଭ୍ୟାସ ସମ୍ପର୍କରେ କିଛି ବି ଜାଣିପାରୁନାହାନ୍ତି। ଅନ୍ୟପଟେ ଆଇପିଏସଙ୍କ ପ୍ରେମରେ ପଡ଼ିଥିବା ମହିଳାଙ୍କ ସ୍ୱାମୀ ଇନ୍ସପେକ୍ଟର ହୋଇଥିବା ବେଳେ ତାଙ୍କୁ କିନ୍ତୁ ଏସବୁ ମାଲୁମ୍ ଅଛି। ଅପାରଗ ଅଧିକାରୀ ହୋଇ ମଧ୍ୟ ସ୍ତ୍ରୀ ଯୋଗୁଁ ଯଦି ପ୍ରାଇଜ ପୋଷ୍ଟିଂ ମିଳୁଛି, ତେବେ ଅସୁବିଧା କୋଉଠି ରହିଲା ବୋଲି କହି ବୁଲୁଛନ୍ତି ଶିଶୁପାଳ ପାଲଟିଥିବା ଏହି ଇନ୍ସପେକ୍ଟର ଜଣଙ୍କ।

### ଜିଲ୍ଲାପାଳ ଓ ଏସ୍‌ପି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

## ଅପରାଧ ନିୟନ୍ତ୍ରଣ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା

- ୮ଟି ଦିଗ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ ଏସ୍‌ପି
- ସାଧାରଣ ଲୋକଙ୍କ ପ୍ରତି ପୁଲିସ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରୁ



**ଭୁବନେଶ୍ୱର,୧୯।୧୧(ସଂଚାର ବ୍ୟୁରୋ):** ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକମାନେ କଦାପି କୌଣସି ପ୍ରକାର ଚାପର ବଶବର୍ତ୍ତୀ ନ ହୋଇ ଅପରାଧ କ୍ଷେତ୍ରରେ ପ୍ରକୃତ ଦୋଷୀକୁ ଖୋଜି ବାହାର କରିବା ସହ ଆଇନ ଅନୁଯାୟୀ ଦଣ୍ଡ ବିଧାନ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଠାରେ ଚାଲିଥିବା ଦୁଇଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ରହି ଶ୍ରୀ ମାଝୀ କହିଛନ୍ତି ଯେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକମାନେ ନିଜ ନିଜ ଭିତରେ ସମନ୍ୱୟ ରକ୍ଷା କରି କାମ କରିବା ଉଚିତ। ବିକାଶ ଓ ସୁରକ୍ଷା ଯେପରି ଏକାଠି ହୋଇପାରିବ ସେଥିପ୍ରତି ଯତ୍ନବାନ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଏହି ଅବସରରେ ଆରକ୍ଷୀ ଅଧୀକ୍ଷକମାନଙ୍କୁ ୮ଟି ବିଷୟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେଗୁଡ଼ିକ ହେଲା ଦଣ୍ଡବିଧାନ ହାରକୁ ବୃଦ୍ଧି କରିବା ପାଇଁ ସ୍ୱତନ୍ତ୍ର ଷ୍ଟ୍ରାଟେଜି ବା ରଣନୀତି ପ୍ରସ୍ତୁତ କରିବା ଏବଂ ଆବଶ୍ୟକ ସ୍ଥଳେ ଇନଭେଷ୍ଟିଗେସନ୍ ଓ ପ୍ରସିକ୍ୟୁସନ୍ ୱିଙ୍ଗ୍ ସ୍ଥାପନ କରିବାକୁ ବିଚାର କରିବା, ଥାନାକୁ ଆସୁଥିବା ସମସ୍ତ ଅଭିଯୋଗକୁ ଗ୍ରହଣ କରି ପଞ୍ଜୀକୃତ କରିବା ନଚେତ୍ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଆରକ୍ଷୀ ଅଧୀକ୍ଷକମାନଙ୍କ ➪ପୃଷ୍ଠା-୬

### ମଦ ବ୍ୟବସାୟୀଙ୍କଠୁ ନେଉଥିଲେ ଲାଞ୍ଚ

## ଧରାପଡ଼ିଲେ ଅବକାରୀ ଅଧୀକ୍ଷକ ଓ ଏଏସ୍‌ଆଇ



**କେନ୍ଦୁଝର,୧୯।୧୧(ସଂଚାର ବ୍ୟୁରୋ):** ମଦ ବିକ୍ରେତାଙ୍କଠାରୁ ନେଉଥିଲେ ଲାଞ୍ଚ। କିନ୍ତୁ ଭିଜିଲାନ୍ସ ହାତରେ ଧରାପଡ଼ିଗଲେ। ବୁଧବାର ଏଭଳି ଏକ ଘଟଣାକ୍ରମରେ ଓଡ଼ିଶା ଭିଜିଲାନ୍ସ ହାତରେ କେନ୍ଦୁଝର ଅବକାରୀ ଅଧୀକ୍ଷକ ସୀତାରାଣୀ ପଟ୍ଟାୟତ ଓ ଚମ୍ପୁଆ ଅବକାରୀ ଷ୍ଟେସନ ଦାୟିତ୍ୱରେ ଥିବା ଅଧିକାରୀ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର (ଏଏସ୍‌ଆଇ) ବିଜୟ କୁମାର ମହାନ୍ତ ଧରାପଡ଼ିଛନ୍ତି। ଉଭୟ ଚମ୍ପୁଆ ବ୍ଲକ ସରେଇ ଗ୍ରାମର ବିଧୁଭୂଷଣ ପତି ନାମକ ଲାଇସେନ୍ସପ୍ରାପ୍ତ ମଦ ବିକ୍ରେତାଙ୍କଠାରୁ ତାଙ୍କ ବ୍ୟବସାୟ ସୁରୁଖୁରୁରେ ଚଳାଇବା ପାଇଁ ୪୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଏନେଇ ଓଡ଼ିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯିବା ସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ସେମାନଙ୍କ ସରକାରୀ ବାସଗୃହ ଓ ଅଫିସରେ ବିଭାଗ ପକ୍ଷରୁ ଚଢ଼ାଉ ହୋଇଥିବା କୁହାଯାଇଛି।

ମିଳିଥିବା ସୂଚନାନୁସାରେ, ୪ ମାସ ତଳେ କେନ୍ଦୁଝର ଅବକାରୀ ଅଧୀକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ସୀତାରାଣୀ ବିଭିନ୍ନ ଲାଇସେନ୍ସପ୍ରାପ୍ତ ବିକ୍ରେତାଙ୍କ (ଭେଣ୍ଡର)ଙ୍କୁ ସେମାନଙ୍କ ବ୍ୟବସାୟକୁ ସୁଗମ କରିବା ପାଇଁ ନିୟମିତ ଲାଞ୍ଚ ମାଗୁଥିଲେ। ଅନ୍ୟ କୌଣସି ଉପାୟ ନ ପାଇ ଶେଷରେ ଜଣେ ବିକ୍ରେତା ସୀତାରାଣୀ ହଇରାଣ କରୁଥିବା ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ସୂଚନା ପାଇବା ପରେ ଭିଜିଲାନ୍ସର ଏକ ଟିମ୍ ଆଜି ସୀତାରାଣୀଙ୍କୁ ତାଙ୍କ ସହକର୍ମୀ ଏଏସ୍‌ଆଇ ➪ପୃଷ୍ଠା-୬

## କେବଳ ବିରୋଧ ପାଇଁ ବିରୋଧ

- ଏନଡିଏର ସୁଶାସନକୁ ଆପଣାଇଛନ୍ତି ଭୋଟର
- ଧର୍ମେନ୍ଦ୍ରଙ୍କ ବିରୋଧରେ ପେଡ୍ ନ୍ୟୁଜ୍ ଅଭିଯୋଗ



**ନୂଆଦିଲ୍ଲୀ,୧୯।୧୧(ସଂଚାର ବ୍ୟୁରୋ):** ବିହାର ନିର୍ବାଚନରେ ଏନଡିଏର ବିରାଟ ସଫଳତା କିଛି ବିରୋଧୀ ଦଳ ଓ କିଛି ବିରୋଧୀ ରାଜନୈତିକ ସମୀକ୍ଷକଙ୍କୁ ହଜମ ହେଉନି। ବିହାର ସଫଳତାର ଶ୍ରେୟ ନିର୍ବାଚନ ପ୍ରଭାରୀ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦିଆଯାଉଛି। ଯାହା ଏବେ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଛି। ତେଣୁ ଏନଡିଏ ବିରୋଧୀ ସମୀକ୍ଷକଙ୍କ ଦେହ ସହୁନି। ରବିଶ କୁମାରଙ୍କ ଭଳି ଜଣେ ଅଭିଜ୍ଞ ଓ ଅନୁଭବୀ ରାଜନୈତିକ ବିଶ୍ଳେଷକ ବିହାର ବିଜୟରେ ଧର୍ମେନ୍ଦ୍ରଙ୍କୁ କାହିଁକି ଶ୍ରେୟ ଦିଆଯାଉଛି ବୋଲି ପ୍ରଶ୍ନ କରିବାକୁ ନେଇ ଜାତୀୟ ସ୍ତରର କିଛି ଏନଡିଏ ସମର୍ଥକ ତଥ୍ୟଭିତ୍ତିକ ବିରୋଧ କରିବା ଆରମ୍ଭ କରିଦେଇଛନ୍ତି।

୨୦୦୨ରୁ ୨୦୦୭ ମଧ୍ୟରେ ବିହାରର ଅଭିବୃଦ୍ଧି ହାର ଦେଶରେ ସର୍ବନିମ୍ନ ଥିଲା। ଯେଉଁଥିପାଇଁ ବିହାର ଏକ କୃଷିପ୍ରବଣ ରାଜ୍ୟ ହୋଇ ମଧ୍ୟ ଲୋକଙ୍କ ସମାଜିକ ଓ ଅର୍ଥନୈତିକ ବିକାଶ ହୋଇ ପାରୁନଥିଲା। ଏହି ସମୟ ମଧ୍ୟରେ ଉତ୍ପାଦନଭିତ୍ତିକ ଶିଳ୍ପରେ ବିହାରର ଅଭିବୃଦ୍ଧି ଥିଲା ମାତ୍ର ୦.୩୮ ପ୍ରତିଶତ। ହେଲେ ଏନଡିଏ ଶାସନରେ ବିହାରର ଉତ୍ପାଦନଭିତ୍ତିକ ଶିଳ୍ପ ୩.୯ ପ୍ରତିଶତ ହାରରେ ଅଭିବୃଦ୍ଧି କରିଥିଲା। ଯାହାର ଫଳସ୍ୱରୂପ ବିହାରର ମୋଟ ଘରୋଇ ଉତ୍ପାଦ ୧୦.୯୭ ଲକ୍ଷ କୋଟିରେ ପହଞ୍ଚିଛି। ଆଉ ଦେଶର ସବୁଠୁ ପଛୁଆ ରାଜ୍ୟ ଏବେ ୧୪ ନମ୍ବର ସ୍ଥାନକୁ ଉନ୍ନୀତ ହୋଇପାରିଛି।

କେବଳ ସେତିକି ନୁହେଁ ଶିକ୍ଷା କ୍ଷେତ୍ରରେ ବିହାରରେ ଆସିଛି ଆଖିଦୃଶିଆ ଉନ୍ନତି। ବିଜେପି ଓ ନୀତୀଶଙ୍କ ଦୃଢ଼ ଇଚ୍ଛାଶକ୍ତି ଯୋଗୁ ୨୦୨୩-୨୪ରେ ଶିକ୍ଷା ବଜେଟ ୪୦,୪୫୦ କୋଟି ଛୁଇଁଛି। ୨୦୦୪-୦୫ରେ ବିହାରର ବାର୍ଷିକ ବଜେଟ ମାତ୍ର ୨୩୮୮୫ କୋଟି ଥିବା ବେଳେ ଏବେ ଅଢେଇ ଲକ୍ଷ କୋଟି ଛୁଇଁଲାଣି। ସେଥି ମଧ୍ୟରେ ଶିକ୍ଷାର ବିକାଶ ପାଇଁ ସର୍ବାଧିକ ବ୍ୟୟବରାଦ କରାଯାଉଛି। ବିକାଶ ସାଙ୍ଗକୁ ବ୍ୟାପକ ରୂପାନ୍ତରଣ ଯୋଗୁଁ ବିହାରରେ ସ୍କୁଲ ଡ୍ରପ ଆଉଟ ୨୦୦୫ରେ ୧୨ ପ୍ରତିଶତରୁ ୨୦୨୦ରେ ୧.୭ ପ୍ରତିଶତକୁ ହ୍ରାସ ପାଇଛି। ସ୍କୁଲ ଶିକ୍ଷାର୍ଥୀଙ୍କ ପାଇଁ ସାଇକେଲ ଓ ୟୁନିଫର୍ମ ଯୋଜନା ଶିକ୍ଷା ବ୍ୟବସ୍ଥାରେ ରୂପାନ୍ତରଣ ➪ପୃଷ୍ଠା-୬



### କାନ ଡେରିଥା

ଚିପ୍‌ସ ଭିତରେ
ଖେଳନା ଦେଉଛ
ଶିଶୁଙ୍କୁ ମାରିବା ପାଇଁ
ଗିଳିଦେଇ ଛୁଆ ମରି
ଯାଉଛନ୍ତି
ତମ ବିଷ ଖାଇଖାଇ
ଏମିତି କରୁଛ କାହିଁ ପାଇଁ
ତମ ବେପାରକୁ
ଆଗକୁ ନେବାକୁ
ଶିଶୁଟି ମରଇ ଭାଇ

■ ଦେବାଶିଷ

### ଉତ୍ତରାଧିକାରୀ ନେଇ ହଲଚଲ

## ଚର୍ଚ୍ଚାରେ ସୁଜାତା ଓ ଅରୁଣ



### ଏପ୍ରିଲ ୩୦ ସୁଦ୍ଧା ନବୀନ ନେବେ ନିଷ୍ପତ୍ତି

**ଭୁବନେଶ୍ୱର,୧୯।୧୧(ସଂଚାର ବ୍ୟୁରୋ):** ନୂଆପଡ଼ା ଉପନିର୍ବାଚନରେ ଶୋଚନୀୟ ପରାଜୟ ପରେ ଏବେ ବିଜେଡିରେ ପୁଣିଥରେ ନେତୃତ୍ୱକୁ ନେଇ ଘମାଘୋଟ ଆରମ୍ଭ ହୋଇଛି। ଏନେଇ ନବୀନ ନିବାସରେ ମାନସମନ୍ଥନ ଚାଲିଥିବା ବେଳେ ନବୀନ ନିଜ ହାତରେ ବିଜେଡିର ଡୋରି ନରଖି ମାର୍ଗଦର୍ଶକ ସାଜିବାକୁ ଦଳର ଗୋଟିଏ ଗୋଷ୍ଠୀ ମତ ଦେଉଛନ୍ତି। ସେବେ ନବୀନ କାହା ହାତରେ କ୍ଷମତା ସମର୍ପିବେ ତାହାକୁ ନେଇ ବି ତର୍ଜମା ଆରମ୍ଭ ହୋଇଯାଇଛି। ସୁଜାତା ରାଉତ ଓ ଅରୁଣ ପଟ୍ଟନାୟକଙ୍କ ମଧ୍ୟରୁ ଜଣଙ୍କୁ ନବୀନ ନିଜ ଉତ୍ତରାଧିକାରୀ କରିବାକୁ ବିଜେଡିର କାର୍ପେଟଦାରମାନେ ପ୍ରସ୍ତାବ ଦେଇଥିବା ଜଣାପଡିଛି।

ଉପନିର୍ବାଚନ ସମୟରେ ନବୀନ ଦୁଇ ଦୁଇ ଥର ନୂଆପଡ଼ା ଗସ୍ତ କରିଥିଲେ ମଧ୍ୟ ଦଳ ତୃତୀୟ ସ୍ଥାନରେ ରହିଛି। ତେବେ ନବୀନଙ୍କ ଦ୍ୱିତୀୟ ଗସ୍ତ ସମୟରେ ବିମାନବନ୍ଦରେ ଭାଇରାଲ ହୋଇଥିବା ତାଙ୍କ ଭିଡିଓରେ ସେ ଭଲଭାବେ ଚାଲିପାରୁ ନଥିବା ଓ କଥା କହିପାରୁନଥିବା ସ୍ପଷ୍ଟ ବାରିହୋଇ ପଡୁଥିଲା। ଏହା ସତ୍ତ୍ୱେ ବି ନବୀନ ନୂଆପଡ଼ା ଯାଇ ସେଠାରେ ରୋଡ୍ ସୋ କରିଥିଲେ। ବିଜେଡିର ପୂରା ଟିମ୍ ନିର୍ବାଚନ ପରିଚାଳନା କରୁଥିଲେ ମଧ୍ୟ ନୂଆପଡ଼ାରେ ଦଳ ତୃତୀୟ ସ୍ଥାନରେ ରହିଲା ଓ କଂଗ୍ରେସ ଦ୍ୱିତୀୟ ସ୍ଥାନ ହାସଲ କରିନେଲା।

ବିଜେପି ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଭଳି ଧୂଆଁଧାର ପ୍ରଚାର କଲେ ଓ କଂଗ୍ରେସ ପକ୍ଷରୁ ଭକ୍ତ ଦାସ ନୂଆପଡ଼ାରେ ଡେରା ପକାଇ ରହିଲେ ସ୍ୱାସ୍ଥ୍ୟଗତ କାରଣରୁ ନବୀନ କିନ୍ତୁ ସେଭଳି କରିପାରିଲେ ନାହିଁ ବୋଲି ବିଜେଡିର ଗୋଟିଏ ଗୋଷ୍ଠୀ କହୁଛନ୍ତି। ତେଣୁ ଏବେ ସମୟ ଆସିଯାଇଛି ପରିଚାଳନା ଭାର ନବୀନ ଅନ୍ୟ ହାତରେ ଦେଇ ନିଜେ ମାର୍ଗଦର୍ଶନ ପ୍ରଦାନ କରିବା ଉଚିତ ବୋଲି ଅନେକ ଦଳୀୟ ନେତା ମତ ଦେଉଛନ୍ତି। ତେବେ କାହାକୁ କିଭଳି ଦାୟିତ୍ୱ ଦିଆଯିବ, ତାହାକୁ ନେଇ ସୂତା କ୍ରମଶଃ ଅଡୁଆ ହେବାରେ ଲାଗିଛି।

ଦଳରେ ହେଉଥିବା ଆଲୋଚନା ଅନୁଯାୟୀ, ନବୀନ ପୂର୍ବତନ ଆଇଏଏସ ଅଫିସର ସୁଜାତା ରାଉତ ଓ ତାଙ୍କ ପୁତୁରା ଅରୁଣ ପଟ୍ଟନାୟକଙ୍କ ମଧ୍ୟରୁ ଜଣଙ୍କୁ ଉତ୍ତରାଧିକାରୀ ଭାବେ ବାଛିବା ନେଇ ବିଭିନ୍ନ ସ୍ତରରେ ଆଲୋଚନା କରୁଛନ୍ତି। ନବୀନଙ୍କ ଶୁଭେଚ୍ଛୁମାନେ ମଧ୍ୟ ଦୁଇ ଜଣଙ୍କଠାରେ ମୋହର ମାରୁଛନ୍ତି। ହେଲେ ବିଭିନ୍ନ ଦୃଷ୍ଟିରୁ ସୁଜାତା ଅଧିକ ଯୋଗ୍ୟ ବୋଲି ବିବେଚନା କରାଯାଉଛି। ପ୍ରଥମେ ତ ସେ ଜଣେ ମହିଳା, ପୂର୍ବତନ ପ୍ରଶାସନିକ ଅଧିକାରୀ ଭାବେ ତାଙ୍କର ଦୂରଦୃଷ୍ଟି ରହିଛି ଏବଂ ସେ ରାଜନୈତିକ ➪ପୃଷ୍ଠା-୬

# ରାଷ୍ଟ୍ରପତିଙ୍କୁ ସାକ୍ଷାତ କଲେ ବିଜେପି ନେତା ଅରିନ୍ଦମ



## ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ ଓ ପଢୁଥିବା ବିଦ୍ୟାଳୟକୁ ତାଙ୍କ ନାମରେ ନାମିତ ପାଇଁ କଲେ ଦୃଷ୍ଟି ଆକର୍ଷଣ

**ସାଲେପୁର,୧୯।୧୧ (ସଂଚାର ବ୍ୟୁରୋ):** ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ କର୍ଣ୍ଣଧାର ମଧୁବାବୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତାଙ୍କ ପାଇଁ ଓଡ଼ିଶା ସ୍ୱତନ୍ତ୍ର ପରିଚୟ ପାଇପାରିଛି। ଓଡ଼ିଶାର ସ୍ୱାଭିମାନୀ ପୁରୁଷ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଭାରତ ରତ୍ନ ପ୍ରଦାନ ଓ ସେ ପଢୁଥିବା ମହାସିଂହପୁର ବିଦ୍ୟାଳୟର ନାମକୁ ତାଙ୍କ ନାମରେ ନାମିତ କରିବା ସହ ୫ଟି ଜିଲ୍ଲାକୁ ସଂଯୋଗ କରୁଥିବା କଟକ-ଚାନ୍ଦବାଲି ରାସ୍ତାକୁ ତାଙ୍କ ନାମରେ ନାମିତ କରିବା ପାଇଁ ବିଜେପି ନେତା ଅରିନ୍ଦମ ରାୟ ଗତକାଲି ଦିଲ୍ଲୀସ୍ଥିତ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରି ତାଙ୍କର ଦୃଷ୍ଟି ଆକର୍ଷଣ କରିବା ସହ ସାଲେପୁର ଅଞ୍ଚଳର ସମସ୍ୟା ସମ୍ପର୍କରେ ମଧ ଅବଗତ କରାଇଥିଲେ ଏବଂ ମଧୁବାବୁଙ୍କ ଜନ୍ମପୀଠକୁ ଆସିବା ପାଇଁ ମହାମହିମ ରାଷ୍ଟ୍ରପତିଙ୍କୁ ଆମନ୍ତ୍ରଣ କରିଥିଲେ। ମହାମହିମ ରାଷ୍ଟ୍ରପତି ସମସ୍ତ କଥା ଶୁଣିବାପରେ ତାକୁ କାର୍ଯ୍ୟକାରୀ କରାଇବା ପାଇଁ ପ୍ରତିଶ୍ରୁତି ଦେବା ସହ ସାଲେପୁର ଅଞ୍ଚଳର ଲୋକଙ୍କ ସେବା କରିବା ସହିତ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାପାଇଁ ପରାମର୍ଶ ଦେଇଥିଲେ। ୨୦୨୬ ମସିହାରେ ସେ ନିଶ୍ଚିତ ମଧୁବାବୁଙ୍କ ଜନ୍ମପୀଠ ସାଲେପୁରକୁ ପରିଦର୍ଶନରେ ଆସିବାପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ପ୍ରି-ସ୍କୁଲ ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳୁଛି ବ୍ଲକ ପ୍ରଶାସନ

## ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣର ୫ ବର୍ଷ ପରେ ଖୋଲୁନି ତାଲା




**ରାଜନଗର,୧୯।୧୧ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ମହିଳା ଓ ଶିଶୁ ବିକାଶ ବିଭାଗକୁ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟର ଜଣେ ମହିଳା ଉପମୁଖ୍ୟମନ୍ତ୍ରୀ ଏହି ବିଭାଗର ଦାୟିତ୍ୱରେ ଅଛନ୍ତି। ମାତ୍ର ଅଙ୍ଗନବାଡି ଛାତ୍ରଛାତ୍ରୀମାନେ ଘର ବିନା କିଭଳି ହିନସ୍ତା ହେଉଛନ୍ତି ତାହା ଆଖିରେ ନଦେଖିଲେ ବିଶ୍ୱାସ କରିହେବନି। ଗର୍ଭବତୀ, ପ୍ରସୂତୀ, ଶିଶୁମାନଙ୍କୁ ସେବା ଯୋଗାଇବା ପାଇଁ ପ୍ରତ୍ୟେକ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ଖୋଲିଛନ୍ତି। ଏଥିରେ କର୍ମୀ ଓ ସହାୟିକାଙ୍କୁ ନିଯୁକ୍ତି ଦିଆଯାଇଛି। ଏହି କେନ୍ଦ୍ରରେ ମହିଳା ଓ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ସହ ପ୍ରି-ସ୍କୁଲ ପିଲାମାନଙ୍କୁ ଶିକ୍ଷା ପ୍ରଦାନର ବ୍ୟବସ୍ଥା କରାଯାଇଛି। ମାତ୍ର ଅଙ୍ଗନୱାଡି କେନ୍ଦ୍ର ଗୃହ ନଥିବାରୁ ଗର୍ଭବତୀ ଓ ପ୍ରସୂତୀ ମହିଳା, ଶିଶୁ ଏବଂ ପ୍ରି-ସ୍କୁଲର ପିଲାମାନେ ବାରଓଳି ଶୁଣ୍ଢିପିଣ୍ଡା ହେଉଥିବା ଅଭିଯୋଗ ହେଉଛି। ଏଭଳି ଘଟଣା ରାଜନଗର ବ୍ଲକରେ ଦେଖିବାକୁ ମିଳିଛି।

ଏହି ବ୍ଲକ ସାନବଡଗୋପାଳପୁର ପଚାଂୟତ ଗୋସି ଗାଁରେ ଦୀର୍ଘ ୫ବର୍ଷରୁ ଊର୍ଦ୍ଧ୍ୱ ହେବ ଅଙ୍ଗନବାଡି କେନ୍ଦ୍ର ଗୃହ ନିର୍ମାଣ ସରିଛି। କେନ୍ଦ୍ର ଗୃହରେ ବିଭିନ୍ନ ପ୍ରକାର ରଙ୍ଗବେରଙ୍ଗର ଚିତ୍ର ସରିଛି। ବ୍ୟବହାର ଉପଯୋଗୀ ହେବା ପରେ ଅଙ୍ଗନୱାଡି କେନ୍ଦ୍ର ଚାଲିବା କଥା। ମାତ୍ର କେନ୍ଦ୍ର ନିର୍ମାଣ ଦାୟିତ୍ୱରେ ଥିବା ବ୍ଲକର କନିଷ୍ଠ ଯନ୍ତ୍ରୀ ଜଣକ ପରେ ଜଣେ ବଦଳିବାରେ ଲାଗିଛନ୍ତି। ଘରର ଚାବି ହସ୍ତାନ୍ତର କରୁନାହାଁନ୍ତି। ଯାହାଫଳରେ ଅଙ୍ଗନବାଡି କେନ୍ଦ୍ରରେ ଦିଆଯାଇଥିବା ରଙ୍ଗ ଲିଭି ଯାଉଥିବା ବେଳେ ଘରର କାନ୍ଥ ଫାଟି ଯାଇଥିବା ଦେଖିବାକୁ ମିଳିଛି। ନିର୍ମାଣ ହୋଇଥିବା ଅଙ୍ଗନବାଡି କେନ୍ଦ୍ର ଦିନକୁ ଦିନ ଖରାପ ହେବାରେ ଲାଗିଛି।

ସେହିପରି ଏହି ବ୍ଲକ ମହିଁଷାସୁର ପଚାଂୟତ ଚଣ୍ଡିଆପଲୀ ଗ୍ରାମରେ ୫ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଅଙ୍ଗନବାଡି କେନ୍ଦ୍ରରେ ତାଲା ଝୁଲୁଛି। କର୍ମୀ ନିଜ ଘରେ ବହୁ ହିନସ୍ତାରେ ଛାତ୍ରଛାତ୍ରୀଙ୍କୁ ପାଠ ପଢାଉଛନ୍ତି।। ଏନେଇ ବାରମ୍ବାର ବ୍ଲକ ପ୍ରଶାସନକୁ ଗ୍ରାମବାସୀ ଅବଗତ କରାଇଥିଲେ ମଧ କେହି କର୍ଣ୍ଣପାତ କରିନଥିବା ଅଭିଯୋଗ ହୋଇଛି।

# ମା' ମଙ୍ଗଳା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପାଇଁ ଦାବି



**କେନ୍ଦ୍ରାପଡା,୧୯।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଢୋଲ ପଂଚାୟତ ରେ ଥିବା ମା' ମଙ୍ଗଳା ଉଚ୍ଚ ବିଦ୍ୟାପୀଠ ରେ ଶିକ୍ଷକ ଅଭାବ ଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢା ବ୍ୟାହତ ହେଉଥିବା ଗ୍ରାମବାସୀ ମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ଏହି ବିଦ୍ୟାଳୟ ରେ ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ହେଲା ସ୍ଥାନୀୟ ଅଂଚଳର ୩-୪ଟି ପଂଚାୟତ ର ଛାତ୍ରଛାତ୍ରୀ ମାନେ ଅଧ୍ୟୟନ କରୁଛନ୍ତି। ସ୍କୁଲରେ ମାତ୍ର ୪ଜଣ ଶିକ୍ଷକ ଥିବାବେଳେ ଅନେକ ଶିକ୍ଷକ ଅବସର ନେଇ ସାରିଛନ୍ତି । ଅବସର ନେଇଥିବା ଶିକ୍ଷକ ମାନଙ୍କର ପଦବୀ ଗୁଡିକ ଖାଲି ଥିବାରୁ ଛାତ୍ରଛାତ୍ରୀ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏହି ବିଦ୍ୟାଳୟ ରେ ଶିକ୍ଷକ ନିଯୁକ୍ତି ସହିତ ଅନ୍ୟ କର୍ମଚାରୀ ମାନଙ୍କ ନିଯୁକ୍ତି ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଅବିଭାବକ ଓ ପଂଚାୟତ ବାସୀ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ଅନିରୁଦ୍ଧ ପାତ୍ର, ସୁନାକର ବିଶ୍ୱାଳ, ଅଞ୍ଜନ ନାୟକ, ଗିରିଧାରୀ ସାହୁ, ସୁଶାନ୍ତ ବିଶ୍ୱାଳ, ଢୋଲ ସରପଂଚ ପ୍ରଫୁଲ୍ଲ ମଲିକ ପ୍ରମୁଖ ଦାବି କରିଛନ୍ତି ।

# ୨୩ଲିଟର ଚୋରା ବିଦେଶୀ ମଦ ଜବତ, ଜଣେ ଗିରଫ

**ସାଲେପୁର,୧୯।୧୧ (ସଂଚାର ବ୍ୟୁରୋ):** ନିଜ ଘର ନିକଟରେ ଚୋରା ବିଦେଶୀ ମଦ ବିକ୍ରି କରୁଥିବାବେଳେ ସାଲେପୁର ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଘଟଣାସ୍ଥଳରେ ଚଢ଼ଉ କରି ୨୩ଲିଟର ବିଦେଶୀ ମଦ ଜବତ କରିବା ସହ ଚୋରା ମଦ ବ୍ୟବସାୟୀକୁ ଗିରଫ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ କଙ୍କରାଇଲୋ ଗ୍ରାମର ପ୍ରଭାତ ମଲ୍ଲିକ ନିଜ ଘର ନିକଟରେ ଚୋରା ବିଦେଶୀ ମଦ ବିକ୍ରି କରୁଥିଲା। ବିଶ୍ୱସ୍ତ ସୂତ୍ରରୁ ସାଲେପୁର ପୁଲିସ ଖବର ପାଇ ଘଟଣା ସ୍ଥଳରେ ଚଢ଼ଉ କରି ୨୩ଲିଟର ବିଦେଶୀ ମଦ ଜବତ କରିବା ସହ ସାଲେପୁର ଥାନାରେ ୫୭୧/୨୦୨୫ରେ ଏକ ମାମଲା ରୁଜୁ କରି ଚୋରା ମଦ ବ୍ୟବସାୟୀ ପ୍ରଭାତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

# ଶ୍ରୀ ବଳଦେବଜୀଉ ସାଉଣ୍ଡ ଓ ଲାଇଟ ସଂଘ ପକ୍ଷରୁ ହେଲମେଟ୍ ସଚେତନତା




**କେନ୍ଦ୍ରାପଡା,୧୯।୧୧ (ସଂଚାର ବ୍ୟୁରୋ):** ଶ୍ରୀବଳଦେବଜୀଉ ସାଉଣ୍ଡ ଓ ଲାଇଟ ସଂଘ ପକ୍ଷରୁ ହେଲମେଟ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ଆଂଚଳିକ ପରିବହନ କାର୍ଯ୍ୟାଳୟ ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଆଂଚଳିକ ପରିବହନ ଅଧିକାରୀ ଲୋକନାଥ ମେହେର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଚଣ୍ଡୀଖୋଲ-ପାରାଦ୍ୱୀପ ଜାତୀୟ ରାଜପଥରେ ବିନା ହେଲମେଟରେ ମଟର ସାଇକେଲ ଚଲାଇ ଯାତାୟତ କରୁଥିବା ଲୋକଙ୍କୁ ଅଟକାଇ ହେଲମେଟ୍ ବିଷୟରେ ବୁଝାଇବା ସହ ହେଲଟେମ ପିନ୍ଧିବା ପାଇଁ ଅନୁରୋଧ କରିଥିଲେ। ଏଥି ସହିତ ମଟର ସାଇକଲେରେ ୨ ଜଣରୁ ଅଧିକ ନ ବସିବା ପାଇଁ ସଂଘ ପକ୍ଷରୁ ଅନୁରୋଧ କରାଯାଇଥିଲା। ସଂଘର ସଭାପତି ସରୋଜ କୁମାର ମେକାପଙ୍କ ତତ୍ୱାବଧାନ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପ ସଭାପତି ମାନସ କୁମାର ନାଥ, ସଂପାଦକ କିଶୋର କୁମାର ସାହୁଙ୍କ ସମେତ, ସୁଶାନ୍ତ କୁମାର ଜେନା, ରଶ୍ମି ରଂଜନ ସୁତାରଙ୍କ ସମେତ ସଂଘର ସଭ୍ୟମାନେ ଉପସ୍ଥିତ ଥିଲେ ।

# ମହୁଲିଆ ପ୍ରାଥମିକ ବିଦ୍ୟାଳୟରେ ଅତିଥିଙ୍କୁ ଖାଦ୍ୟ ପରସୁଛନ୍ତି ଛାତ୍ର



**ରାଜନଗର,୧୯।୧୧ (ସଂଚାର ବ୍ୟୁରୋ):** ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ପାଠ ପଢିବାକୁ ଯାଉଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଭିନ୍ନ କାମରେ ନିୟୋଜିତ କରୁଛନ୍ତି। ବିଦ୍ୟାଳୟରେ ଭୋଜିଭାତ ଆୟୋଜନ କରାଯାଇଥିଲା । ସେଠାରେ ଛାତ୍ରମାନଙ୍କୁ ଖାଦ୍ୟ ପରସିବାକୁ ନିୟୋଜିତ କରାଯିବା ଘଟଣା ଶିକ୍ଷା ବିଭାଗର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ଘଟଣା ଦେଖିବାକୁ ମିଳିଛି, ରାଜନଗର ବ୍ଲକ ମହୁଲିଆ ପ୍ରାଥମିକ ବିଦ୍ୟାଳୟରେ।

ଏହି ବିଦ୍ୟାଳୟରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ବିଦ୍ୟାଳୟଠାରୁ କିଛି ଦୂରରେ ସାଂସଦ କ୍ରୀଡା ଉତ୍ସବ ଆୟୋଜନ କରାଯାଇଥିଲା। ଏହି କ୍ରୀଡା ଦେଖିବାକୁ ଆସିଥିବା ଲୋକମାନଙ୍କ ପାଇଁ ଏହି ବିଦ୍ୟାଳୟରେ ଭୋଜିଭାତ ଆୟୋଜନ କରାଯାଇଥିଲା। ବିଦ୍ୟାଳୟକୁ ଆସିଥିବା ଛାତ୍ରଛାତ୍ରୀମାନଙ୍କୁ ଭୋଜିଭାତ ବଂଟନ ଦାୟିତ୍ୱ ଦିଆଯାଇଥିଲା। ଯାହାକି ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି । ଏନେଇ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଅଶୋକ କୁମାର ସ୍ୱାଇଁଙ୍କୁ ପଚାରିବାରୁ ପ୍ରଥମେ ଏହାକୁ ଅସ୍ୱୀକାର କରିଥିଲେ। ପଞ୍ଚମ ଶ୍ରେଣୀର ଛାତ୍ରମାନେ ଖାଦ୍ୟ ବାଣ୍ଟୁଥିବା ଭାଇରାଲ ଫଟୋକୁ ପ୍ରଧାନ ଶିକ୍ଷକଙ୍କୁ ପଠାଇବା ପରେ ସତ କଥା ମାନିଥିଲେ। ସେ ଛାତ୍ର ଖାଦ୍ୟ ବାଣ୍ଟିବା ପାଇଁ ମୁଁ କହିନଥିଲି। ସେମାନେ ବାଟୁଂଥିଲା ବୋଲି କହି କଥାକୁ ଏଡାଇ ଯାଇଥିଲେ।

ଏ ସଂପର୍କରେ ବ୍ଲକ ଶିକ୍ଷାଧିକାରୀ ମନୋରଂଜନ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଛାତ୍ର ଖାଦ୍ୟ ବାଣ୍ଟିବା ଫଟୋ ଓ ଖବର ପାଇଛି । ଆସନ୍ତାକାଲି ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ପରେ ଯାହା କିଛି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ବହୁଗ୍ରାମ ଫାର୍ମାସୀ କଲେଜ ପକ୍ଷରୁ ୫୧ ୟୁନିଟ୍ ରକ୍ତ ସଂଗ୍ରହ




**ସାଲେପୁର,୧୯।୧୧ (ସଂଚାର ବ୍ୟୁରୋ):** ଜାତୀୟ ଫର୍ମାସୀ ସପ୍ତାହ ପାଳନ ଅବସରରେ ବାହାଦୁଲାପାଟଣାଠାରେ ଥିବା ଫାର୍ମାସୀ କଲେଜ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ ଅଫ୍ କଟକ, ରୋଟ୍ରାକ୍ଟ କ୍ଲବ୍ ଅଫ୍ ବିରୂପା ଓ ଫାର୍ମାସି କଲେଜର ମିଳିତ ଆନୁକୂଲ୍ୟରେ କମିଶନରେଟ୍ ପୁଲିସ୍, ଭୁବନେଶ୍ୱର-କଟକ ଓ ଏଚ୍.ଡି.ଏଫ୍.ସି. ବ୍ୟାଙ୍କ୍, ଜଗତସିଂହପୁର ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଜଗତପୁର ଥାନା ଅଧିକାରୀ ଅନିରୁଦ୍ଧ ନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ରୋଟାରୀ କ୍ଲବ୍ ଅଫ୍ କଟକର ପ୍ରାକ୍ତନ ସଭାପତି ଇଂ. ଧୀରେନ୍ଦ୍ର କୁମାର ବିଶ୍ୱାଳ, ପ୍ରାକ୍ତନ ସମ୍ପାଦକ ସୁନେଶ୍ୱର ସ୍ୱାଇଁ, ସଭ୍ୟ ପ୍ରଶାନ୍ତ କୁମାର ମହାନ୍ତି, ଫାର୍ମାସୀ କଲେଜର ସମ୍ପାଦକ ବିଭୁ ପ୍ରସାଦ ବିଶ୍ୱାଳ, ଫାର୍ମାସୀ କଲେଜର ସଭାପତି ରବୀନ୍ଦ୍ରନାଥ ସ୍ୱାଇଁ, ଫାର୍ମାସି କଲେଜର ଅଧକ୍ଷ ଡଃ ସୁନୀଲ କୁମାର କାନୁନ୍‌ଗୋ, କଲେଜ ପରିଚାଳନା କମିଟି ସଭ୍ୟ ପ୍ରଶାନ୍ତ କୁମାର ମହାନ୍ତି, ଉତ୍କଳ ଗୌରବ ମଧୁସୂଦନ ନାଗରିକ ମଞ୍ଚର ସଭାପତି ସୁରେନ୍ଦ୍ର ମହାରଣା ଓ କମିଶନରେଟ୍ ପୁଲିସ୍ ରକ୍ତଦାନ ଶିବିର ସଂଯୋଜକ ଦିଲ୍ଲୀପ କୁମାର ଭୁପତି ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ରୋଟ୍ରାକ୍ଟ କ୍ଲବ୍ ଅଫ୍ ବିରୂପାର ଉପଦେଷ୍ଟା ବିଶ୍ୱରଞ୍ଜନ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ୫୧ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# ମେଡିକାଲ କ୍ୟାଣ୍ଟିନ ଉପରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଅଚାନକ ଚଢାଉ

- ବିନା ଲାଇସେନ୍ସରେ ଚାଲିଛି ମିଶନ ଶକ୍ତି କ୍ୟାଣ୍ଟିନ



**ରାଜକନିକା,୧୯।୧୧ (ସଂଚାର ବ୍ୟୁରୋ):** ରାଜକନିକା ବିବାଦରେ ଥିବା ରାଜକନିକା ମେଡିକାଲ କ୍ୟାଣ୍ଟିନ ଉପରେ ଅଚାନକ କେନ୍ଦ୍ରାପଡ଼ା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରୀତିଶି ଦାସ ଓ ତାଙ୍କ ଟିମ ମଙ୍ଗବାର ଦିନ ଚଢାଉ କରିଥିବା ସୂଚନା ମିଳିଛି। ତେବେ ଚଳିତ ନଭେମ୍ବର ୬ତାରିଖ ଦିନ ରାଜକନିକା ବ୍ଲକରେ ଚାଲିଥିବା ମିଳିତ ଜନ ଶୁଣାଣିରେ ରାଜକନିକା ବିଜେଡି ଯୁବ ସମ୍ପାଦକ ପବିତ୍ର କୁମାର ରାଉତ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା କ୍ୟାଣ୍ଟିନରେ ଅସାମାଜିକ ଲୋକ ଆଡା ଜମାଇବା, ମହିଳା ରୋଗୀଙ୍କୁ ଫୋନ ନମ୍ବର ମାଗିବା ଓ କ୍ୟାଣ୍ଟିନ ତିଆରି ହେଉଥିବା ଖାଦ୍ୟ ଅତି ନିମ୍ନମାନର ହେଉଥିବାରୁ ତାହା ଖାଇବା ପାଇଁ ଉପଯୁକ୍ତ ହୋଇ ନ ଥିବାରୁ ଯାହାକୁ ଦୃଷ୍ଟିରେ ରଖି ଶ୍ରୀଯୁକ୍ତ ରାଉତ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁବର ଆର ଆୟରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ହେଲେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ରାଜକନିକା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ବାଦଲ ମହାନ୍ତି ଏ ନେଇ ରାଜକନିକା ବିଡ଼ିଓ କୈଳାଶ ଚନ୍ଦ୍ର ମହାଲିକଙ୍କୁ ଏକ ଚିଠି କରିବା ପରେ ଗତକାଲି ମଙ୍ଗଳବାର ଦିନ ଅଚାନକ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଆସି କ୍ୟାଣ୍ଟିନର ଖାଦ୍ୟର ମାନ ତନଖି କରିବା ବେଳେ ଲାଇସେନ୍ସ ନଥିବା ଜାଣିବାକୁ ପାଇଥିବା ସହିତ ଏକ୍ସପାରୀ ବେସନ,ପୋଡା ତେଲ ବ୍ୟବହାର କରୁଥିବା ନଜରକୁ ଆସିଥିବା ଅଧିକାରୀ କହିଛନ୍ତି। ଏହା ସହିତ ରନ୍ଧା ଖାଦ୍ୟର ମାନ ପରଖିବା ପାଇଁ ପରୀକ୍ଷା କେନ୍ଦ୍ରକୁ ପଠାଯାଇଥିବା ସୂଚନା ଦେଇଛନ୍ତି। ତେବେ ଏ ନେଇ କ୍ୟାଣ୍ଟିନ ଚଲାଉଥିବା ମହିଳା ଗୋଷ୍ଠୀଙ୍କୁ ଫୋନ ମଧରେ ଯୋଗାଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ହୋଇପାରିନାହିଁ।

# ଭରତପୁରରେ ସାଂସଦ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ



**କେନ୍ଦ୍ରାପଡ଼ା,୧୯।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମର ବଟପଡିଆରେ ଲାଲବାହାଦୂର ସରକାରୀ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ୬ନମ୍ବର ଜିଲ୍ଲା ପରିଷଦ ଜୋନ ସ୍ତରୀୟ ସାଂସଦ କ୍ରୀଡା ମହୋତ୍ସବ ମଙ୍ଗଳବାର ଉଦଘାଟିତ ହୋଇଯାଇଛି । ଲାଲବାହାଦୂର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦାଘାଟନୀ ଉତ୍ସବରେ ସାଂସଦ ଖେଳ ମହୋତ୍ସବର ଜିଲ୍ଲା ସହ ସଂଯୋଜକ ଅମିତାଭ ସୁଆର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦଘାଟନ କରିଥିଲେ । ଏହି ଖେଳ ମହୋତ୍ସବରେ ୬ଟି ଗ୍ରାମପାୟତ ଅଧିନ ୧୮ଟି ବିଦ୍ୟାଳୟର ଏକହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଛନ୍ତି। ଦୁଇଦିନ ଧରି ଚାଲିବାକୁ ଥିବା ଏହି କ୍ରୀଡା ମହୋତ୍ସବରେ ଏକଶହ ମିଟର ରେସ, ୪ଶହ ମିଟର ରେସ, ଲଙ୍ଗ ଜମ୍ପ, ହାଇ ଜମ୍ପ, ରିଲେ ରେସ, ସଟ ପୁଟ୍, କବାଡି, ଭଲିବଲ ପ୍ରଭୃତି ଖେଳ ହେବାକୁ ଥିବା ବେଳେ ପ୍ରଥମ ଦିବସରେ ଛାତ୍ରଛାତ୍ରୀମାନେ ସେମାନଙ୍କ କ୍ରୀଡା ନୈପୂଣ୍ୟତା ପ୍ରଦର୍ଶନ କରିଛନ୍ତି।

## ତହସିଲ ଛକ ସାମ୍ନା କଟକ-ଚାନ୍ଦବାଲି ରାସ୍ତା ପାଲଟିଛି ମରଣଯନ୍ତା

# ସ୍କର୍ପିଓ-ସ୍କୁଟି ମୁହାମୁହିଁ ଧକ୍କା ; ସ୍କୁଟି ଚାଳକ ଗୁରୁତର




**ନିଶ୍ଚିନ୍ତକୋଇଲି,୧୯।୧୧ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ତହସିଲ ଛକକୁ ସଂଲଗ୍ନ କରୁଥିବା ମୁଖ୍ୟ କଟକ-ଚାନ୍ଦବାଲି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏଠାରେ ଦୈନନ୍ଦିନ ଛୋଟ ବଡ଼ ଦୁର୍ଘଟଣା ଘଟି ଲୋକେ ମୃତ୍ୟୁମୁଖରେ ପଡୁଛନ୍ତି। ଏହି ଛକ ତହସିଲ ମୁଖ୍ୟ କାର୍ଯ୍ୟାଳୟକୁ ଯିବାକୁ ପ୍ରବେଶ ଦ୍ୱାର ହୋଇଥିବା ହେତୁ ଏହି ଛକ ଦେଇ ଜନସାଧାରଣ, ସ୍କୁଲ କଲେଜ ଛାତ୍ର ଛାତ୍ରୀ ଏବଂ ଜନସାଧାରଣ ବହୁ ସଂଖ୍ୟାରେ ରୋଡ଼ ପାସ ହୋଇ ଏପଟୁ ସେପଟକୁ ଗମନାଗମନ କରିଥାନ୍ତି। କିନ୍ତୁ ଏଠାରେ କୌଣସି ପ୍ରକାର ଟ୍ରାଫିକ୍ ବ୍ୟବସ୍ଥା, ହମ୍ପସ୍, କିମ୍ବା ଟ୍ରାଫିକ୍ ସଚେତନ ଷ୍ଟାଣ୍ଡ ରହିନାହିଁ। ଫଳରେ ଦୈନନ୍ଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଯାହାର ଏକ ନଗ୍ନ ନମୁନା ବୁଧବାର ଦିନ ଅପରାହ୍ନ ସମୟରେ ଦେଖିବାକୁ ମିଳିଛି। କଟକ ଆଡୁ ଆସୁଥିବା ସ୍କର୍ପିଓ ଗାଡ଼ି ନଂ-ଡ଼ବ୍ଲୁ୍ୟବି/୩୦ଏନ୍/୭୯୦୭ ଓ ସ୍କୁଟି ଗାଡ଼ି ନଂ-ଓଡ଼ି୦୫ଏଟି୬୬୭୫କୁ ମୁହାମୁହିଁ ଧକ୍କା ଦେବା ଫଳରେ ସ୍କୁଟି ଚାଳକ ଗୁରୁତର ଆହତ ହେବା ସହିତ ସ୍କର୍ପିଓ ଗାଡିଟି କଟକ ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ଲେଉଟିପଡ଼ିଛି। ତେବେ ସ୍କୁଟି ଚାଳକ ଜଣକ ସାଲେପୁର ଥାନା ଅନ୍ତର୍ଗତ ଜିଗ୍ନିପୁର ଗ୍ରାମର ଅଚ୍ୟୁତାନନ୍ଦ ସ୍ୱାଇଁ(୬୯ବର୍ଷ) ଗୁରୁତର ଅବସ୍ଥାରେ କଟକ ବଡ଼ମେଡ଼ିକାଲକୁ ସ୍ଥାନାନ୍ତରିତ ହୋଇଥିଲା ବେଳେ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ସ୍କର୍ପିଓ ଗାଡ଼ିରେ ଥିବା ପ୍ରାୟ ୪ଜଣ ବ୍ୟକ୍ତି ବିଶେଷ ମାନେ ସୁରକ୍ଷିତ ଭାବେ ଘଟଣା ସ୍ଥଳରେ ଗାଡ଼ି ଛାଡ଼ି ଫେରାର ମାରିଛନ୍ତି।

ଘଟଣାସ୍ଥଳରେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ମୁତୟନ ରହିଥିବା ବେଳେ ସ୍କୁଟି ଚାଳକଙ୍କ ସାନ ଭାଇ ରମେଶ ଚନ୍ଦ୍ର ସ୍ୱାଇଁ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ସହିତ ପ୍ରତିକାର ନିମନ୍ତେ ଦାବି କରିଛନ୍ତି। ତେବେ ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର କଥା ମାତ୍ର କିଛି ଦୂରରେ ଖୋଦ୍ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କ କାର୍ଯ୍ୟାଳୟ ଥିବା ବେଳେ ଏଭଳି ଦୁର୍ଘଟଣା ପ୍ରତି ପ୍ରଶାସନିକ ସ୍ତରରେ କୌଣସି ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ନହେବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଜିଲ୍ଲା କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ



**କେନ୍ଦ୍ରାପଡ଼ା,୧୯।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ପକ୍ଷରୁ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ୧୦୯ତମ ଜୟନ୍ତୀ ପାଳିତ ହୋଇଯାଇଛି। କଜଳାସ୍ଥିତ ଜିଲ୍ଲା କଂଗ୍ରେସ ଭବନରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ରାଜକନିକା ବ୍ଲକ ସଭାପତି ରବିନାରାୟଣ ବେହେରା, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଭାଗିରଥୀ ଜେନା, ଆଳି ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଜିଲ୍ଲା କିଷାନ କଂଗ୍ରେସ ସଭାପତି ଜୟଦେବ ପରିଡା, ଯୁବକଂଗ୍ରେସ ସାମାଜିକ ଗଣମାଧମ ସଂଯୋଜକ ହିମାଂଶୁ ନନ୍ଦ, ବିଧୁଭୂଷଣ ମହାପାତ୍ର, ଦର୍ପନାରାୟଣ ସାହୁ, ମାନଗୋବିନ୍ଦ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତା ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରି କହିଥିଲେ।

# ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ

**ଯାଜପୁର,୧୯।୧୧(ସଂଚାର ବ୍ୟୁରୋ):** ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଓ ଆଇରନ୍ ଲେଡି ଭାବେ ପରିଚିତ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ୧୦୮ତମ ଜୟନ୍ତୀକୁ ଆଜି ଯାଜପୁର ନଗର କଂଗ୍ରେସ କମିଟି ଗମ୍ଭୀର ଭାବରେ ପାଳନ କଲା। କମିଟି ସଭାପତି ନାରାୟଣ ସାମନ୍ତଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଗରିଆପୁର ଓ ବାରୁଣୀ ପଡିଆ ସ୍ଥିତ ଇନ୍ଦିରାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମରଣାର୍ଥୀ ସଭା ଅନୁଷ୍ଠିତ ହେଲା। ସଭାରେ ଅଭିଭାଷକମାନେ କହିଲେ, ଇନ୍ଦିରା ଗାନ୍ଧୀ ଭାରତୀୟ ରାଜନୀତିର ପରିଚୟ ମାତ୍ର ନୁହେଁ, ଏକ ଦୃଢ଼ ଇଚ୍ଛାଶକ୍ତିର ପରିବର୍ତ୍ତନକାରୀ ନେତୃତ୍ୱ। ତାଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ବ୍ୟାଙ୍କ ଜାତୀୟକରଣ, ମହାରାଜା ଏବଂ ବଡ଼ ଜମିଦାରମାନଙ୍କ ପ୍ରିଭି ପରିବର୍ତ୍ତନ, ଗରିବଙ୍କ ନିବାସ ପାଇଁ ଇନ୍ଦିରା ଆବାସ ଯୋଜନା, କୃଷକ ଓ କୃଷି ଉନ୍ନତି ପାଇଁ ପଞ୍ଚବାର୍ଷିକ ଯୋଜନା ଭଳି ସୁଦୃଢ଼ ନୀତିମାନେ ସମଗ୍ର ଦେଶର ଅର୍ଥନୀତିକୁ ନୂଆ ଦିଗ ଦେଇଥିଲା। ସମାପନୀ ସଭାରେ ନେତାମାନେ କହିଲେ- ଇନ୍ଦିରା ଜୀ ଦେଶ ପାଇଁ ନିଜ ଜୀବନ ଦାନ କରିଥିଲେ ତାଙ୍କ ସଦୃଢ଼ ନେତୃତ୍ୱ ଭାରତର ଇତିହାସରେ ଅମର।

# ପଟ୍ଟାମୁଣ୍ଡାଇ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



**ପଟ୍ଟାମୁଣ୍ଡାଇ,୧୯।୧୧(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୫ ବଡ଼ମୂଳବସନ୍ତ ପଂଚାୟତ ନିତାଇ ଚୈତନ୍ୟ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ବିଡ଼ିଓ ଶୀତଲ ଅଗ୍ରୱାଲଙ୍କ ପୌରହିତ୍ୟରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି,ଡା ମନୋଜ ପଟନାୟକ ମୁଖ୍ୟବକ୍ତା, ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ,ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ବଡ଼ମୂଳ ବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ଓ ସମିତି ସଭ୍ୟା ସ୍ମୃତିମୟୀ ମଲିକ ପ୍ରମୁଖ ସମ୍ମାନିତଅତିଥି ଭାବେ ଯୋଗ ଦେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଘଟିଲେ ଦେଶର ସାର୍ବିକ ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ।

ଏଇ ଅବସରରେ ଅତିଥିମାନେ ଚାଷୀମାନଙ୍କୁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ସବସିଡ ରାଶି ପ୍ରଦାନ ପ୍ରଦାନ କରିଥିଲେ। ପ୍ରାଣୀ ସମ୍ପଦ ବିଭାଗ ର ୪ଜଣ ଓ ମତ୍ସ୍ୟ ବିଭାଗର ୪ଜଣ ସଫଳ ଚାଷୀଙ୍କୁ ୧ହଜାର ଟଙ୍କା ଆର୍ଥିକ ପୁରସ୍କାର ସହ ମାନ ପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କ ରାଜ୍ୟସ୍ତରରେ ପୁରସ୍କୃତ




**କେନ୍ଦ୍ରାପଡ଼ା,୧୯।୧୧(ସଂଚାର ବ୍ୟୁରୋ):** ଜିଲ୍ଲାର ଅଗ୍ରଣୀ ଆର୍ଥିକ ପ୍ରତିଷ୍ଠାନ କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କ ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଛି। ରାଜ୍ୟ ସମବାୟ ୟୁନିଅନ ଆନୁକୂଲ୍ୟରେ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ରାଜ୍ୟ ସମବାୟ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟ ସ୍ତରୀୟ ଉତ୍ସବରେ କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କକୁ ସମବାୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ସେବା ପାଇଁ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଅତୀତରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଏହି ବ୍ୟାଙ୍କ ଏଫଏସଡବ୍ଲୁଏମର ମାନ୍ୟତା ପାଇଥିଲା। ଏହି ଉତ୍ସବରେ ଅତିଥି ଭାବେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କକୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଛନ୍ତି ।

# ଅକ୍ଷୟ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଓ ହ୍ୟୁମାନ ସାଗରଙ୍କ ବିୟୋଗରେ ଶୋକସଭା

**ସାଲେପୁର,୧୯।୧୧(ସଂଚାର ବ୍ୟୁରୋ):** ଆମେ ସବୁ ସାଲେପୁର ପକ୍ଷରୁ ବିଶିଷ୍ଟ ସାହିତ୍ୟିକ ତଥା ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତିଙ୍କ ପୂଣ୍ୟତିଥି ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଏଲ୍.ଏନ୍. ପାଠଶାଳାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥି ସହ ଖୁବ୍ କମ୍ ଦିନରେ ନିଜର କଣ୍ଠସ୍ୱର ଯାଦୁରେ ଓଡ଼ିଶାର ପୁରପଲ୍ଲୀରେ ପରିଚିତ ଥିବା ହ୍ୟୁମାନ ସାଗରଙ୍କ ବିୟୋଗରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସଂଗଠକ ସମ୍ବିତ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାରସ୍ୱତ ସମାରୋହ ସମିତିର କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ଦାଶ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଏହି ସଭାରେ ଉଭୟ ସଙ୍ଗୀତଜ୍ଞଙ୍କ ଫଟୋଚିତ୍ରରେ ଧୂପ, ପୁଷ୍ପ ପ୍ରଦାନ କରି ସ୍ମୃତିଚାରଣ କରିଥିଲେ।




● ଚଳଚ୍ଚିତ୍ର ସଂରକ୍ଷଣ ଓ ପୁନରୁଦ୍ଧାର କର୍ମଶାଳା ଉଦ୍‌ଯାପିତ

## ଚଳଚ୍ଚିତ୍ର ଅଭିଲେଖାଗାର ପାଇଁ ଏଫ୍‌ଏଚ୍‌ଏଫ୍ ସହ ଚୁକ୍ତି

ଭୁବନେଶ୍ୱର,୧୯।୧୧(ସଂଚାର ବ୍ୟୁରୋ): ଚଳଚ୍ଚିତ୍ର ଆମ ସାମାଜିକ ସାଂସ୍କୃତିକ ଜୀବନର ବାସ୍ତବ ପ୍ରତିଛବି। ଏହାର ସଂରକ୍ଷଣ ଦ୍ୱାରା ଆମ ସ୍ମୃତିରୁ ହଜିଯାଉଥିବା ଲୋକପ୍ରିୟ ସିନେମା ପୁଣି ଜୀବନ୍ତ ହୋଇଉଠିବ ବୋଲି କହିଛନ୍ତି ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ। କଳାଭୂମି ଠାରେ ଅନୁଷ୍ଠିତ ହୋଇଥିବା ୧୦ମ ଚଳଚ୍ଚିତ୍ର ସଂରକ୍ଷଣ ଏବଂ ପୁନରୁଦ୍ଧାର କର୍ମଶାଳାର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେ ଏହା କହିଛନ୍ତି। ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ପୁରୁଣା ଓଡ଼ିଆ ଚଳଚ୍ଚିତ୍ର ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣାର ଉତ୍ସ ଓ ଏହାକୁ ସାଇତି ରଖିବା ଦାୟିତ୍ୱ ଆମ ସମସ୍ତଙ୍କର ବୋଲି କହିଛନ୍ତି। ଏହି ଅବସରରେ ରାଜ୍ୟ ସରକାର ଫିଲ୍ମ ହେରିଟେଜ୍ ଫାଉଣ୍ଡେସନ୍ (ଏଫ୍‌ଏଚ୍‌ଏଫ୍) ସହ ରାଜ୍ୟ ଚଳଚ୍ଚିତ୍ର ଅଭିଲେଖାଗାର ପ୍ରତିଷ୍ଠା ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଓ ଏଫ୍‌ଏଚ୍‌ଏଫ୍‌ର ନିର୍ଦ୍ଦେଶକ ଶିବେନ୍ଦ୍ର ସିଂ ଡୁଙ୍ଗରପୁର ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ସୂଚନାଯୋଗ୍ୟ ଯେ ଏଫ୍‌ଏଚ୍‌ଏଫ୍, ଇଣ୍ଟରନ୍ୟାସନାଲ୍ ଫେଡେରେସନ୍ ଅଫ୍ ଫିଲ୍ମ ଆର୍କାଇଭସ୍ ଓ ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ମିଳିତ ସହଯୋଗରେ ଏହି ଦଶମ ଚଳଚ୍ଚିତ୍ର ସଂରକ୍ଷଣ ଓ ପୁନରୁଦ୍ଧାର କର୍ମଶାଳା ଗତ ୧୨ ତାରିଖଠାରୁ ଆରମ୍ଭ ହୋଇଥିଲା। ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ, କଳାଭୂମିଠାରେ ଆରମ୍ଭ ହୋଇଥିବା କର୍ମଶାଳା ଆଜି ଉଦ୍‌ଯାପିତ ହୋଇଛି। ଏହି କର୍ମଶାଳାରେ ଯୋଗ ଦେଇଥିବା ସମସ୍ତ ୫୯ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ଓ ମେମେଣ୍ଟୋ ପ୍ରଦାନ କରାଯାଇଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ର ଭାରୀଶିଳ୍ପ ମନ୍ତ୍ରୀ

■ ଆର୍‌ଏସ୍‌ପି ଓ ଇସ୍ପାତ କ୍ଷେତ୍ରର ଅଭିବୃଦ୍ଧି ନେଇ ଆଲୋଚନା

■ ପ୍ରଧାନମନ୍ତ୍ରୀଙ୍କ ଇସ୍ପାତ କ୍ଷମତା ଲକ୍ଷ୍ୟ ହାସଲରେ ସହଯୋଗ ପାଇଁ ପ୍ରତିଶ୍ରୁତି

ଭୁବନେଶ୍ୱର,୧୯।୧୧(ସଂଚାର ବ୍ୟୁରୋ): କେନ୍ଦ୍ର ଇସ୍ପାତ ଏବଂ ଭାରୀ ଶିଳ୍ପ ମନ୍ତ୍ରୀ ଏଚ୍‌ଡି କୁମାରସ୍ୱାମୀ ଆଜି ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିବା ସହିତ ଓଡ଼ିଶାରେ ଇସ୍ପାତ କ୍ଷେତ୍ରର ବିକାଶ, ବିଶେଷକରି ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ପରିଚାଳନା ଏବଂ ସମ୍ପ୍ରସାରଣ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଛନ୍ତି। ବୈଠକରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ ମଧ୍ୟ ଉପସ୍ଥିତ ଥିଲେ। ଆଲୋଚନାକୁ 'ଫଳପ୍ରଦ' ବୋଲି ଅଭିହିତ କରି କେନ୍ଦ୍ରମନ୍ତ୍ରୀ କୁମାରସ୍ୱାମୀ କହିଛନ୍ତି ଯେ ଏକ ଅଗ୍ରଣୀ ଇସ୍ପାତ ଏବଂ ଖଣି ହବ୍ ଭାବେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଛି। ଇସ୍ପାତ ମନ୍ତ୍ରଣାଳୟ ଓ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୩ଟି ପ୍ରମୁଖ କ୍ଷେତ୍ର ଉପରେ ଆଲୋଚନା ହୋଇଥିବା କେନ୍ଦ୍ର ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ରାଉରକେଲା ଇସ୍ପାତ କାରଖାନାର କାର୍ଯ୍ୟକାରିତା, ସୁବିଧାର ଯୋଜନାବଦ୍ଧ ସମ୍ପ୍ରସାରଣ ଓ ଓଡ଼ିଶାରେ ଇସ୍ପାତ ଓ ଖଣି ଉତ୍ପାଦନ ବୃଦ୍ଧି ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛୁ। ସମୃଦ୍ଧ ଖଣିଜ ସମ୍ପଦ ଏବଂ ଦୃଢ଼ ଶିଳ୍ପ ଭିତ୍ତିଭୂମି ସହ ଓଡ଼ିଶା ଭାରତର ଇସ୍ପାତ ଅଭିବୃଦ୍ଧି ରଣନୀତି ପାଇଁ ଏକ ଅତ୍ୟାବଶ୍ୟକ ସ୍ତମ୍ଭ ହୋଇ ରହିଛି ବୋଲି ସେ କହିଥିଲେ।



କେନ୍ଦ୍ରମନ୍ତ୍ରୀ କୁମାରସ୍ୱାମୀ କହିଛନ୍ତି ଯେ ଆରଏସପିର ସମ୍ପ୍ରସାରଣ ଓ ଇସ୍ପାତ କ୍ଷେତ୍ରର ବ୍ୟାପକ ବିକାଶକୁ ସୁଗମ କରିବା ଲାଗି ମୁଖ୍ୟମନ୍ତ୍ରୀ ପୂର୍ଣ୍ଣ ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି। ୨୦୩୦ ସୁଦ୍ଧା ୩୦୦ ନିୟୁତ ଟନ୍ ଇସ୍ପାତ କ୍ଷମତା ହାସଲ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟକୁ ସାକାର କରିବାରେ ରାଜ୍ୟ ସରକାରଙ୍କ ପୂର୍ଣ୍ଣ ସମର୍ଥନ ପାଇଁ ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ଏହି ବୈଠକ ଓଡ଼ିଶାରେ ଶିଳ୍ପ ସମ୍ପ୍ରସାରଣକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ନେତୃତ୍ୱ ମଧ୍ୟରେ ବର୍ଦ୍ଧିତ ସମନ୍ୱୟକୁ ପ୍ରତିଫଳିତ କରିଥାଏ, ଯାହା ଭାରତର ଇସ୍ପାତ ଓ ଖଣି ଉତ୍ପାଦନରେ ପ୍ରମୁଖ ଯୋଗଦାନ ଦେଇଆସିଛି।

ନିରନ୍ତର ସହଯୋଗ ଲାଗି ପ୍ରତିବଦ୍ଧତାକୁ ଦୋହରାଇ ସେ କହିଛନ୍ତି ଯେ ସମନ୍ୱିତ ପ୍ରୟାସ ଉତ୍ପାଦନ କ୍ଷମତା ବୃଦ୍ଧି, ଭିତ୍ତିଭୂମିର ଆଧୁନିକୀକରଣ ଓ ଜାତୀୟ ଆର୍ଥିକ ଲକ୍ଷ୍ୟକୁ ସମର୍ଥନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଭାରତର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଇସ୍ପାତ ଉତ୍ପାଦନକାରୀ କ୍ଷେତ୍ର ଭାବେ ଓଡ଼ିଶାର ଭୂମିକାକୁ ସୁଦୃଢ଼ କରିବା ସହ ୩୦୦ ମେଟ୍ରିକ ଟନ୍ ଇସ୍ପାତ କ୍ଷମତା ମାଇଲଖୁଣ୍ଟ ଆଡ଼କୁ ଦେଶର ଅଗ୍ରଗତିକୁ ଆଗକୁ ବଢ଼ାଇବା ଦିଗରେ ଏହି ଆଲୋଚନା ଆଉ ଏକ ପଦକ୍ଷେପ।

ଅଙ୍କୁରା ହସ୍ପିଟାଲ୍ସ ଓ ଆୟୁ ଫାଉଣ୍ଡେସନ୍‌ର ଉଦ୍ୟମ

## ଭୁବନେଶ୍ୱରରେ ପ୍ରିମିଥନ୍-୨୦୨୫ ଆୟୋଜିତ

ପଦଯାତ୍ରାର ନେତୃତ୍ୱ ନେଲେ ଅର୍ଜୁନ ବିଜେତା ରବି କୁମାର

ଭୁବନେଶ୍ୱର,୧୯।୧୧(ସଂଚାର ବ୍ୟୁରୋ): ଦେଶର ଅଗ୍ରଣୀ ମହିଳା ଏବଂ ଶିଶୁ ସ୍ୱାସ୍ଥ୍ୟ ନେଟୱର୍କ ଅଙ୍କୁରା ହସ୍ପିଟାଲ୍ସ ଓ ଆୟୁ ଫାଉଣ୍ଡେସନ୍ ପକ୍ଷରୁ ମିଳିତ ଭାବେ ଏଠାରେ ପ୍ରିମିଥନ୍-୨୦୨୫ର ଆୟୋଜନ କରିଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରିମ୍ୟାଚୁର୍ ଶିଶୁମାନଙ୍କ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରାଯିବ। ଏହି କାର୍ଯ୍ୟକ୍ରମ ଜାତୀୟ ଅଭିଯାନ 'ବର୍ଣ୍ଣ ଠୁ ସୁନ୍, ବଟ୍ ଇନ୍ ଦି ସେଫେଷ୍ଟ ହ୍ୟାଣ୍ଡସ୍' ଅଧୀନରେ ଆୟୋଜିତ ହୋଇଛି। ଗତ ୧୬ ତାରିଖରେ କାର୍ଯ୍ୟକ୍ରମଟି ଅଙ୍କୁରା ହସ୍ପିଟାଲ୍‌ଠାରେ ଆୟୋଜିତ ହୋଇଛି। ଏଥିରେ ପିତାମାତା, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ସମାଜର ବିଭିନ୍ନ ଶ୍ରେଣୀର ଲୋକ ଯୋଗଦେଇ ପ୍ରିମ୍ୟାଚୁର୍ ଶିଶୁମାନଙ୍କ ସମସ୍ୟା, ଚ୍ୟାଲେଞ୍ଜ ଓ ସେମାନଙ୍କ ଅସାଧାରଣ ଲଢେଇ ସମ୍ପର୍କରେ ଜ୍ଞାନ ହାସଲ କରିଛନ୍ତି। ଅର୍ଜୁନ ପୁରସ୍କାର ବିଜେତା ତଥା ଅଲିମ୍ପିଆନ୍ ରବି କୁମାର କାଟୁଲୁ ଏହି ପଦଯାତ୍ରାର ନେତୃତ୍ୱ ନେଇ ଶକ୍ତି, ଦୃଢ଼ତା ଏବଂ ସାମୂହିକ ସମର୍ଥନର ବାର୍ତ୍ତା ଦେଇଛନ୍ତି। ଏହି ଜଣାଶୁଣା ଭାରୋତ୍ତୋଳକ କହିଛନ୍ତି ଯେ ଖେଳାଳି ହିସାବରେ ଆମେ ଜାଣୁ ଯେ ଧ୍ୟେୟନିଷ୍ଠ ଓ ସମର୍ଥନର ମୂଲ୍ୟ କେତେ ଅଧିକ। ପ୍ରତ୍ୟେକ ପୂର୍ବଜନ୍ମିତ ଶିଶୁର ଯାତ୍ରା ହେଉଛି ସାହସ ଓ ସାମୂହିକ ପ୍ରୟାସର ପ୍ରତୀକ। ପ୍ରିମିଥନ୍ ପରି ପଦକ୍ଷେପ ନବଜାତ ଶିଶୁ ସ୍ୱାସ୍ଥ୍ୟ ସଚେତନତାକୁ ବଢ଼ାଇ ସମାଜକୁ ଏହି ଶିଶୁ ଯୋଦ୍ଧାମାନଙ୍କ ପାଇଁ ଏକତ୍ରିତ କରିପାରିବ। ଏ ସଂକ୍ରାନ୍ତରେ ଅଙ୍କୁରା ହସ୍ପିଟାଲ୍ସର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ନିଓନେଟାଲୋଜିଷ୍ଟ ଡା. କୃଷ୍ଣ ପ୍ରସାଦ କହିଛନ୍ତି ଯେ ବିଶ୍ୱ ପ୍ରିମ୍ୟାଚୁରିଟି ଦିବସ ସହ ମିଳିଥିବା ଏହି ଅଭିଯାନ ଗର୍ଭାବସ୍ଥାରେ ପ୍ରାରମ୍ଭିକ ଦେଖାଶୁଣା, ମାତୃ ପୋଷଣ, ସମୟୋପଯୋଗୀ ନବଜାତ ସେବା ଓ ପିତାମାତାଙ୍କ ପାଇଁ ଭାବନାତ୍ମକ ସମର୍ଥନର ଆବଶ୍ୟକତାକୁ ଆଲୋକିତ କରିଛି।




## ରାଷ୍ଟ୍ରପତିଙ୍କ ଗସ୍ତ ଲାଗି ଝାରସୁଗୁଡ଼ା ବିମାନ ବନ୍ଦରରେ କଡ଼ା ସୁରକ୍ଷା

ଝାରସୁଗୁଡ଼ା,୧୯।୧୧(ସଂଚାର ବ୍ୟୁରୋ): ଗୁରୁବାର ରାଷ୍ଟ୍ରପତିଙ୍କ ଆଗମନ ପାଇଁ ଝାରସୁଗୁଡ଼ା ବିମାନ ବନ୍ଦରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଝାରସୁଗୁଡାରେ ଟ୍ରାଞ୍ଜିଟ ଗସ୍ତ ରହିଛି। ରାଷ୍ଟ୍ରପତି ବିମାନ ବନ୍ଦରରୁ ବାହାରକୁ ବାହାରିବେନି କିନ୍ତୁ ବିମାନ ବନ୍ଦର ଦେଇ ୨ ଥର ଯିବା ଆସିବା କରିବେ। ଗୁରୁବାର ଦିଲ୍ଲୀ ବିମାନ ବନ୍ଦରରୁ ବାୟୁସେନାର ସ୍ୱତନ୍ତ୍ର ବିମାନରେ ବାହାରି ଦିନ ୧୦ଟା ୫ ମିନିଟରେ ଝାରସୁଗୁଡା ବିମାନ ବନ୍ଦରରେ ଅବତରଣ କରିବେ। ଏଠାରୁ ହେଲିକପ୍ଟର ଯୋଗେ ଛତିଶଗଡ଼ର ଅମ୍ବିକାପୁରକୁ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇ ସେଠାରୁ ହେଲିକପ୍ଟର ଯୋଗେ ବାହାରି ଦିନ ୧ଟା ୩୫ ମିନିଟରେ ଝାରସୁଗୁଡା ବିମାନ ବନ୍ଦରରେ ପହଞ୍ଚିବେ। ଏଠାରୁ ପୁଣି ଦିନ ୧ଟା ୪୫ ମିନିଟରେ ବାୟୁ ସେନାର ସ୍ୱତନ୍ତ୍ର ବିମାନ ଯୋଗେ ତିରୁପତି ଗସ୍ତ କରିବେ। ରାଷ୍ଟ୍ରପତିଙ୍କ ଗସ୍ତଙ୍କୁ ଆଖି ଆଗରେ ରଖି ଆଜିଠାରୁ ବିମାନ ବନ୍ଦର ପରିସରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଆଜି ସନ୍ଧ୍ୟାରୁ ରାଷ୍ଟ୍ରପତିଙ୍କ ବିମାନ ଏଠାରୁ ଉଡାଣ ଭରିବା ଯାଏ ବିମାନ ବନ୍ଦର ଅଞ୍ଚଳରେ ନୋ ଫ୍ଲାଇଂ ଜୋନ ଘୋଷଣା କରାଯାଇଛି। ସେପଟେ, ରାଷ୍ଟ୍ରପତିଙ୍କ ଗସ୍ତର ଦିନକ ପୂର୍ବରୁ ଅର୍ଥାତ ଆଜି ବାୟୁ ସେନାର ୩ଟି ହେଲିକପ୍ଟର ମଧ୍ୟ ଝାରସୁଗୁଡା ବିମାନ ବନ୍ଦରରେ ପହଞ୍ଚି ସାରିଛି। ସୁରକ୍ଷା ଦୃଷ୍ଟିରୁ ବିମାନବନ୍ଦର ଆଖପାଖରେ ୧୨ ପ୍ଲାଟୁନ ଫୋର୍ସ ନିୟୋଜିତ କରାଯାଇଛି।

## ଶିଶୁ ଶ୍ରମ ଉଚ୍ଛେଦ ପାଇଁ ମିଳିତ ଉଦ୍ୟମ ଜରୁରୀ

ଭୁବନେଶ୍ୱର,୧୯।୧୧(ସଂଚାର ବ୍ୟୁରୋ): 'ବିଶ୍ୱ ଶିଶୁ ନିର୍ଯ୍ୟାତନା ନିବାରଣ ଦିବସ' ଅବସରରେ ଓଡ଼ିଶା ସରକାରଙ୍କର ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ, ଶ୍ରମ ବିଭାଗ ଓ ରାଜ୍ୟରେ ଶିଶୁ ଅଧିକାର ପାଇଁ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ ପିପୁଲସ୍ କଲେଟ୍ରାଲ୍ ସେଣ୍ଟର (ପିକକ୍) ପକ୍ଷରୁ ଶିଶୁ ଶୋଷଣ ଓ ନିର୍ଯ୍ୟାତନା ପ୍ରତିରୋଧ କରିବା ପାଇଁ ଶିଶୁ ଶ୍ରମପ୍ରଥା ବିରୁଦ୍ଧରେ ଏକ ପଦଯାତ୍ରା ସ୍ଥାନୀୟ ଏକାମ୍ର ହାଟରୁ ମାଷ୍ଟର କ୍ୟାଣ୍ଟିନ୍ ଛକ ପର୍ଯ୍ୟନ୍ତ ଆୟୋଜିତ ହୋଇଛି। ଏଥିସହ ଏକାମ୍ର ହାଟ ପରିସରରେ ଏକ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଥିଲା।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏକାମ୍ର ହାଟର ଆମ୍ଫିଥିଏଟରରେ ଏକ ଯୁବ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରମ ବିଭାଗ କମିଶନର ଇନ୍ଦ୍ରମଣି ତ୍ରିପାଠୀ ଯୋଗଦେଇ କହିଛନ୍ତି ଯେ ଶିଶୁ ଶ୍ରମ ହେଉଛି ଶିଶୁ ନିର୍ଯ୍ୟାତନାର ଏକ ଗମ୍ଭୀର ରୂପ, ଯାହା ଶିଶୁଙ୍କ ଜୀବନ ଉପରେ ଗଭୀର ପ୍ରଭାବ ପକାଇଥାଏ। ଏହା ପିଲାମାନଙ୍କୁ ସେମାନଙ୍କ ଲକ୍ଷ୍ୟରୁ ବିଚ୍ୟୁତ କରେ ଏବଂ ସେମାନଙ୍କୁ ସେମାନଙ୍କ ଶୈଶବରୁ ବଞ୍ଚିତ କରେ। ତେଣୁ ଶିଶୁ ଶ୍ରମର ଉଚ୍ଛେଦ ପାଇଁ ଆମେ ସମସ୍ତେ ମିଶି କାର୍ଯ୍ୟ କରିବା ଉଚିତ ଓ ପ୍ରତ୍ୟେକ ଶିଶୁ ଯେପରି ପାଠ ପଢ଼ିବେ, ତାହା ସୁନିଶ୍ଚିତ କରିବା ଉଚିତ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି। ସେହିପରି ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ଚନ୍ଦନା ଦାସ କହିଛନ୍ତି ଶିଶୁ ଶ୍ରମ ରୋକିବା ପାଇଁ ପିଲାମାନଙ୍କର ଶିକ୍ଷାକୁ ପ୍ରାଥମିକତା ଦେବା ଅତ୍ୟନ୍ତ ଜରୁରୀ। ଏହାଛଡ଼ା ପିକକ୍ ସମ୍ପାଦକ ରଞ୍ଜନ କୁମାର ମହାନ୍ତି ତାଙ୍କ ସ୍ୱାଗତ ଭାଷଣରେ ଏହି ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେବା ସହ ବ୍ୟାପକ ସଚେତନତା ସହ ପିଲାମାନଙ୍କର ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ସେହିପରି ଶ୍ରମ ବିଭାଗର ବରିଷ୍ଠ ବୈଷୟିକ ପରାମର୍ଶଦାତା ଡଃ ଭକ୍ତ ବନ୍ଧୁ ଆଚାର୍ଯ୍ୟ, ଯୁଗ୍ମ ଶ୍ରମ କମିଶନର ବିଘ୍ନଜିତ ମହନ୍ତ ମହାପାତ୍ର, ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଲ, ବରିଷ୍ଠ ସାମ୍ବାଦିକ ମାଧବାନନ୍ଦ ବେହୁରା, ସିନେ କଳାକାର ଓ ପିକକ୍‌ର ଶିଶୁ ଅଧିକାର ପ୍ରଚାର ପାଇଁ ଗୁଡୱିଲ ଆମ୍ବାସାଡର ସୁହାନା କର ଓ ତାପସ କୁମାର ଷଡ଼ଙ୍ଗୀ ଏହି ଅବସରରେ ବକ୍ତବ୍ୟ ରଖିଥିଲେ। ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନୁରାଧା ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଉପକୂଳ ରାଜପଥ ପ୍ରକଳ୍ପକୁ ଦୁର୍ବଳ କରୁଛନ୍ତି ସରକାର: ବିଜେଡି



ଭୁବନେଶ୍ୱର, ୧୯।୧୧ (ସଂଚାର ବ୍ୟୁରୋ): ଦୀର୍ଘ ଦିନର ଅପେକ୍ଷା ପରେ ଓଡ଼ିଶା ଉପକୂଳ ରାଜପଥ ପ୍ରକଳ୍ପ କେନ୍ଦ୍ର ସରକାରଙ୍କ ଅନୁମୋଦନ ଲାଭ କରିଛି। ଏହି ପ୍ରକଳ୍ପ ଯେ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ରୂପ ନ ନେଇଛି, ସେ ପର୍ଯ୍ୟନ୍ତ ବିଜେଡି ନିରବ ବସିବ ନାହିଁ ବୋଲି ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଛନ୍ତି। ଆଜି ଏକ ପ୍ରେସ୍ ବିଜ୍ଞପ୍ତିରେ ଡ. ମହାନ୍ତି କହିଛନ୍ତି ଯେ ବିପର୍ଯ୍ୟୟ ପରିଚାଳନା, ପର୍ଯ୍ୟଟନ ଶିଳ୍ପର ବିକାଶ, ଅର୍ଥନୈତିକ କାରବାର ବୃଦ୍ଧି ଏବଂ ପରିବର୍ତ୍ତିତ ଜଳବାୟୁ ପ୍ରତିରୋଧୀ ଭିତ୍ତିଭୂମି ନିର୍ମାଣ କରିବା ଲକ୍ଷ୍ୟରେ ବିଜେଡି ସରକାର ଉପକୂଳ ରାଜପଥ ପ୍ରକଳ୍ପକୁ ଗୁରୁତ୍ୱ ଦେଇଆସୁଥିଲା। ତେବେ ୧୦ ବର୍ଷରୁ ଅଧିକ ସମୟ ହେଲା ଏହି ପ୍ରକଳ୍ପ କେବଳ ସରକାରୀ ନାଲି ଫିତା ତଳେ ଚାପି ହୋଇ ରହିଛି। ଶେଷ ମୁହୂର୍ତ୍ତରେ ଏହାର ଟେଣ୍ଡର ବାତିଲ, ପ୍ରଶାସନିକ ଅପାରଗତା ଏବଂ ମନଇଚ୍ଛା ଚାରି ଲେନ୍ ରାସ୍ତାକୁ ଦୁଇ ଲେନ୍‌ରେ ସୀମିତ ରଖିବା ପାଇଁ ଅପଚେଷ୍ଟା ଉପକୂଳ ରାଜପଥ ପ୍ରକଳ୍ପରେ ଗୁରୁତର ବାଧା ସୃଷ୍ଟି କରିଛି। ତେବେ ବିଳମ୍ବରେ ହେଲେ ମଧ୍ୟ ଏହି ପ୍ରକଳ୍ପକୁ କେନ୍ଦ୍ର ସରକାର ଅନୁମୋଦନ ପ୍ରଦାନ କରିବା ସମସ୍ତଙ୍କ ପାଇଁ ଆଶ୍ୱସ୍ତିର ବିଷୟ। ଉପକୂଳ ରାଜପଥ ନିର୍ମାଣ ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଏକାନ୍ତ ଅପରିହାର୍ଯ୍ୟ। ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଉପକୂଳ ଜିଲ୍ଲାଗୁଡ଼ିକର ସୁରକ୍ଷା, ପର୍ଯ୍ୟଟନ ଓ ଆର୍ଥିକ ବିକାଶ (ବିଶେଷକରି ପୁରୀ-କାକଟପୁର, ଏରସମା) ପାଇଁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ଜରୁରୀ। ବିପର୍ଯ୍ୟୟ ସମୟରେ ଶୂନ୍ୟ ଜୀବନ ହାନୀ ଲକ୍ଷ୍ୟ ପୂରଣ କରିବାରେ ଏହାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଅବିଚାରିତ ଭାବେ ଏହି ପ୍ରକଳ୍ପକୁ ଦୁର୍ବଳ କରିବା ଦ୍ୱାରା ପରିବେଶ, ସାମାଜିକ ଓ ଆର୍ଥିକ ବିକାଶ ଗୁରୁତର ଭାବେ ପ୍ରଭାବିତ ହେବ। ତେଣୁ ଯେପର୍ଯ୍ୟନ୍ତ ଏହି ପ୍ରକଳ୍ପରେ ଏହାର ପୂର୍ଣ୍ଣ କ୍ଷମତା ନ ଫେରିଛି, ସେ ପର୍ଯ୍ୟନ୍ତ ବିଜେଡି ଚୁପ୍ ବସିବ ନାହିଁ ବୋଲି ଡ. ମହାନ୍ତି କହିଛନ୍ତି।

## ହାଇକୋର୍ଟରୁ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଆଶ୍ୱସ୍ତି

● ନିର୍ବାଚନୀ ମକଦ୍ଦମା ଖାରଜ



କଟକ,୧୯।୧୧(ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ଲୋକସଭା ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ବାଚନକୁ ଚାଲେଞ୍ଜ କରି ହାଇକୋର୍ଟରେ ଦାୟର ନିର୍ବାଚନୀ ମୋକଦ୍ଦମାକୁ ହାଇକୋର୍ଟ ଖାରଜ କରିଛନ୍ତି। ଜଷ୍ଟିସ ସଞ୍ଜୟ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଡକ୍ଟର ସୁବାସ ମହାପାତ୍ରଙ୍କ ପକ୍ଷରୁ ସମ୍ବଲପୁର ସଂସଦୀୟ କ୍ଷେତ୍ର ନିର୍ବାଚନ ଫଳାଫଳକୁ ବିରୋଧ କରି ଦାୟର ମୂଳ ନିର୍ବାଚନୀ ମକଦ୍ଦମାକୁ ଖାରଜ କରିଛନ୍ତି। ନିର୍ବାଚନୀ ମକଦ୍ଦମାଟି ଅଯଥା, ଭିତ୍ତିହୀନ, ଅପପ୍ରଚାରମୂଳକ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ତଥା ଭାରତୀୟ ଜନପ୍ରତିନିଧି ଆଇନର ଧାରା ୮୩(୧)ରେ ରହିଥିବା ଆବଶ୍ୟକତାକୁ ପୂରଣ କରୁନଥିବାରୁ ଏହାକୁ ଅଗ୍ରାହ୍ୟ କରିବା ପାଇଁ ପ୍ରତିପକ୍ଷ ଶ୍ରୀ ପ୍ରଧାନଙ୍କ ପକ୍ଷରୁ ଦାୟର ଅନ୍ତରୀଣ ଆବେଦନକୁ ହାଇକୋର୍ଟ ଗ୍ରହଣ କରି ମୂଳ ନିର୍ବାଚନୀ ମୋକଦ୍ଦମାକୁ ଖାରଜ କରିଛନ୍ତି। ଫଳରେ ୨୦୨୪ରୁ ହାଇକୋର୍ଟରେ ବିଚାରାଧୀନ ଥିବା ସମ୍ବଲପୁର ସଂସଦୀୟ କ୍ଷେତ୍ର ନିର୍ବାଚନୀ ମକଦ୍ଦମାର ଅନ୍ତ ଘଟିଛି। ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୨୪ରେ ସମ୍ବଲପୁର ଆସନରୁ ସାଂସଦ ଭାବେ ଶ୍ରୀ ପ୍ରଧାନଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ଡକ୍ଟର ମହାପାତ୍ର ଏହି ନିର୍ବାଚନୀ ମୋକଦ୍ଦମା ହାଇକୋର୍ଟରେ ଦାୟର କରିଥିଲେ। ଏଥିରେ ଉଲ୍ଲେଖ କରାଯାଇଥିଲା ଯେ, ଶ୍ରୀ ପ୍ରଧାନଙ୍କ ସତ୍ୟପାଠରେ ସଂପୂର୍ଣ୍ଣ ତଥ୍ୟ ଉଲ୍ଲେଖ କରାଯାଇନାହିଁ। ତାଙ୍କ ନାମାଙ୍କନ ତ୍ରୁଟିପୂର୍ଣ୍ଣ ଥିଲା। ତାଙ୍କ ବିରୋଧରେ ଅଫିସ ଅଫ୍ ପ୍ରଫିଟ ପଦରେ ରହିବା ନେଇ ମଧ୍ୟ ଅଭିଯୋଗ ରହିଛି। ହାଇକୋର୍ଟ ୨୦୨୪, ଅଗଷ୍ଟ ୨୩ରେ ପ୍ରାରମ୍ଭିକ ଶୁଣାଣି କରି ନିର୍ବାଚନୀ ମୋକଦ୍ଦମାର ପ୍ରତିପକ୍ଷ ଶ୍ରୀ ପ୍ରଧାନ ଓ ଅନ୍ୟମାନଙ୍କୁ ନୋଟିସ ଜାରି କରିଥିଲେ। ପରବର୍ତ୍ତୀ ସମୟରେ ଶ୍ରୀ ପ୍ରଧାନଙ୍କ ତରଫରୁ ସିପିସିର ଅର୍ଡର ୬ ରୁଲ୍ ୧୬, ଅର୍ଡର୍‌୭ ରୁଲ ୧୧ ଓ ଜନ ପ୍ରତିନିଧି ଆଇନର ଧାରା ୮୬ରେ ଅନ୍ତରୀଣ ଆବେଦନ ଦାଖଲ କରାଯାଇ ନିର୍ବାଚନୀ ମୋକଦ୍ଦମାକୁ ଖାରଜ କରାଯାଉ ବୋଲି ଦର୍ଶାଯାଇଥିଲା। ନିର୍ବାଚନୀ ମାମଲାରେ ଜନପ୍ରତିନିଧି ଆଇନର ଧାରା ୮୧(୩) ଓ ୮୩ ପାଳନ କରାଯାଇ ନଥିବା ଅନ୍ତରୀଣ ଆବେଦନରେ ଉଲ୍ଲେଖ କରାଯାଇଥିଲା।

## ଆସୁଛି ଲଘୁଚାପ, ଚିନାବାଦାମ ଚାଷୀ ଚିନ୍ତିତ

ଧର୍ମଶାଳା,୧୯।୧୧(ସଂଚାର ବ୍ୟୁରୋ): ଚଳିତ ମାସ ୨୨ ତାରିଖ ଦିନ ବଙ୍ଗୋପସାଗରେ ଲଘୁଚାପ ସୃଷ୍ଟି ସମ୍ଭାବନା ରହିଥିବା ନେଇ ପାଣିପାଗ ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି। ଯାହାକୁ ନେଇ ଚାଷୀ ପୁଣି ଚିନ୍ତିତ ହୋଇପଡିଲାଣି। ଚଳିତ ବାତ୍ୟା ମେନ୍ଥାର ପ୍ରଭାବରେ ବର୍ଷା ଲାଗି ରହିଥିଲା। ଫଳରେ ଯାଜପୁର ଜିଲାରେ ମଧ୍ୟ ଏହାର ପ୍ରଭାବ ପଡିଥିଲା। ପରେ ଧାନ, ଚିନାବାଦାମ ଓ ପରିବା ଚାଷୀ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଥିଲେ। ସେପଟେ ପନିପରିବା ଦର ଆକାଶ ଛୁଆଁ ହୋଇଛି। ପୁଣି ଏବେ ଲଘୁ ଚାପ ଆସିଲେ ଚାଷୀଙ୍କ ମେରୁଦଣ୍ଡ ଦୋହୋଲାଇ ଦେବ ବୋଲି ଅଗ୍ରଣୀ ଚାଷୀମାନେ ଆଶାବ୍ୟକ୍ତ କରିଛନ୍ତି। ବର୍ଷା ହେଲେ ବିଶେଷ କରି ଚିନାବାଦାମ ଉପରେ ଏହାର ବହୁ ପ୍ରଭାବ ପଡିବ।

## ପିସିସି ପକ୍ଷରୁ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର,୧୯।୧୧(ସଂଚାର ବ୍ୟୁରୋ): ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଇନ୍ଦିରା ଗାନ୍ଧୀଙ୍କର ଜୟନ୍ତୀ ଉତ୍ସବ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ଭୁବନେଶ୍ୱର କଂଗ୍ରେସ ଭବନଠାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ପାର୍କରେ ଥିବା ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପିସିସି ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ନିରଞ୍ଜନ ପଟ୍ଟନାୟକ, ଶ୍ରୀକାନ୍ତ ଜେନା, ଅନନ୍ତ ପ୍ରସାଦ ସେଠୀ, ଡ. ରାମଚନ୍ଦ୍ର ଖୁଣ୍ଟିଆ, ଶିବାନନ୍ଦ ରାୟ, ଶରତ ରାଉତ, ସୁରେଶ କୁମାର ରାଉତରାୟ, ଜଗନ୍ନାଥ ପଟ୍ଟନାୟକ, ସମୀର ରାଉତରାୟ, ଅଶୋକ ଦାସ, ଲଲାଟେନ୍ଦୁ ମହାପାତ୍ର, ଅମୀୟ ପଟ୍ଟନାୟକ,ସସ୍ମିତା ବେହେରା, ପୃଥିବୀ ବଲ୍ଲଭ ପଟ୍ଟନାୟକ, ଶୁଭେନ୍ଦୁ ମହାନ୍ତି, ମନୋରଞ୍ଜନ ଦାଶ, ପ୍ରକାଶ ଜେନା, ଅଭୟ ସାହୁ, ଅରବିନ୍ଦ ଦାସ, ପ୍ରକାଶ ଜେନା, ସସ୍ମିତା ବେହେରା, ମାନସ ରଞ୍ଜନ ଆଚାର୍ଯ୍ୟ, ଚିନ୍ମୟ ସୁନ୍ଦର ଦାଶ, ପ୍ରକାଶ ମିଶ୍ର, ଜ୍ୟୋତିଷ ସାହୁ, ମନୋରଞ୍ଜନ ରାଉତରାୟ, ପ୍ରଶାନ୍ତ ଚମ୍ପତି ପ୍ରମୁଖ ଉପସ୍ଥିତ ଥିଲେ। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଏଚଡି କୁମାରସ୍ୱାମୀ ଓ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଆଲୋଚନା କରୁଛନ୍ତି



■ ନିଖିଳ ଭାରତ ସମବାୟ ସପ୍ତାହ ରାଜ୍ୟସ୍ତରୀୟ ଉତ୍ସବ

## ସମବାୟରେ ଶକ୍ତି, ସମବାୟରୁ ସମୃଦ୍ଧି: ମନ୍ତ୍ରୀ

ଭୁବନେଶ୍ୱର,୧୯।୧୧(ସଂଚାର ବ୍ୟୁରୋ): ଚଳିତ ବର୍ଷ ଗତ ୧୪ରୁ ଆରମ୍ଭ ହୋଇ ଆସନ୍ତାକାଲି ଶେଷ ହେବାକୁ ଥିବା ନିଖିଳ ଭାରତ ସମବାୟ ସପ୍ତାହ-୨୦୨୫ ଅବସରରେ ଆଜି ରାଜ୍ୟସ୍ତରୀୟ ଉତ୍ସବ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଛି। ଏଥିରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ସମବାୟରେ ଶକ୍ତି, ସମବାୟରୁ ସମୃଦ୍ଧି। ତୃଣମୂଳ ସ୍ତରରେ ସମସ୍ତ ପ୍ରକାର ସେବା ଯୋଗାଇ ଦେବା ପାଇଁ ସମବାୟ କ୍ଷେତ୍ରକୁ ଅଧିକ ସଶକ୍ତ ଓ ସମୃଦ୍ଧ କରାଯିବ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି।

ଉତ୍ସବର ଅଂଶସ୍ୱରୂପ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ସମବାୟ ସଂସ୍ଥାଗୁଡ଼ିକୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା। ଜାତୀୟ ସମବାୟ ବିକାଶ ନିଗମ ଦ୍ୱାରା ମନୋନୀତ ଉଚ୍ଚ ପ୍ରଦର୍ଶନକାରୀ ସମବାୟ ଓ କୃଷକ-ଉତ୍ପାଦକ ସଂଗଠନକୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ସମବାୟ ମନ୍ତ୍ରୀ ଶ୍ରୀ ବଳ ସାମନ୍ତ ଉଦ୍‌ଘାଟନ କରିଥିଲେ।

ସେହିପରି ସମବାୟ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବ୍ୟାପକ ସଂସ୍କାର ଉପରେ ଆଲୋକପାତ କରିବା ସହ ସମସ୍ତଙ୍କ ସହଯୋଗ ଓ ସମ୍ମିଳିତ ପ୍ରୟାସ ପାଇଁ ସମବାୟ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଆହ୍ୱାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମବାୟ ସମିତି ସମୂହ ନିବନ୍ଧକ ସିଦ୍ଧାର୍ଥ ଦାଶ, ସମବାୟ ମହାସମୀକ୍ଷକ ସନ୍ତୋଷ ନାୟକ, ଓଡ଼ିଶା ରାଜ୍ୟ ସମବାୟ ସଂଘର ସଭାପତି ପ୍ରବାସିନୀ ଷଡ଼ଙ୍ଗୀ, ସ୍ୱତନ୍ତ୍ର ଶାସନ ସଚିବ ଉଷାରାଣୀ ଦାସ, ଅତିରିକ୍ତ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଓସମା ବୋର୍ଡର ସାଧାରଣ ପରିଚାଳକ ଧରିତ୍ରୀ ମିଶ୍ର, ରାଜ୍ୟ ପଣ୍ୟାଗାର ନିଗମର ପରିଚାଳନା ନିର୍ଦ୍ଦେଶକ ମିହିର ପ୍ରସାଦ ମହାନ୍ତି, ବରିଷ୍ଠ ସମବାୟବିତ୍ ପବିତ୍ର ଦାଶ, ବ୍ୟକ୍ତିଗତ ସଚିବ ପୀତାମ୍ବର ସାମଲ, ଅତିରିକ୍ତ ନିବନ୍ଧକ ଭକ୍ତବନ୍ଧୁ ସାହୁ, ଅତିରିକ୍ତ ନିବନ୍ଧକ ରୋଜାଲିନ ସେନାପତି, ଯୁଗ୍ମ ସଚିବ ସଂଗ୍ରାମ ରାଉତ, ଯୁଗ୍ମ ନିବନ୍ଧକ ଲିଙ୍ଗରାଜ ନାୟକ, ଅର୍ଥ ପରାମର୍ଶଦାତା ସୁରେନ୍ଦ୍ର କୁମାର ସାହୁ, ପ୍ରାଥମିକ, କେନ୍ଦ୍ରୀୟ, ଶୀର୍ଷ ସମବାୟ ସମିତିର କର୍ମକର୍ତ୍ତା, ଶିକ୍ଷାବିତ୍, ବୁଦ୍ଧିଜୀବୀ, ସମବାୟବିତ୍ ଯୋଗ ଦେଇଥିଲେ।

| 'ବିପର୍ଯ୍ୟୟ ପ୍ରତିରୋଧ କ୍ଷେତ୍ରରେ ଲିଙ୍ଗଗତ ସମାନତା ବୃଦ୍ଧି' କର୍ମଶାଳା |

## ଆପଦ ସମୟରେ ଶୂନ୍ୟମୃତ୍ୟୁ ସରକାରଙ୍କ ପ୍ରାଥମିକତା: ମନ୍ତ୍ରୀ

ଭୁବନେଶ୍ୱର,୧୯।୧୧(ସଂଚାର ବ୍ୟୁରୋ): ଲିଙ୍ଗଗତ ସମାନତାର ଅଭିବୃଦ୍ଧି ଓ ବିପର୍ଯ୍ୟୟଜନିତ ଆପଦ ହ୍ରାସ ସୁନିଶ୍ଚିତ କରୁଥିବା ପ୍ରଶାସନ ନିମନ୍ତେ ଜାତୀୟ କର୍ମଶାଳା ଆରମ୍ଭ ହୋଇଛି। ଏହି ଦୁଇଦିନିଆ କର୍ମଶାଳା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡମା), ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍‌ଏଫ୍‌ପିଏ) ସହଯୋଗରେ ସାରା ଦେଶରେ ବିପର୍ଯ୍ୟୟଜନିତ ଆପଦ ହ୍ରାସ କ୍ଷେତ୍ରରେ ଦାୟତ୍ୱସମ୍ପନ୍ନ ପ୍ରଶାସନ ନିଶ୍ଚିତ ଭାବେ ମାର୍ଗଦର୍ଶନ ଦେବ। କାର୍ଯ୍ୟକ୍ରମରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା, ଓଡ଼ିଶା ସରକାର ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ବରିଷ୍ଠ ଅଧିକାରୀ, ମିଳିତ ଜାତିସଂଘ ସଂସ୍ଥା ବିକାଶ ସହଭାଗୀ ଶିକ୍ଷା ପ୍ରତିଷ୍ଠାନ ଏଥିରେ ଯୋଗଦେଇଥିଲେ।




ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାର ଉଲ୍ଲେଖନୀୟ ସଫଳତା ପାଇଁ ବିଶ୍ୱସ୍ତରୀୟ ସ୍ୱୀକୃତି ସହ ରାଜ୍ୟ ଆଜି ଅନ୍ୟମାନଙ୍କ ପାଇଁ ରୋଲ ମଡେଲ ସାଜିଛି। ଏହା ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସରକାରଙ୍କର ପ୍ରତିଶ୍ରୁତିବଦ୍ଧତା, ଆନ୍ତରିକତା ଓ ନିଷ୍ଠାପର ଭାବେ ଦାୟିତ୍ୱ ସମ୍ପାଦନର ନିଚ୍ଛକ ଉଦାହରଣ। ସେହିପରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ସରକାର ସବୁବେଳେ ଜନକୈନ୍ଦ୍ରିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରକୁ ଅଗ୍ରାଧିକାର ଦେଇଆସୁଛନ୍ତି। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଘଟୁଥିବା ଆପଦକାଳୀନ ସ୍ଥିତିରୁ ମିଳୁଥିବା ପରିଚାଳନାଜନିତ ଅଭିଜ୍ଞତା ସଂକଟ ସମୟରେ ଉପଯୋଗ କରି ଜନସାଧାରଣଙ୍କୁ ସୁରକ୍ଷା ଦେବା ତଥା ଶୂନ୍ୟ ମୃତ୍ୟୁ ନିଶ୍ଚିତ କରିବା ଦିଗରେ ସରକାର ପ୍ରୟାସରତ। ସେହିପରି ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପରିଚାଳନା ନିର୍ଦ୍ଦେଶକ ଦେଓରଞ୍ଜନ କୁମାର ସିଂହ ସରକାର ସବୁବେଳେ ଆପଦକାଳୀନ ସ୍ଥିତିର ସାମ୍ନା କରିବାକୁ ପ୍ରାକ୍ ପ୍ରସ୍ତୁତି ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି କହିଛନ୍ତି। ସମ୍ମଳନୀରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ବିଶେଷଜ୍ଞମାନେ ସେମାନଙ୍କ ସୁଚିନ୍ତିତ ମତାମତ ଦେବା ସହ ଅନ୍ତର୍ଭୁକ୍ତୀକରଣକୁ ସମନ୍ୱିତ କରିବାର ଆବଶ୍ୟକତା ଉପରେ ଆଲୋଚନା କରିଛନ୍ତି। ଜଳବାୟୁ ପରିବର୍ତ୍ତନଜନିତ ବିପଦ ଦିନକୁ ଦିନ ତୀବ୍ର ହେଉଛି। ଏଥିପାଇଁ ବ୍ୟାପକ ଜନସଚେତନତା, ଆନ୍ତରିକତା, ନିଷ୍ଠା ଓ ଦାୟିତ୍ୱପୂର୍ଣ୍ଣ ଭାବେ ପରିବେଶର ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ଏହି କର୍ମଶାଳାରେ ଯୋଗଦେଇଥିବା ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ

## ଧାନ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟ ବୃଦ୍ଧି ନେଇ ଆଲୋଚନା



ଭୁବନେଶ୍ୱର,୧୯।୧୧(ସଂଚାର ବ୍ୟୁରୋ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ଦୁଇଦିନିଆ ଦିଲ୍ଲୀ ଗସ୍ତ କରି କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଯୋଗାଣ ଓ ସାଧାରଣ ବଣ୍ଟନ, ନୂତନ ଓ ଅକ୍ଷୟ ଶକ୍ତି ବିଭାଗ ମନ୍ତ୍ରୀ ପ୍ରହଲାଦ ଯୋଶୀଙ୍କୁ ସାକ୍ଷାତ କରିଛନ୍ତି। ସାକ୍ଷାତ ଅବସରରେ ରାଜ୍ୟର ଧାନ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟ ବୃଦ୍ଧି ଦାବିକୁ ବିଚାର କରିବାକୁ କହିଥିଲେ। ଏଥିସହ ରାଜ୍ୟରୁ ଚାଉଳ ଉଠାଣରେ ଭାରତୀୟ ଖାଦ୍ୟ ନିଗମ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। ଚାଉଳ ଓ ଧାନ ସଂଗ୍ରହ ବାବଦକୁ ଥିବା ରାଜ୍ୟର ବକେୟା ଅର୍ଥ ପ୍ରାୟ ୮ ହଜାର କୋଟି ଟଙ୍କା ପ୍ରଦାନ କରିବା ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ସେ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

# ନାରାରେ ରହିଛି ଶିଶୁ ଶ୍ରମିକ ନିରୋଧ



ସାରା ବିଶ୍ୱରେ ଆଜିର ଦିନକୁ "ବିଶ୍ୱ ଶିଶୁ ନିର୍ଯାତନା ନିବାରଣ ଦିବସ" ଭାବରେ ପାଳନ କରାଯାଉଛି। ସରକାରୀ କାର୍ଯ୍ୟାଳୟରୁ ଆରମ୍ଭ କରି ବିଭିନ୍ନ ସଂସ୍ଥା, ସ୍ୱେଚ୍ଛାସେବୀ ସଂଗଠନ ଓ ଗଣମାଧ୍ୟମ ପର୍ଯ୍ୟନ୍ତ ନାରା ଦିଆଯାଏ - "ଶିଶୁ ଶ୍ରମିକ ପ୍ରଥା ବନ୍ଦ କରନ୍ତୁ", ପାଠ ପଢ଼ାଇବା ପାଇଁ ଶିଶୁଙ୍କ ପାଇଁ ସୁଯୋଗ ସୃଷ୍ଟି କରନ୍ତୁ। ସେମିନାର, ରାଲି, ପୋଷ୍ଟର, ବିଜ୍ଞାପନ - ସବୁ ହେଉଛି। କିନ୍ତୁ ବର୍ଷ ପରେ ବର୍ଷ ବିତିଯାଇଛି, ନାରା ବଦଳୁଛି, କିନ୍ତୁ ବାସ୍ତବତା ବଦଳୁ ନାହିଁ ଆଜି ମଧ୍ୟ ଲକ୍ଷ ଲକ୍ଷ ଛୁଆ ଇଟାଭାଟି, ହୋଟେଲ, ଗ୍ୟାରେଜ, ଘରୋଇ ସହାୟକ, କାରଖାନା ଓ ଫୁଟପାଥରେ ଶ୍ରମ ବିକ୍ରି କରୁଛନ୍ତି। ଶିଶୁ ଶ୍ରମିକ ନିର୍ମୂଳନ ଆଜି ମଧ୍ୟ କେବଳ ନାରାବାଜୀ ଓ କାଗଜପତ୍ରରେ ରହିଯାଇଛି।

ଭାରତରେ ଶିଶୁ ଶ୍ରମିକ (ନିଷେଧ ଓ ନିୟନ୍ତ୍ରଣ) ଆଇନ ୧୯୮୬ରୁ ରହିଛି। ୨୦୧୬ରେ ସଂଶୋଧନ ହେଲା ପରେ ୧୪ ବର୍ଷରୁ କମ୍ ବୟସର ଶିଶୁ କୌଣସି ବିପଦପୂର୍ଣ୍ଣ କାମରେ ନଲଗାଇବାର ନିୟମ କଡାକଡି ହେଲା। ୧୪ରୁ ୧୮ ବର୍ଷ ବୟସର କିଶୋରଙ୍କ ପାଇଁ ମଧ୍ୟ ଅନେକ କ୍ଷେତ୍ରରେ ନିଷେଧ ଘୋଷଣା କରାଗଲା। ଆଇନ ଅଛି, ସରକାରୀ ଯୋଜନା ଅଛି ଯେମିତିକି ମଧ୍ୟାହ୍ନ ଭୋଜନ, ସର୍ବଶିକ୍ଷା ଅଭିଯାନ, ରାଷ୍ଟ୍ରୀୟ ବାଳଶ୍ରମ ମିଶନ। କିନ୍ତୁ ଏସବୁର ପ୍ରକୃତ କାର୍ଯ୍ୟକାରିତା କେତେ? ଗ୍ରାମାଞ୍ଚଳରେ ଆଜି ମଧ୍ୟ ହଜାର ହଜାର ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି, ଶ୍ରେଣୀଗୃହ ନାହିଁ, ପାଠ୍ୟପୁସ୍ତକ ସମୟରେ ପହଞ୍ଚୁ ନାହିଁ। ଗରିବ ପରିବାରର ଅଭିଭାବକମାନେ ବାଧ୍ୟ ହେଉଛନ୍ତି ଛୁଆଙ୍କୁ ବିଦ୍ୟାଳୟ ବଦଳରେ ଶ୍ରମକ୍ଷେତ୍ରକୁ ପଠାଇବାକୁ।

ଦାରିଦ୍ର୍ୟ ହିଁ ଶିଶୁଶ୍ରମର ମୂଳ କାରଣ। ଯେଉଁ ପରିବାରର ବଡ଼ ଲୋକେ ଦିନକୁ ୨୦୦-୩୦୦ ଟଙ୍କା ମଧ୍ୟ ରୋଜଗାର କରିପାରୁ ନାହାନ୍ତି, ସେଠାରେ ୮-୧୦ ବର୍ଷର ଛୁଆର ରୋଜଗାର (ଯଦିଓ ୫୦-୮୦ ଟଙ୍କା) ପରିବାର ପାଇଁ ଅମୂଲ୍ୟ ହୋଇଯାଏ। ଏହି ଦାରିଦ୍ର୍ୟ ଦୂର କରିବା ପାଇଁ କର୍ମସଂସ୍ଥାନ ଯୋଜନା, ଦକ୍ଷତା ବିକାଶ, ଋଣ ଓ ଅନୁଦାନ ଆଦି କାର୍ଯ୍ୟକ୍ରମ ଚାଲିଛି ବୋଲି କୁହାଯାଏ। କିନ୍ତୁ ଗ୍ରାମାଞ୍ଚଳରେ ଏସବୁର ପ୍ରଭାବ ଅତି ନଗଣ୍ୟ। ଦୁର୍ନୀତି ଓ ଅଦକ୍ଷ ପ୍ରଶାସନ ଏହାକୁ ଆହୁରି ଦୁର୍ବଳ କରିଦେଇଛି।

ଆମେ ଯେତେବେଳେ ରାସ୍ତାରେ ଛୋଟ ଛୁଆଙ୍କୁ ଭାରୀ ସାମଗ୍ରୀ ବୋହି ହସୁଥିବାର ଦେଖୁ, ହୋଟେଲରେ ପ୍ଲେଟ ଧୋଇ ହସୁଥିବାର ଦେଖୁ, ତାଙ୍କ ପାଇଁ ମନ ଦୁଃଖ ହେଉଛି। କିନ୍ତୁ ସେହି ଦୁଃଖ ସେଠାରେ ଶେଷ ହୋଇଯାଏ। ଆମେ କେହି ସେହି ହୋଟେଲକୁ ବର୍ଜନ କରୁନାହୁଁ, ସେହି ଠିକାଦାରଙ୍କ ବିରୁଦ୍ଧରେ ଅଭିଯୋଗ କରୁନାହୁଁ। ସମାଜର ଏହି ଉଦାସୀନତା ମଧ୍ୟ ଶିଶୁ ଶ୍ରମକୁ ପୋଷଣ ଦେଉଛି।

ଶିଶୁ ଶ୍ରମିକ ପ୍ରଥା ନିର୍ମୂଳନ ପାଇଁ ନାରା ନୁହେଁ, ପ୍ରକୃତ କାର୍ଯ୍ୟାନୁଷ୍ଠାନ ଦରକାର। ଗୋଟିଏ ପରିବାରର ଆର୍ଥିକ ଅବସ୍ଥା ଏତେ ଉନ୍ନତ ହେବା ଦରକାର ଯେ ସେମାନେ ଛୁଆଙ୍କୁ ବିଦ୍ୟାଳୟକୁ ପଠାଇ ପାରିବେ। ପ୍ରତ୍ୟେକ ଗାଁରେ ଉତ୍ତମ ବିଦ୍ୟାଳୟ, ନିୟମିତ ଶିକ୍ଷକ ଓ ଗୁଣାତ୍ମକ ଶିକ୍ଷା ନିଶ୍ଚିତ ହେବା ଦରକାର। ଶ୍ରମ ନିରୀକ୍ଷଣ ବିଭାଗକୁ ସଶକ୍ତିକରଣ କରି କଡା ଦଣ୍ଡ ନିୟମ କାର୍ଯ୍ୟକାରୀ କରିବାକୁ ହେବ। ଏବଂ ସବୁଠାରୁ ବଡ଼ କଥା - ଆମେ ସମସ୍ତେ ମିଶି ଏହି ଅନ୍ୟାୟ ବିରୁଦ୍ଧରେ ଠିଆ ହେବାକୁ ହେବ। ଯଦି ଆଜି ଆମେ ନାରାରୁ ଆଗକୁ ବଢ଼ି କାର୍ଯ୍ୟକୁ ନାଆସିବା, ତେବେ ଆସନ୍ତା ପିଢ଼ି ଆମକୁ କ୍ଷମା କରିବ ନାହିଁ। ଛୁଆଙ୍କର ଶୈଶବ ଫେରାଇବାର ଅଧିକାର ଆମେ ରକ୍ଷା କରିବାକୁ ବାଧ୍ୟ। ନହେଲେ ଏହି ନାରା ଚିରକାଳ ନାରା ହିଁ ରହିଯିବ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର
୪
ଗୁରୁବାର ୨୦ ନଭେମ୍ବର ୨୦୨୫, ଭୁବନେଶ୍ୱର
Thursday 20 November 2025, Bhubaneswar

# ବିହାର ଫଳାଫଳର ସନ୍ଦେଶ

ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)



ଚଳିତ ବର୍ଷର ସବୁଠାରୁ ବଡ ନିର୍ବାଚନ ଲଢେଇ ଭାବେ କୁହାଯାଉଥିବା ବିହାର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନଡିଏ କେବଳ ବୃହତ ବିଜୟ ହାସଲ କରିନାହିଁ, ଏହାର ଝଡରେ ଆରଜେଡି କଂଗ୍ରେସ ବାମପନ୍ଥୀଙ୍କୁ ନେଇ ଗଠିତ ମହାମେଣ୍ଟ (ଇଣ୍ଡିଆବ୍ଲକ) ସମ୍ପୂର୍ଣ୍ଣ ମୂଳପୋଛ ହୋଇଯାଇଛି। ଯାହା ଗତବର୍ଷ ଶେଷ ଆଡକୁ ଅନୁଷ୍ଠିତ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ପ୍ରତିଫଳିତ ହୋଇଥିଲା। ମହାରାଷ୍ଟ୍ରରେ ଏନଡିଏ ତଥା ମହାୟୁତିର ହାୱାରେ ବିରୋଧି ଦଳଙ୍କୁ ନେଇ ଗଠିତ ମହାବିକାଶ ଅଗାଡି ଅନୁରୂପ ଦଶା ଭୋଗିଥିଲା। ୨୪୦ ଜଣିଆ ସଦସ୍ୟ ବିଶିଷ୍ଟ ବିହାର ବିଧାନସଭା ନିର୍ବାଚନରେ ଏନଡିଏ ୨୦୨ଟି ଆସନରେ ବିଜୟୀ ହୋଇଥିବାବେଳେ ମହାମେଣ୍ଟକୁ ମାତ୍ର ୩୫ଟି ଆସନ ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ଏନଡିଏ ମୋଟ ଆସନର ୮୦ପ୍ରତିଶତ ଆସନରେ ବିଜୟୀ ହେବା ସହ ମୋଟ ମତଦାନ ଭୋଟର ପ୍ରାୟ ଅର୍ଦ୍ଧେକ ଅର୍ଥାତ ୪୬.୬ ପ୍ରତିଶତ ଭୋଟ ପାଇଛି ଅର୍ଥାତ ମହାମେଣ୍ଟ ତୁଳନାରେ ୮.୭ ପ୍ରତିଶତ ଅଧିକ। କେବଳ ଏତିକି ନୁହେଁ, ବିହାର ଇତିହାସରେ ପୂର୍ବରୁ କୌଣସି ଦଳ ବା ମେଣ୍ଟ ୪୬.୬ ପ୍ରତିଶତ ଭୋଟ ପାଇପାରିନଥିଲେ। ଯାହାକୁ ପପୁଲାର ଭୋଟ(ଲୋକପ୍ରିୟ ଭୋଟ) ବୋଲି କୁହାଯାଇପାରିବ। ଏହା ନିସନ୍ଦେହ ଯେ, ବିହାର ନିର୍ବାଚନ ଫଳାଫଳ ସରକାରଙ୍କର ଜନହିତକର ଯୋଜନାର ପ୍ରତିଫଳନ। ଦୀର୍ଘ ୨୦ବର୍ଷ ଧରି କ୍ଷମତାରେ ରହିବ ସତ୍ୱେ ସରକାରୀ ବିରୋଧି ହାୱାର ନାମଗନ୍ଧ ନାହିଁ। ଏହା କେବଳ ସୁଶାସନ ତଥା ଲୋକ ହିତକର ଯୋଜନା, ମହିଳା ସଶକ୍ତିକରଣର ଫଳ ବୋଲି ବିରୋଧି ମେଣ୍ଟକୁ ମନେ ରଖିବାକୁ ହେବ। ଏହା ମଧ୍ୟ ସତ୍ୟ ଯେ, ମହିଳା ଭୋଟ ଦଳରେ ଏନଡିଏ ଐତିହାସିକ ସଫଳତା ପାଇବାରେ ସମର୍ଥ ହୋଇଛି। ରାଜ୍ୟର ୨.୪୭ କୋଟି ମହିଳା ଭୋଟର ଏନଡିଏ ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିଛନ୍ତି। ସେହିପରି ରାଜ୍ୟରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ମତଦାନ ଯଥେଷ୍ଟ ଅଧିକ ମଧ୍ୟ ରହିଛି। ତେବେ ଏନଡିଏ ମହିଳା ମତଦାତାଙ୍କ ଅକୁଣ୍ଠ ସମର୍ଥନ ପାଇବାରେ ସମର୍ଥ ହୋଇଛି। କେବଳ ନିର୍ବାଚନ ଅବ୍ୟବହିତ ପୂର୍ବରୁ ଯୋଗ୍ୟ ମହିଳାଙ୍କ ବ୍ୟାଙ୍କ ଖାତାକୁ ୧୦ହଜାର ନଗଦ ରାଶି ପ୍ରଦାନ। ଏହାଦ୍ୱାରା ରାଜ୍ୟର ଦେଢକୋଟିରୁ ଊର୍ଦ୍ଧ୍ୱ ମହିଳା ଉପକୃତ ହୋଇଛନ୍ତି। ସେହିପରି ନୀତିଶ ସରକାର ରାଜ୍ୟର ୧.୨ କୋଟିରୁ ଊର୍ଦ୍ଧ୍ୱ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗଙ୍କୁ ଦିଆଯାଇଥିବା ମାସିକ ସାମାଜିକ ଭତା (ପେନସନ) ୪୦୦ରୁ ୧୧୦୦ଟଙ୍କାକୁ ବୃଦ୍ଧି କରିବା ଆଉ ଏକ ପ୍ରଭାବଶାଳୀ ଜନକଲ୍ୟାଣ ଯୋଜନା ବୋଲି କୁହାଯାଇପାରେ। ଏହି ଯୋଜନା ଦ୍ୱାରା ରାଜ୍ୟର ରାଜକୋଷ ଉପରେ ଅତିରିକ୍ତ ୯୨୪୦ କୋଟିର ଆର୍ଥୀକ ବୋଝ ପଡ଼ିବା ମାତ୍ର ଡବଲ ଇଞ୍ଜିନ ସରକାର ଯୋଗୁଁ ବିଶେଷ କିଛି ଆର୍ଥୀକ ସଂକଟ ପଡ଼ିନପାରେ। ଏହା ସତ୍ୟ ଯେ, ରାଜନୈତିକ ଦଳଗୁଡିକର ମହିଳା ତୁଷ୍ଟୀକରଣ ଯୋଜନା ଏବେ ସେମାନଙ୍କର ବିଜୟର ମାପକାଠି ଭାବେ ଉଭା ହୋଇଛି। ତେବେ ନୀତିଶଙ୍କର ଆଉ ଏକ ଉଲ୍ଲେଖନୀୟ ସଫଳତା ହୋଉଛି ସମ୍ପୂର୍ଣ୍ଣ ମଦମୁକ୍ତ ରାଜ୍ୟଗଠନ। ରାଜ୍ୟରେ ମଦ ବିକ୍ରୀ ଓ ସେବନକୁ ନୀତିଶ ସରକାର ୨୦୧୩ରେ ନିଷିଦ୍ଧ କରିବା ପରେ ବିହାର ଗୁରୁତର ଆର୍ଥୀକ ସଂକଟର ସମ୍ମୁଖୀନ ହୋଇଛି ସତ କିନ୍ତୁ କୋଟି କୋଟି ପରିବାର ସଜାଡିବା ସହ ମହିଳାଙ୍କ ମୁହଁରେ ହସ ଫୁଟାଇ ପାରିଛି। ଯାହା ଏନଡିଏର ବିଜୟରେ ସହାୟକ ହୋଇଛି ବୋଲି କୁହାଯାଇପାରେ। ଅନ୍ୟପକ୍ଷରେ ମହାମେଣ୍ଟର ନିର୍ବାଚନ କମିଶନଙ୍କ ଭୋଟ ଚୋରି, ଦାରିଦ୍ର୍ୟ, ପଳାୟନ, ବାସ୍ତବତାହୀନ ନିର୍ବାଚନ ପ୍ରତିଶ୍ରୃତି ଭୋଟଦାତାଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରିନାହିଁ। ନିର୍ବାଚନ ଫଳାଫଳ ସନ୍ଦେଶ ଦେଇଛି। ସେହିପରି ବିହାରରେ ସତୁରି ଦଶକରୁ ପ୍ରଭାବଶାଳୀ ଥିବା ଜାତିଆଣ ରାଜନୀତି ଏଥର ସମ୍ପୂର୍ଣ୍ଣ ନିସ୍ତବ୍ଧ ହୋଇଯାଇଥିବା କହିଲେ ସତ୍ୟର ଅପଳାପ ହେବ ନାହିଁ। ନିର୍ବାଚନ ଏବେ ସାମାଜିକ ନ୍ୟାୟ, ଜନହିତକର ଯୋଜନା ବିକାଶ ଏବଂ ମହିଳା ତୁଷ୍ଟୀକରଣ ଉପରେ ପର୍ଯ୍ୟବେସିତ ଥିବାବେଳେ କୌଣସି ଘଟଣାକୁ ନିର୍ବାଚନ ପ୍ରସଙ୍ଗ ଭାବେ ଭୋଟ ଦାତା ଗ୍ରହଣ କରିନାହାଁନ୍ତି। ଆହୁରି ମଧ୍ୟ ମହାମେଣ୍ଟର ଅଂଶୀଦାର ଦଳଙ୍କ ମଧ୍ୟରେ ଉତମ ବୁଝାମଣା, ସହଭାଗିତାର ଅଭାବ, ୧୨ଟି ଆସନରେ ପରସ୍ପର ବିରୁଦ୍ଧରେ ଲଢିବା ଯୋଗୁଁ ଭୋଟର ସେମାନଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି। ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବଙ୍କୁ ରାଜ୍ୟର ସର୍ବାଧିକ ୩୩ପ୍ରତିଶତ ଭୋଟର ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ପସନ୍ଦ କରିଥିବା ସତ୍ୱେ ସେ ହାର ଅଳ୍ପକେ ଜିତିବା ଘଟଣାରୁ କିଛି ଶିକ୍ଷା କରିବେ ବୋଲି ଆଶା କରାଯାଏ। ସେହିପରି ଗତ ଦୁଇ ଦଶନ୍ଧି ମଧ୍ୟରେ ରାହୁଲ ଗାନ୍ଧୀଙ୍କର ଏହା ୯୫ତମ ପରାଜୟ। ତାଙ୍କ ଦ୍ୱାରା ପ୍ରସ୍ତୁତ ଚୌକିଦାର, ଚୋର ହେ, ଠାରୁ ଆରମ୍ଭ କରି ଭୋଟ ଚୋରି ଅଭିଯୋଗ ଆଦି ପ୍ରସଙ୍ଗକୁ ଭୋଟଦାତା ପ୍ରତ୍ୟାଖ୍ୟାନ କରିଛନ୍ତି। ଏଥିରୁ ସେ କିଛି ଶିକ୍ଷା କରିବା ସହ ନିଜର ଘରକୁ ସଜାଡି ଜନହିତକର ବିକାଶମୂଳକ ପ୍ରୋତ୍ସାହନକାରୀ ସନ୍ଦେଶକୁ ନିର୍ବାଚନ ପ୍ରସଙ୍ଗ କରିବେ ବୋଲି ଆଶା କରାଯାଏ।

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩



# ମାନସିକ ବନ୍ଧନ ମୁକ୍ତର ମାଧ୍ୟମ ପୁନଃଜାଗରଣ



ଡ. ବିମଳ ଷଡଙ୍ଗୀ

ପ୍ରାଚୀନ ଭାରତର ତୀକ୍ଷ୍ଣ ରାଜନୈତିକ ଓ ଚିନ୍ତାନାୟକ କୌଟିଲ୍ୟ ବା ଚାଣକ୍ୟ ନିଜର ସୂକ୍ଷ୍ମ ନିରୀକ୍ଷମ ଆଧାରର ମନ୍ତବ୍ୟ ପ୍ରଣିଧାନଯୋଗ୍ୟ। ଯେଉଁଥିରେ ସେ ପ୍ରକାଶ କରିଥିଲେ ଯେ ଦୀର୍ଘ ସମୟ ଧରି ପିଞ୍ଜରାରେ ରହୁଥିବା ଏକ ପକ୍ଷୀବିନା ପରିଶ୍ରମରେ ନିୟମିତ ଖାଦ୍ୟ, ପାନୀୟ ଓ ବାହାର ଶିକାରୀଙ୍କଠାରୁ ସୁରକ୍ଷା ଏବଂ ଯତ୍ନରେ ପ୍ରଭାବିତ ହୋଇ ପିଞ୍ଜରାକୁ ସବୁଠାରୁ ଉତ୍କୃଷ୍ଟ ସ୍ଥାନ ବୋଲି ଧରିନେଇଥାଏ। ପିଞ୍ଜରା ଭିତରେ ବନ୍ଦୀରହି ବିଚରା ପକ୍ଷୀଟି ଖୋଲା ଦୁନିଆଁର ସୌନ୍ଦର୍ଯ୍ୟ, ଭ୍ରମଣର ଆନନ୍ଦ, ଖାଦ୍ୟର ସମ୍ଭାରକୁ ଜାଣିବାକୁ ଅକ୍ଷମ ହୋଇଥାଏ।ବର୍ଷ ବର୍ଷ ଧରି ବନ୍ଦୀତ୍ୱ ଜୀବନପରେ ପିଞ୍ଜରା ଖୋଲିଦେଲେ ମଧ୍ୟ ପକ୍ଷୀଟି ପିଞ୍ଜରା ଛାଡିବାକୁ ଇଚ୍ଛା କରିନଥାଏ କାରଣ ପିଞ୍ଜରାରେ ଭାବପ୍ରବଣତାରେ ମାନସିକ ବନ୍ଧନରେ ଆବଦ୍ଧ ରହିସ୍ୱାଧୀନ ଭାବରେ ବଞ୍ଚିବାର ପ୍ରବୃତ୍ତି, ଦୂରକୁ ଉଡିବାର ଶକ୍ତି ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛିଖୋଲା ଆକାଶର ଅନିଶ୍ଚିତତାକୁ ସାମ୍ନା କରିବାର ଆତ୍ମବିଶ୍ୱାସ ସେ ହରାଇଥାଏ।

ପକ୍ଷୀପରି ମଣିଷ ମଧ୍ୟ ସେମାନଙ୍କର ଆରାମଦାୟକ କ୍ଷେତ୍ର ପ୍ରତି ଗଭୀର ଆସକ୍ତି ହୋଇଥାଆନ୍ତି। ଯେତେବେଳେ ମଣିଷକୁ ଏକ ସର୍ବନିମ୍ନ ସୁରକ୍ଷା, ଟିକିଏ ଆରାମ, ଖାଦ୍ୟ, ସବସିଡି, ଉପହାର କିମ୍ବା ସୁବିଧା ଇତ୍ୟାଦିରବ୍ୟବସ୍ଥା ମଧ୍ୟରେପାଳନ କରାଯାଏ ସେତେବେଳେ ମଣିଷ ପ୍ରାୟତଃ ସ୍ୱାଧୀନତାର ଅନିଶ୍ଚିତତା ଅପେକ୍ଷା ସେହି ସୀମିତ ସୁରକ୍ଷାକୁ ଅଧିକ ପସନ୍ଦ କରେ ଓ ଅନ୍ୟାୟକୁ ନ୍ୟାୟ ଭାବରେ ମାନି ନିଏ। ଏହି ଚଞ୍ଚକ ପୂର୍ଣ୍ଣ ବ୍ୟବସ୍ଥା ମାଧ୍ୟମରେ ଜଣେ ଦୁର୍ନୀତିଗ୍ରସ୍ତ ଶାସକ, ପୁଞ୍ଜିପତି, ଭ୍ରଷ୍ଟାଚାରୀ ନିଯୁକ୍ତିଦାତା କିମ୍ବା ଏକ ତ୍ରୁଟିପୂର୍ଣ୍ଣ ରାଜନୈତିକ ଆଚରଣ ମଣିଷକୁ ଏହି ବିକୃତ ଅଭ୍ୟାସର ଦାସ ହେବାକୁ ବାଧ୍ୟକରେ।ଏପରି ମନବୃତ୍ତି ବର୍ତ୍ତମାନର ନୁହେଁ ଏହା ଆମର ସଭ୍ୟତାର ୫୦୦ବର୍ଷ ତଳର ଆମଦାନୀ। ଯାହାକୁ ସଦୁପଯୋଗ କରି ଆମକୁ ଶତାବ୍ଦୀ ଶତାବ୍ଦୀ ଧରି ଶୋଷଣ କରିବାକୁ ସମର୍ଥ ହୁଅନ୍ତିସ୍ୱାଧୀନ ଭାରତର କିଛି ଲାଭଖୋର ପୁଞ୍ଜିପତି ଓ ଦୁର୍ନୀତି ଓ ଭ୍ରଷ୍ଟାଚାରୀରାଜନୈତିକ ବ୍ୟବସ୍ଥାର ବ୍ୟକ୍ତିସମୂହ।

ପୁଞ୍ଜିପତିଙ୍କ ଦ୍ୱାରା ପରିଚାଳିତ ବ୍ୟବସାୟ ସଂସ୍ଥା, ଘରୋଇ ଉଦ୍ୟୋଗଦ୍ୱାରା ପରିଚାଳିତ ଶିକ୍ଷା, ଯୋଗାଯୋଗ ଓ ସ୍ୱାସ୍ଥ୍ୟ ସେବା, ସାମାଜିକ ଗଣମାଧ୍ୟମ, ଖଣିବେପାର, ନିଶାପ୍ରଚଳନ, ଗ୍ରାହକସୁବିଧା, ନୂଆ ନୂଆ ସ୍କିମ, ଅର୍ଥ ଦାନ ଏବଂ ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତାଆଦି ଉପରେ ନିର୍ଭରଶୀଳତା ହେଉଛି ପିଞ୍ଜରାର ସମସାମୟିକ ସଂସ୍କରଣ। ମଣିଷ ପ୍ରାୟତଃ ତାର ଅଜାଣତରେ 'ସ୍ୱାଧୀନତା ଅପେକ୍ଷା ସାମୟିକ ଅଭିବୃଦ୍ଧି' ଏବଂ 'ସୁରକ୍ଷାଅପେକ୍ଷା ସାନ୍ତ୍ୱନାକୁ' ଅତି ନିଜର ବୋଲି ବାଛିନେଇ ଅଭ୍ୟାସ, ଭୟ ଏବଂ ନିର୍ଭରଶୀଳତା ଦ୍ୱାରା ବନ୍ଦୀ ହୋଇଥାଏ, ଯାହା କୌଟିଲ୍ୟଙ୍କ ଅନ୍ତର୍ଦୃଷ୍ଟିକୁ କାଳଜୟୀ ପ୍ରମାଣିତ କରେ ଏବଂ ଯାହା ହେଉଛି ପ୍ରକୃତ ମାନସିକ ବନ୍ଧନ।ଏହିପରି ସତ୍ୟର ପରିପ୍ରକାଶ କରିଥିଲେ ୧୯୪୫ ମସିହାରେ ମହାନ ଇଉରୋପୀୟ ସାହିତ୍ୟିକ ଜର୍ଜ ଅରୋଏଲାଙ୍କ ରଚିତ 'ଆନିମଲ ଫାର୍ମ' ଉପନ୍ୟାସ ମାଧ୍ୟମରେ ସମାଜର ପ୍ରଚଳିତ ନୀଚ ରାଜନୈତିକ ତଥ୍ୟକୁ ସୂକ୍ଷ୍ମ ଭାବରେ ଦର୍ଶାଇଥିଲେ।

ଇତିହାସର ପୃଷ୍ଠା ଉନ୍ମୋଚନ କଲେ ଆମେ ଦେଖିବା ଯେ, ମୋଗଲମାନେ ଭାରତୀୟଙ୍କ ବିଶ୍ୱସନୀୟ ହେବାପାଇଁ ବିଭିନ୍ନ ପ୍ରକାରର ସୁବିଧା ଓ ସୁଯୋଗ ପ୍ରଦାନ କରିବାରେ ମାହିର ଥିଲେ। ସେମାନେ ତତ୍କାଳୀନ ସ୍ଥାନୀୟ ମୁଖ୍ୟ, ସମ୍ଭ୍ରାନ୍ତ ଏବଂ ଯୋଦ୍ଧାମାନଙ୍କୁ ଭୂମି ଅନୁଦାନ, ପଦବୀ, ପେନସନ, ଉପାଧି ଏବଂ ସୁନା ବଣ୍ଟନ ଆଦି କରୁଥିଲେ ଯେଉଁ ଗୁଡିକ ଆଜିକାଲିର 'ଫ୍ରି ଯୋଜନା' ପରି କାର୍ଯ୍ୟ କରିଥିଲା ଏବଂ ଏହି ସୁବିଧା ଉପଭୋଗ କରୁଥିବା ବ୍ୟକ୍ତିମାନେ ସମ୍ରାଟଙ୍କ ପ୍ରତି ବିଶ୍ୱସ୍ତ ରହୁଥିଲେ।ମୋଗଲ ଶାସନ କେବଳ ଶକ୍ତିଶାଳୀ ସେନାବାହିନୀ ଯୋଗୁଁ ବଞ୍ଚି ନଥିଲା ବରଂ ବୁଦ୍ଧିମାନ ରାଜନୈତିକ ପରିଚାଳନାଯୋଗୁଁ ଗତିଶୀଳ ଓ ସ୍ଥାୟୀ ହୋଇଥିଲା।

ବ୍ରିଟିଶମାନେ ଏହି ବ୍ୟବସ୍ଥାକୁ ଆହୁରି ଉନ୍ନତ କରିଥିଲେ। ପ୍ରଥମେ ସେମାନେ ବଣିଜ କରିବାକୁ ଭାରତରେ ପ୍ରବେଶ କଲେ ପରେ ଭାରତୀୟ ରାଜାମାନଙ୍କୁ ବିନା ଦେୟରେ ତଥାକଥିତ ସୁରକ୍ଷା ଓ ଗୁପ୍ତ ସର୍ତ୍ତାବଳୀ ସହିତ ଶତ୍ରୁମାନଙ୍କଠାରୁ ରକ୍ଷା କରିବା ସହିତ ରାଜନୈତିକ ନିୟନ୍ତ୍ରଣ, କର ସଂଗ୍ରହ ଅଧିକାର ଆଦି କାର୍ଯ୍ୟକୁ ନିଜ ନିୟନ୍ତ୍ରଣକୁ ଆଣିଥିଲେ।କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀ ଯଥା, ଜମିଦାର, ବ୍ୟବସାୟୀ, ରାଜକୁମାରଙ୍କୁ ବିଶେଷ ସୁବିଧା ଏବଂ ଆର୍ଥିକ ଲାଭ ଦ୍ୱାରା ବିଶ୍ୱସ୍ତସମର୍ଥକମାନଙ୍କର ଏକ ଶୃଙ୍ଖଳ ସୃଷ୍ଟି କରିଥିଲେ। ଯାହାର ସାମଞ୍ଜସ୍ୟସ୍ୱାଧୀନଭାରତର ରାଜନୈତିକ ଦଳ ମାନଙ୍କର ଭୋଟବ୍ୟାଙ୍କ ରାଜନୀତି ସହିତ ରହିଅଛି ଓ ଯେଉଁଠାରେ ଜନସେବା ଅପେକ୍ଷା ସେମାନଙ୍କ ଦଳୀୟ କ୍ଷମତାକୁ ଦୀର୍ଘକାଳୀନ ବିଶ୍ୱସ୍ତତା ସହିତ ସୁରକ୍ଷିତ ରଖିବା ପାଇଁ ବେପାରୀ, ଯୁବକ, ଉଦ୍ୟୋଗପତି, ଶାସନ ବ୍ୟବସ୍ଥା, ଗଣମାଧ୍ୟମ, ନ୍ୟାୟୀକ ବ୍ୟବସ୍ଥା ଆଦିକୁ ବ୍ୟବହାର କରନ୍ତି।ବ୍ରିଟିଶମାନେ ବ୍ୟବହୃତ ଅନ୍ୟ ଏକ ଶକ୍ତିଶାଳୀ ଉପକରଣ ଥିଲା 'ବିଭାଜନ କର ଏବଂ ଶାସନ କର' ନୀତି। ସେମାନେ ସମ୍ପ୍ରଦାୟ, ରାଜକୁମାର ଏବଂ ଜାତି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାକୁ ଉତ୍ସାହିତ କରିଥିଲେ, ଯାହା ନିଶ୍ଚିତ କରିଥିଲା ଯେ ଭାରତୀୟମାନେ ବିଭାଜିତ ଏବଂ ଦୁର୍ବଳ ରହିବେ। ଏହା ସହିତ, ସେମାନେ ରେଳ, ଟେଲିଗ୍ରାଫ୍ ଏବଂ ଡାକ ବ୍ୟବସ୍ଥା ଆଦିର ପ୍ରଚଳନକୁ ସେମାନେ ପ୍ରଗତିର ସଙ୍କେତ ଭାବରେ ଉପସ୍ଥାପନ କରିଥିଲେ କିନ୍ତୁ ଏଗୁଡ଼ିକ ମୁଖ୍ୟତଃ ସୈନ୍ୟ ପରିବହନ, ସମ୍ବଳ ସଂଗ୍ରହ ଏବଂ ଜନସଂଖ୍ୟା ଉପରେ କଠୋର ନିୟନ୍ତ୍ରଣ ରଖିବା ପାଇଁ ବ୍ୟବହୃତ ହେଉଥିଲା।

ମୋଗଲ ଏବଂ ବ୍ରିଟିଶ ଉଭୟଙ୍କ ସଫଳତାର ଗୋଟିଏ ସରଳ ସତ୍ୟଥିଲା, ତାହା ହେଲା ଭାରତୀୟମାନେ ସେମାନଙ୍କୁ ସୁବିଧା ଏବଂ ସୁରକ୍ଷା ଦେଉଥିବା ଲୋକଙ୍କ ପ୍ରତି ବିଶ୍ୱସ୍ତ ରୁହନ୍ତି। ଏହା 'ନିର୍ଭରଶୀଳତାକୁ' ପ୍ରୋତ୍ସାହିତ କରିବା ସହିତ 'ପ୍ରତିରୋଧ କରିବାର'ମନବୃତ୍ତିକୁ ହ୍ରାସ କରିଥିଲା। ଯାହାକୁ ପାଥେୟ କରି ସ୍ୱାଧୀନ ଭାରତର ପରବର୍ତ୍ତୀ ରାଜନୈତିକ ବ୍ୟବସ୍ଥାକୁ ଅକ୍ତିଆର କରିଥିବା ବ୍ୟକ୍ତିସମୂହ ଭଲଭାବରେ ହୃଦୟଙ୍ଗମ କରିଛନ୍ତି ଯେ ଭାରତର ବିଶାଳ ଏବଂ ବିବିଧ ଜନସଂଖ୍ୟାକୁ ଶାସନ କରିବାର କଳା କେବଳ ' ଜୋର ଯାର ମୂଲକ ତାର ନୀତିରେ' ନୁହେଁ ବରଂ 'ମନସ୍ତାତ୍ତ୍ୱିକ ରଣନୀତି' ଉପରେ ମଧ୍ୟ ନିର୍ଭର କରିବାକୁ ପଡ଼ିବ ଯାହା ମୋଗଲ ଓ ବ୍ରିଟିଶ ମାନେ କେବଳ ବଳ ପ୍ରୟୋଗ କରି ଶତାବ୍ଦୀ, ଶତାବ୍ଦୀ ଧରି ଭାରତକୁ ଶାସନ କରିନଥିଲେ ବରଂ ବୁଦ୍ଧିମାନ ଭାବରେ 'ମାନବ ଆଚରଣକୁ' ପରିଚାଳନା କରି ଶାସନ କରିଥିଲେ। ବିଭିନ୍ନ ଯୋଜନା, ମାଗଣା ଦ୍ରବ୍ୟ ଓ ଅର୍ଥ, ଉପହାର, ସୁରକ୍ଷା, ସୁବିଧା, ଜାତି ଜାତି ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ବିଭାଜନ ଏବଂ ମାନସିକ ପ୍ରଭାବ ମାଧ୍ୟମରେ, ସେମାନେ ନିର୍ଭରଶୀଳତା ଏବଂ ବିଶ୍ୱସ୍ତତାର ଏକ ବ୍ୟବସ୍ଥା ନିର୍ମାଣ କରିଥିଲେ, ଯାହା ସେମାନଙ୍କୁ ଉଲ୍ଲେଖନୀୟ ଭାବରେ ଦୀର୍ଘ ସମୟ ପାଇଁ କ୍ଷମତାରେ ରଖିଥିଲା।



ଭାରତର ରାଜନୈତିକ ବ୍ୟବସ୍ଥାରେ ଆଶ୍ଚର୍ଯ୍ୟଜନକ ଭାବରେ ସମାନ ପଦ୍ଧତି ଉପଲବ୍ଧ। ପ୍ରତ୍ୟେକ ବ୍ୟବସ୍ଥାରେ ଭୋଟ ସୁରକ୍ଷିତ କରିବା ଏବଂ ଦୀର୍ଘକାଳୀନ କ୍ଷମତାକୁ ଉପଭୋଗ କରିବା ପାଇଁ ମାଗଣା ଯୋଜନା, ସବସିଡି, ଉପହାର, ସୁରକ୍ଷା, ସୁବିଧା, ଧର୍ମ, ଜାତି, ଗୋଷ୍ଠୀ ମାଧ୍ୟମରେ ବିଭାଜନସହିତ ମାନସିକ ବନ୍ଧନ ମାଧ୍ୟମରେ ଶାସନ କରି ସାର୍ବଜନୀନ ସମ୍ପତ୍ତି ଲୁଟ କରିବା ସହିତ ଜନତାଙ୍କୁ ଏକ ପଞ୍ଜୁରୀର ପକ୍ଷୀ ଭାବରେ ସାଇତି ରଖିଥିବାର ଅନୁମେୟ। ମାତ୍ର ଏପରି ବ୍ୟବସ୍ଥାକୁ କୌଟିଲ୍ୟ ଓ ଗାନ୍ଧୀଙ୍କ ପରି ମନୀଷୀମାନେ ଭିନ୍ନ ଭିନ୍ନ ଉପାୟରେ ସମାଜର ହିତପାଇଁ ପ୍ରତି ଶତାବ୍ଦୀରେ ପ୍ରତିହତ କରନ୍ତି ଯାହାକୁ ଖୋଜି ବାହାର କରିବାର ପ୍ରକୃଷ୍ଟ ସମୟ ଆସିଯାଇଛି।ସେମାନେ ଜେଡ ବା ଆଲ୍ଫା ଜେନ ବା କେହି ବର୍ଷିୟାନ ସମାଜ ସେବୀହୋଇପାରନ୍ତି ଯେଉଁମାନେ ମଣିଷ ସମାଜର ଆତ୍ମବିଶ୍ୱାସକୁ ପୁନଃ ଜାଗରଣ କରି ସେମାନଙ୍କୁ ପିଞ୍ଜରାମୁକ୍ତ କରିପାରିବେ ଯାହା ଆଜିର ସମାଜ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି।

# ନିଶା କବଳରେ ଆଜିର ଯୁବପିଢ଼ି



ପ୍ରତାପ ପୃଷ୍ଟି

ଜୀବନ ହେଉଛି ଈଶ୍ୱରଙ୍କ ଦିଆ ଅମୂଲ୍ୟ ଉପହାର। ଏହାକୁ ସୁନ୍ଦର, ସୁସଂଗଠିତ ଓ ସାର୍ଥକ କରିବା ହେଉଛି ଆମ କର୍ତ୍ତବ୍ୟ। କିନ୍ତୁ ଆଜିର ଯୁଗରେ ଯେଉଁଠାରେ ପ୍ରଗତିର ଆଲୋକ ଚାରିଦିଗରେ ଫୁଟିଉଠିଛି, ସେଠି ଆଉ ଏକ ଅନ୍ଧକାର ଅଛି, ତାହା ହେଉଛି ନିଶାର ଅନ୍ଧକାର। ନିଶା ଏମିତି ଏକ ଶକ୍ତି, ଯାହା ଜୀବନର ଆଲୋକକୁ ଧୀରେ ଧୀରେ ଲିଭାଇ ଦେଉଛି। ଯୁବପିଢ଼ି ଯେଉଁଠାରେ ଦେଶର ଆଶା, ସେହିଠାରେ ନିଶା ତାଙ୍କ ଶକ୍ତିକୁ ଶିକୁଳି ଦେଇ, ଜୀବନକୁ ଅନର୍ଥରେ ପକାଇଦେଉଛି। ଯୁବାମାନେ ହେଉଛନ୍ତି ଜାତିର ନିର୍ମାତା। ତାଙ୍କ ଶକ୍ତି, ସାହସ ଓ ସ୍ୱପ୍ନ ହେଉଛି ଦେଶର ଭବିଷ୍ୟତ। ଯେପରି ଅଗ୍ନି ଜଳିଲେ ଆଲୋକ ଦେଇପାରେ କିନ୍ତୁ ଅସାବଧାନତାରେ ଘର ଜଳାଇଦିଏ, ଠିକ ସେହିପରି ଯୁବ ଶକ୍ତି ଯଦି ଭୁଲ ଦିଗକୁ ଦିଗରେ ଯାଏ ସେହି ଶକ୍ତି ଧ୍ୱଂସର ରୂପ ନେଇପାରେ। ନିଶା ଏହି ଭୁଲ ଦିଗର ପ୍ରତୀକ। ମଦ, ଗଂଜେଇ, ବ୍ରାଉନ ସୁଗାର, ହେରୋଇନ ଠାରୁ ଆରମ୍ଭ କରି ଆଜିର ମୋବାଇଲ, ଗେମିଂ ଓ ସୋସିଆଲ ମିଡିଆ ଆସକ୍ତି ସବୁ ନିଶାର ନୂତନ ଚେହେରା। ବନ୍ଧୁମାନେ ନିଶା କଲେ ନିଜେ ନ କଲେ 'ପଛୁଆ' ଭାବି ଯୁବାମାନେ ସେଇ ରାସ୍ତାକୁ ଯାନ୍ତି। ମନୋବଳ ହାରାଇବା: ନିଜେକୁ ଏକା ଭାବିବା, ଭାବନାର ଅଭାବ ଏହି ସବୁ ଯୁବାମାନଙ୍କୁ ନିଶାରେ ଠେଲି ଦେଉଛି। ବେରୋଜଗାରି ଓ ନିରାଶା: ଜୀବନର ଲକ୍ଷ୍ୟ ଅସ୍ପଷ୍ଟ ହେଲେ ଯୁବମାନେ ନିଶାରେ ଆଶ୍ରୟ ନେଉଛନ୍ତି।



ସୋସିଆଲ ମିଡିଆ ଓ ମନୋରଞ୍ଜନ ଜଗତର ପ୍ରଭାବ: ଫିଲ୍ମ, ସିରିଏଲରେ ଓ ବିଜ୍ଞାପନ ନିଶାକୁ "ଷ୍ଟାଇଲ" ଭାବେ ଦେଖାଇ ଭୁଲ ସନ୍ଦେଶ ଦିଆଯାଉଛି। ନିଶାର ଆକର୍ଷଣ: ଏକ ମିଥ୍ୟା ସ୍ୱପ୍ନ ନିଶାର ଆରମ୍ଭ ସରଳ ଜିଜ୍ଞାସାରୁ ହୁଏ। ଯୁବାମାନେ ଭାବନ୍ତି ଗୋଟେ ଥର ନିଶା ନିଶା ନେଲେ କ'ଣ ହେବ? କିନ୍ତୁ ଏହି ଗୋଟେ ଥର ଭୁଲ ହିଁ ଜୀବନର ସବୁଠାରୁ ବଡ଼ ଫାଶ ହୁଏ। ପ୍ରଥମେ ଯେପରି ହସ ଆଣିଥାଏ, ପରେ ସେଇ ହସ ଅଶ୍ରୁରେ ପରିଣତ ହୁଏ। ନିଶା ମନକୁ ଧୀରେ ଧୀରେ ଦେହ ଠାରୁ ବିଚ୍ଛିନ୍ନ କରେ, ସ୍ୱପ୍ନକୁ ନଷ୍ଟ କରେ ଓ ଜୀବନକୁ ଅନ୍ଧକାରରେ ବନ୍ଦୀ କରିଦେଉଛି। ଏକ ଯୁବ ନିଶାଗ୍ରସ୍ତ ହେଲେ ସେ କେବଳ ନିଜେ ନୁହେଁ, ତାର ପରିବାର, ସମାଜ ଓ ଜାତି ସମଗ୍ର ଅନୁଭବ କରେ ଏହି ଯନ୍ତ୍ରଣା। ମା' ବାପାଙ୍କ ଅଶ୍ରୁ, ଭାଇ ଭଉଣୀଙ୍କ ଅପେକ୍ଷା, ସମାଜର ନିନ୍ଦା ସବୁ ଏକ ନିଶାଗ୍ରସ୍ତ ଯୁବକଙ୍କ ଚାରିପାଖରେ ଘୁରୁଥାଏ। ଯେଉଁଠାରେ ଗୋଟିଏ ସନ୍ତାନ ନିଶାରେ ରୁହେ, ସେଠି ଗୋଟିଏ ପରିବାର ଭିତରୁ ଭାଙ୍ଗିଯାଏ। ଏହି ଯନ୍ତ୍ରଣା ଅନେକ ଘରର ନିରବ କାନ୍ଦଣୀ। ନିଶା ମନୁଷ୍ୟ କୁ ତା ଇଚ୍ଛାରେ ନୁହେଁ, ଦେହର ଆଦେଶରେ ଚାଳିତ କରେ। ସେହି ମନୁଷ୍ୟ ତାହାର ନିଜ ଇଚ୍ଛାକୁ ହାରାଇଦେଇ ଏକ ଅସୁସ୍ଥତା ରୂପେ ଜୀବନ ଯାପନ କରେ। ଦେହ ଦୁର୍ବଳ, ମନ ଅସ୍ଥିର, ଚିନ୍ତା ଓ ଭୟ ଆତ୍ମାକୁ ଆବରଣ କରିଦିଏ। ନିଶାର ପ୍ରଭାବ ଶାରୀରିକ ଦିଗରେ: ସ୍ମୃତିଶକ୍ତି ହ୍ରାସ, ରୋଗ ପ୍ରତିରୋଧକ ଶକ୍ତି କମିବା, ଦେହ ଦୁର୍ବଳ, ଦୃଷ୍ଟି ଶକ୍ତି କମ, ଆତ୍ମସଂଯମ ହାରାଇବା ନିରାଶା, ଡିପ୍ରେସନ ଓ ଚିନ୍ତା ପରିବାର ସହ ଦୂରତା, ଶିକ୍ଷାରେ ଅନାଗ୍ରହ ସାମାଜିକ ଦିଗରେ: ଅପରାଧ ବୃଦ୍ଧି, ଚୋରି, ହିଂସା ଅନେକ କିଛି ନିଶାର କାରଣ ପାଲଟିଥାଏ। ଯୁବପିଢ଼ି ଆଜି ଏହି ଅସ୍ଥିରତାର ଜାଲରେ ବନ୍ଦୀ। ନିଶା ଏକ ମୃଦୁ ମୃତ୍ୟୁ, ଯାହା ଦେହକୁ ଧୀରେ ଧୀରେ ଖାଇଦେଉଛି। ନିଶାର ନୂତନ ଦିଗ ଡିଜିଟାଲ ଆସକ୍ତି, ଏବେ ମଦ ବା ମାଦକ ନୁହେଁ, ମୋବାଇଲ ଓ ଇଣ୍ଟରନେଟ ହେଉଛି ନିଶାର ନୂତନ ରୂପ। ସୋସିଆଲ ମିଡିଆରେ ଘଣ୍ଟା ଘଣ୍ଟା ରିଲ ଦେଖିବା, ଅନଲାଇନ ଗେମରେ ନିଜକୁ ହାରାଇଦେବା, ଏବଂ ଭର୍ଚୁଆଲ ଜଗତରେ ବସି ଅସଲି ଜୀବନକୁ ଭୁଲିଯିବା, ଏହି ସବୁ ହେଉଛି ନୂତନ ନିଶା। ଏହା ଦେହକୁ ନୁହେଁ, ମନ ଓ ସମୟକୁ ଖାଇଦେଉଛି। ସନ୍ତାନ ଅଛନ୍ତି ଘରେ, କିନ୍ତୁ ମା' ବାପାଙ୍କ ସହ କଥା ହୁଅନ୍ତି ନାହିଁ। ମନୁଷ୍ୟ ଜୀବନ ଆଜି ଡିଜିଟାଲ ପରିଛାୟାରେ ବନ୍ଦୀ। ନିଶା ବିରୋଧୀ ସଂଘର୍ଷ : ଆଶାର ଅଲୋକ କିନ୍ତୁ ଅନ୍ଧକାର ଯେତେ ଗାଢ଼, ଆଲୋକ ସେତେ ଉଜ୍ଜ୍ୱଳ। ଯେପରି ରାତି ପରେ ସକାଳ ନିଶ୍ଚିତ, ସେପରି ନିଶାର ଅନ୍ଧକାର ପରେ ଜୀବନର ଆଲୋକ ଅନିଶ୍ଚିତ। ସମାଜ, ପରିବାର ଓ ଯୁବାମାନେ ମିଶିଲେ ଏହି ଅନ୍ଧକାରକୁ ହଟାଇପାରିବେ। ପରିବାରର ଭୂମିକା: ସନ୍ତାନଙ୍କ ସହ ସମୟ ବିତାଇବା, ଭଲପାଇବା ଓ ବିଶ୍ୱାସ ଦେବା। ସେମାନେ ଯେତେ ଚାହିଁଲେ ଭି ନିଶା ତାଙ୍କୁ ଆକର୍ଷିତ କରିପାରିବ ନାହିଁ। ଶିକ୍ଷାଳୟ ଓ କଲେଜ: ନିଶାବିରୋଧୀ ଅଭିଯାନ ଏବଂ ସୃଜନଶୀଳ କାର୍ଯ୍ୟଯୁବମନକୁ ଦୃଢ଼ କରିପାରେ। ସରକାର ଓ ସଂଗଠନ: ସଚେତନତା ଶିବିର ଓ ଆଇନ ଶକ୍ତିକୁ ଶକ୍ତିଶାଳୀ କରାଯାଉ। ମାଧ୍ୟମ ଓ ସାହିତ୍ୟ: ସମାଜରେ ନିଶାବିରୋଧୀ ସନ୍ଦେଶ ପହଁଚାଇବା ସେହି ହେଉ ଗଣମାଧ୍ୟମର ଦାୟିତ୍ୱ। କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟ ଯୁବ ଶକ୍ତିକୁ ସକାରାତ୍ମକ ଦିଗରେ ବ୍ୟୟ କରାଯାଉ। ସଙ୍ଗୀତ, ନାଟକ, କବିତା, ସେବା କାର୍ଯ୍ୟ ଏହିସବୁ ମନକୁ ଶକ୍ତି ଓ ସାନ୍ତ୍ୱନା ଦେଇଥାଏ।ଜୀବନର ପ୍ରତି ଆହ୍ୱାନ, ଜୀବନ ହେଉଛି ଏକ ଯାତ୍ରା ଯେଉଁଠାରେ ଆଲୋକ ଓ ଅନ୍ଧକାର ଦୁହିଁ ଅଛି। ଆମେ ଯଦି ଆଲୋକକୁ ବାଛିବା, ତେବେ ଅନ୍ଧକାର ନିଜେ ହଟିଯିବ। ନିଶା ଆସେ ଏକ ନିମିଷରେ, କିନ୍ତୁ ଜୀବନ ଦେଉଛି ଅସିମ ସମ୍ଭାବନା। ଆସନ୍ତୁ ଆମେ ସବୁ ଏକ ସ୍ୱରେ କହିବା "ନିଶାକୁ ନା, ଜୀବନକୁ ହଁ"। ନିଶା ଯେଉଁଠାରେ ଅନ୍ଧକାର, ସେଠି ଜୀବନ ହେଉଛି ଆଲୋକ। ଯୁବପିଢ଼ି ଯଦି ଆଜି ସଜାଗ ହୁଏ, ତେବେ ଆସନ୍ତା କାଲି ଆଶାମୟ ହେବ। ସମାଜ ଓ ଯୁବାମାନେ ଯଦି ଆଜି ନିଶାକୁ ନା କହେ, ତେବେ ଦେଶ ଜୀବନକୁ ହଁ କହିବ। ନିଶାକୁ ନା, ଜୀବନକୁ ହଁ, ଏହି ହେଉ ଆମ ସମାଜର ନୂତନ ଶପଥ।

ସାମ୍ବାଦିକ, ଯାଜପୁର
ମୋବାଇଲ୍: ୯୪୩୭୮୮୭୮୯୮

# ଲାଲକିଲ୍ଲା ଆତ୍ମଘାତୀ ହମଲା ପଛରେ ପାକିସ୍ତାନ



ସ୍ୱୀକାର କଲେ ପାକିସ୍ତାନୀ ନେତା

ସୀମା ପାର ଆତଙ୍କବାଦୀକୁ ପାକିସ୍ତାନ ପ୍ରୋତ୍ସାହିତ କରିଥାଏ ବୋଲି ପୁଣି ପ୍ରମାଣିତ ହୋଇଛି। ପାକିସ୍ତାନ ଅଧିକୃତ କଶ୍ମୀରର ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଅନୱର ଉଲ ହକ୍ ନିଜେ ଏକଥା ସ୍ୱୀକାର କରିଛନ୍ତି। ସେହିପରି ନିକଟରେ ହୋଇଥିବା ଲାଲକିଲ୍ଲା କାର ବିସ୍ଫୋରଣ ପଛରେ ପାକିସ୍ତାନ ରହିଥିବା ମଧ୍ୟ ସେ ସମସ୍ତଙ୍କୁ ଜଣାଇଛନ୍ତି। ଆତଙ୍କୀ ସଂଗଠନ ଗୁଡ଼ିକ ଲାଲକିଲ୍ଲାରୁ କଶ୍ମୀରର ଜଙ୍ଗଲ ମଧ୍ୟରେ ଭାରତକୁ ହିଟ କରିବାକୁ ସକ୍ଷମ ହୋଇଥିବା ପାକିସ୍ତାନୀ ରାଜନେତା କହୁଥିବାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଆମ ଶାହୀନମାନେ ଏହା କରିଛନ୍ତି। ଏବେ ବି ସେମାନେ ମୃତଦେହ ଗଣିବାରେ ସକ୍ଷମ ହୋଇପାରୁ ନାହାନ୍ତି। କିଛି ଦିନ ତଳେ ସଶସ୍ତ୍ର ଲୋକମାନେ ପ୍ରବେଶ କରିବା ସହ ଆକ୍ରମଣ କରିଥିଲେ। ସମ୍ଭବତଃ ସେମାନେ ଏଯାଏ ସମସ୍ତ ମୃତଦେହ ଗଣିବାକୁ ସକ୍ଷମ ହୋଇପାରି ନାହାନ୍ତି।

ବଲୋଚିସ୍ତାନରେ ଦେଖାଯାଉଥିବା ଅସ୍ଥିରତା ପାଇଁ ପାକିସ୍ତାନ ନିୟମିତ ଭାବେ ଭାରତକୁ ଦାୟୀ କରି ଆସୁଛି। ବାସ୍ତବରେ ଆର୍ଥିକ ସଙ୍କଟ ଓ ସୀମାପାର ଆତଙ୍କବାଦ ପ୍ରସଙ୍ଗରୁ ଦୃଷ୍ଟି ହଟାଇବାକୁ ପାକିସ୍ତାନ ଏପରି କରୁଥିବା ନୂଆଦିଲ୍ଲୀ କହୁଛି। ତଥାପି ହକ ଏବେ ବି ବଲୋଚିସ୍ତାନ କଥା କହି ଭାରତକୁ ଟାର୍ଗେଟ କରିଛନ୍ତି। ପ୍ରଥମଥର ପାଇଁ କୌଣସି ପାକିସ୍ତାନୀ ରାଜନେତା ଏପରି ବୟାନ ଦେଇ ନାହାନ୍ତି। ଏହାପୂର୍ବରୁ ଖାୟବର ପାଖତୁଖ୍ୱାର ମୁଖ୍ୟମନ୍ତ୍ରୀ ସୋହାଲି ଆଫ୍ରିଦି ପାକିସ୍ତାନ ସରକାରଙ୍କ ଆତଙ୍କ ନୀତିର ପର୍ଦ୍ଦାଫାସ କରିଥିଲେ। ନିଜର ରାଜନୀତିକ ଏଜେଣ୍ଡାର ପ୍ରଚାର କରିବା ପାଇଁ ପାକିସ୍ତାନ ସରକାର ନକଲି ଆତଙ୍କବାଦୀ ହମଲାର ସାହାରା ନେଉଥିବା ସେ କହିଥିଲେ।

# ଆଇଏନଏ କବଜାରେ ଅନମୋଲ

ନୂଆଦିଲ୍ଲୀ, ୧୯।୧୧: ବଲିଉଡ ଅଭିନେତା ସଲମାନ ଖାନଙ୍କ ଘର ଉପରେ ଗୁଳିକାଣ୍ଡ ଏବଂ ବାବା ସିଦ୍ଦିକି ହତ୍ୟା ମାମଲାରେ ଅଭିଯୁକ୍ତ ଗ୍ୟାଙ୍ଗଷ୍ଟର ଅନମୋଲ ବିଷ୍ଣୋଇକୁ ଆଜି ଆମେରିକାରୁ ଭାରତ ଅଣାଯାଇଛି। କୁଖ୍ୟାତ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଆଜି ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଥିବା ପରେ ସେଠାରେ ତାକୁ ଏନଆଇଏ




ଗିରଫ କରିଥିଲା। ଅନ୍ୟ କେତେକ ପ୍ରତ୍ୟର୍ପିତମାନଙ୍କୁ ମଧ୍ୟ ସେହି ବିମାନରେ ଭାରତ ଅଣାଯାଇଥିଲା। ଆମେରିକାରେ ରହୁଥିବା ଅନମୋଲ ବିଷ୍ଣୋଇ ୨୦୨୨ ମସିହାରୁ ପଳାତକ ଥିଲା। ସେ ହେଉଛି ଜେଲରେ ଥିବା ଲରେନ୍ସ ବିଷ୍ଣୋଇ ଦ୍ୱାରା ପରିଚାଳିତ ଅପରାଧ ସିଣ୍ଡିକେଟର ୧୯ତମ ଅଭିଯୁକ୍ତ। ଏନଆଇଏ ମାର୍ଚ୍ଚ ୨୦୨୩ରେ ତା ବିରୁଦ୍ଧରେ ଏକ ଚାର୍ଜସିଟ୍ ଦାଖଲ କରିଥିଲା। ଏନଆଇଏର ତଦନ୍ତ ଅନୁଯାୟୀ, ଅନମୋଲ ୨୦୨୦ରୁ ୨୦୨୩ ମଧ୍ୟରେ ଅନେକ ଅପରାଧିକ କାର୍ଯ୍ୟ କରିବାରେ ଗୋଲଡି ବ୍ରାର ଏବଂ ଲରେନ୍ସ ବିଷ୍ଣୋଇକୁ ସିଧାସଳଖ ସହାୟତା କରିଥିଲା। ଅଧିକାଂଶ ଅପରାଧିକ ଯୋଜନାରେ ସେ ସାମିଲ ଥିଲା ଏବଂ ଭାରତରେ ହୋଇଥିବା ବିଭିନ୍ନ ଅପରାଧିକ ଘଟଣାର ଷଡ଼ଯନ୍ତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ଅନମୋଲ ଆମେରିକାରୁ ବିଷ୍ଣୋଇ ଗ୍ୟାଙ୍ଗର ନେଟୱାର୍କ ପରିଚାଳନା କରୁଥିଲା। ସେ ସେଠାରେ ଥାଇ ବିଷ୍ଣୋଇ ଗ୍ୟାଙ୍ଗର ସୁଟର ଏବଂ ଗ୍ରାଉଣ୍ଡ ଅପରେଟିଭଙ୍କୁ ନିର୍ଦ୍ଦେଶ ଦେଉଥିଲା, ସେମାନଙ୍କୁ ସ୍ଥାନ ଏବଂ ଲଜିଷ୍ଟିକ୍ ସହାୟତା ଯୋଗାଇ ଦେଉଥିଲା। ତଦନ୍ତରୁ ଏହା ମଧ୍ୟ ଜଣାପଡିଛି ଯେ, ଅନମୋଲ ବିଦେଶରେ ରହି ଭାରତରେ ଟଙ୍କା ଆଦାୟ କରୁଥିଲା। ଏହା କରିବା ପାଇଁ ସେ ଅନ୍ୟ ଗ୍ୟାଙ୍ଗଷ୍ଟରଙ୍କ ସାହାଯ୍ୟ ନେଇଥିଲା।

# ଆଜି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ନୀତୀଶ



## ସରିଲା ଏନଡିଏ ବିଧାୟକ ଦଳର ନେତା ନିର୍ବାଚନ

## ସମ୍ରାଟ ଚୌଧୁରୀ ଓ ବିଜୟ ସିହ୍ନା ଉପମୁଖ୍ୟମନ୍ତ୍ରୀ

## ପୂର୍ବାହ୍ଣ ୧୧ଟାରେ ହେବ ଶପଥଗ୍ରହଣ ସମାରୋହ

ପାଟନା,୧୯।୧୧: ନୀତୀଶ କୁମାର ପୁଣି ଥରେ ବିହାରର ମୁଖ୍ୟମନ୍ତ୍ରୀ ହେବେ। ନୀତୀଶ କୁମାରଙ୍କୁ ଏନଡିଏ ବିଧାୟକ ଦଳର ନେତା ନିର୍ବାଚିତ କରାଯାଇଛି। ସେ ଗୁରୁବାର ଦଶମ ଥର ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବେ। ସରକାର ଗଠନ ପାଇଁ ସେ ରାଜ୍ୟପାଳଙ୍କୁ ଭେଟିଛନ୍ତି। ସେ ବୁଧବାର ରାଜଭବନ ଯାଇ ରାଜ୍ୟପାଳ ଆରିଫ ମହମ୍ମଦ ଖାଁଙ୍କୁ ଭେଟିବା ସହ ଇସ୍ତଫା ଦେଇଛନ୍ତି। ସେ ବୁଧବାର ଦିନ ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ବୁଧବାର ସକାଳେ ଜେଡିୟୁ ବିଧାୟକ ଦଳର ବୈଠକରେ ନୀତୀଶ କୁମାରଙ୍କୁ ଜେଡିୟୁ ବିଧାୟକ ଦଳର ନେତା ମନୋନୀତ କରାଯାଇଥିଲା। ଏହା ପରେ, ବିଜେପି ବିଧାୟକ ଦଳର ବୈଠକରେ ସମ୍ରାଟ ଚୌଧୁରୀଙ୍କୁ ନେତା ଏବଂ ବିଜୟ ସିହ୍ନାଙ୍କୁ ଉପନେତା ଭାବେ ମନୋନୀତ କରାଯାଇଥିଲା। ଏଇ ଦୁଇ ନେତା ବିଜେପିରୁ ଉପମୁଖ୍ୟମନ୍ତ୍ରୀ ହେବାର ସମ୍ଭାବନା ରହିଛି। ବିହାର ବିଜେପି ରାଜ୍ୟ ସଭାପତି ଦିଲୀପ ଜୟସୱାଲ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ବିହାରରେ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବେ।

ସୂତ୍ର ଅନୁଯାୟୀ, ବାଚସ୍ପତି ପଦବୀକୁ ନେଇ ବିଜେପି ଏବଂ ଜେଡିୟୁ ମଧ୍ୟରେ ଟଣାଓଟରା ଜାରି ରହିଛି। ସୂତ୍ର ଅନୁଯାୟୀ ଜେଡିୟୁର ବିଜୟ ଚୌଧୁରୀ ଏବଂ ବିଜେପିର ପ୍ରେମ କୁମାରଙ୍କୁ ବାଚସ୍ପତି ପଦ ପାଇଁ ଦାବିଦାର ଅଛନ୍ତି। ବିଦାୟୀ ବିଧାନସଭାରେ, ବିଜେପିର ନନ୍ଦକିଶୋର ଯାଦବ ବାଚସ୍ପତି ଥିବା ବେଳେ ଜେଡିୟୁର ନରେନ୍ଦ୍ର ନାରାୟଣ ଯାଦବ ଉପବାଚସ୍ପତି ଥିଲେ।

ନୀତୀଶ କୁମାର ବିହାରର ୧୯ତମ ମୁଖ୍ୟମନ୍ତ୍ରୀ ହେବେ। ଗୁରୁବାର ପାଟନାର ଗାନ୍ଧୀ ମୈଦାନରେ ନୂଆ ସରକାରଙ୍କ ଶପଥ ଗ୍ରହଣ ସମାରୋହ ହେବ। ଦିନ ୧୧ଟାରୁ ୧୨.୩୦ ମିନିଟ୍ ମଧ୍ୟରେ ଶପଥ ଗ୍ରହଣ ସମାରୋହ ହେବ। ଏଥିପାଇଁ ପ୍ରଧାନମନ୍ତ୍ରୀ ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ, ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ବ୍ୟତିତ ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବେ।

ବିହାର ବିଧାନସଭାର କାର୍ଯ୍ୟକାଳ ନଭେମ୍ବର ୨୨ରେ ଶେଷ ହେବ। ଏହା ପୂର୍ବରୁ ନୂଆ ସରକାର ଗଠନ କରାଯିବ। ଏହି କାରଣରୁ ନଭେମ୍ବର ୨୦ରେ ନୂଆ ସରକାର ଶପଥ ଗ୍ରହଣ ସମାରୋହ କାର୍ଯ୍ୟକ୍ରମ ରହିଛି। ସୂତ୍ର ଅନୁସାରେ ବିଜେପି କୋଟାରୁ ୧୫-୧୬ ମନ୍ତ୍ରୀ ରହିପାରନ୍ତି। ଅନ୍ୟପଟେ ଜେଡିୟୁରୁ ଜଣେ ମୁଖ୍ୟମନ୍ତ୍ରୀ ଓ ୧୪ ମନ୍ତ୍ରୀ ହେବା ସମ୍ଭାବନା ରହିଛି। ଚିରାଗଙ୍କ ତିନି ମନ୍ତ୍ରୀ ଓ ମାଝୀ ଏବଂ କୁଶୱାହଙ୍କ ଗୋଟିଏ ଗୋଟିଏ ମନ୍ତ୍ରୀ ରହିପାରନ୍ତି।

## ବିହାରର ୯୦% ବିଧାୟକ କୋଟିପତି

ପାଟନା,୧୯।୧୧: ବିହାରର ନୂଆ ବିଧାନସଭାକୁ ନିର୍ବାଚିତ ଅଧାରୁ ଅଧିକ ବିଧାୟକଙ୍କ ନାଁରେ ଅପରାଧିକ ମାମଲା ରହିଛି। ୯୦ ପ୍ରତିଶତ ବିଧାୟକ କୋଟିପତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଅଧାରୁ ଅଧିକ ବିଧାୟକଙ୍କ ନାଁରେ ଅପରାଧିକ ମାମଲା ଥିଲେ ବି ଗତ ବିଧାନସଭା ତୁଳନାରେ ଅପରାଧ ରେକର୍ଡ ଥିବା ବିଧାୟକଙ୍କ ସଂଖ୍ୟା ହ୍ରାସ ପାଇଛି। ୨୦୨୦ରେ ବିହାର ବିଧାନସଭାକୁ ନିର୍ବାଚିତ ବିଧାୟକଙ୍କ ମଧ୍ୟରୁ ୬୮ ପ୍ରତିଶତଙ୍କ ନାଁରେ ଅପରାଧିକ ରେକର୍ଡ ଥିଲା। ୨୦୨୫ରେ ଏହି ସଂଖ୍ୟା ୫୩ ପ୍ରତିଶତକୁ ହ୍ରାସ ପାଇଛି। ସେପରିକି ଗୁରୁତର ଅପରାଧିକ ରେକର୍ଡ ଥିବା ବିଧାୟକଙ୍କ ସଂଖ୍ୟା ୫୧ ପ୍ରତିଶତରୁ ୪୨ ପ୍ରତିଶତକୁ ହ୍ରାସ ପାଇଛି। ବିଜେପିରେ ଅପରାଧିକ ମାମଲା ଥିବା ବିଧାୟକଙ୍କ ସଂଖ୍ୟା ସାମାନ୍ୟ ବୃଦ୍ଧି ପାଇଥିବା ବେଳେ ଆରଜେଡି ଓ କଂଗ୍ରେସରେ ଏହି ସଂଖ୍ୟା ହ୍ରାସ ପାଇଛି। ଏହି ଧାରା ସାରାଦେଶରେ ଦେଖାଦେଇଥିବା ଝାଙ୍କାର ଏକ ଅଂଶ। ଭୋଟରମାନେ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ଅପେକ୍ଷା ବିଜୟ ସମ୍ଭାବନା ଓ ଆଞ୍ଚଳିକ ପ୍ରଭାବ ଥିବା ନେତାଙ୍କୁ ଲୋକ ନିର୍ବାଚିତ କରୁଛନ୍ତି। ନିର୍ବାଚନ ସଂସ୍କାର ପାଇଁ ବାରମ୍ବାର ଆହ୍ୱାନ ସତ୍ତ୍ୱେ ଅପରାଧିକ ପୃଷ୍ଠଭୂମି ଥିବା ନେତାମାନଙ୍କର ପ୍ରଭାବ ରହିଆସିଛି। ବିଶେଷକରି ଜାତି ଓ ସମ୍ପ୍ରଦାୟର ପ୍ରଭାବ ଥିବା ରାଜ୍ୟଗୁଡ଼ିକରେ ଏଭଳି ଘଟୁଛି।

ଅନ୍ୟପକ୍ଷରେ ବିହାର ବିଧାନସଭାରେ ବଢ଼ିଛି ଧନୀ ବିଧାୟକଙ୍କ ସଂଖ୍ୟା। ୯୦ ପ୍ରତିଶତ ନୂଆ ବିଧାୟକ କୋଟିପତି। ପ୍ରତି ୧୦ ଜଣରେ ଜଣେ ବିଧାୟକଙ୍କ ୧ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ରହିଛି। ୨୦୨୦ରେ ୮୧ ପ୍ରତିଶତ କୋଟିପତି ବିଧାୟକ ନିର୍ବାଚିତ ହୋଇଥିଲେ। ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ସହ ପ୍ରାର୍ଥୀମାନେ ଦାଖଲ କରିଥିବା ସତ୍ୟପାଠରୁ ଏହି ସୂଚନା ମିଳିଛି। ଆସୋସିଏସନ ଫର୍ ଡେମୋକ୍ରାଟିକ୍ ରିଫର୍ମସ -ଏଡିଆର୍ ଏବଂ ବିହାର ଇଲେକ୍ସନ ୱାଚ୍ ଏହି ହିସାବ କରିଛନ୍ତି।

# 'ଫଳାଫଳ ପରଠୁ ଆଖିକୁ ନିଦ ନାହିଁ'



ପାଟନା,୧୯।୧୧: ଫଳାଫଳ ଆସିବା ପରଠାରୁ ମୋତେ ନିଦ ନାହିଁ। ବିହାର ବିଧାନସଭା ନିର୍ବାଚନରେ ଦଳ ଖାତା ଖୋଲି ନପାରିବାରୁ ଏଭଳି କହିଛନ୍ତି ଜନ ସୁରାଜ ପାର୍ଟିର ମୁଖ୍ୟ ପ୍ରଶାନ୍ତ କିଶୋର। ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ଦଳକୁ ଶୋଚନୀୟ ଅବସ୍ଥା ଦେଖିବାକୁ ପଡ଼ିଥିଲା। ବିଭିନ୍ନ ଦଳ ପାଇଁ ପରାମର୍ଶଦାତା ଭାବେ କାମ କରିଥିବା ପ୍ରଶାନ୍ତ ଏଭଳି ପରାସ୍ତ ହେବେ ବୋଲି ଭାବି ନଥିଲେ। ସେ କହିଛନ୍ତି ଯେ, ଯେପର୍ଯ୍ୟନ୍ତ ଆପଣ ହାର୍ ନମାନିଛନ୍ତି ସେପର୍ଯ୍ୟନ୍ତ ଆପଣ ହାରିବେନି। ଆମ ଦଳକୁ ନିର୍ବାଚନୀ ସଫଳତା ମିଳିନଥିଲେ ମଧ୍ୟ ଆମେ ବିହାରରେ ଜାତି ଏବଂ ଧର୍ମକୁ ନେଇ ହେଉଥିବା ରାଜନୈତିକ ଆଲୋଚନାରେ ପରିବର୍ତ୍ତନ ଆଣି ନିଯୁକ୍ତି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ବାଧ୍ୟ କରିଥିଲୁ। ବିଜେପିର ମଧ୍ୟ ଦିନେ ମାତ୍ର ୨ଜଣ ସାଂସଦ ଥିଲେ। କିନ୍ତୁ ଆମେ ଜାତି ଏବଂ ଧର୍ମ ନାମରେ ରାଜନୀତି କରି ବିଷ ପ୍ରସାର କରିନାହୁଁ। ଆମେ ଆରଥରକୁ ପୁଣି ଚେଷ୍ଟା କରିବୁ। କିଶୋର ଆହୁରି କହିଛନ୍ତି, ମୁଁ ଆଶା କରିନଥିଲି ଯେ, ଜନ ସୁରାଜ ମାତ୍ର ୪ ପ୍ରତିଶତ ଭୋଟ ପାଇବେ। ନିର୍ବାଚନ ପୂର୍ବରୁ ମୁଁ କେବେବି ସର୍ଭେ କରିନଥିଲି। ମୁଁ ଅନ୍ଧ ଭାବରେ ନିର୍ବାଚନ ଲଢ଼ିଥିଲି। ମୋର ଆକଳନ ଥିଲା ଯେ, ଆମେ ୧୨-୧୫% ଭୋଟ ପାଇବୁ। କିନ୍ତୁ ଆମକୁ ପ୍ରାୟ ୩.୫ % ଭୋଟ୍ ମିଳିଲା।

■ ତେଜୁଛି ଲାଲୁ ପରିବାରରେ କଳି

# ସମାଲୋଚନା କଲେ ତେଜପ୍ରତାପ ଓ ରୋହିଣୀ

ଲକ୍ଷ୍ନୌ, ୧୯।୧୧ : ବିହାରରେ ଲାଲୁଙ୍କ ପରିବାରର କଳି ଏବେ ଘର ଦାଣ୍ଡରୁ ବାହାରି ରାସ୍ତାରେ ଗଡ଼ିଲାଣି। ରୋହିଣୀ ଆଚାର୍ଯ୍ୟ ଲାଲୁଙ୍କ ପରିବାର ସହିତ ସମ୍ପର୍କ ଛିନ୍ନ କରି ସମାଲୋଚନା କରିବା ପରେ ଏବେ ତେଜପ୍ରତାପ ମୁହଁ ଖୋଲିଛନ୍ତି। ତେଜ ପ୍ରତାପ ଯାଦବ ଜନଶକ୍ତି ଜନତା ଦଳର ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରି କହିଛନ୍ତି, 'ଭଉଣୀ ରୋହିଣୀଙ୍କୁ ଘରୁ ବାହାର କରି ଦିଆଯାଇଛି। ମୋର ଏବଂ ଜନସାଧାରଣଙ୍କ ପ୍ରଶ୍ନ ଯଦି ଏହା ଜାରି ରହେ, ତେବେ ଆଗାମୀ ଦିନରେ ପରିବାର ଏବଂ ଦଳରେ



ରହିବ କିଏ? ଯେତେବେଳେ ମୋତେ ଦଳରୁ ବାହାର କରାଯାଇଥିଲା ଲୋକମାନେ ଭାବୁଥିଲେ ଯେ, ତେଜ ପ୍ରତାପ ଖୁବ ଖରାପ ମଣିଷ। ମୋତେ ବାହାର କରିଦିଆଯିବା ପରେ କିଛି ଫରକ ପଡ଼ିବ ନାହିଁ। ମୋର ସ୍ୱରକୁ ଦବାଇ ଦିଆଯାଇଥିଲା। ତେଜ ପ୍ରତାପ ଦାବି କରି କହିଛନ୍ତି , ଭାଇ ତେଜସ୍ୱୀ ଏବଂ ବାପା ଲାଲୁ ପ୍ରସାଦ ଯାଦବଙ୍କୁ ମୋ ଚେତାବନୀ ଦେଉଛି, ଯଦି ପରିସ୍ଥିତି ଏପରି ଜାରି ରହେ, ତେବେ ପରବର୍ତ୍ତୀ ନିର୍ବାଚନରେ ଆରଜେଡି ୨୫ ରୁ ୫ ଆସନକୁ ଖସିବାକୁ ଅଧିକ ସମୟ ନେବ ନାହିଁ। ଏହା ମାତ୍ର ୨୦ ଦିନର ଚମତ୍କାର। ଯଦି ମୁଁ ସମଗ୍ର ବିହାର ଗସ୍ତ କରିଥାଆନ୍ତି, ତେବେ ଚଳିତଥର ଆରଜେଡ଼ି କେବଳ ପାଞ୍ଚଟି ଆସନରେ ଥାଆନ୍ତା। ବିହାରର ଲୋକମାନେ ବୁଝିସାରିଛନ୍ତି ଯେ, ଆରଜେଡି ଆଉ ଲାଲୁଜିଙ୍କ ବିଚାରଧାରାର ଦଳ ହୋଇ ରହିନାହିଁ, ବରଂ ଜୟଚାନ୍ଦଙ୍କ ଦ୍ୱାରା ଦଖଲ କରାଯାଇଥିବା ଦଳ ହୋଇଯାଇଛି। ସେପଟେ ରୋହୀଣୀ କହିଛନ୍ତି, ଅନେକ ଲୋକେ ମୋତେ ଖରାପ ଝିଅର ଆଖ୍ୟା ଦେଇଛନ୍ତି। ବାପାଙ୍କୁ ଖରାପ କିଡ଼ନି ଦାନ କରି ଦେଇଛି ବୋଲି ବି ଦୋଷ ଦେଇଛନ୍ତି। ମୁଁ ସେହି ଲୋକମାନଙ୍କୁ ଗୋଟିଏ କଥା କହିବି କି ଜଣେ ବିବାହିତ କିଡନି ଦାତା ଝିଅ ଉପରେ ଆଙ୍ଗୁଳି ଉଠାଇବା ପୂର୍ବରୁ ଥରେ ନିଜ ବିଷୟରେ ଚିନ୍ତା କରିଛନ୍ତି କି? କାହାକୁ କେବେ ରକ୍ତ ବୁନ୍ଦାଏ ଦେଇଛନ୍ତି କି? ମୁଁ ଦାବିର ସହ କହିବି ଉକ୍ତ ଲୋକମାନଙ୍କର ବୁନ୍ଦାଏ ରକ୍ତ ଦେବାର ସାହାସ ନାହିଁ। କିଡନି ଦାନ କରିବା ତ ଦୂରର କଥା।' ଭାଇ ଭଉଣୀ ଏଭଳି ପରିବାର ଉପରେ ବର୍ଷିବା ଓ ପରିବାର ମଧ୍ୟରେ ବିବାଦ ଉଗ୍ରରୂପ ନେବା ଲାଲୁ ପରିବାରକୁ ଅଡୁଆରେ ପକାଇଛି।

# ଜୈଶ ତିଆରି କରୁଛି ଆତ୍ମଘାତୀ ବାହିନୀ

ନୂଆଦିଲ୍ଲୀ, ୧୯।୧୧: ଭାରତରେ ହେବ ବଡ଼ ଆକ୍ରମଣ। ଆତ୍ମଘାତୀଙ୍କୁ ପ୍ରସ୍ତୁତ କରୁଛି ଆତଙ୍କବାଦୀ ସଙ୍ଗଠନ। ଏଥିପାଇଁ ଚାଲିଛି ଅର୍ଥ ସଂଗ୍ରହ। କିଛି ଏପରି ଗୁଇନ୍ଦା ସୂଚନା ପାଇଛନ୍ତି ତଦନ୍ତକାରୀ ସଂସ୍ଥା। ଦେଶରେ ଅଧିକରୁ ଅଧିକ ଆକ୍ରମଣ ପାଇଁ ପ୍ରାୟ କୋଟି କୋଟି ଟଙ୍କା ସଂଗ୍ରହ ଚାଲିଥିବା ଜଣାପଡିଛି।

ରିପୋର୍ଟ ଅନୁସାରେ, ଭାରତ ବିରୋଧରେ ଜୈଶ-ଏ-ମହମ୍ମଦ ବଡ଼ ଷଡଯନ୍ତ୍ର ଆରମ୍ଭ କରିଛି। ଦିଲ୍ଲୀ ବିସ୍ଫୋରଣ ଭଳି ଆହୁରି ଅନେକ ଆତ୍ମଘାତୀ ଆକ୍ରମଣ ପାଇଁ ଟଙ୍କା ଯୋଗାଡ ଚାଲିଛି। ଅନ୍ତର୍ଜାତୀୟ ସ୍ତରରୁ ଟଙ୍କା ଅଣାଯାଉଛି। ଆତଙ୍କବାଦୀ ଉମର ଉପରେ ହୋଇଥିବା ତଦନ୍ତରୁ ଏକଥା ଜାଣିପାରିଛି ଗୁଇନ୍ଦା ବିଭାଗ। ଖାଲି ଏତିକି ନୁହେଁ ପାକିସ୍ତାନୀ ପେମେଣ୍ଟ୍ ଗେଟୱେ 'ସଦା ପେ' ସାହାଯ୍ୟରେ ଟଙ୍କାର ନେଣଦେଣ ଚାଲୁଛି। କିଛି ମହିଳାଙ୍କୁ ମିଶନରେ ସାମିଲ କରାଯାଇଛି। ସେମାନଙ୍କୁ ଫିଦାଏଁ ବା ଆତ୍ମଘାତୀ ଆକ୍ରମଣରେ ସାମିଲ କରାଯିବ। ଜୈଶ



## ଭାରତରେ ବିସ୍ଫୋରଣ ପାଇଁ ମାଗୁଛି ଟଙ୍କା

ପାଖରେ ପୂର୍ବରୁ ମହିଳା ସଙ୍ଗଠନ ରହିଛି। ଏହାର ନେତୃତ୍ୱ ନେଉଛି ଆତଙ୍କବାଦୀ ମାସୁଦ ଆଜାହରରେ ଭଉଣୀ ସାଦିୟା। ଅପରେସନ ସିନ୍ଦୂର ପରେ ଏହାକୁ ଗଠନ କରାଯାଇଛି। ଖାଲି ଏତିକି ନୁହେଁ ଦିଲ୍ଲୀ ବିସ୍ଫୋରଣର ଅନ୍ୟତମ ଅଭିଯୁକ୍ତ ମହିଳା ଡାକ୍ତର ସାହିନା ସୟିଦ ଜୈଶ ସହ ସମ୍ପର୍କରେ ରହିଥିଲା। ତାଦ୍ୱାରା ଅନେକ ଆର୍ଥିକ କାରବାର କରାଯାଇଛି।

ଗୁଇନ୍ଦା ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ, ଜୈଶ ନୂଆ ଯୋଜନା ଆରମ୍ଭ କରିଛି। ଯିଏ ଅର୍ଥ ପ୍ରଦାନ କରିବ ତାକୁ ମୁଜାହିଦ ବା ଯୋଦ୍ଧାର ଆଖ୍ୟା ମିଳିବ। ସେମାନେ ଜିହାଦୀ ଭାବେ ପରିଗଣିତ ହେବେ। ମୃତ୍ୟୁ ପରେ ମଧ୍ୟ ଜିହାଦୀ ଆଖ୍ୟା ମିଳିବ। ଜଣଙ୍କଠାରୁ ୨୦ ହଜାର ପାକିସ୍ତାନୀ ଟଙ୍କା ଆଦାୟ ହେଉଛି। ଯାହାର ମୂଲ୍ୟ ଭାରତରେ ୬ ହଜାର ୪୦୦ ଟଙ୍କା ହେବ। ଏହାକୁ ଶୀତକାଳୀନ ବସ୍ତ୍ର କଣିବା ପାଇଁ ବ୍ୟବହାର କରାଯିବ। ଏହାସହ ଟଙ୍କାରେ ଟେଣ୍ଟ୍ କିଣାଯିବ। କୌଣସି ଆକ୍ରମଣ ପୂର୍ବରୁ ଏବଂ ପରେ ଏସବୁ ଜିନିଷ କାମରେ ଆସିବ। ତେବେ ଏହି ଆତଙ୍କବାଦୀ ଲିଙ୍କକୁ ଧ୍ୱଂସ କରିବା ପାଇଁ ଏନଆଇଏ ଏବଂ ଏଟିଏସ ଭଳି ତଦନ୍ତକାରୀ ସଂସ୍ଥା ଲଗାତାର ପ୍ରୟାସ କରୁଥିବା ଅଧିକାରୀ କହିଛନ୍ତି।

# ଭାରତକୁ ସୁ-୫୭ ଯୁଦ୍ଧ ବିମାନ ଦେବ ରୁଷ

ନୂଆଦିଲ୍ଲୀ,୧୯।୧୧: ଡିସେମ୍ବରରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଭାରତ ଗସ୍ତରେ ଆସିବେ। ଏହା ପୂର୍ବରୁ ରୁଷ ନିଜର ସବୁଠାରୁ ଆଧୁନିକ ଓ ଘାତକ ହତିଆର ସୁ-୫୭ ପଞ୍ଚମ ପିଢ଼ିର ଷ୍ଟିଲ୍ଥ ଫାଇଟର୍ ଜେଟ୍‌କୁ ନେଇ ଭାରତ ସାମନାରେ ଏକ ଓପନ୍ ଅଫର୍ ରଖିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରୁଷ, ଭାରତର ଟେକ୍ନୋଲୋଜି ଦାବିକୁ ସ୍ୱୀକାର କରିବା ସହ ବିନା କୌଣସି ସର୍ତ୍ତରେ ଏହି ବିମାନର ଟେକ୍ନୋଲୋଜି ସ୍ଥାନାନ୍ତର ପାଇଁ ପୂରା ପ୍ରସ୍ତୁତ ଅଛି। ଦୁବାଇ ଏୟାର ଶୋ ୨୦୨୫ରେ, ରୁଷର ସରକାରୀ ପ୍ରତିରକ୍ଷା କମ୍ପାନି ରୋଷ୍ଟେକର ସିଇଓ ସେର୍ଗେ ଚେମେଜୋଭ ଭାରତ ଏବଂ ରୁଷ ମଧ୍ୟରେ ଦୀର୍ଘକାଳୀନ ସମ୍ପର୍କକୁ ଉଲ୍ଲେଖ କରି ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଥିଲେ। ସେ ସ୍ପଷ୍ଟ କରିଥିଲେ ଯେ, ରୁଷ ଭାରତର ସୁରକ୍ଷା ଆବଶ୍ୟକତା ପୂରଣ କରିବାକୁ ପ୍ରତିବଦ୍ଧ। ଚେମେଜୋଭ କହିଥିଲେ ଯେ, ଭାରତ ଉପରେ ପ୍ରତିବନ୍ଧକ ଲଗାଯିବା ପରେ ମଧ୍ୟ ରୁଷ ଅସ୍ତ୍ରଶସ୍ତ୍ର ଯୋଗାଣ ଜାରି ରଖିଥିଲା ଏବଂ ଆଜି ମଧ୍ୟ ସେହି ମନୋଭାବ ସମାନ ରହିଛି । ସୁ-୫୭ କିମ୍ବା ଏସ୍-୪୦୦ ସିଷ୍ଟମ ପାଇଁ ଭାରତର ଦାବି ସମ୍ପର୍କରେ ସେ ସ୍ପଷ୍ଟ କରିଥିଲେ ଯେ, ଭାରତ ଯାହା ଚାହିଁବ ରୁଷ ତାହା ଯୋଗାଇବ। ରୋଷ୍ଟେକର ସହାୟକ କମ୍ପାନି ୟୁଏସିର ମହାନିର୍ଦ୍ଦେଶକ ଭାଦିମ ବାଡେଖା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ସୁ-୫୭ ବାବଦରେ ଭାରତ ଉଠାଇଥିବା ଯେକୌଣସି ବୈଷୟିକ ଚିନ୍ତା କିମ୍ବା ସର୍ତ୍ତକୁ ରୁଷ ଗ୍ରହଣ କରିଛି। ଏହି ପଦକ୍ଷେପ ଦୁଇ ଦେଶ ମଧ୍ୟରେ ବିଶ୍ୱାସର ଏକ ନୂତନ ଉଦାହରଣକୁ ଦର୍ଶାଉଛି। ଏହା ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା କେବଳ ଏକ ବିମାନ କିଣିବା ଚୁକ୍ତି ନୁହେଁ ବରଂ



ଏହାକୁ ଭାରତରେ ନିର୍ମାଣ କରିବାର ପ୍ରସ୍ତୁତି ଅଟେ। ରୁଷର ସରକାରୀ ଅସ୍ତ୍ରଶସ୍ତ୍ର ରପ୍ତାନିକାରୀ କମ୍ପାନି 'ରୋସୋବୋରୋନେକ୍ସପୋର୍ଟ' ସୁ-୫୭ ଭାରତରେ ଉତ୍ପାଦନ ପାଇଁ ପ୍ରସ୍ତାବ ଦେଇଛି। ଏହି ପ୍ରସ୍ତାବ ଅନୁଯାୟୀ, ରୁଷ ଭାରତକୁ ଏପରି ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର ପ୍ରଦାନ କରିବ ଯାହାକୁ ପୂର୍ବରୁ ଉଚ୍ଚ ଗୁପ୍ତ ବୋଲି ବିବେଚନା କରାଯାଉଥିଲା।

## ଇସିକୁ ଟାର୍ଗେଟ ପରେ ରାହୁଲଙ୍କୁ ବଡ଼ ଝଟକା

# କଂଗ୍ରେସକୁ ୨୭୨ ବିଚାରପତି ଏବଂ ବ୍ୟୁରୋକ୍ରାଟଙ୍କ ସମାଲୋଚନା

ନୂଆଦିଲ୍ଲୀ,୧୯।୧୧: କଂଗ୍ରେସ ନିର୍ବାଚନ କମିସନଙ୍କୁ ଲଗାତାର ଟାର୍ଗେଟ କରି ଅନେକ ଗମ୍ଭୀର ଅଭିଯୋଗ ଆଣିଛି। ଦେଶର ୨୭୨ ଜଣ ପ୍ରମୁଖ ବ୍ୟକ୍ତି ଏ ସମ୍ପର୍କରେ ଏକ ଖୋଲା ଚିଠି ଲେଖିଛନ୍ତି। ସେମାନଙ୍କ ମଧ୍ୟରେ ୧୬ ଜଣ ବିଚାରପତି ଏବଂ ୧୪ ଜଣ ରାଷ୍ଟ୍ରଦୂତଙ୍କ ସମେତ ୧୨୩ ଜଣ ପୂର୍ବତନ ବ୍ୟୁରୋକ୍ରାଟ ଅଛନ୍ତି। ଏହା ସହିତ, ୧୩୩ ଜଣ ଅବସରପ୍ରାପ୍ତ ସଶସ୍ତ୍ର ବାହିନୀ ଅଧିକାରୀ ମଧ୍ୟ ରହିଛନ୍ତି। ଗତ କିଛି ଦିନ ମଧ୍ୟରେ କଂଗ୍ରେସ ଭୋଟ ଚୋରି ଭଳି ଗମ୍ଭୀର ଅଭିଯୋଗ ଆଣିଛି। ତେବେ ଏବେ ଏଭଳି ପଦକ୍ଷେପ ଦ୍ୱାରା ରାହୁଲ ଗାନ୍ଧୀଙ୍କୁ ବଡ଼ ଝଟକା ଲାଗିଛି।

କଂଗ୍ରେସ ବିରୋଧରେ ନିର୍ବାଚନ କମିସନଙ୍କୁ ବଦନାମ କରିବାର ଅଭିଯୋଗ ନେଇ ନିର୍ବାଚନ କମିସନଙ୍କ ସମର୍ଥନରେ ମୋଟ ୨୭୨ ଜଣ ଖୋଲା ଚିଠି ଲେଖିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ବିରୋଧୀ ନେତା ଏବଂ କଂଗ୍ରେସ ଦଳ ଭାରତୀୟ ନିର୍ବାଚନ କମିସନ ଭଳି ସାମ୍ବିଧାନିକ ପ୍ରତିଷ୍ଠାନକୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି। ସେମାନେ ସମସ୍ତେ କଂଗ୍ରେସ ଦଳକୁ ନିନ୍ଦା କରି ଚିଠି ଲେଖିଛନ୍ତି। ଏହି ଖୋଲା ଚିଠିରେ ନିର୍ବାଚନ କମିସନଙ୍କ ବିରୋଧରେ ବୟାନବାଜିର ନିନ୍ଦା କରାଯାଇଛି। ଏଥିରେ କୁହାଯାଇଛି, ଆମେ ସମାଜର ବରିଷ୍ଠ ନାଗରିକ ଭାବରେ, ଆମର ଚିନ୍ତା ପ୍ରକାଶ କରୁଛୁ ଯେ, ଭାରତର ଗଣତନ୍ତ୍ର ଉପରେ ବଳ ପ୍ରୟୋଗ ନୁହେଁ, ବରଂ ଏହାର ମୂଳ ପ୍ରତିଷ୍ଠାନଗୁଡ଼ିକ ବିରୋଧରେ ବଢୁଥିବା ବିଷାକ୍ତ ବୟାନବାଜି ଦ୍ୱାରା ଟାର୍ଗେଟ କରାଯାଉଛି। କିଛି ନେତା ରାଜନୈତିକ ନାଟକବାଜି କରୁଛନ୍ତି, ଉତ୍ତେଜନାପୂର୍ଣ୍ଣ ଏବଂ ଭିତ୍ତିହୀନ ଅଭିଯୋଗ ଆଣୁଛନ୍ତି। ଚିଠିରେ ଉଲ୍ଲେଖ ରହିଛି, କେତେବେଳେ ଭାରତୀୟ ସଶସ୍ତ୍ର ବାହିନୀର ବୀରତ୍ୱ ଏବଂ ସଫଳତା ଉପରେ ପ୍ରଶ୍ନ ଉଠାଯାଇଛି ଏବଂ କେତେବେଳେ କୋର୍ଟ, ସଂସଦ ଏବଂ ଏହାର ଅଧିକାରୀମାନଙ୍କ ଉପରେ ପ୍ରଶ୍ନ ଉଠାଯାଇଛି। ଏହା ପରେ, ଏବେ ନିର୍ବାଚନ କମିସନଙ୍କ ପାଳି। ନିର୍ବାଚନ କମିସନଙ୍କର ସାଧୁତା ଏବଂ ପ୍ରତିଷ୍ଠା ଉପରେ ଷଡ଼ଯନ୍ତ୍ରମୂଳକ ଆକ୍ରମଣ ଆରମ୍ଭ ହୋଇଛି। ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରି ଏଥିରେ ଲେଖାଯାଇଛି, ଲୋକସଭାର ବିରୋଧୀ ଦଳ ନେତା ବାରମ୍ବାର ନିର୍ବାଚନ କମିସନଙ୍କ ବିରୋଧରେ ମନ୍ତବ୍ୟ ପ୍ରଦାନ କରିଛନ୍ତି। ସେ କହୁଛନ୍ତି ତାଙ୍କ ପାଖରେ ନିର୍ବାଚନ କମିସନ ଭୋଟ ଚୋରିରେ ସାମିଲ ଥିବାରୁ ଠୋସ୍ ପ୍ରମାଣ ଅଛି।

# ଅଯୋଧ୍ୟା ରାମ ମନ୍ଦିର ଶିଖରରେ ଉଡ଼ିବ ଧର୍ମଧ୍ୱଜା

## ଧ୍ୱଜାରୋହଣ କରିବେ ପ୍ରଧାନମନ୍ତ୍ରୀ ମୋଦି



ଲକ୍ଷ୍ନୌ,୧୯।୧୧ : ଉତ୍ତରପ୍ରଦେଶର ଅଯୋଧ୍ୟାରେ ଶ୍ରୀରାମ ମନ୍ଦିରରେ ପତାକା ଉତ୍ତୋଳନ ଉତ୍ସବ ପାଇଁ ଜୋରଦାରରେ ପ୍ରସ୍ତୁତି ଚାଲିଛି। ନଭେମ୍ବର ୨୫ ତାରିଖରେ ହେବାକୁ ଥିବା ପତାକା ଉତ୍ତୋଳନ ଏବଂ ପୂର୍ଣ୍ଣାହୁତି ସମାରୋହ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଟ୍ରଷ୍ଟର ସଂଯୋଜକ ଶରଦ ଶର୍ମା ଏହି କାର୍ଯ୍ୟକ୍ରମରେ ଜଡିତ ଥିବା ବିବରଣୀକୁ ସୋସିଆଲ ମିଡିଆରେ ସେୟାର କରିଛନ୍ତି।

ସୂଚନାନୁଯାୟୀ, ପାଖେଇ ଆସୁଛି ଐତିହାସିକ ମୁହୂର୍ତ୍ତ। ଅଯୋଧ୍ୟା ରାମ ମନ୍ଦିର ଶିଖରରେ ଉଡିବ ଧର୍ମଧ୍ୱଜା। ଆହୁରି ସୁନ୍ଦର ହୋଇଯିବ ଦିବ୍ୟ ମନ୍ଦିର। ଆସନ୍ତା ୨୫ ତାରିଖରେ ଧ୍ୱଜାରୋହଣ ଉତ୍ସବ ହେବ। ସେଥିପାଇଁ ଜୋରଦାରରେ ଧ୍ୱଜାରୋହଣ ଉତ୍ସବର ପ୍ରସ୍ତୁତି ଆରମ୍ଭ ହୋଇଛି। ଅଯୋଧ୍ୟାର ପୂଜ୍ୟ ସନ୍ଥମାନଙ୍କ ସହିତ ପୂର୍ବ ଉତ୍ତର ପ୍ରଦେଶ, ଅବଧ ପ୍ରଦେଶ, କାଶୀ ପ୍ରଦେଶ, ଗୋରଖ ପ୍ରଦେଶ ଏବଂ ବିଭିନ୍ନ ମଠ, ମନ୍ଦିର ଏବଂ ଆଦିବାସୀ ଅଞ୍ଚଳର ପ୍ରମୁଖ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରାଯାଇଛି। ଏଥିସହ ଏହି ସମାରୋହରେ ୬ ହଜାରରୁ ଅଧିକ ଲୋକ ସାମିଲ ହେବେ। ଏହି ଉତ୍ସବ ପାଇଁ ନଭେମ୍ବର ୨୦ ତାରିଖରୁ ପୂଜା ଆରମ୍ଭ ହେବ। ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ପୂଜା ହେବ। କିନ୍ତୁ ୨୫ ତାରିଖରେ ଅନ୍ତିମ ଯଜ୍ଞ କରାଯିବ। ଧ୍ୱଜାରୋହଣ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୋଲି ସୂଚନା ମିଳିଛି।

# ୧୩ ଦିନିଆ ରିମାଣ୍ଡରେ ଅଲ୍ ଫଲାହ ପ୍ରତିଷ୍ଠାତା




ନୂଆଦିଲ୍ଲୀ,୧୯।୧୧ : ୧୩ ଦିନିଆ ଇଡି ରିମାଣ୍ଡରେ ଅଲ୍ ଫଲାହ ପ୍ରତିଷ୍ଠାତା ଜାଭେଦ୍ ଅହମ୍ମଦ ସିଦ୍ଦିକି। ଡିସେମ୍ବର ୧ ତାରିଖ ଯାଏଁ ଇଡି ରିମାଣ୍ଡରେ ରହିବେ ସିଦ୍ଦିକି। ମନି ଲଣ୍ଡରିଂ ମାମଲାରେ ସିଦ୍ଦିକିଙ୍କୁ ଗିରଫ କରିଥିଲା ଇଡି। ଦିଲ୍ଲୀ ବିସ୍ଫୋରଣ ପରେ ସ୍କାନରରେ ରହିଛି ଫରିଦାବାଦର ଅଲ୍ ଫଲାହ ୟୁନିଭର୍ସିଟି। ଦିଲ୍ଲୀ ବିସ୍ଫୋରଣ ମାମଲାରେ ତଦନ୍ତ ପ୍ରକ୍ରିୟା ଅଧୀନରେ ଗତକାଲି ଇଡି ଅଲ୍ ଫଲାହ ଗ୍ରୁପ୍ ସହ ଜଡ଼ିତ ବିଭିନ୍ନ ଠିକଣାରେ ଚଢ଼ଉ କରିଥିଲା।

ଅଲ୍ ଫଲାହ ପ୍ରତିଷ୍ଠାତା ତଥା ମାଲିକ ସିଦ୍ଦିକିଙ୍କ ବାସଭବନରେ ଚଢ଼ଉ ପରେ ଇଡି ଅଧିକାରୀମାନେ ତାଙ୍କୁ ଜେରା କରିଥିଲେ। ଏହା ପରେ ଇଡି ତାଙ୍କୁ ପିଏମ୍‌ଏଲ୍‌ଏ ଅଧୀନରେ ଗିରଫ କରିଥିଲା। ସିଦ୍ଦିକିଙ୍କ ସହ ଜଡ଼ିତ ଏକାଧିକ କମ୍ପାନିରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିବା ତଦନ୍ତରୁ ଜଣାପଡ଼ିଛି। ଅଲ୍ ଫଲାହ ଗ୍ରୁପ୍ ର ବିଶ୍ୱବିଦ୍ୟାଳୟ ମୁଖ୍ୟାଳୟ ଏବଂ ପ୍ରଶାସନିକ ଅଧିକାରୀଙ୍କ ବିଭିନ୍ନ ଠିକଣାରେ ଚଢ଼ଉ ଜାରି ରହିଛି।

# ଅଗ୍ନିକାଣ୍ଡରେ ୧୭୦ରୁ ଅଧିକ କୋଠା ନଷ୍ଟ

ଟୋକିଓ,୧୯।୧୧ : ଦକ୍ଷିଣ-ପଶ୍ଚିମ ଜାପାନର ଓଇଟା ପ୍ରିଫେକ୍ଚରରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏଥିରେ ୧୭୦ରୁ ଅଧିକ କୋଠା ନଷ୍ଟ ହୋଇଥିବା ସୂଚନା ମିଳିଛି। ଗତକାଲି ସନ୍ଧ୍ୟା ପ୍ରାୟ ୫.୪୫ ସୁଦ୍ଧା ଏପରି ଘଟଣା ଦେଖିବାକୁ ମିଳିଛି। ସୂଚନା ପାଇବା ମାତ୍ରେ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମବାହିନୀ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବାରେ ସଫଳ ହୋଇଛନ୍ତି। ଅଗ୍ନିକାଣ୍ଡରେ ଜଣେ ବ୍ୟକ୍ତି ବର୍ତ୍ତମାନ ସୁଦ୍ଧା ନିଖୋଜ ଥିବା ଜଣାପଡିଛି ।

ସୂଚନାନୁଯାୟୀ, ମଙ୍ଗଳବାର ଦକ୍ଷିଣ-ପଶ୍ଚିମ ଜାପାନର ଓଇଟା ପ୍ରିଫେକ୍ଚରରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ପ୍ରବଳ ପବନ ଯୋଗୁଁ ନିଆଁ ତୀବ୍ର ଭାବେ ବ୍ୟାପିଯାଇଥିଲା। ଯାହାଫଳରେ ନିଆଁକୁ ଆୟତ୍ତ କରିବା କଷ୍ଟକର ହୋଇପଡିଥିଲା। ନିଆଁ ବ୍ୟାପିବାରୁ ୧୭୦ରୁ ଅଧିକ କୋଠା ଏଥିରେ ନଷ୍ଟ ହୋଇଯାଇଛି। ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମବାହିନୀ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନ୍ତର କରିଥିଲେ। ଏଥିରେ ଜଣେ ୭୦ ବର୍ଷୀୟ ବୃଦ୍ଧ ନିଖୋଜ ରହିଛନ୍ତି। କିନ୍ତୁ ଏବେ ପର୍ଯ୍ୟନ୍ତ ତାଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ଅଗ୍ନିଶମବାହିନୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଛନ୍ତି। ଏପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି।



# ନାଗାଲାଣ୍ଡରେ ସଡ଼କ ଭିତ୍ତିଭୂମିର ନୂଆ ଅଧ୍ୟାୟ

**ନୂଆଦିଲ୍ଲୀ,୧୯।୧୧:** ପାହାଡ଼ ପର୍ବତ ଘେରା ନାଗାଲାଣ୍ଡରେ ସଡ଼କ ଭିତ୍ତିଭୂମିର ନୂଆ ଅଧ୍ୟାୟ ସୃଷ୍ଟିହେବାକୁ ଯାଉଛି। ଘାଟି ରାସ୍ତାକୁ ସମ୍ପ୍ରସାରିତ କରି ଭାରତ-ମିଆଁମାର ସୀମାନ୍ତରେ ଯୋଗାଯୋଗର ଏହି ଉନ୍ନତି ଦୁଇ ରାଷ୍ଟ୍ର ମଧ୍ୟରେ ବ୍ୟବସାୟ



ବାଣିଜ୍ୟ ଆହୁରି ସୁଗମ ହୋଇପାରିବ। ଜାତୀୟ ରାଜପଥ ଭିତ୍ତିଭୂମି ଉନ୍ନୟନ ନିର୍ଗମ (ଏନଏଚଆଇଡିସିଏଲ)ପକ୍ଷରୁ କାର୍ଯ୍ୟକାରୀ ଏହି ପ୍ରକଳ୍ପ ନାଗାଲାଣ୍ଡର ଆଖେଗଓ୍ୱାଠୁ ଆଭାଙ୍ଗଖୁକୁ ସଂଯୋଗ କରୁଛି। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଏହି ପାର୍ବତ୍ୟାଞ୍ଚଳର ଘାଟି ରାସ୍ତାରେ ଯାତାୟତ ସୁରକ୍ଷିତ ହେବା ସହ ଏହି ଅଞ୍ଚଳର ସାମାଜିକ ଅର୍ଥନୈତିକ ବିକାଶ ହୋଇପାରିବ। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ସଡକ ଭିତ୍ତିଭୂମୀର ଉନ୍ନତି ପାଇଁ ଏନଏଚଆଇଡିସିଏସ ଶଙ୍କଳ୍ପବଦ୍ଧ ଥିବା ବେଳେ ଦୃଢ଼ ନେତୃତ୍ୱ ପାଇଁ ଏହି ସବୁ ପ୍ରକଳ୍ପ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ ହେବାକୁ ଯାଉଛି।

# ଜାତୀୟ ପାରା ସନ୍ତରଣରେ ଓଡ଼ିଶାକୁ ୮ ସ୍ୱର୍ଣ୍ଣ



**ଭୁବନେଶ୍ୱର,୧୯।୧୧(ସଂଚାର ବ୍ୟୁରୋ):** ହାଇଦ୍ରାବାଦରେ ଆୟୋଜିତ ହୋଇଥିବା ଜାତୀୟ ପାରା ସନ୍ତରଣ ଚାମ୍ପିୟନସିପ୍-୨୦୨୫ରେ ଓଡ଼ିଶା ପାରା କ୍ରୀଡ଼ାବିତ୍‌ମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଓଡ଼ିଶାର ପାରା ସନ୍ତରଣ ଦଳ ପ୍ରତିଯୋଗିତାରେ ୮ଟି ସ୍ୱର୍ଣ୍ଣ ସମେତ ମୋଟ ୩୯ଟି ପଦକ ହାସଲ କରିଛନ୍ତି। ଏଥି ମଧ୍ୟରେ ୧୮ଟି ରୌପ୍ୟ ଓ ୧୩ଟି ବ୍ରୋଞ୍ଜ୍ ପଦକ ସାମିଲ୍ ରହିଛି। ପଦକ ବିଜେତାମାନଙ୍କୁ ଏପରି ସଫଳତା ପାଇଁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସାକ୍ଷାତ କରି ଶୁଭେଚ୍ଛା ଜଣାଇଛନ୍ତି।

ସେ କହିଛନ୍ତିଯେ ପାରା କ୍ରୀଡ଼ାବିତ୍‌ମାନଙ୍କ ଏହି ଚମତ୍କାର ପ୍ରଦର୍ଶନ ଓଡ଼ିଶାର ସମସ୍ତ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ପ୍ରେରଣାର ଉତ୍ସ। ଜାତୀୟ ସ୍ତରରେ ଓଡ଼ିଶା ପାଇଁ ସୁନାମ ଅର୍ଜନ କରିଥିବାରୁ ଆମେ ସମସ୍ତେ ଗର୍ବିତ। ଆଗାମୀ ଦିନରେ ମଧ୍ୟ ଆୟୋଜିତ ହେବାକୁ ଥିବା ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାମାନଙ୍କରେ ଓଡ଼ିଶାର ପାରା କ୍ରୀଡ଼ାବିତ୍‌ମାନେ ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ରାଜ୍ୟ ପାଇଁ ଗୌରବ ଅର୍ଜନ କରିବେ ବୋଲି ଶ୍ରୀ ସୂରଜ ଆଶା ବ୍ୟକ୍ତ କରିଛନ୍ତି।

# ନିବେଶ ପ୍ରଲୋଭନ ଦେଖାଇ ୮୨ ଲକ୍ଷ ଠକେଇ

● ଅଭିଯୁକ୍ତ ମଧ୍ୟପ୍ରଦେଶରୁ ଗିରଫ

**କୋଲକାତା,୧୯।୧୧(ସଂଚାର ବ୍ୟୁରୋ):** ନାରାୟଣପୁରର ଜଣେ ଯୁବକ ନିବେଶ ପ୍ରଲୋଭନରେ ପଡ଼ି ୭୨ ଲକ୍ଷ ଟଙ୍କା ପ୍ରତାରଣାର ଶିକାର ହୋଇଥିଲେ। ଏହି ଘଟଣାରେ, ନାରାୟଣପୁର ଥାନାର ପୁଲିସ ମଧ୍ୟପ୍ରଦେଶର ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ବ୍ୟକ୍ତିଙ୍କ ନାମ ସନି ବିରହା ଓରଫ ରାଜା। ତାଙ୍କ ଘର ମଧ୍ୟପ୍ରଦେଶର ଛିନ୍ଦଓ୍ୱାଡା ଜିଲ୍ଲାର ଆଜାଦଛକରେ। ପୁଲିସ ଜଣାଇଛି ଯେ, ତାଙ୍କୁ ଦୁଇଦିନ ପୂର୍ବରୁ ଗିରଫ କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ବିଧାନନଗରକୁ ଅଣାଯାଇଥିଲା। ମଙ୍ଗଳବାର ତାଙ୍କୁ ବାରାକପୁର ମହକୁମା କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ତାଙ୍କୁ ପାଞ୍ଚ ଦିନର ପୁଲିସ ହେପାଜତ ମଞ୍ଜୁର କରିଛନ୍ତି। ଜାଣିବାକୁ ମିଳିଛି ଯେ, ଯୁବକ ଜଣକ ଏକ ଟେଲିଗ୍ରାମ ଗ୍ରୁପ୍ ମାଧ୍ୟମରେ ପ୍ରତାରଣାର ଶିକାର ହୋଇଥିଲେ। ସେହିପରି ପ୍ରତାରକମାନେ ପ୍ରଥମେ ନିବେଶ ବିଷୟରେ ବିଭିନ୍ନ କାହାଣୀ କହିଥିଲେ। ତା'ପରେ ତାଙ୍କୁ ଅଧିକ ଲାଭ ଦେଖାଇଥିଲେ। ସେହି ଫାଶରେ ପଡ଼ି ସେ ମୋଟ ୭୨ ଲକ୍ଷ ୧୪ ହଜାର ଟଙ୍କା ନିବେଶ କରିଥିଲେ। କିନ୍ତୁ, କୌଣସି ନିବେଶ ଟଙ୍କା ଫେରସ୍ତ ପାଇନଥିଲେ। ସେ ଫେବୃଆରୀ ୧୧ ତାରିଖରେ ନାରାୟଣପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଯୁବକଙ୍କୁ ଗିରଫ କରିଛି।

# ସେଫ୍ ଡ୍ରାଇଭ୍ ସେଭ୍ ଲାଇଫ୍ ହାଫ୍ ମାରାଥନ୍

**କୋଲକାତା,୧୯।୧୧(ସଂଚାର ବ୍ୟୁରୋ):** କୋଲକାତା ପୁଲିସ ସେଫ୍ ଡ୍ରାଇଭ୍ ସେଭ୍ ଲାଇଫ୍ ହାଫ୍ ମାରାଥନର ଷଷ୍ଠ ସଂସ୍କରଣ ପାଇଁ ଦୌଡ଼ରେ ହାଫ୍ ମାରାଥନ୍ ଏବଂ ବିଶ୍ୱ ମାଷ୍ଟର୍ସ ଆଥଲେଟିକ୍ସ ଚାମ୍ପିଅନସିପ୍ ୨୦୨୬ ପାଇଁ ୧୦ କିଲୋମିଟର ଦୂରତାରେ ଏକ ଯୋଗ୍ୟତା ବର୍ଗ ରହିବ, ଯାହା ୨୨ ଅଗଷ୍ଟରୁ ୩ ସେପ୍ଟେମ୍ବର, ୨୦୨୬ ମସିହା ପର୍ଯ୍ୟନ୍ତ ଦକ୍ଷିଣ କୋରିଆର ଡାଏଗୁରେ ଅନୁଷ୍ଠିତ ହେବ। ପଶ୍ଚିମବଙ୍ଗ ସରକାରଙ୍କ ପରିବହନ ବିଭାଗ ସହିତ ସହଯୋଗରେ କୋଲକାତା ପୁଲିସ ଦ୍ୱାରା ଆରମ୍ଭ ଏବଂ ଗେମ୍‌ଚେଞ୍ଜରର୍ଜ ଦ୍ୱାରା ପ୍ରୋତ୍ସାହିତ ଏହି ଦୌଡ଼ ୧୮ ଜାନୁଆରୀ, ୨୦୨୬ ମସିହାରେ କୋଲକାତାରେ ଦୂରତା ଦୌଡ଼ର ସଂସ୍କୃତିକୁ ପରିବର୍ତ୍ତନ କରିବ। ଏହି ପଦକ୍ଷେପ ବିଷୟରେ କୋଲକାତା ପୁଲିସ କମିଶନର ମନୋଜ କୁମାର ବର୍ମା ସୂଚନା ଦେଇଛନ୍ତି। ସେଫ୍ ଡ୍ରାଇଭ୍ ସେଭ୍ ଲାଇଫ୍ ଉଭୟକୁ ମୂର୍ତ୍ତିମନ୍ତ କରିଥାଏ। ଅତିରିକ୍ତ ପୁଲିସ କମିଶନର ପାଣ୍ଡେ ସନ୍ତୋଷ, ୟେଲଓ୍ୱାଡ ଶ୍ରୀକାନ୍ତ ଜଗନ୍ନାଥ ରାଓ, ଆଇପିଏସ, ଡେପୁଟି କମିଶନର ଅଫ୍ ପୁଲିସ (ଟ୍ରାଫିକ୍), ମାଷ୍ଟର୍ସ ଆଥଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆର ସେକ୍ରେଟାରୀ ଜେନେରାଲ ଡି. ଡେଭିଡ୍ ପ୍ରେମନାଥ, ଇଭେଣ୍ଟର ପ୍ରମୋଟର, ଗେମଚେଞ୍ଜର୍ଜର ପ୍ରତିଷ୍ଠାତା ନିର୍ଦ୍ଦେଶକ ଦିଲୀପ ଜୟରାମ ଏଦିନ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି କର୍ଯ୍ୟକ୍ରମ ଘୋଷଣା କଲେ।




# ମହିଳା ବିଏଲଓଙ୍କ ଝୁଲନ୍ତା ଶବ ଉଦ୍ଧାର

**କୋଲକାତା,୧୯।୧୧(ସଂଚାର ବ୍ୟୁରୋ):** ଆଉ ଜଣେ ବିଏଲଓ କର୍ମୀଙ୍କ ମୃତ୍ୟୁ ଘଟିଛି। ବୁଧବାର ସକାଳେ ଜଣେ ମହିଳା ବିଏଲ୍‌ଓ କର୍ମୀଙ୍କ ଝୁଲନ୍ତା ମୃତଦେହ ତାଙ୍କ ଘର ଅଗଣାରୁ ଉଦ୍ଧାର କରାଯାଇଛି। ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା କିନ୍ତୁ ତାଙ୍କୁ ବଞ୍ଚାଯାଇପାରିଲା ନାହିଁ। ମୃତ ବିଏଲ୍‌ଓ କର୍ମୀଙ୍କ ନାମ ଶାନ୍ତିମୁନି ଏକ୍କା (୪୮)। ଏହି ଘଟଣାକୁ ନେଇ ଜଲପାଇଗୁଡ଼ିର ମାଲବଜାର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଜାଣିବାକୁ ମିଳିଛି ଯେ, ଶାନ୍ତିମୁନି ଜଲପାଇଗୁଡ଼ିର ମାଲବଜାର ଥାନା ଅନ୍ତର୍ଗତ ରଙ୍ଗମାଟି ଗ୍ରାମପଞ୍ଚାୟତର ନ୍ୟୁ ଗ୍ଲେନକୋ ଚା ବଗିଚା ଅଞ୍ଚଳର ବାସିନ୍ଦା। ସେ ପେଶାରେ ଜଣେ ଅଙ୍ଗନବାଡି କର୍ମୀ। ସେ ବଙ୍ଗଳା ପଢା ଲେଖା କରିପାରୁନଥିଲେ। ମୃତକଙ୍କ ପରିବାର ଦାବି କରିଛନ୍ତି ଯେ ସେ ପ୍ରତିଦିନ ବିଏଲ୍‌ଓ କାମରୁ କ୍ଳାନ୍ତ ହୋଇ ଘରକୁ ଫେରୁଥିଲେ। ତାଙ୍କ ତାଙ୍କ ସ୍ୱାମୀ ସୁଖୁ ଏକ୍କା ଦାବି କରିଛନ୍ତି ଯେ, ସେ କାମର ଚାପ ସହ୍ୟ କରି ନ ପାରି ଘରକୁ ଫେରିବା ପରେ ପ୍ରାୟତଃ କାନ୍ଦୁଥିଲେ। ଶାନ୍ତିମୁନି ମାଲବଜାର ବ୍ଲକ ପ୍ରଶାସନ ସହିତ ଯୋଗାଯୋଗ କରି ବିଏଲ୍‌ଓ ଚାକିରିରୁ ମୁକ୍ତି ପାଇଁ ଅନୁରୋଧ କରିଥିଲେ। କିନ୍ତୁ ପରିବାର ଦାବି କରିଛନ୍ତି ଯେ, ଅଧିକାରୀମାନେ ତାଙ୍କ ଅନୁରୋଧ ଗ୍ରହଣ କରି ନଥିଲେ। ଏସ୍‌ଆଇଆର୍ ସମ୍ପର୍କିତ କାର୍ଯ୍ୟର ଅତ୍ୟଧିକ ଚାପ ଯୋଗୁଁ ଶାନ୍ତିମୁନି ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ଏଦିନ ରାଜ୍ୟର ଆଦିବାସୀ କଲ୍ୟାଣ ମନ୍ତ୍ରୀ ତଥା ମାଲବଜାର ବିଧାୟକ ବୁଲୁଚିକ୍ ବଡାଇକ ମୃତ ବିଏଲ୍‌ଓଙ୍କ ପରିବାରକୁ ଭେଟିବାକୁ ଆସିଥିଲେ।

# ବୁଲା କୁକୁର ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ସ୍ୱତନ୍ତ୍ର ଆବେଦନ



**କୋଲକାତା,୧୯।୧୧(ସଂଚାର ବ୍ୟୁରୋ):** ଗତ କିଛିଦିନ ଧରି ପଶୁପ୍ରେମୀମାନେ ସୁପ୍ରିମକୋର୍ଟଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶ ଉପରେ ନଜର ରଖିଛନ୍ତି। କୁକୁର ଏବଂ ମଣିଷ ମଧ୍ୟରେ ସମ୍ପର୍କକୁ ନେଇ ଏକ ବିବାଦର ଅନ୍ତ ଘଟାଇ ହାଇକୋର୍ଟ ଏକ ରାୟ ଘୋଷଣା କରିଛନ୍ତି, ଯାହା ପଶୁପ୍ରେମୀଙ୍କ ହୃଦୟକୁ ଆଘାତ ଦେଇଛି। ଯାହାକୁ ନେଇ ଅନେକ ଲୋକ ପୂର୍ବରୁ ରାସ୍ତାକୁ ଓହ୍ଲାଇ ସାରିଛନ୍ତି। ଦେବଶ୍ରୀ ରାୟ ଫାଉଣ୍ଡେସନ୍ କୋଲକାତା ପ୍ରେସ୍ କ୍ଲବରେ ଅନୁଷ୍ଠିତ ଏକ ଆଲୋଚନା ସଭାରେ ଅଭିନେତ୍ରୀ ଦେବଶ୍ରୀ ରାୟ ମୁଖ୍ୟବକ୍ତା ଭାବରେ ଉପସ୍ଥିତ ଥିଲେ, ତାଙ୍କ ସହିତ ଆଇନଜୀବୀ ସପ୍ତଦୀପା ସିହ୍ନା, ଅଭିନେତା ରାହୁଲ ବର୍ମନ ପ୍ରମୁଖ ଉପସ୍ଥିତ ଥିଲେ। ସେମାନଙ୍କର ବକ୍ତବ୍ୟରେ ଉଠି ଆସିଥିଲା ଆଗାମୀ ୨୦୨୬ ନିର୍ବାଚନରେ 'ନୋ ଡଗ୍ ନୋ ଭୋଟ୍' ପ୍ରସଙ୍ଗ। ଅଭିନେତ୍ରୀ ଦେବଶ୍ରୀ ରାୟ ମଧ୍ୟ କହିଛନ୍ତି ଯେ, ସମାଜରେ କୁକୁରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ହାଇକୋର୍ଟ ଏହାକୁ ଅଧିକ ଗୁରୁତ୍ୱ ଦେବା ଉଚିତ। ଏହା ସହିତ, ଦେବଶ୍ରୀ ରାୟ ଫାଉଣ୍ଡେସନ୍ ଆଗାମୀ ଦିନରେ କୁକୁରଙ୍କ ଜୀବନ ଅଧିକାରର ପଥ ଗ୍ରହଣ କରିବାକୁ ଯାଉଛି।

# ଗୁଳିମାଡ଼ରେ ମହିଳା ମୃତ, ସ୍ୱାମୀ ଗିରଫ

**କୋଲକାତା,୧୯।୧୧(ସଂଚାର ବ୍ୟୁରୋ):** ହାଓଡାର ଏକ ବିଳାସପୂର୍ଣ୍ଣ ବାସଭବନରେ ଚାଲିଲା ଗୁଳିମାଡ଼। ଏହି ଘଟଣାକୁ ନେଇ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ବୁଧବାର ସକାଳ ପ୍ରାୟ ସାଢ଼େ ୧୦ଟା ସମୟରେ, ହାଓଡାର ଶିବପୁରର ଜିଟି ରୋଡରେ ଥିବା ଏକ ବିଳାସପୂର୍ଣ୍ଣ ଫ୍ଲାଟରେ ଗୁଳିକାଣ୍ଡ ଘଟଣା ଘଟିଥିଲା। ସୂଚନା ଅନୁଯାୟୀ, ବାସଭବନର ଜଣେ ବାସିନ୍ଦା ନିଜକୁ ଗୁଳି କରିଥିଲେ। ତାଙ୍କ ନାମ ପୁନମ ଯାଦବ। ସେ ଜଣେ ଗୃହିଣୀ। ତାଙ୍କୁ ଚିକିତ୍ସା ପାଇଁ କୋଲକାତାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗୃହିଣୀ ଯେଉଁ ରିଭଲଭରରୁ ଗୁଳି କରିଥିଲେ ତାହା ତାଙ୍କ ସ୍ୱାମୀ ଗୋପାଳ ଯାଦବଙ୍କର। ଶିବପୁର ଥାନାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗୃହିଣୀଙ୍କ ସ୍ୱାମୀଙ୍କୁ ଗିରଫ କରାଯାଇଛି ଏବଂ ତାଙ୍କୁ ପଚରାଉଚରା କରାଯାଉଛି। ଗୃହିଣୀଙ୍କ ସ୍ୱାମୀ ଦାବି କରିଛନ୍ତି ଯେ ବନ୍ଧୁକ ସଫା କରିବା ସମୟରେ ହଠାତ୍ ଗୁଳି ଫୁଟିଥିଲା। ଇଚ୍ଛାକୃତ ଭାବରେ ଗୁଳି ଚଳାଯାଇ ନଥିଲା।

# ଜାତୀୟ ଏନର୍ଜି କଂଗ୍ରେସ ଉଦ୍‌ଯାପିତ

**କୋଲକାତା,୧୯।୧୧(ସଂଚାର ବ୍ୟୁରୋ):** କୋଲକାତାରେ ଜାତୀୟ ଏନର୍ଜି କଂଗ୍ରେସର ଉଦ୍‌ଯାପନୀ ଦିବସରେ ସଭାପତି ଡଃ ଇଂ ପ୍ରଭାକର ସ୍ୱାଇଁଙ୍କୁ ତାଙ୍କର ଅବଦାନ ଲାଗି ସମ୍ବର୍ଦ୍ଧିତ କରାଯାଇଛି। ସ୍ମାରକି, ଉତ୍ତରୀୟ, ପ୍ରଶଂସା ପତ୍ର, ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧିତ କରାହେଲା। ଇଣ୍ଡିଆନ ଏନର୍ଜି କଂଗ୍ରେସ ଓ ଆଇ. ଆଇ.ଏସ୍.ଟି ବିଦ୍ୟୁତ ବିଭାଗ ଆନୁକୂଲ୍ୟାରେ ଏବଂ ବ୍ରହ୍ମପୁର ସ୍ଥିତ ନିଷ୍ଟ ବିଦ୍ୟାଳୟର



ଇଂ. ପ୍ରଭାକର ସ୍ୱାଇଁ ସମ୍ବର୍ଦ୍ଧିତ

ସହଯୋଗିତାରେ କୋଲକାତାରେ ଅନୁଷ୍ଠିତ ହୋଇଯାଇଛି। ଏନର୍ଜି କଂଗ୍ରେସର ସଭାପତି ଡଃ ଇଂ ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଏମ୍. ଏସ୍. ଆର୍ ମୂର୍ତ୍ତୀ ଡକ୍ଟର ସୁକାନ୍ତ ମହାପାତ୍ର, ଏନର୍ଜି କଂଗ୍ରେସର ସଂପାଦକ ପ୍ରଫେସର ପ୍ରଭାତ କୁମାର ପାଢୀ, ପ୍ରଫେସର ଅପରାଜିତା ସେନଗୁପ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନରେ ପ୍ରଫେସର ସି କେ ଚନ୍ଦା, ପ୍ରଫେସର ଶୁଭ୍ରାଂଶୁ ସାମନରାୟ, ଡକ୍ଟର ଅତନୁ ବାନର୍ଜୀ, ଡକ୍ଟର ପାରମିତା ଚାଟାରଜୀ, ଡକ୍ଟର କନିକା ଦାସ ଭଟ୍ଟାଚାର୍ଯ୍ୟ, ଓପିବିସିର ପରିଚାଳନା ନିର୍ଦ୍ଦେଶକ ଇଂ କେଦାର ପାଣ୍ଡୁ, ଡକ୍ଟର ଦିବାକର ସ୍ୱାଇଁ, ଆମେରିକରଥ ବିଶିଷ୍ଟ ବୈଜ୍ଞାନିକ ଡକ୍ଟର ଏଲ୍ ଖେର, ଇଂ ପବିତ୍ର ସାହୁ, ଇଂ ସୁଶାନ୍ତ କୁମାର ସେଠୀ, ଇଂ ସୁଚିତ୍ରା ସାହୁ ପ୍ରମୁଖ ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ।

# ଓଭରଟେକିଂ ବେଳେ ବାଇକ୍‌ରୁ ପଡ଼ି ଯୁବକ ମୃତ

**କୋଲକାତା,୧୯।୧୧(ସଂଚାର ବ୍ୟୁରୋ):** ନ୍ୟୁଟାଉନ୍ ଥାନା ଅଞ୍ଚଳର ଢାଲିପଡାରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ତୁଷାର ବୈଦ୍ୟ (୨୨)। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ତୁଷାର ଢାଲିପଡାରୁ ଖ୍ରୀଷ୍ଟାପୁରର ମିଶନ ବଜାର ଅଭିମୁଖେ ବାଇକ୍ ଯୋଗେ ଯାଉଥିଲେ। ସେହି ସମୟରେ ସେ ଦ୍ରୁତ ଗତିରେ ଏକ ଗାଡିକୁ ଓଭରଟେକ୍ କରିବାକୁ ଚେଷ୍ଟା କରିଥିଲେ ଏବଂ ଅନ୍ୟ ଏକ ଗାଡିକୁ ଧକ୍କା ଦେଇଥିଲେ। ଧକ୍କା ଯୋଗୁଁ ତୁଷାର ବାଇକ୍‌ରୁ ଖସି ରାସ୍ତାରେ ପଡ଼ିଯାଇଥିଲେ। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ପଛରୁ ଆସୁଥିବା ଗାଡିଟି ବ୍ରେକ୍ ମାରିଥିଲେ ମଧ୍ୟ ତୁଷାର ନିଜକୁ ନିୟନ୍ତ୍ରଣ କରିପାରି ନ ଥିଲେ ଏବଂ ଗାଡି ଆଗରେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ସ୍ଥାନୀୟ ବାସିନ୍ଦାମାନେ ତାଙ୍କୁ ବିଧାନନଗର ମହକୁମା ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଡାକ୍ତରମାନେ ତୁଷାରଙ୍କୁ ମୃତ ଘୋଷଣା କରିଥିଲେ।

# ଚିପ୍ସ ପ୍ୟାକେଟରେ ଥିବା ପ୍ଲାଷ୍ଟିକ୍ ଖେଳନା ଖାଇ ଶିଶୁ ମୃତ

**ଦାରିଙ୍ଗବାଡ଼ି,୧୯।୧୧(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା ତାଜୁଙ୍ଗିଆ ପଞ୍ଚାୟତ ସିକରମାହା ଗ୍ରାମ ନିକଟ ମୁଷିମାହା ଗ୍ରାମରେ ଜଣେ ୪ ବର୍ଷର ଶିଶୁ ବିଗିଲ ପ୍ରଧାନ ବାପା ଆଣିଥିବା ମସଲା ଜାତୀୟ ଚିପ୍ସ ପ୍ୟାକେଟ୍ ଭିତରେ ରହିଥିବା ଏକ ପ୍ଲାଷ୍ଟିକ ଖେଳନା ଖାଇ ମୃତ୍ୟୁବରଣ କରିଛନ୍ତି। ଏହା ପରେ ସ୍ୱାସ୍ଥ୍ୟବିଭାଗର ଚିନ୍ତା ବଢ଼ିବା ସହ ବହୁ ପରିବାରର ଶିଶୁଙ୍କ ସ୍ୱାସ୍ଥ୍ୟ କଥା ନେଇ ଚିନ୍ତା ବଢ଼ିଛି। ବର୍ତ୍ତମାନ ଏନେଇ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟ ଚିନ୍ତା ପ୍ରକଟ କରିବା ସହ ସେ ବିଭାଗ ପକ୍ଷରୁ ଗାଁ ଗାଁରେ ଲୋକଙ୍କୁ ଏନେଇ ସଚେତନ କରାଇବୁ ବୋଲି କହିଛନ୍ତି। ସେ ଏହି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରାଇବା ସହ ଲୋକଙ୍କୁ ହାତ ଧୋଇ ଖାଇବା ସହ ଏଭଳି ପ୍ୟାକେଟ ଖାଦ୍ୟରେ କୌଣସି ପ୍ଲାଷ୍ଟିକ କିମ୍ବା ଅନ୍ୟ କିଛି ସାମଗ୍ରୀ ରହିଥିଲେ ତାକୁ ନ ଖାଇବାକୁ ଲୋକଙ୍କୁ ପ୍ରବର୍ତ୍ତାଯିବ ବୋଲି କହିଛନ୍ତି। ଏଥିସହ ଲୋକଙ୍କୁ ସେ କ୍ଷୁଦ୍ର ଦାନା ଶସ୍ୟ ତଥା ମାଣ୍ଡିଆ, କାଙ୍ଗୁ, କୁଏରୀ, ପାଳୁଅ ଆଦିରେ ବ୍ୟଞ୍ଜନ କରି ଶିଶୁମାନଙ୍କୁ ଦେବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ଡାକ୍ତର ସାମନ୍ତରାୟ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି, କେବଳ ଏହି ଘଟଣା ନୁହଁ ପୂର୍ବରୁ ମଧ୍ୟ ଅନେକ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି। ଏଭଳି ଏକାଧିକ କମ୍ପାନୀର ମସଲା ଜାତୀୟ ଚିପ୍ସ ଓ ଅନ୍ୟାନ୍ୟ ପ୍ୟାକେଟ ସାମଗ୍ରୀ ଖାଇ ଅସୁସ୍ଥ ହେଉଛନ୍ତି। ଯେଉଁମାନେ ଏଭଳି ଅସୁସ୍ଥ ହେଉଛନ୍ତି ସେମାନେ ସଠିକ୍ ଭାବେ ଘର ଖାଦ୍ୟ ମଧ୍ୟ ଗ୍ରହଣ କରିପାରିବା ସମ୍ଭବ ହେଉନାହିଁ। ତେଣୁ ଆମେ ଏଭଳି ରୋଗୀଙ୍କୁ ଚିକିତ୍ସା କରିବା ସହ ମା'-ବାପାମାନଙ୍କୁ ବ୍ୟାପକ ସଚେତନ କରୁଥିବା ଡାକ୍ତର କହିଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳବାର ଉକ୍ତ ବ୍ଲକ ମୁସିମାହା ଗ୍ରାମର ୪ ବର୍ଷର ଶିଶୁ ବିଗିଲ ପ୍ରଧାନ ବାପା ଆଣିଥିବା ମସଲା ଜାତୀୟ ଚିପ୍ସ ପ୍ୟାକେଟ୍ ଭିତରେ ରହିଥିବା ଏକ ପ୍ଲାଷ୍ଟିକ ଖେଳନା ଖାଇ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକ ଶିଶୁଙ୍କ ତଣ୍ଟି ଭିତରୁ ଉକ୍ତ ଖେଳନା ବାହାର କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ପରେ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଚେତ ଅବସ୍ଥାରେ ଆଣିଥିଲେ। ତେବେ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

● ଆଇଆଇଡବ୍ଲ୍ୟୁଏମରେ ଆଲୋଚନାଚକ୍ର ଅନୁଷ୍ଠିତ

# କୃଷିରେ ବୈଜ୍ଞାନିକ ଜ୍ଞାନକୌଶଳକୁ ଗୁରୁତ୍ୱ

**ଭୁବନେଶ୍ୱର,୧୯।୧୧(ସଂଚାର ବ୍ୟୁରୋ):** ଆଇସିଏଆର ଅନ୍ତର୍ଗତ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନଠାରେ ଆଜି ପିଏମ କିଷାନ ନିଧି ବଣ୍ଟନ ଓ କୃଷକ-ବୈଜ୍ଞାନିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଏମ କିଷାନ ନିଧିର ୨୧ତମ କିସ୍ତି ବଣ୍ଟନ କରିଛନ୍ତି। ପ୍ରାୟ ୯ କୋଟି କୃଷକଙ୍କ ଖାତାକୁ ସିଧାସଳଖ ୧୮ ହଜାର କୋଟି ଟଙ୍କା ପଠାଯାଇଛି। ଭାରତର କୃଷକଙ୍କ ଉନ୍ନତି ଆମ ସମସ୍ତଙ୍କର ଲକ୍ଷ୍ୟ। ବୈଜ୍ଞାନିକ ଜ୍ଞାନକୌଶଳ ଉପଯୋଗ କରି କୃଷି, ପଶୁପାଳନ ଓ ମତ୍ସ୍ୟ ଚାଷ ସହାୟତାରେ ନିଜର ଆୟ ବୃଦ୍ଧି ପାଇଁ କୃଷକମାନେ ପ୍ରୟାସ କରିବା ଉଚିତ। ସେହିପରି ଅନ୍ୟତମ ଅତିଥି ପ୍ରତିଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଅର୍ଜମାଦତ୍ତ ଷଡ଼ଙ୍ଗୀ କହିଛନ୍ତି ଯେ ଆଇଆଇଡବ୍ଲ୍ୟୁଏମ ଚାଷୀମାନଙ୍କର ବିଭିନ୍ନ ଉତ୍ପାଦନ ପରିସଂସ୍ଥା ପାଇଁ ଜଳ ସଞ୍ଚୟକାରୀ କୃଷି ପଦ୍ଧତିର ବିକାଶ କରିଛି। କୃଷକମାନେ ଏହାର ଫାଇଦା ନେବା ଉଚିତ। ଓଡ଼ିଶାର କୃଷି ଆୟ ଅନ୍ୟାନ୍ୟ ରାଜ୍ୟର କୃଷି ଆୟ ତୁଳନାରେ ଯଥେଷ୍ଟ କମ୍। ଜଳ ସଞ୍ଚୟ ସହ ଚାଷୀ ଆୟ ବୃଦ୍ଧି ଆମ ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ ବୋଲି ଡ. ଷଡ଼ଙ୍ଗୀ କହିଛନ୍ତି। କାର୍ଯ୍ୟକ୍ରମରେ ସର୍ବପ୍ରଥମେ କୃଷି ଆୟ ବୃଦ୍ଧି ପାଇଁ କୃଷକ-ବୈଜ୍ଞାନିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କଟକ ଜିଲ୍ଲା ମୁକୁନ୍ଦପୁର, ବେଳେରା, ବାଙ୍ଗୀରିଶିଙ୍ଘା, ମୁଗଗହିରି, ଖୋର୍ଦ୍ଧା ଜିଲ୍ଲାର ଗାରେଡିପାଞ୍ଚଣ, ଜାମୁଝରୀ, ହରିଡାମଡା ଏବଂ ପୁରୀ ଜିଲ୍ଲାର ହଂସପଡା, ଭାଟବନ୍ଧ ଓ ଭିଲିଗ୍ରାମରୁ ପ୍ରାୟ ୧୫୦ ପ୍ରଗତିଶୀଳ କୃଷକ ଏଥିରେ ଯୋଗଦେଇ ଚାଷ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବୈଜ୍ଞାନିକଙ୍କୁ ପଚାରିଥିଲେ। ମୁଖ୍ୟ ଅତିଥି ଚାଷୀମାନଙ୍କୁ ବିଭିନ୍ନ ଫସଲର ଉନ୍ନତ ପ୍ରଜାତିର ବିହନ ବଣ୍ଟନ କରିଥିଲେ। ପରେ ପ୍ରଧାନମନ୍ତ୍ରୀଙ୍କ କୃଷକ ଉଦ୍ଦେଶ୍ୟରେ ସମ୍ବୋଧନର ସିଧା ପ୍ରସାରଣଚାଷୀ ମାନଙ୍କ ସକାଶେ ବଡ଼ ପରଦାରେ ପ୍ରଦର୍ଶିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ସମସ୍ତ ବୈଜ୍ଞାନିକ, ବୈଷୟିକ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଡକ୍ଟର ବୀର କିଶୋର ସେଠୀ ଓ ଡକ୍ଟର ହେମନ୍ତ କୁମାର ଦାଶ ପରିଚାଳନା କରିଥିବା ବେଳେ ଡକ୍ଟର ସୁମନ୍ତ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୦ ଲକ୍ଷ...

୮୪୭ ଜଣଙ୍କ ମୃତ୍ୟୁ ହୋଇଛି। ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସୁଥିବା ଲୋକଙ୍କ ସଂଖ୍ୟା ହିଁ ରିପୋର୍ଟ ହେଉଛି। ଏଭଳି ଅନେକ ଘଟଣା ଘଟୁଛି ଯାହା ସରକାରଙ୍କ ଦୃଷ୍ଟିକୁ ମଧ୍ୟ ଆସିପାରୁନାହିଁ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସାପ କାମୁଡାରେ ମୃତ୍ୟୁ ହେଲେ ପରିବାରକୁ କ୍ଷତିପୂରଣ ରାଶି ୪ ଲକ୍ଷରୁ ୧୦ ଲକ୍ଷକୁ ବଢାଇବାକୁ କେନ୍ଦ୍ରକୁ ପ୍ରସ୍ତାବ ଦେଇଛନ୍ତି। ନିକଟରେ ସୁପ୍ରିମକୋର୍ଟ ଏକ ମାମଲାର ଶୁଣାଣି କରି ଅନ୍ୟୂନ ୧୦ ଲକ୍ଷ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ଏହି ରାୟ ଆଧାରରେ ରାଜ୍ୟ ସରକାର କେନ୍ଦ୍ରକୁ ପ୍ରସ୍ତାବ ଦେଇଛନ୍ତି ବୋଲି ସେ କହିଛନ୍ତି।

## ଏନକାଉଣ୍ଟରରେ...

ମୃତ୍ୟୁବରଣ କରିଥିବା ମାଓବାଦୀଙ୍କ ମଧ୍ୟରେ ସିପିଆଇ(ଏମ୍)ର ଆନ୍ଧ୍ରପ୍ରଦେଶ ବର୍ଡର୍‌ର ସେଣ୍ଟ୍ରାଲ୍ କମିଟି ସଦସ୍ୟ ମେଟୁରି ଜୋଗା ରାଓ ଓରଫ୍ ଟେକ୍ ଶଙ୍କର ଅନ୍ୟତମ ବୋଲି ସୂଚନା ମିଳିଛି। ଏହାଛଡ଼ା ନାମ୍ବାଲା କେଶବ ରାଓର ପୂର୍ବତନ ଗାର୍ଡ କମାଣ୍ଡର୍ ଜ୍ୟୋତି ଓରଫ୍ ସରିତା, ସୁରେଶ ଓରଫ୍ ରମେଶ, ଲୋକେଶ ଓରଫ ଗଣେଶ, ସାଇନୁ ଓରଫ୍ ବାସୁ, ଅନୀତା ଓ ଶମି ମଧ୍ୟ ଏହି ଏନ୍‌କାଉଣ୍ଟର୍‌ରେ ନିହତ ହୋଇଛନ୍ତି। ଏମାନେ ସମସ୍ତେ ଏରିଆ କମିଟି ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ଆନ୍ଧ୍ର ପ୍ରଦେଶର ଗ୍ରେହାଉଣ୍ଡ୍ ଯବାନଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିଥିବା ଏଡିଜିପି ମହେନ୍ଦ୍ର ଲଢା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଚର୍ଚ୍ଚାରେ...

ସମ୍ବେଦନଶୀଳ କେନ୍ଦ୍ରାପଡ଼ା ଜିଲ୍ଲାର ଝିଅ ବି। ଏଥିସହ ସେ ଦୀର୍ଘ ବର୍ଷ ଧରି ମିଶନ ଶକ୍ତି ଦାୟିତ୍ୱରେ ଥିଲେ। ତାଙ୍କ ନେତୃତ୍ୱରେ ରାଜ୍ୟର ୭୦ ଲକ୍ଷ ମହିଳାଙ୍କ ସମାଜିକ ଓ ଆର୍ଥିକ ବିକାଶ ହୋଇଥିଲା। ତେଣୁ ସେ ବିଜେଡିର ଦାୟିତ୍ୱ ନେଲେ ତାଙ୍କ ହାତରେ ମହିଳାଙ୍କ ଏକ ବଡ଼ ଭୋଟବ୍ୟାଙ୍କ ରହିବ ବୋଲି ଆଶା କରାଯାଉଛି। ଏଥିସହ ସେ ପଛୁଆ ବର୍ଗର ପ୍ରତିନିଧି ହୋଇଥିବାରୁ ବିଜେଡି ସହ ପଛୁଆ ବର୍ଗ ବି ରହିବେ ବୋଲି ଆକଳନ କରାଯାଉଛି। ସବୁଠୁ ବଡ଼ କଥା ହେଲା ସୁଜାତା ଦାୟିତ୍ୱ ନେଲେ ବିଜେପିର ଅସ୍ମିତା ରାଜନୀତି ବି କାମ ଦେବନି।

ସେପଟେ ଅରୁଣ ପଟ୍ଟନାୟକ ବିଜୁଙ୍କ ବଂଶଜ ହୋଇଥିବାରୁ ତାଙ୍କ ପ୍ରତି ଯଦିଓ ଲୋକଙ୍କ ଗ୍ରହଣୀୟତା ରହିବ, କିନ୍ତୁ ସେ ଆରମ୍ଭରୁ ଦେଶ କିମ୍ବା ରାଜ୍ୟର ଭାବାବେଗ ସହ ନଥିଲେ କି ଏବେ ବି ନାହାଁନ୍ତି। ଏହି ଦୃଷ୍ଟିରୁ ବିରୋଧୀ ଦଳର ନେତୃତ୍ୱ ତାଙ୍କ ହାତରେ ଟେକି ନବୀନ ଆଉ ରିସ୍କ ନେବାକୁ ଚାହୁଁନାହାଁନ୍ତି। ସେହିଭଳି କିଛି ନେତୃତ୍ୱ ବରିଷ୍ଠ ନେତା ଯେଉଁମାନେ ପୂର୍ବରୁ ଦଳର ବଡ଼ ବଡ଼ ପଦପଦବୀରେ ଥିଲେ ସେମାନେ ନିଜ ହାତରେ କ୍ଷମତା ରଖିବାକୁ ଦଳ ମଧ୍ୟରୁ ଜଣଙ୍କୁ ନେତା ବାଛିବାକୁ ଦାବି କରୁଛନ୍ତି। ହେଲେ ଦଳୀୟ କର୍ମୀମାନେ ଆଉ ହାରୁ ନେତାଙ୍କ ନେତୃତ୍ୱରେ ବିଜେପି ବିରୋଧ ଲଢ଼ିବାକୁ ଚାହୁଁନାହାଁନ୍ତି।

## କେବଳ...

ଆଣିଥିଲା। ବିହାରର ଏହି ଯୋଜନାକୁ ଓଡ଼ିଶା ପରି କିଛି ରାଜ୍ୟ ପରବର୍ତ୍ତୀ ସମୟରେ ଅନୁକରଣ କରିଥିଲେ। ଗତ ଏକ ଦଶନ୍ଧି ମଧ୍ୟରେ ବିହାରରେ ଆଇଆଇଟି ପାଟଣା, ଆଇଆଇଏମ ବୋଧଗୟା ଭଳି ଜାତୀୟ ସ୍ତରର ଅନୁଷ୍ଠାନ ରାଜ୍ୟରେ ଉଚ୍ଚଶିକ୍ଷାରେ ବିପ୍ଳବ ଆଣିଛନ୍ତି, ଯେଉଁଥିପାଇଁ ବିହାର ଜନତା ଏଥର ଏନଡିଏକୁ ସମର୍ଥନ ଅଜାଡ଼ି ଦେଇଛନ୍ତି। ଆଉ ଏସବୁର ସୂତ୍ରଧର ସାଜିଥିଲେ ନିଜେ ଧର୍ମେନ୍ଦ୍ର ପ୍ରଧାନ। ଯେଉଁଥିପାଇଁ ସେ ବିହାରବାସୀଙ୍କ ପାଇଁ ଥିଲେ ବିହାରୀ ବାବୁ।

## ରାଜ୍ୟର...

ସିଏମ କିଷାନ ଯୋଜନା ହିତାଧିକାରୀଙ୍କ ପିଲାମାନଙ୍କୁ ଉଚ୍ଚଶିକ୍ଷା ଏବଂ ବୈଷୟିକ ଶିକ୍ଷା ପାଇଁ କୃଷି ବିଦ୍ୟାନିଧି ଯୋଜନାରେ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ଏହି ଯୋଜନାରେ ୨୦୨୪-୨୫ ଶିକ୍ଷା ବର୍ଷରେ ୧୩,୯୨୩ ଛାତ୍ରଛାତ୍ରୀଙ୍କୁ ୫୩ କୋଟି ୬୭ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି, ଯାହାକି ପୂର୍ବବର୍ଷ ତୁଳନାରେ ୫ ଗୁଣ ଅଧିକ।

ପିଏମ ଧନଧାନ୍ୟ କୃଷି ଯୋଜନା କାର୍ଯ୍ୟକ୍ରମରେ ଓଡିଶାର କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ ଏବଂ ନୂଆପଡା ଜିଲ୍ଲାକୁ ଚୟନ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ରାଜ୍ୟର କୃଷକ ମାନଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

କାର୍ଯ୍ୟକ୍ରମରେ ଉପସ୍ଥିତ ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତାର ଚାଷୀ ସୁବାଶ ଚନ୍ଦ୍ର ଦାସ, ବାଲିପଟଣାର ରୂପଶ୍ରୀ ସ୍ୱାଇଁ ଏବଂ ଜଟଣୀ କୁସୁମାଟିର କାର୍ତ୍ତିକ ପରିଡା ପିଏମ୍ କିଷାନ ଯୋଜନାର ସମସ୍ତ କିସ୍ତିର ସୁବିନିଯୋଗ କରି ଚାଷ କାର୍ଯ୍ୟରେ ସଫଳତା ପାଇଛନ୍ତି ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କ ସହ କଥାହୋଇ ଫସଲ ବିବିଧିକରଣ ଜରିଆରେ ଧାନ ସହିତ ତେଲ ଜାତୀୟ ଫସଲ, ପନିପରିବା, ଫଳ ଚାଷ ଇତ୍ୟାଦି ଅର୍ଥକାରୀ ଫସଲ ଉତ୍ପାଦନ କରିବା ପାଇଁ ଉତ୍ସାହିତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର କୃଷକଙ୍କ ସଶକ୍ତିକରଣ ଓ ଉତ୍ପାଦନ ବୃଦ୍ଧିପାଇଁ ଆମ ସରକାର ସମସ୍ତ ସହଯୋଗ ଯୋଗାଇଦେବ।

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ପିଏମ କିଷାନ ଓ ସିଏମ୍ କିଷାନ ଯୋଜନାରେ ଆମ ରାଜ୍ୟର ଚାଷୀ ଭାଇ ଭଉଣୀ ମାନେ ବାର୍ଷିକ ୧୦ ହଜାର ଟଙ୍କା ପାଉଛନ୍ତି। ଏହି ରାଶିକୁ ସଠିକ୍ ଭାବେ ଉପଯୋଗ କଲେ କୃଷି କାର୍ଯ୍ୟରେ ସଫଳତା ମିଳି ଅଭାବ ଦୂର ହେବ। କୃଷକ କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି। କେନ୍ଦ୍ର କୃଷି ମନ୍ତ୍ରୀ ମଧ୍ୟ ଓଡିଶା ସରକାରଙ୍କର କୃଷକ କଲ୍ୟାଣ କାର୍ଯ୍ୟକୁ ମଡେଲ ଭାବେ ଗ୍ରହଣ କରିବା ପାଇଁ କହିଛନ୍ତି।

ଓୟୁଏଟିର କୁଳପତି ପ୍ରଫେସର ଡକ୍ଟର ପ୍ରଭାତ ରାଉଳ କହିଥିଲେ ଯେ, କୃଷି ପାଇଁ ତିନୋଟି ସମ୍ବଳ ଆବଶ୍ୟକ। ଜମି, ଶ୍ରମ ଓ ପୁଞ୍ଜି। କୃଷକଙ୍କ ପାଖରେ ସବୁବେଳେ ଜମି ଓ ଶ୍ରମଥାଏ କିନ୍ତୁ ପୁଞ୍ଜି ନଥାଏ। ଏହାକୁ ହୃଦୟଙ୍ଗମ କରି ପ୍ରଧାନମନ୍ତ୍ରୀ ଏହି ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପିଏମ୍ କିଷାନର ସହାୟତା ରାଶି ଚାଷୀ ମାନଙ୍କୁ ମାନସିକ ଓ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ କରୁଛି। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ, ଖୋର୍ଦ୍ଧା ଜିଲ୍ଲାର ଚାଷୀ ଭାଇଭଉଣୀ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

## ପ୍ରହସନ...

ରାଜ୍ୟ ସରକାର ସାରା ରାଜ୍ୟରେ ଏକ ସର୍ଭେ କରିଥିଲେ। ସେ ସମୟରେ ରାଜ୍ୟରେ ୨ ଲକ୍ଷ ୧୪ ହଜାର ୨୭ ଜଣ ଶିଶୁ ଶ୍ରମିକଙ୍କୁ ଚିହ୍ନଟ କରାଯାଇଥିଲା। ତା'ପରେ ଓଡ଼ିଶାରେ ଆଉ କୌଣସି ଆନୁଷ୍ଠାନିକ ସର୍ଭେ ହୋଇନାହିଁ। ୨୦୦୪ରୁ ୨୦୦୭ ମଧ୍ୟରେ ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ସ୍କୁଲ ଥିବା ୧୮ ଜିଲ୍ଲାରେ ଏକ ସର୍ଭେ କରିଥିଲା। ସେହି ରିପୋର୍ଟ ଅନୁଯାୟୀ ସେ ସମୟରେ ରାଜ୍ୟରେ ୪ ଲକ୍ଷ ୩୯ ୯ ଜଣ ଶିଶୁ ଶ୍ରମିକଙ୍କୁ ଚିହ୍ନଟ କରାଯାଇଥିଲା। ୨୦୧୧ ଜନଗଣନାରେ ୫ରୁ ୧୪ ବର୍ଷ ମଧ୍ୟରେ ୩ ଲକ୍ଷ ୩୪ ହଜାର ୪୧୬ ଜଣ ଶିଶୁ ଶ୍ରମିକ ଥିବା ଜଣାପଡ଼ିଥିଲା। ୧୫ରୁ ୧୮ ବର୍ଷ ବୟସର ଶିଶୁ ଶ୍ରମିକଙ୍କ ସଂଖ୍ୟା ଅତି ଉଦବେଗଜନକ। ୨୦୧୧ ଜନଗଣନା ଅନୁଯାୟୀ ଏହି ବୟସର ୪ ଲକ୍ଷ ୫୩ ହଜାର ୪୨ ଜଣ ଶିଶୁ ପାଠ ଛାଡ଼ି ନିୟମିତ ଭାବେ ବିଭିନ୍ନ ପ୍ରକାର ବିପଦଜନକ କ୍ଷେତ୍ରରେ କାମ କରୁଥିବା ବେଳେ ପ୍ରାୟ ୭ ଲକ୍ଷ ୭୨ ହଜାର ଶିଶୁ ଅନିୟମିତ ଭାବେ ଶ୍ରମିକ ଭାବେ କାମ କରୁଛନ୍ତି।

ଶିଶୁ ଶ୍ରମିକ ଉଚ୍ଛେଦ କରିବାରେ ଆଇନର କାର୍ଯ୍ୟକାରିତା ମଧ୍ୟ ଅତି ନିମ୍ନମାନର। ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଏବଂ ସାମାଜିକ ସ୍ତରରେ ସଚେତନତାର ଅଭାବ ଯୋଗୁଁ ଶିଶୁମାନେ ଶୈଶବରେ ସେମାନଙ୍କ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାର ପରେ ସରକାର ବଦଳିଛି। ରାଜ୍ୟରେ ୨୦୦୦ ମସିହାରୁ ବିଜେଡି ଶାସନରେ ଥିଲା। ୨୪ ବର୍ଷ ମଧ୍ୟରେ ସରକାର ଶିଶୁ ଶ୍ରମିକ ଉଚ୍ଛେଦକୁ କଠୋର ଭାବେ କାର୍ଯ୍ୟକାରୀ କରିପାରିନାହାଁନ୍ତି। ଆଉ ଏବେ ବିଜେପି ହାତରେ ଶାସନ ଡୋରି। ଡବଲ ଇଞ୍ଜିନରେ ଶିଶୁମାନେ ସେମାନଙ୍କ ଅଧିକାରୀ ପାଉଛନ୍ତି କି ନାହିଁ, ତାହା ଦେଖିବାର କଥା।

## ଅପରାଧ...

ଦ୍ୱାରା ନିୟମିତ ଥାନା ଗସ୍ତ, ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଗୋଟିଏ ଟିମ୍ ଭାବେ କାମ କରିବା, ଦୁର୍ନୀତି ବିରୋଧରେ ଜିରୋ ଟଲରେନ୍ସ ଓ ନିଜେ ସଚ୍ଚୋଟ ରହିବା ସହ ଅନ୍ୟ ଅଧିକାରୀମାନଙ୍କୁ ପ୍ରେରଣା ଦେବା, କୌଣସି ନିରୀହ ଜନସାଧାରଣଙ୍କୁ ଅଯଥାରେ ହଇରାଣ ନ କରିବା, ଥାନାସ୍ତରୀୟ ଅଧିକାରୀଙ୍କୁ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ନ୍ୟାୟ ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ବିଷୟରେ ପ୍ରଶିକ୍ଷଣ ପ୍ରଦାନ ଏବଂ ଅପରାଧୀଙ୍କ ଜ୍ଞାନକୌଶଳଠାରୁ ଗୋଟିଏ ପାଦ ଆଗରେ ରହିବା ପାଇଁ ସବୁ ପୁଲିସ ଅଧିକାରୀମାନେ ଟେକ୍ନୋଲୋଜିର ବ୍ୟାପକ ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଓଡ଼ିଶା ପୁଲିସର କାର୍ଯ୍ୟଶୈଳୀରେ ସନ୍ତୋଷ ବ୍ୟକ୍ତ କରି କହିଛନ୍ତି ଯେ ରାଜ୍ୟରେ ଆଇନ ଶୃଙ୍ଖଳା ବଜାୟ ରଖିବା ଓ ଅପରାଧ ନିୟନ୍ତ୍ରଣକୁ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ସରକାର କ୍ଷମତାକୁ ଆସିବା ପରଠାରୁ ରାଜ୍ୟ ପୁଲିସର ଦକ୍ଷତାପୂର୍ଣ୍ଣ କାର୍ଯ୍ୟ ବଳରେ ସମସ୍ତ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ଅପରାଧଗୁଡ଼ିକର ସ୍ୱଳ୍ପ ସମୟ ମଧ୍ୟରେ ସମାଧାନ କରି ଓଡ଼ିଶା ପୁଲିସ ରାଜ୍ୟ ପାଇଁ ସୁନାମ ଆଣିଛି। ପୁଲିସ ବ୍ୟବସ୍ଥାର ସୁଦୃଢ଼ୀକରଣ, ଆଧୁନିକୀକରଣ ଓ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଥାନାକୁ ଅଭିଯୋଗ ନେଇ ଆସୁଥିବା ସାଧାରଣ ଲୋକ ଯେଭଳି ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ପାଇବ, ସେଥିପ୍ରତି ସମସ୍ତେ ଦୃଷ୍ଟି ଦେବା ଉଚିତ। ସେବା ସହ ସୁରକ୍ଷା ଓ ସାହାଯ୍ୟ ଓଡ଼ିଶା ପୁଲିସର ମୁଖ୍ୟକାର୍ଯ୍ୟ ହେବା ଆବଶ୍ୟକ।

ସେ ପୁଣି କହିଛନ୍ତି ଯେ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ପାଇଁ ଓ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ପାଇଁ ଶାନ୍ତି ଓ ସୁଶାସନ ପରିବେଶ ଆବଶ୍ୟକ। ଛୋଟ ଛୋଟ ସମସ୍ୟା ଯୋଗୁଁ ଯେପରି ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି ନ ହେବ, ସେଥିପ୍ରତି ଉଭୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ୨୦୨୬ ସୁଦ୍ଧା ଓଡ଼ିଶାକୁ ସମ୍ପୂର୍ଣ୍ଣ ନକ୍ସଲମୁକ୍ତ କରିବା, ବେଆଇନ ନିଶା କାରବାର, ଜମି ମାଫିଆ ଏବଂ ଅର୍ଥନୈତିକ ଅପରାଧୀଙ୍କ କାରବାରକୁ ସମ୍ପୂର୍ଣ୍ଣ ରୂପେ ଦମନ କରିବା, ଦୁର୍ଘଟଣାପ୍ରବଣ ସ୍ଥାନମାନଙ୍କରେ ନଜର ରଖି ନିୟମିତ ଚେକିଂ ଓ ପାଟ୍ରୋଲିଂ କରିବା, ଦ୍ରୁତ ଗାଡ଼ି ଚାଳନା ଓ ନିଶାସକ୍ତ ଅବସ୍ଥାରେ ଗାଡ଼ିଚାଳନାକୁ ରୋକିବା ଉପରେ ଫୋକସ କରିବା ଓ ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ କୋଷ୍ଟାଲ ସିକ୍ୟୁରିଟି, କୋଷ୍ଟ ଗାର୍ଡ ଏବଂ ନୌବାହିନୀ ସହ ଉପଯୁକ୍ତ ସମନ୍ୱୟ ରଖି କାମ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ମଧ୍ୟ ଅଭିଭାଷଣ ପ୍ରଦାନ କରିଥିଲେ। ଆହୁରି ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ସ୍ୱାଗତ ଭାଷଣରେ ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ୀକରଣ, ଅପରାଧ ନିୟନ୍ତ୍ରଣ ଓ ତଥ୍ୟ-ପ୍ରଯୁକ୍ତି ଆଧାରିତ ନିରୀକ୍ଷଣ ପ୍ରଣାଳୀର ବିସ୍ତାର ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଉନ୍ନୟନ କମିଶନର ଅନୁ ଗର୍ଗ ଓ ରାଜ୍ୟ ପୁଲିସ ଓ ପ୍ରଶାସନର ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ଧରାପଡ଼ିଲେ...

ଶ୍ରୀ ମହାନ୍ତଙ୍କୁ ଧରିବା ସହ ସେମାନଙ୍କଠାରୁ ଲାଞ୍ଚ ବାବଦ ଅର୍ଥ ମଧ୍ୟ ଉଦ୍ଧାର କରିଛନ୍ତି। ଏହି ମାମଲାରେ ଟିମ୍ ପକ୍ଷରୁ ତଦନ୍ତ ଜାରି ରହିଛି। ଏଥିସହ ସୀତାରାଣୀଙ୍କ ସରକାରୀ ବାସଗୃହ, ଅଫିସ ସମେତ ୩ଟି ସ୍ଥାନରେ ଓ ଚମ୍ପୁଆ ଅବକାରୀ ଷ୍ଟେସନର ବିଜୟ କୁମାରଙ୍କ ସହ ଜଡ଼ିତ ଦୁଇଟି ସ୍ଥାନରେ ଏକକାଳୀନ ତଲାସ ଚାଲିଥିବା ନେଇ କେନ୍ଦୁଝର ଡିଏସ୍‌ପି ସୁଧାଂଶୁ ପୂଜାରୀ ସୂଚନା ଦେଇଛନ୍ତି। ଦୁର୍ନୀତି ନିବାରଣ ଆଇନ, ୨୦୧୮ ଧାରା ୭ ଅନୁଯାୟୀ ମାମଲା ପଞ୍ଜୀକରଣ କରି ବିଭାଗ ଅଭିଯୁକ୍ତ ଦୁହିଁଙ୍କ ସମ୍ପର୍କରେ ଅଧିକ ତଦନ୍ତ କରୁଛି। ତଦନ୍ତ ପରେ ଉଭୟଙ୍କ ନିକଟରୁ ବ୍ୟାପକ ଆୟ ବହିର୍ଭୂତ ସମ୍ପତ୍ତି ସହ ଅନ୍ୟାନ୍ୟ ବେଆଇନ ତଥ୍ୟ ମିଳିବାର ସମ୍ଭାବନା ରହିଛି।

# ଅସ୍ତରଙ୍ଗରେ ଗାଦି ଛାଡୁନାହାନ୍ତି ଅସାଧୁ କର୍ମଚାରୀ



**ଭଲ ପିସି ମିଳୁଥିବାରୁ ନେତା, ମନ୍ତ୍ରୀଙ୍କୁ ହାତ କରି ଚୌକି ଛାଡୁ ନାହାନ୍ତି**

**ଏକାଧିକ କର୍ମଚାରୀ ଦଶ ବର୍ଷରୁ ଊର୍ଦ୍ଧ୍ୱ ରହିଲେଣି**

**କାକଟପୁର/ଅସ୍ତରଙ୍ଗ,୧୯।୧୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ଗାଦି ମାଡ଼ିବସିଛନ୍ତି କେତେକ ଅସାଧୁ ସରକାରୀ କର୍ମଚାରୀ। ଫଳରେ ସରକାରୀ କାର୍ଯ୍ୟାଳୟରେ ସ୍ୱଚ୍ଛତା ରହୁ ନଥିବା ଅଭିଯୋଗ ହେଉଛି।

ଅସ୍ତରଙ୍ଗ ବ୍ଲକ ଠାରୁ ଆରମ୍ଭ କରି ଶିକ୍ଷାବିଭାଗ, ମହିଳା ଶିଶୁବିକାଶ କାର୍ଯ୍ୟାଳୟ, ତହସିଲ, ପ୍ରାଣୀଚିକିତ୍ସାଳୟ, ଥାନା, ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର, କୃଷିବିଭାଗ, ଉଦ୍ୟାନ ବିଭାଗ ତଥା ଅନ୍ୟ ସମସ୍ତ ବିଭାଗରେ ଜଣେ ଜଣେ ଅଧିକାରୀ ଓ କର୍ମଚାରୀ ଦୀର୍ଘ ଦିନ ହେବ ଚୌକି ନ ଛାଡି ଗାଦି ମାଡି ବସିଛନ୍ତି। ସୂଚନା ଅନୁଯାଇ ସରକାରୀ ନୀତିନିୟମ ଅନୁସାରେ ଜଣେ ସରକାରୀ କର୍ମଚାରୀ ନୂଆକୁ ଅବା ଉଚ୍ଚ ପଦସ୍ଥ ଅଧିକାରୀ ଗୋଟିଏ ଗୋଟିଏ କାର୍ଯ୍ୟାଳୟରେ ୩ ବର୍ଷରୁ ଅଧିକ ରହି ପାରିବାର ନିୟମ ନଥିବା ବେଳେ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଜଣେ ଜଣେ ଅଧିକାରୀ ସମସ୍ତ ସରକାରୀ ନୀତି ନିୟମକୁ ଉଲଘଂନ କରି କାର୍ଯ୍ୟ କରୁଛନ୍ତି। କିଛି କର୍ମଚାରୀ ଉପରିସ୍ଥ ଅଧିକାରୀ କିମ୍ବା ନେତା ମନ୍ତ୍ରୀଙ୍କୁ ଧରି ଗାଦି ମାଡିବସିଛନ୍ତି। ତେଣୁ ଏହା ପଛରେ ବ୍ୟାପକ ଅର୍ଥ କାରବାର ହେଉଥିବା ଅନୁମାନ କରାଯାଉଛି। ଯାହାକି ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଦିନକୁ ଦିନ ଦୁର୍ନୀତି ବୃଦ୍ଧି ପାଇଁ ଚରମ୍ ସୀମାରେ ପହଂଚି ସାରିଛି।ଯାହାର ସୁଯୋଗ ନେଇ ପିସିକାରବାର ସୀମା ଟପି ସାରିଥିବା ବେଳେ ମୁନାଫା ଖୋର ଅସାଧୁ କର୍ମଚାରୀ ମାନେ ପକେଟ ଗରମ୍ କରି ମାଲେ ମାଲ ହେଉଛନ୍ତି।ଫଳରେ ସାଧାରଣ ଜନତା ଶୋଷଣ ଶିକାର ହେଉଛନ୍ତି।ଏଣୁ ଏଥିପ୍ରତି ବିଭାଗୀୟ ଅଧିକାରୀ ଉପଯୁକ୍ତ ତଦନ୍ତ କରି ଦୀର୍ଘ ବର୍ଷ ହେବ ବିଭିନ୍ନ କାର୍ଯ୍ୟାଳୟ କର୍ମଚାରୀ ଙ୍କୁ ଯାଞ୍ଚ କରି ଅନ୍ୟତ୍ର ବଦଳି କରିବାକୁ ଦାବୀ ହୋଇଛି।

## ଜାତୀୟ ରାଜପଥରୁ ପୁଣି ଉଠିଲା ପିଚୁ, ସମସ୍ୟାରେ ଗାଡ଼ି ଚାଳକ



ବିଭାଗ କରିଥିଲା ତାଳିପକା ମରାମତି

**ହିଞ୍ଜିଳିକାଟୁ,୧୯।୧୧ (ସଂଚାର ବ୍ୟୁରୋ):** ଅନେକ ସ୍ଥାନରେ ପରସ୍ତ ପରସ୍ତ ପିଚୁ ଉଠିଲାଣି । ରାସ୍ତା ମଝିରେ ଛୋଟ ବଡ ଖାଲଖମା ରହିଛି । ବହୁ ସ୍ଥାନରେ ରାସ୍ତାରୁ ପିଚୁ ଉଠିଯିବା ଫଳରେ ଗୋଡି ବାହାରି ଛିଞ୍ଚି ହୋଇ ପଡୁଛି। ଏଥିଯୋଗୁଁ ବିଶେଷ ଭାବରେ ଦୁଇ ଚକିଆ ଆରୋହୀମାନେ ସମସ୍ୟାରେ ପଡୁଛନ୍ତି । ଚାରିଚକିଆ ଯାନଗୁଡ଼ିକ ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ଯାଉଥିବା ବେଳେ ରାସ୍ତା ଫାଙ୍କା ଥିଲେ ମଧ୍ୟ ଚାଳକମାନେ ଗାଡ଼ିର ବେଗ ବଢ଼ାଇବାକୁ ଡରୁଛନ୍ତି । ଏହି ଦୃଶ୍ୟ ଦେଖିବାକୁ ମିଳୁଛି ହିଞ୍ଜିଳିକାଟୁ ନିକଟବର୍ତ୍ତୀ ୫୯ନଂ ଜାତୀୟ ରାଜପଥରେ।

ଏନେଇ କିଛି ଦିନ ତଳେ ଦୈନିକ ସମସ୍ତ ଖବର କାଗଜରେ ଉକ୍ତ ଖବର ପ୍ରକାଶିତ ହେବା ପରେ ନିର୍ମାଣକାରୀ ସଂସ୍ଥା ପକ୍ଷରୁ ତରବରିଆ ଭାବେ ନିର୍ମାଣ କାର୍ଯ୍ୟ କରାଯାଇଥିଲା। ତେବେ ପୁଣି କିଛି ଦିନ ପରେ ରାସ୍ତାରୁ ପିଚୁ ଉଠି ବଡ଼ ବଡ଼ ଖାଲ ସୃଷ୍ଟି ହୋଇଗଲାଣି । ସ୍କୁଟି ଭଳି ଛୋଟ ଯାନର ଚକ ଖାଲରେ ଲାଗି ରହୁଛି । ଏମିତିକି ଡାକ୍ତରଖାନାକୁ ଆମ୍ବୁଲାନ୍ସରେ ରୋଗୀ ନେଲେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ରାତ୍ରୀ ସମୟରେ ବିଦ୍ୟୁତ କାଟ ହେଲେ ସାଇକେଲ ଓ ବାଇକ ଆରୋହୀ ସାମାନ୍ୟ ଅସାବଧାନତା ହେଲେ ଦୁର୍ଘଟଣା ସମ୍ମୁଖୀନ ହେବାର ନଜିର ରହିଛି। ନିର୍ମାଣକାରୀ ସଂସ୍ଥା ଖାମଖିଆଲି ଏବଂ ମନୋମୁଖୀ କାର୍ଯ୍ୟ ଯୋଗୁଁ ଯାଉଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଏହି ରାସ୍ତାରେ ସୃଷ୍ଟି ହୋଇଥିବା ବଡ ବଡ ଖାଲକୁ ଯଥାଶୀଘ୍ର ତାଳିପକା କାମ କରା ନଯାଇ ଭଲଭାବେ ମରାମତି କରାଯିବାକୁ ଦାବି ହୋଇଛି।

## ବ୍ରିଜରେ ପିଟି ହୋଇ ବୁଲେଟ ଆରୋହୀ ଗୁରୁତର

**ବାଲିଅନ୍ତା,୧୯।୧୧ (ସଂଚାର ବ୍ୟୁରୋ):** ସରଦେଇପୁର-ନିମାପଡା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ଶିଶିଲୋ ଛକ ନିକଟରେ ଏକ ନିର୍ମାଣାଧୀନ ବ୍ରିଜରେ ପିଟି ହୋଇ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ହେଲେ ବାଲିଅନ୍ତା ଥାନା ଅଧୀନ ପ୍ରତାପରୁଦ୍ରପୁର ଅଞ୍ଚଳର ସତ୍ୟବ୍ରତ ପଣ୍ଡା (୩୫) । ତାଙ୍କ ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିଛି। ବର୍ଣ୍ଣ ଟୁ ହେଲ୍ପର ସ୍ୱେଚ୍ଛାସେବୀ ପଦକ ରଞ୍ଜନ ବାରିକ ଓ ଅକ୍ଷୟ କୁମାର ମଲିକ ସତ୍ୟବ୍ରତଙ୍କୁ ପ୍ରଥମେ ୧୦୮ ଡାକରା ବାଲିଅନ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଅବସ୍ଥା ସଂକଟାପର୍ଣ୍ଣ ହେବାରୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା । ସୂଚନା ଅନୁସାରେ ସତ୍ୟବ୍ରତ ଭୁବନେଶ୍ୱରରେ ଏକ ଘରୋଇ ସଂସ୍ଥାରେ ଚାକିରି କରନ୍ତି । ଆଜି ରାତି ୮ ସମୟରେ କାମ ସାରି ଘରକୁ ଫେରୁଥିବା ବେଳେ ଶିଶିଲୋ ଛକ ନିକଟରେ ଭାରସାମ୍ୟ ହରାଇ ନିର୍ମାଣାଧୀନ ବ୍ରିଜ୍‌ରେ ପିଟି ହୋଇଯାଇଥିଲେ ।

## ଗଞ୍ଜାମ ମହାବିଦ୍ୟାଳୟରେ ରକ୍ତଦାନ ଶିବିର, ୩୬ ୟୁନିଟ ରକ୍ତ ସଂଗ୍ରହ



**ଛତ୍ରପୁର,୧୯।୧୧ (ସଂଚାର ବ୍ୟୁରୋ):** ଗଞ୍ଜାମ ମହାବିଦ୍ୟାଳୟ କନଫରେନ୍ସ ହଲରେ ୟୁଥ ରେଡ୍ କ୍ରସ୍ ଏବଂ ଏଚଡିଏଫସି ବ୍ୟାଙ୍କ, ଛତ୍ରପୁର ଯୁଗ୍ମ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଅଛି। କଲେଜ ଅଧକ୍ଷା ସ୍ମରଣିକା ହୋତା ଓ ଛତ୍ରପୁର ଏଚଡିଏଫସି ବ୍ୟାଙ୍କର ମ୍ୟାନେଜର ସୁଶାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ଶିବିରରେ ସମ୍ମିଳିତ ଭାବେ ୩୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାନକାରୀ ସମସ୍ତ ଦାତାଙ୍କୁ ଅଧକ୍ଷା ଡ଼ ହୋତା କୃତଜ୍ଞତା ଜଣାଯାଇଛନ୍ତି। ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧାପକ, ଅଧାପିକା, ୟୁଥ ରେଡ କ୍ରସର ସମସ୍ତ ସଦସ୍ୟ ଓ କର୍ମଚାରୀ ପ୍ରମୁଖ ସକ୍ରିୟ ଭାବେ ଯୋଗଦେଇ ରକ୍ତଦାନ ଶିବିରକୁ ସଫଳ କରିଥିଲେ।

## ଢ଼ିଙ୍କିଆ ଜେଏସଡବ୍ଲୁ ବିରୋଧରେ ବିଶୋଦ୍‌ଗାର



**ପାରାଦ୍ୱୀପ,୧୯।୧୧ (ସଂଚାର ବ୍ୟୁରୋ):** ଢ଼ିଙ୍କିଆରେ ଗ୍ରାମସଭା ନକରାଇ କମ୍ପାନୀକୁ ଜଙ୍ଗଲ ଜମି ଅଧିକାର ଏକ ପାଖିଆ ଭାବେ ଟେକି ଦେଉଛି ପ୍ରଶାସନ। ଜେଟୀ ନିମନ୍ତେ ୧୭୦ ଏକର ଜମିରେ ପରିବେଶ ମଞ୍ଜୁରୀ ପାଇଥିବା ଜେଏସ୍‌ଡବ୍ଲୁ କମ୍ପାନୀ ଏବେ ହଜାର ହଜାର ଏକର ଜମିରୁ ଜଙ୍ଗଲ ସଫା କରିବାରେ ବ୍ୟସ୍ତ। ମହାବାତ୍ୟା ସମୟରେ ଅଞ୍ଚଳକୁ ରକ୍ଷା କରିଥିବା ବାଲିଟିକିରା ଏବେ ଛାରଖାର। ସ୍ୱତନ୍ତ୍ର ଗ୍ରାମସଭା ପୂର୍ବଦିନ ପ୍ରସାଶନ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ୧୬୩ ବିଏନଏସ ଧାରା ଲାଗୁ କରି ଲୋକଙ୍କ ଅଧିକାର ଛଡ଼ାଇ ନେଇଛି। ଏବେ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶରେ ଗ୍ରାମସଭା କରାଇବାକୁ କଡା ନିର୍ଦ୍ଦେଶ ଥିବା ବେଳେ ଯଦି ଏହାକୁ ପ୍ରଶାସନ କରାଇ ନଦିଏ ତେବେ ଆଗାମୀ ଦିନରେ ବିରାଟ ଆନ୍ଦୋଳନ ହେବ ବୋଲି ଆଜି ସାମ୍ବାଦିକ ସମ୍ମିଳନୀ ମାଧମରେ ଚେତାବନୀ ଦେଇଛନ୍ତି ଢ଼ିଙ୍କିଆ ସରପଞ୍ଚ ପିଙ୍କି ଦାସ, ସମିତି ସଭ୍ୟା ମିତାଞ୍ଜଳୀ ବେହେରା ଓ ସ୍ଥାନୀୟ ଜିଲ୍ଲାପରିଷଦ ପିନାକୀ ନାରାୟଣ ଦାସ। ବହୁ ଚର୍ଚ୍ଚିତ ଢ଼ିଙ୍କିଆ ଚାରି ଦେଶ ମଧରେ ଏବେ ଜେଏସଡବ୍ଲୁ କମ୍ପାନୀ ତାର ପ୍ରକଳ୍ପ କାର୍ଯ୍ୟ ଆଗକୁ ନେଉଥିବା ବେଳେ ପଞ୍ଚାୟତର ବିନା ଗ୍ରାମସଭାରେ ଜଙ୍ଗଲ ଜମିକୁ କମ୍ପାନୀକୁ ଦିଆଯାଉଥିବା ଦର୍ଶାଇ ଗତ ଅକ୍ଟୋବର ୨୮ ତାରିଖରେ ଗ୍ରାମସଭା ନିମନ୍ତେ ଡେଙ୍ଗୁରା ଦିଆଯାଇଥିଲା। କିନ୍ତୁ ଶାନ୍ତି ଭଙ୍ଗ ଓ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଦେଖାଇ ଜିଲ୍ଲା ପ୍ରଶାସନ ୨୭ ଅକ୍ଟୋବରରୁ ୧୬୩ ଧାରା ଲାଗୁ କରିବା ପରେ ଏବେ ସେଠାରେ ଧୀରେ ଧୀରେ ଲୋକଙ୍କ ବିରୋଧର ସ୍ୱର ଶାଣିତ ହେବାରେ ଲାଗିଛି। ସରପଞ୍ଚ ସମିତି ସଭ୍ୟା ଓ ଜିଲ୍ଲା ପରିଷଦ ସଭ୍ୟ ଏବେ ଜିଲ୍ଲା ପ୍ରଶାସନ ସହ ବିରୋଧ ହୋଇଥିବା ବେଳେ ଆଜିର ସାମ୍ବାଦିକ ସମ୍ମିଳନୀ ପରେ ସେଠାରେ କମ୍ପାନୀ କଡା ବିରୋଧର ସମ୍ମୁଖୀନ ହେବାକୁ ଯାଉଥିବା ସୂଚନା ମିଳିଲାଣି।

## ଜୟଦେବ ବିଜେପିର ସାଂଗଠନିକ କର୍ମୀ ସମ୍ମିଳନୀ



**ବାଲିଅନ୍ତା,୧୯।୧୧ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ପଞ୍ଚାୟତରୋଡ଼ ସ୍ଥିତ ଶ୍ରୀ କନଭେନସନ ଅଡ଼ିଟୋରିୟମରେ ଆଜି ବିଜେପିର ଜୟଦେବ ନିର୍ବାଚନମଣ୍ଡଳୀ ସ୍ତରୀୟ କର୍ମୀ ସମ୍ମିଳନୀ ଓ ନୂଆପଡ଼ା ଉପ ନିର୍ବାଚନ ବିଜୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏନେଇ ପୂର୍ବତନ ବିଧାୟକ ଡ. ଅରବିନ୍ଦ ଢାଲିଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାଧାରଣ ସଂପାଦକ ସାରଦା ପ୍ରସାଦ ଶତପଥୀ, ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ଭୁବନେଶ୍ୱର ମଧ ନିର୍ବାଚନମଣ୍ଡଳୀର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ପ୍ରମୁଖ କାର୍ଯ୍ୟକର୍ତ୍ତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପ୍ରଥମେ ନୂଆପଡ଼ା ଉପ ନିର୍ବାଚନ ବିଜୟ ଉତ୍ସବ ପାଳନ କରାଯିବା ସହ ସମସ୍ତ କର୍ମୀ ଓ ପ୍ରତିନିଧି ବନ୍ଦେ ମାତରଂ ଗାନ କରିଥିଲେ। ବିଭିନ୍ନ ପଞ୍ଚାୟତର ବିଜେପି ଜନ ପ୍ରତିନିଧି, ମଣ୍ଡଳ ସଭାପତି ଓ କର୍ମୀ ଓ ନାରୀନେତ୍ରୀଙ୍କ ସମେତ ପୂର୍ବତନ ଜନ ପ୍ରତିନିଧି, ଓ ପୁରୁଖା ନେତାମାନଙ୍କୁ ଅତିଥିବୃନ୍ଦ ସମ୍ବର୍ଦ୍ଧିତ କରିଥିଲେ।ବିଜେପି ସଂଗଠନକୁ ବୁଥ ସ୍ତରରୁ ସୁଦୃଢ଼ କରିବା ନେଇ ନେତୃବୃନ୍ଦ ଗୁରୁତ୍ୱାରୋପ କରିଥିଲେ ।

# ପୌରପରିଷଦ ସମ୍ମୁଖରେ ଉଠାଦୋକାନୀଙ୍କ ଧାରଣା



**ଖୁବ ଶୀଘ୍ର ସମସ୍ୟାର ସମାଧାନ କରାଯିବ**

**ହିଞ୍ଜିଳିକାଟୁ,୧୯।୧୧ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରପରିଷଦ ସାମ୍ନା ଓ ନିକଟରେ ରହିଥିବା ଉଠା ଦୋକାନୀ ମାନଙ୍କୁ ପୌରପରିଷଦ ପକ୍ଷରୁ ଉକ୍ତ ସ୍ଥାନରେ ବ୍ୟବସାୟ କରିବା ପାଇଁ ଅନୁମତି ନ ଦେବାରୁ ବୁଧବାର ଦିନ ପୌରପରିଷଦ ସାମ୍ନାରେ ପ୍ରାୟ ୨୦ ଉଠାଦୋକାନୀ ଧାରଣା ଦେଇଥିଲେ। ଉକ୍ତ ସ୍ଥାନର ଉଠା ଦୋକାନୀମାନେ ଆଜିକୁ ୨୮ ବର୍ଷ ହେଲା ବ୍ୟବସାୟ କରି ଆସୁଥିବା ବେଳେ ପ୍ରତିଦିନ ୧୦ଟଙ୍କା ଲେଖାଏଁ ପୌରପରିଷଦକୁ ପାନ୍ସୁ ଦେଉଛନ୍ତି। ସେଥିରୁ ହେଉଥିବା ରୋଜଗାରରେ ତାଙ୍କ ଘରେ ଚୁଲି ଜଳୁଛି।

ତେବେ କିଛି ଦିନ ପୂର୍ବରୁ ଉକ୍ତ ସ୍ଥାନରେ ଟ୍ରାଫିକ ସମସ୍ୟାକୁନେଇପୌରପରିଷଦକାର୍ଯ୍ୟାଳୟକୁଅନେକ ଥର ଅଭିଯୋଗ ଆସିଥିଲା। ଯାହାଫଳରେ ବର୍ତ୍ତମାନ ଟ୍ରାଫିକ ସମସ୍ୟାକୁ ଏଡାଇବା ପାଇଁ ଉକ୍ତ ସ୍ଥାନରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ଦୁଇ ଦିନ ହେବ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲା ପୌର ପରିଷଦ। ପୌର ପରିଷଦର ନିର୍ଦ୍ଦେଶକୁ ବ୍ୟବସାୟୀମାନେ ନ ମାନିବାରୁ ଆଜି ସକାଳୁ କିଛି ଠେଲାଗାଡିକୁ ହଠାତ ନେଇଯାଇଥିଲା ପୌରପରିଷଦ। ଏନେଇ ଆଜି ସେଇ ସ୍ଥାନର ସମସ୍ତ ଉଠା ଦୋକାନୀମାନେ ଏକଜୁଟ ହୋଇ ପୌରପରିଷଦ ସାମ୍ନାରେ ଧାରଣା ଦେଇଥିଲେ। ଧାରଣା ଦେବାର କିଛି ସମୟ ପରେ ବ୍ୟବସାୟୀଙ୍କ ସହ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା ହୋଇଥିଲା। ବ୍ୟବସାୟୀ ମାନେ ଏକ ଲିଖିତ ଆକାରରେ ସମସ୍ୟା ଜଣାଇଥିବା ବେଳେ ଠେଲାଗାଡି ଫେରା ଯାଇଥିଲା। ଅଧିକାରୀ ଓ ବ୍ୟବସାୟୀଙ୍କ ଆଲୋଚନା ପରେ ଧାରଣାରୁ ଉଠି ବ୍ୟବସାୟୀମାନେ ତାଙ୍କର ପୂର୍ବଭଳି ବ୍ୟବସାୟ ଆରମ୍ଭ କରିଥିଲେ।

ଏନେଇ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରାଙ୍କ ସହ ଯୋଗାଯୋଗ କରିବାରୁ ଉକ୍ତ ଘଟଣା ଉପରେ ଖୁବଶୀଘ୍ର ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯିବ ନେଇ କହିଛନ୍ତି।

## ବିଡିଓଙ୍କ ଦ୍ୱାରା ସ୍ନେହାରାଣୀ ସମ୍ବର୍ଦ୍ଧିତ



**ହିଞ୍ଜିଳିକାଟୁ,୧୯।୧୧ (ସଂଚାର ବ୍ୟୁରୋ):** ଭୁବନେଶ୍ୱର କ୍ୟାପିଟାଲ୍ ଉଚ୍ଚ ବିଦ୍ୟାଳୟ ୟୁନିଟ୍-୩ ପରିସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ପାଇଁ ଗୌରବ ଆଣିଥିଲେ ହିଞ୍ଜିଳିକାଟୁ ବ୍ଲକ ଅଧିନସ୍ଥ ପୋଚିଲିମା ଖମ୍ବେୟା ଦୋରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ଛାତ୍ରୀ ସ୍ନେହାରାଣୀ ଗୌଡ। ସ୍ନେହାରାଣୀ କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିବା ସହିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ମୁକ୍ତ ପ୍ରତିଯୋଗିତା ଯଥା ସ୍ପେଲିଂ ବି ରେ ପ୍ରଥମ, କବିତା ଲିଖନରେ ଦ୍ୱିତୀୟ ଓ ପ୍ରବନ୍ଧରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସ୍ନେହାରାଣୀଙ୍କ ଏହି ସଫଳତା ସମଗ୍ର ଗଞ୍ଜାମ ଜିଲ୍ଲାରେ ଖୁସିର ଲହରୀ ଖେଳାଇଦେଇଥିବା ବେଳେ ଆଜି ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାଗରୀକା ଷଡ଼ଙ୍ଗୀ ସ୍ନେହାରାଣୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସ୍ନେହାରାଣୀଙ୍କ ପାଠପଢ଼ା କଥା ଓ ଆଗାମୀ ଦିନର ଶିକ୍ଷା ସମ୍ବନ୍ଧୀୟ ଯାହା ବି ସାହାଯ୍ୟ ଆବଶ୍ୟକ ଯୋଗାଇଦେବା ପାଇଁ ବିଡ଼ିଓ ପ୍ରତିଶ୍ରୁତି ଦେଇଛନ୍ତି।

## ପିଏମ କିଷାନ ସମ୍ମାନ ନିଧି କିସ୍ତି ହସ୍ତାନ୍ତର



**ନବରଙ୍ଗପୁର,୧୯।୧୧ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଆଜି ନବରଙ୍ଗପୁର ସ୍ଥାନୀୟ ମିଶନ ଶକ୍ତି ହଲ ଠାରେ ଓ ଉମରକୋଟ ର କୃଷି ବିଜ୍ଞାନ କେନ୍ଦ୍ର ଠାରେ ପିଏମ କିଷାନ ସମ୍ମାନ ନିଧି କିସ୍ତି ହସ୍ତାନ୍ତର କାର୍ଯ୍ୟକ୍ରମ ଆଭାସୀ ଜରିଆରେ ପ୍ରଦର୍ଶିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିର ୨୧ତମ କିସ୍ତି ଦେଶର ୩୪ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ହସ୍ତାନ୍ତର କରାଯାଇଛି। ନବରଙ୍ଗପୁର ଜିଲ୍ଲାର ୧ ଲକ୍ଷ ୪ହଜାର ୯୩ଜଣ ଚାଷୀଙ୍କୁ କିସ୍ତି ହସ୍ତାନ୍ତର କରାଯାଇଛି। ୨୦ କୋଟି ୮୧ ଲକ୍ଷ ୮୬ହଜାର ଟଙ୍କା ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ପଠାଯାଇଛି।

ଆଜି ପିଏମ. କିଷାନ ସମ୍ମାନ ନିଧି ହସ୍ତାନ୍ତର କାର୍ଯ୍ୟକ୍ରମରେ ଉମରକୋଟ ଠାରେ ସାଂସଦ ବଳଭଦ୍ର ମାଝୀ ଯୋଗ ଦେଇଥିବା ବେଳେ ନବରଙ୍ଗପୁର ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକଗୌରୀ ଶଙ୍କର ମାଝୀ ଯୋଗ ଦେଇଥିଲେ। ଚାଷୀମାନଙ୍କୁ ପିଏମ କିଷାନ ସମ୍ମାନ ନିଧି ଯୋଜନାରେ ୨୦୦୦ ହଜାର ଟଙ୍କା ମିଳିବା ପରେ ସେମାନେ ବେଶ ଖୁସି ପ୍ରକାଶ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କୁ ଧନ୍ୟବାଦ ଦେଇଛନ୍ତି।

# ସଫେଇ କର୍ମଚାରୀଙ୍କୁ ମିଳୁନି ସୁରକ୍ଷା ସାମଗ୍ରୀ



**ନାହିଁ ଗ୍ଲୋଭ୍ସ କି ମାସ୍କ**

**ଦରମାରେ ମଧ ଅନ୍ୟାୟ**

**ଅଭିଯୋଗ ଉଠାଇଲେ ମିଳୁଛି ଚାକିରି ଛାଡ଼ ଧମକ**

**ଯାଜପୁର,୧୯।୧୧ (ସଂଚାର ବ୍ୟୁରୋ):** ସହରକୁ ପ୍ରତିଦିନ ସଫା ଓ ସୁନ୍ଦର ରଖୁଥିବା ସଫେଇ କର୍ମଚାରୀମାନଙ୍କ ଦୁର୍ଦ୍ଦଶା ଦିନକୁ ଦିନ ଗୁରୁତର ହେଉଛି। ପୌରପାଳିକା ଅଧୀନରେ କାମ କରୁଥିବା ଠିକା ସଂସ୍ଥାମାନେ ସରକାରୀ ନିୟମକୁ ଅବହେଳା କରି ସଫେଇ କର୍ମଚାରୀଙ୍କୁ ମୌଳିକ ସୁରକ୍ଷା ସାମଗ୍ରୀ ଦେବାରେ ସମ୍ପୂର୍ଣ୍ଣ ବିଫଳ ହେଉଛନ୍ତି।

ସୁରକ୍ଷା ବିନା କାମ, ଆବର୍ଜନା, ହସ୍ପିଟାଲ ୱାଷ୍ଟ, ଦୂଷିତ ପ୍ଲାଷ୍ଟିକ ଉଠାଇବା ସମୟରେ ଗ୍ଲୋଭ୍ସ କି ମାସ୍କ ନାହିଁ। ଏପର୍ଯ୍ୟନ୍ତ ପ୍ରୋଟେକ୍ଟିଭ୍ କିଟ୍ ମଧ ନାହିଁ। ଏହାର ପରିଣତି ଭାବେ କର୍ମଚାରୀମାନେ ପ୍ରତିଦିନ ବିପଦ ସହି କାମ କରୁଛନ୍ତି। ଜଣେ କର୍ମଚାରୀ ଦୁଃଖର ସହିତ କହିଛନ୍ତି ସହରକୁ ସଫା କରୁଛୁ ଆମେ, କିନ୍ତୁ ଆମ ପାଇଁ କିଏ ଭାବୁଛି ? ନିୟମ ଅନୁସାରେ ୧ରୁ ୧୦ ତାରିଖ ମଧରେ ଦରମା ଦେବା ଥିଲେ ମଧ କର୍ମଚାରୀମାନେ ମାସ ଶେଷ ପର୍ଯ୍ୟନ୍ତ ମଧ ବେତନ ପାଉନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଜଣେ ମହିଳା କର୍ମଚାରୀଙ୍କ କଥା- ଘର ଚାଲାଇବା ଦୁର୍ଲଭ। ହାତଖର୍ଚ୍ଚ ମଧ ନାହିଁ। ଅଭିଯୋଗ ଉଠାଇଲେ ଚାକିରି ଛାଡ଼ ଧମକ ଦିଆଯାଉଛି। ବିଗତ ଦିନରେ ସଫେଇ କର୍ମଚାରୀଙ୍କ ନେତୃତ୍ୱ ନେଉଥିବା ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାକୁ ନିଜ ବ୍ୟକ୍ତିଗତ ଇଚ୍ଛାରେ ଚାକିରି ଛାଡ଼ିବି ବୋଲି ଲେଖାଇ ବାହାର କରାଯାଇଥିବା ସୂତ୍ରରୁ ଜଣାପଡ଼ିଛି।

ଯାଜପୁର ପୌରପାଳିକା ଅଧୀନରେ କାମ କରୁଥିବା ତିନିଟି ଠିକା ସଂସ୍ଥା ସଫେଇ କର୍ମଚାରୀମାନଙ୍କୁ ଏକ ପ୍ରକାର ଅବହେଳା ଓ ଅନିୟମ କାର୍ଯ୍ୟ କରୁଥିବା ଅଭିଯୋଗ ଉଠିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱଚ୍ଛ ଭାରତ ଅଭିଯାନକୁ ସଫଳ କରିଥିବା ସଫେଇ କର୍ମଚାରୀମାନଙ୍କ ପାଦ ଧୋଇ ସମ୍ମାନ ଦେଇଥିଲେ।କିନ୍ତୁ ଯାଜପୁରରେ ସେଇ ସଫେଇ ଯୋଦ୍ଧାମାନେ ଅବହେଳା, ଧମକ ଓ ଅନ୍ୟାୟର ଶିକାର। କିନ୍ତୁ ପ୍ରଶାସନ ଚୁପ୍, କୌଣସି ପଦକ୍ଷେପ ନାହିଁ। ପୌର ପ୍ରଶାସନର ନୀରବତା ଉପରେ ସହରବାସୀ ମଧ ତୀକ୍ଷ୍ଣ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସହରକୁ ସଫା କରୁଥିବା ଏହି ହାତମାନେ ଯଦି ଏମିତି ଅବହେଳାରେ ରହିବେ ତାହେଲେ ସ୍ୱଚ୍ଛତାର ଏହି ଯୁଦ୍ଧ କିଏ ଲଢ଼ିବ ?

## ଅଷ୍ଟମ ନଗର ସ୍ୱାସ୍ଥ୍ୟ ମିଶନ ସଭା ଓ କାର୍ଯ୍ୟନିର୍ବାହୀ ବୈଠକ



**ବ୍ରହ୍ମପୁର,୧୯।୧୧ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ କର୍ପୋରେସନ୍ ଅଡିଟୋରିୟମ୍‌ଠାରେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ବ୍ରହ୍ମପୁର ଅନ୍ତର୍ଭୁକ୍ତ ଅଷ୍ଟମ ନଗର ସ୍ୱାସ୍ଥ୍ୟ ମିଶନ ସଭା ଓ ପ୍ରଥମ ପରିଚାଳନା ଓ କାର୍ଯ୍ୟନିର୍ବାହୀ ବୈଠକ ସହିତ ସହରାଞ୍ଚଳ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଭାପତି ଭାବରେ ମେୟର ସଂଘମିତ୍ରା ଦଳାଇ ଯୋଗ ଦେଇଥିଲେ। ଆୟୋଜିତ ବୈଠକରେ "ଆମ ହସ୍ପିଟାଲ୍" ଅନ୍ତର୍ଭୁକ୍ତ ବ୍ରହ୍ମପୁର ମହାନଗର ନିଗମର ୩ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଯଥା ରେଡ୍ କ୍ରସ୍, ଗୁଡ୍ ସେଡ୍ ରୋଡ୍ ଓ ଆମ୍ବପୁଆର ସମ୍ପୂର୍ଣ୍ଣ ବ୍ୟୟ ଅଟକଳକୁ ଅତିଶୀଘ୍ର ଉପସ୍ଥାପନା କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ମେୟର ଉପସ୍ଥିତ ସମସ୍ତ ଭାରପ୍ରାପ୍ତ ଚିକିତ୍ସାକାରୀଙ୍କୁ ସ୍ୱାସ୍ଥ୍ୟ ବିଭାଗର ଆଶା, ଏଏନ୍‌ଏମ୍ ଓ ସମସ୍ତ ସି.ଡି.ପି.ଓ.ଙ୍କୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଅଙ୍ଗନବାଡି ଦିଦି ମାନଙ୍କୁ ମିଳିତ ଭାବରେ ଟୀକାକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ସମ୍ ହସ୍ପିଟାଲ୍ କ୍ୟାମ୍ପସ-୨ରେ ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ହ୍ୱାଇଟ୍ କୋଟ ଉତ୍ସବ



**ଭୁବନେଶ୍ୱର,୧୯।୧୧ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ ଆଣ୍ଡ ସମ୍ ହସ୍ପିଟାଲ (କ୍ୟାମ୍ପସ-୨) ଫୁଲନଖରାରେ ୨୦୨୫-୨୬ ଶିକ୍ଷା ବର୍ଷ ନିମନ୍ତେ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇଥିବା ନୂତନ ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ନିମନ୍ତେ ବୁଧବାର ହ୍ୱାଇଟ୍ କୋଟ ଉତ୍ସବ ଆୟୋଜିତ ହୋଇଯାଇଛି। ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ ଆଣ୍ଡ ସମ୍ ହସ୍ପିଟାଲ-୨ର ଦ୍ୱିତୀୟ ବର୍ଷରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ହ୍ୱାଇଟ୍ କୋଟ ଉତ୍ସବରେ ୨୫୦ ଜଣ ଛାତ୍ରଛାତ୍ରୀ ମହର୍ଷି ଚରକଙ୍କ ଶପଥ ନେବା ସହ ମୂଲ୍ୟବୋଧ ଭିତିକ ଚିକିତ୍ସା କରିବା ନିମନ୍ତେ ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ଏଥିରେ ସୋଆ ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୂତନ ଏମ୍‌ବିବିଏସ୍ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ବୁଡ଼ିବାକୁ ବସିଛି ଚିନାବାଦାମ ଚାଷ

**ପ୍ରୋତ୍ସାହନ ନାହିଁ, ଚାଷୀ ନିରାଶ**



**କାକଟପୁର/ଅସ୍ତରଙ୍ଗ,୧୯।୧୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଦେଇ ପ୍ରବାହିତ ଦେବୀ ନଦୀ ତଟବର୍ତ୍ତୀ ପଞ୍ଚାୟତର ଦୋରସାରୁ ବାଲିଆ କିସମ ଏକର ଏକର ଜମିରେ ଅର୍ଥକାରୀ ଚିନାବାଦାମ ଚାଷ ହେଉଥିଲା। ଏବେ କୃଷି ବିଭାଗର ଉଦାସୀନତା ଯୋଗୁଁ ଅସ୍ତରଙ୍ଗ ବ୍ଲକର ନଗର, ଆଳସାହି, ତାଳଦା, ନଈଗୁଆଁ, ଛୁରିଆନା, ଶିଶୁଅ, ନୂଆଗଡ, ସୁଦିକେଶର, ଝାଡ଼ଲିଙ୍ଗ, ଓସିଆଁ ଆଦି ଗ୍ରାମ ମାନଙ୍କରେ ଚାଷୀମାନେ ପୂର୍ବରୁ ଚିନାବାଦାମ ଚାଷ କରୁଥିବା ବେଳେ କିଛି ବର୍ଷ ହେବ ଆଉ ଚାଷ କରୁନାହାନ୍ତି।

ଉଲ୍ଲେଖଯୋଗ୍ୟ ଯେଉଁ ବ୍ଲକରେ ଏକଦା ୪ଶହ ହେକ୍ଟର ଜମିରେ ଚିନାବାଦାମ ଚାଷ ହେଉଥିଲା ତାହା କିଛି ବର୍ଷ ହେବ ୨୫ହେକ୍ଟର ଜମିରେ ସୀମିତ ରହିଛି। ଅନ୍ୟ ପଟେ ଚିନାବାଦାମ ଚାଷ ପାଇଁ ଉର୍ବର ମୃର୍ତ୍ତିକା ଥିବା ନଦୀପଠା ନଗର, ଆଳସାହି, ତାଳଦା ସମେତ ଆଦି ପଞ୍ଚାୟତର ଚାଷୀମାନଙ୍କୁ କୃଷି ବିଭାଗ ପକ୍ଷରୁ ବିହନ ମିଳୁନଥିବା ନେଇ ଚାଷୀଙ୍କ ମଧରେ ଅସନ୍ତୋଷ ଦେଖିବାକୁ ମିଳିଛି। ଅପରପକ୍ଷେ ପରିବର୍ତ୍ତିତ ଜଳବାୟୁ ଓ ମାଟିର ଉର୍ବରତା ହ୍ରାସ ସହିତ ପ୍ରଶାସନିକ ଅବହେଳା ଅଣଦେଖା ଯୋଗୁଁ ଏହି ଚାଷ ବୁଡ଼ି ଯିବାକୁ ବସିଛି।

ଚାଷୀ କହିବା ଅନୁଯାୟୀ ୧୦ବର୍ଷ ତଳେ ଏହି ଚାଷରୁ ପର୍ଯ୍ୟାପ୍ତ ଲାଭ ମିଳୁଥିଲା। ଗୁଣ୍ଠ ପ୍ରତି ହଳ, ବିହନ, ସାର, ଔଷଧ ଶହ ସମସ୍ତ ଖର୍ଚ୍ଚ ୫ଶହ ଟଙ୍କା ମଧରେ ହେଉଥିବା ବେଳେ ଟ୍ରକ ଟ୍ରକ ଚିନାବାଦାମ କଟକ ମାଲଗୋଦାମକୁ ଯାଉଥିଲା। ଏହି ଚାଷ ଚାଷୀର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରୁଥିଲା। ଏବେ ଆଉ ସେ ଦିନ ନାହିଁ। ବର୍ତ୍ତମାନ ଏହି ଚାଷ ପାଇଁ ସେପରି କୌଣସି ପ୍ରୋତ୍ସାହନ ମିଳୁନାହିଁ।

ଏ ନେଇ ଅସ୍ତରଙ୍ଗ ବ୍ଲକ କୃଷି ଅଧିକାରିଣୀ ବି. ଅର୍ପିତା କହିଛନ୍ତି ଓସିଆଁ, ନଈଗୁଆଁ, ଖଣ୍ଡାସାହି ଗ୍ରାମର ଲୋକେ ଚିନବାଦାମ ଚାଷ କରୁଥିଲେ କିନ୍ତୁ ବାରମ୍ବାର ରୋଗ ପୋକ ହେବାରୁ ଅର୍ଥକାରୀ ଫସଲ ବନ୍ଦ କରି ଅନ୍ୟ ଫସଲ ପ୍ରତି ମନ ବଳାଇଲେ। ସୁଦିକେଶର, ସହନ, ବଳଭଦ୍ରପୁର ଗ୍ରାମମାନଙ୍କରେ ଜଙ୍ଗଲୀ ଜନ୍ତୁ ନଷ୍ଟ କରିଦେଉଥିବାରୁ ଚାଷୀ ଚିନାବାଦାମ ଚାଷ ବନ୍ଦ କରିଦେଇଛନ୍ତି। ଅନ୍ୟ ପଟେ କଣ୍ଟ୍ରାକ୍ଟ ଫାର୍ମିଙ୍ଗ ସମସ୍ୟା ଯୋଗୁଁ ଅନେକ ଚାଷୀ ଚିନାବାଦାମ ଚାଷ କରୁନାହାନ୍ତି। ଆଗାମୀ ଦିନରେ ଚାଷୀମାନଙ୍କୁ ବିହନ ଯୋଗାଇ ପୁନର୍ବାର ଅର୍ଥକାରୀ ଚିନାବାଦାମ ଫସଲ ଆରମ୍ଭ କରିବା ପାଇଁ ପ୍ରୋତ୍ସାହିତ କରାଯିବ।

## ବାଳକୃଷ୍ଣପୁର ବିଦ୍ୟାଳୟରେ ବିଜ୍ଞାନ ମେଳା



**ବ୍ରହ୍ମପୁର,୧୯।୧୧ (ସଂଚାର ବ୍ୟୁରୋ):** ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାଳକୃଷ୍ଣପୁର ଠାରେ ୨୦୨୫-୨୬ ଶିକ୍ଷାବର୍ଷର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାରେ ଆମ୍ବଗଡ ସମବାୟ ସମିତିର ସଭାପତି ତଥା ଲାଞ୍ଜିଆ ଗ୍ରାମ ପଂଚାୟତ ସମିତି ସଭ୍ୟ କାହ୍ନୁଚରଣ ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶିଶୁ ମାନଙ୍କ ଏହି ବିଜ୍ଞାନ ମେଳା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଦକ୍ଷିଣପୁର କ୍ଲଷ୍ଟର ସିଆରସିସି ଦୁଷ୍ମନ୍ତ କୁମାର ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶଶୀରେଖା ମଲିକ ପରିଚାଳନା କରିଥିଲେ। ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ରମେଶ ଚନ୍ଦ୍ର ସେନାପତି ଓ ବିଜ୍ଞାନ ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ନାହାକ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ୬୦ଟି ବିଜ୍ଞାନ ପ୍ରକଳ୍ପ ମଧରୁ ଜୁନିଅର ଗ୍ରୁପର ତିନୋଟି ଓ ସିନିୟର ଗ୍ରୁପର ତିନୋଟି ପ୍ରକଳ୍ପକୁ ବାଛିଥିଲେ। ଯେଉଁମାନେ କି ପରବର୍ତ୍ତୀ ସମୟରେ ବ୍ଲକ ଲେବେଲ ବିଜ୍ଞାନ ମେଳାରେ ଭାଗନେବେ ।

### ୩୭ତମ ସଂସଦୀୟ ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମ

# ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ୧୨ ଦେଶର ପ୍ରତିନିଧି



**ଓଡ଼ିଶା ପୂର୍ବ ଭାରତର ସାଂସ୍କୃତିକ କେନ୍ଦ୍ର**

**ଭୁବନେଶ୍ୱର, ୧୯।୧୧(ସଂଚାର ବ୍ୟୁରୋ):** ୩୭ତମ ସଂସଦୀୟ ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମ ଅବସରରେ ନୂଆଦିଲ୍ଲୀ ସ୍ଥିତ ସଂସଦ ସଚିବାଳୟ ତରଫରୁ ୧୨ଟି ଦେଶର ୪୦ ଜଣ ବିଦେଶୀ ପ୍ରତିନିଧି ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିବା ସହିତ ଏକ ବୈଠକରେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ବୈଠକରେ ଉପସ୍ଥିତ ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ ଓଡ଼ିଶାର ଦୃଢ଼ ଗଣତାନ୍ତ୍ରିକ ପରମ୍ପରା ଏବଂ ବିଧାନସଭାର ୮୯ ବର୍ଷର ଉତ୍ସର୍ଗୀକୃତ ଜନସେବାର ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଓଡ଼ିଶା ରାଜ୍ୟ ବିଧାନସଭାର ସଂସଦୀୟ କାର୍ଯ୍ୟ ପ୍ରଣାଳୀ ଭାରତର ଅନ୍ୟତମ ସର୍ବଶ୍ରେଷ୍ଠ।

ଜୁନ୍ ୨୦୨୪ରୁ ଜୁନ୍ ୨୦୨୫ ମଧ୍ୟରେ ଓଡିଶା ବିଧାନସଭା ୬୨ଟି ବୈଠକ ପରିଚାଳନା କରିଛି ଏବଂ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଲ୍, ୨୦୨୪ ଉପରେ ରେକର୍ଡ ୧୨ ଘଣ୍ଟା ୨୫ ମିନିଟ୍ ବିତର୍କ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବିଭିନ୍ନ ସଂସଦୀୟ କମିଟି ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରି ସେ କହିଥିଲେ ଯେ ଓଡ଼ିଶାର ୧୦ଟି ବିଭାଗୀୟ ସ୍ଥାୟୀ କମିଟି ସମେତ ୨୫ଟି କମିଟି ଗଠନ କରାଯାଇଛି। ଉନ୍ନତ ପ୍ରଶାସନ ସୁନିଶ୍ଚିତ କରିବା ପାଇଁ ଏହି କମିଟି ଗୁଡିକ ମିନି-ପାର୍ଲିମେଣ୍ଟ ଭାବରେ କାର୍ଯ୍ୟ କରୁଛି। ଓଡ଼ିଶା ନିକଟରେ ଅନୁସୂଚିତ ଜାତି ଏବଂ ଜନଜାତି କମିଟିର ଅଧ୍ୟକ୍ଷଙ୍କ ଜାତୀୟ ସମ୍ମିଳନୀକୁ ସଫଳତାର ସହିତ ଆୟୋଜନ କରିଥିଲା।

ଓଡ଼ିଶାର ସାଂସ୍କୃତିକ ସମୃଦ୍ଧି ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ, ରାଜ୍ୟକୁ ପୂର୍ବ ଭାରତର ସାଂସ୍କୃତିକ କେନ୍ଦ୍ର ଭାବରେ ବର୍ଣ୍ଣନା କରିଥିଲେ। ବିଦେଶୀ ପ୍ରତିନିଧିମାନେ ପୂର୍ବରୁ ପୁରୀ, କୋଣାର୍କ, ଧଉଳି ଏବଂ ଅନ୍ୟାନ୍ୟ ଐତିହ୍ୟସ୍ଥଳୀ ପରିଦର୍ଶନ କରିଥିଲେ। ସେମାନେ ଓଡ଼ିଶାର ଐତିହ୍ୟ ଓ ଆତିଥ୍ୟର ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ରାଜ୍ୟସଭା ସାଂସଦ ସୁଜିତ କୁମାର କହିଛନ୍ତି ଯେ, ବିଶ୍ୱ ଗଣତାନ୍ତ୍ରିକ ପରିବେଶରେ ଓଡ଼ିଶାର ବିଧାନସଭା ଏକ ଜାତୀୟ ମଡେଲ ଭାବରେ ଉଭା ହୋଇଛି। ଓଡ଼ିଶାର ବିଧାନସଭା ଶୃଙ୍ଖଳା, ଗଠନମୂଳକ ବିତର୍କ ଏବଂ ପ୍ରଯୁକ୍ତିବିଦ୍ୟା ନବସୃଜନର ଏକ ମଡେଲ। ଉକ୍ତ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମକୁ ପ୍ରତିନିଧିତ୍ୱ କରୁଥିବା ତୁର୍କମେନିସ୍ତାନର ମଜଲିସ୍ (ସଂସଦ) ସଦସ୍ୟ କରିମଗୁଲି ଗୁରବାଙ୍ଗୁଲିଭିଚ୍ ଗେଲଡିୟେଭ ଗଣତନ୍ତ୍ରରେ ସ୍ୱଚ୍ଛତା ଏବଂ ଡିଜିଟାଲ୍ ସଂସ୍କାର ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି ଏବଂ ଏହି ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ସମସ୍ତ ପ୍ରତିନିଧିଙ୍କ ପାଇଁ ସ୍ମରଣୀୟ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଓଡିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ନିର୍ଦ୍ଦେଶକ ପ୍ରାଇଡ ପ୍ରଶାନ୍ତ ମଲ୍ଲିକ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୨୧ରେ ଧର୍ମେନ୍ଦ୍ରଙ୍କ କଟକ ଗ୍ରସ୍ତ

### ବିଜେପି ଯୁବମୋର୍ଚ୍ଚାର ପ୍ରସ୍ତୁତି ବୈଠକ



**ଭୁବନେଶ୍ୱର,୧୯।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତା ୨୧ ତାରିଖ ଦିନ କଟକ ଗ୍ରସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କଟକ ମହାନଗର ନିଗମର କର୍ପୋରେଟର ତଥା ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଗଗନ ଓଝାଙ୍କ ବାସଭବନ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିହାର ସାଧାରଣ ନିର୍ବାଚନ ଓ ନୂଆପଡା ଉପନିର୍ବାଚନରେ ବିଜେପିର ସଫଳତା ପରେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଥମ କଟକ ଗ୍ରସ୍ତ ୨୧ ତାରିଖ ଅପରାହ୍ନ ୫ ଘଟିକା ସମୟରେ ହେବ। କଟକର ଆରାଧ୍ୟ ଦେବୀ ମା' କଟକ ଚଣ୍ଡୀଙ୍କୁ ସେ ଦର୍ଶନ କରି ଆଶୀର୍ବାଦ କାମନା କରିବେ। କେନ୍ଦ୍ରମନ୍ତ୍ରୀଙ୍କ କଟକ ଗ୍ରସ୍ତ ସମୟରେ କଟକର ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଏକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ। ଆଜିର ଏହି ପ୍ରସ୍ତୁତି ବୈଠକରେ ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, କୃଷ୍ଣଚନ୍ଦ୍ର ମଲିକ, ସଞ୍ଜୟ ଦାସ, କେଶବ କୁଣ୍ଡୁ, ବିଜୟାନନ୍ଦ ବାରିକ, ରାଜେଶ ମହାରଣା, ପୂର୍ଣ୍ଣଚନ୍ଦ୍ର ମିଶ୍ର, ମାନସ ମହାରଣା, ତପନ ବେହେରା, ଯତୀନ ମହାରଣା, ବିନୟ ମୁଦୁଲି, ଶନି ପଟ୍ଟନାୟକ, ପବନ ଓଝା, ଅମୀର ସାହୁ, ରାଜୁ ଗୁଇଁ, ରତ୍ନାକର ପ୍ରଧାନ, ଦୀପକ ମହାପାତ୍ର, ତ୍ରିନାଥ ମହାପାତ୍ର, ସ୍ୱାଧୀନ ପ୍ରଧାନ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ୨୧ରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ



**ପୁରୀ, ୧୯।୧୧(ସଂଚାର ବ୍ୟୁରୋ):** ଆସନ୍ତା ୨୧ ତାରିଖରେ ବସିବ ଶ୍ରୀମନ୍ଦିର ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ ଏହି ବୈଠକ। ଏହି ବୈଠକରେ ନାଟମଣ୍ଡପରେ ଶୃଙ୍ଖଳିତ ଦର୍ଶନ, ରତ୍ନ ଅଳଙ୍କାର ଗଣତି ମଣତି, ଆଦର୍ଶ ଗୁରୁକୁଳ ପ୍ରସଙ୍ଗରେ ଆଲୋଚନା ହେବ। ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ପରିଚାଳନା କମିଟିର ସଦସ୍ୟ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହିବେ।

## ୧୬ ଲକ୍ଷର ବ୍ରାଉନ୍‌ସୁଗାର ଜବତ

**ଜଗତସିଂହପୁର,୧୯।୧୧(ସଂଚାର ବ୍ୟୁରୋ):** ଜିଲ୍ଲା ଅବକାରୀ ସ୍କ୍ୱାଡ୍ ପକ୍ଷରୁ ଜାହାନପୁର ଗ୍ରାମରେ ଚଢ଼ଉ କରାଯାଇ ୧୬ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ କରାଯାଇଛି। ଏଥିସହିତ ଅବକାରୀ ବିଭାଗ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ବ୍ରାଉନ୍‌ସୁଗର ବେପାରୀ ହେଲା ପ୍ରଶାନ୍ତ କୁମାର ସ୍ୱାଇଁ। ଜିଲ୍ଲା ଅବକାରୀ ଇନ୍ସପେକ୍ଟର ପ୍ରଭାସ ଚୌଧୁରୀଙ୍କ ସୂଚନା ଅନୁସାରେ ଜଗତସିଂହପୁର ଥାନା ଅନ୍ତର୍ଗତ ଯାହାନପୁର ଗ୍ରାମରେ ବ୍ୟାପକ ବ୍ରାଉନସୁଗର କାରବାର ଚାଲିଥିବା ନେଇ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ଅବକାରୀ ବିଭାଗ ପକ୍ଷରୁ ଯୋଜନା ଅନୁସାରେ ଅତର୍କିତ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ଠାରୁ ବ୍ରାଉନ୍‌ସୁଗର ଜବତ ହୋଇଥିଲା। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୬ଲକ୍ଷ ଟଙ୍କା ହେବ ବୋଲି ଜିଲା ଅବକାରୀ ଇନ୍ସପେକ୍ଟର ଶ୍ରୀ ଚୌଧୁରୀ କହିଛନ୍ତି।

## ଚୋରି କରିବାକୁ ଆସି ଶବହୋଇ ଫେରିଲେ

**ଉଦଳା ୧୯।୧୧(ସଂଚାର ବ୍ୟୁରୋ):** ଚୋରି କରିବାକୁ ଗାଁରେ ପଶିଥିଲେ। ଘରେ ପଶିଥିବା ବେଳେ ଗାଁ ଲୋକଙ୍କ ହାତରେ ଧରାପଡ଼ି ନିର୍ଘୁମ ଛେଚା ଖାଇଲେ। କିଏ ଜାଣିଥିଲା ଏହାର ପରିଣତି ଏତେ ଭୟାନକ ହେବ। ନିର୍ଘାତ ମାଡ଼ରେ ଚାଲିଗଲା ଚୋରର ଜୀବନ। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଧାନଘେରା ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି। ସୂଚନାଯୋଗ୍ୟ ଯେ, ମଙ୍ଗଳବାର ବିଳମ୍ବିତ ରାତିରେ ଧାନଘେରା ଗାଁରେ ଦେଉଳା ଗ୍ରାମର ବାପି କୋହ୍ଲାର ଏବଂ କାହ୍ନୁ ମଢ଼େଇ ଚୋରି କରିବା ପାଇଁ ପଶିଥିଲେ। ଗାଁର ଦୁଇଟି ଘରୁ ସିଲିଣ୍ଡର ଚୋରିକରି ଘରୁ ବାହାରିବା ବେଳେ ଦୁହେଁ ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ିଯାଇଥିଲେ। ଗ୍ରାମବାସୀ ଦୁଇ ଚୋରଙ୍କୁ ଧରି ନିର୍ଘାତ ମାଡ଼ମାରି ଗୁରୁତର କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଚୋରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଉଦଳା ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଚୋର ବାପି ବିନ୍ଧାଣୀର ମୃତ୍ୟୁ ହୋଇଯାଇଥିଲା। ଅନ୍ୟ ଜଣେ ଗୁରୁତର ମେଡିକାଲରେ ଚିକିତ୍ସିତ ହୋଇଥିଲେ। ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ଖୋଳତାଡ଼ ଆରମ୍ଭ କରିଛି। ଚୋର ଦୁଇ ଜଣଙ୍କୁ ମାଡ଼ ମାରିଥିବା ୧୦ ଗ୍ରାମବାସୀଙ୍କୁ ଉଠାଇ ଆଣିଛି ପୁଲିସ। ଘଟଣା ସମ୍ପର୍କରେ ପୁଲିସ ସେମାନଙ୍କୁ ଅଧିକ ପଚରାଉଚରା କରୁଥିବା ଜଣାପଡିଛି।

## ଦୁଇ ବଖରା ଜଳିଗଲା

**ଧର୍ମଶାଳା,୧୯।୧୧(ସଂଚାର ବ୍ୟୁରୋ):** ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ଟିକରପଡା ପଞ୍ଚାୟତ କୁଜିବର ଗ୍ରାମର ପ୍ରଦୀପ ବେହେରାଙ୍କ ଘରେ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଗୋଟିଏ ବଖରା ଗୁହାଳ ଓ ଗୋଟିଏ ବଖରା ରୋଷେଇ ଘରଥିବା ଜଣାପଡିଛି। ଏହି ଘଟଣାକୁ ନେଇ ରସୁଲପୁର ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଘଟଣାରେ ପହଞ୍ଚି ନିଆଁକୁ ଆୟତ କରାଯାଇଥିଲେ ମଧ୍ୟ ୨ ବଖରା ଘର ପୋଡି ପାଉଁଶ ହୋଇଯାଇଥିଲା। ଗୁହାଳେ ଥିବା ସମସ୍ତ ଗୋରୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ତେବେ ଚୁଲିରୁ ଘରେ ନିଆଁ ଲାଗି ଯାଇଥିବା ଅନୁମାନ କରାଯାଉଛି।

## ପୁରୀରେ ପ୍ରତିଷ୍ଠା ହେବ କୁସ୍ତି ଓ ବକ୍ସିଂ ଏକାଡେମୀ

**ଭୁବନେଶ୍ୱର,୧୯।୧୧ (ସଂଚାର ବ୍ୟୁରୋ):** ପୁରୀରେ ଏକ କୁସ୍ତି ଏବଂ ବକ୍ସିଂ ଏକାଡେମୀ ପ୍ରତିଷ୍ଠା ପାଇଁ ଓଡ଼ିଶା ସରକାର ଅନୁମୋଦନ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ କ୍ରୀଡ଼ା ଏବଂ ଯୁବ ସେବା ବିଭାଗ ପକ୍ଷରୁ ପୁରୀ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଏକ ଚିଠି ପଠାଯାଇଛି। ପ୍ରସ୍ତାବିତ ଏକାଡେମୀ ପାଇଁ ଜିଲ୍ଲା କ୍ରୀଡା କମ୍ପ୍ଲେକ୍ସ ନିକଟରେ ଅତି କମରେ ଦୁଇ ଏକର ଜବରଦଖଲମୁକ୍ତ ସରକାରୀ ଜମି ଚିହ୍ନଟ କରିବାକୁ ବିଭାଗ ଜିଲ୍ଲା ପ୍ରଶାସନକୁ କହିଛି। ସ୍ୱତନ୍ତ୍ର ଦାୟିତ୍ୱ ଅଧିକାରୀ ସ୍ୱରୂପାନନ୍ଦ ସାହୁଙ୍କ ଦ୍ୱାରା ଜାରି କରାଯାଇଥିବା ପତ୍ରରେ କୁହାଯାଇଛି ଯେ, ଉପରୋକ୍ତ ବିଷୟ ପ୍ରତି ଏକ ସଦୟ ସନ୍ଦର୍ଭ ଆମନ୍ତ୍ରଣ କରି ମୁଁ ଜଣାଉଛି ଯେ, କ୍ରୀଡା ଏବଂ ଯୁବ ସେବା ବିଭାଗ ପକ୍ଷରୁ ପୁରୀରେ ଏକ କୁସ୍ତି ଏବଂ ବକ୍ସିଂ ଏକାଡେମୀ ପ୍ରତିଷ୍ଠା/ ବିକଶିତ କରିବା ପ୍ରସ୍ତାବକୁ ନୀତିଗତ ଅନୁମୋଦନ ପ୍ରଦାନ କରିଛନ୍ତି।

# ସହରୀକରଣରେ ନୂଆ ରାସ୍ତା, ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ



### ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ସମ୍ମିଳନୀ

- ଆଗାମୀ ୫୦ ବର୍ଷକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କର
- ବସ୍ତିବାସିନ୍ଦାଙ୍କ ପାଇଁ ଯୋଜନା ଭିତ୍ତିକ ସୁଲଭ ଆବାସକୁ ଗୁରୁତ୍ୱ

**ଭୁବନେଶ୍ୱର, ୧୯।୧୧(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଆନୁକୂଲ୍ୟରେ ଲୋକସେବା ଭବନସ୍ଥିତ କନଭେନସନ ସେଣ୍ଟର ଠାରେ ଆୟୋଜିତ ଦୁଇଦିନିଆ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ସମ୍ମିଳନୀରେ ବହୁ ଗୁରୁତ୍ୱପୂର୍ଣ୍ଣ ନିର୍ଯ୍ୟାସ ମିଳିଛି। ସମ୍ମିଳନୀର ଦ୍ୱିତୀୟ ଦିନର ପ୍ରଥମ ଅଧିବେଶନ ରାଜ୍ୟ ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼ଃ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଶ୍ରୀ ହରିଚନ୍ଦନ କହିଲେ ଯେ, ସହରାଞ୍ଚଳ ବିକାଶ ସହିତ ଜଡ଼ିତ ବର୍ଜ୍ୟବସ୍ତୁ ପରିଚାଳନା ସହର ପାଇଁ ମୁଖ୍ୟ ସମସ୍ୟା ଭାବେ ଦେଖା ଦେଇଥିବା ବେଳେ ଏଥିପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଆଗାମୀ ଦିନରେ ବଡ ବଡ ରାସ୍ତା ନିର୍ମାଣ ବେଳେ ବର୍ଜ୍ୟବସ୍ତୁକୁ ରାସ୍ତା ନିର୍ମାଣରେ ପ୍ରତିଟି କ୍ଷେତ୍ରର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ତେଣୁ ଆଗାମୀ ୫୦ବର୍ଷରୁ ଉର୍ଦ୍ଧ୍ୱକୁ ଦୃଷ୍ଟିରେ ରଖି ସହରର ଯୋଜନାବଦ୍ଧ ନକ୍ସା ପ୍ରସ୍ତୁତି କରିବାକୁ ସେ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାର ବିଭିନ୍ନ ସହରର ଭିଡ଼ କମାଇବା ପାଇଁ ବାଇ-ପାସ୍ ରାସ୍ତା ନିର୍ମାଣ, ସହର ଚତୁର୍ପାର୍ଶ୍ୱରେ ରିଂ-ରୋଡ୍ ନିର୍ମାଣ ଉପରେ ପଦକ୍ଷେପ ନେଉଥିବା ସେ ପ୍ରକାଶ କରିଥିଲେ। ଏବେ ବ୍ୟବହାର କରିବା ସଂପର୍କରେ ଯୋଜନା କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ।

ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼ଃ. ମହାପାତ୍ର ବସ୍ତିମୁକ୍ତ ସହରୀକରଣ ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟ ଅନ୍ୱେଷଣରେ ଆସି ବସ୍ତିରେ ବସତି ସ୍ଥାପନ କରୁଥିବା ବସ୍ତିବାସିନ୍ଦାଙ୍କ ସମସ୍ୟା ସମାଧାନ ସରକାରଙ୍କ ପ୍ରାଥମିକତା ରହିଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲ୍ଲାପାଳ, କଟକ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର୍ ଆୟାର, ଜିଲ୍ଲାପାଳ ନୂଆପଡା ମଧୁସୂଦନ ଦାଶ ନୂଆପଡା, ଜିଲ୍ଲାପାଳ, କଳାହାଣ୍ଡି, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ ଉପସ୍ଥିତ ଥିଲେ। ଅଧିବେଶନରେ ଶିଳ୍ପ ନିର୍ଦ୍ଦେଶକ ତଥା ଭାରତୀୟ ପ୍ରଶାସନିକ ଅଧିକାରୀ ଆବୋଲି ସୁନିଲ ନରୱଣେ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ।

### ● ଆଶ୍ରୟ ଦେବାକୁ କହି ମହିଳାଙ୍କୁ ଦୁଷ୍କର୍ମ

## ଅଭିଯୁକ୍ତକୁ ବାନ୍ଧିଲା ପୁଲିସ

**ରାୟଗଡ଼ା,୧୯।୧୧ (ସଂଚାର ବ୍ୟୁରୋ):** ଆଶ୍ରୟ ଦେବାକୁ କହି ଜଣେ ବିବାହିତା ମହିଳାଙ୍କୁ ଦୁଷ୍କର୍ମ କରାଯାଇଥିବା ଘଟଣା ରାୟଗଡ଼ାରେ ଚାଞ୍ଚଲ୍ୟ ଖେଳାଇଦେଇଛି। ପୁଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଘଟଣା ସହିତ ସଂପୃକ୍ତ ଅଭିଯୁକ୍ତକୁ ପୁଲିସ ଅଟକ ରଖି ପଚରାଉଚୁରା କରୁଛି। କୋରାପୁଟ ଜିଲ୍ଲାର ଏକ ଦମ୍ପତି କିଛି ମାସ ହେବ ତାମିଲନାଡୁ ରୋଜଗାର କରିବାକୁ ଯାଇଥିଲେ। ସେମାନେ ସେଠାରୁ ଟ୍ରେନ୍‌ରେ ଆସି ରାୟଗଡ଼ାରେ ପହଞ୍ଚିଥିଲେ। ଗତକାଲି ରାତି ୮ଟା ମଧ୍ୟରେ କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକର ଦମ୍ପତି ନିଜ ଗ୍ରାମକୁ ଯିବା ପାଇଁ ରାୟଗଡ଼ା ବସଷ୍ଟାଣ୍ଡରେ ଅପେକ୍ଷା କରିଥିଲେ। ଏହି ସମୟରେ ଜଣେ ଅଜଣା ଯୁବକ ପହଞ୍ଚିଥିଲେ। ଅପରିଚିତ ବ୍ୟକ୍ତି ଜଣକ ଦମ୍ପତିଙ୍କୁ କହିଥିଲେ, ବନ୍ଧୁଗାଁ ଯିବାକୁ ଗାଡ଼ି ମିଳିବ ନାହିଁ। ଏତେ ରାତିରେ କାହିଁକି ଯିବ ବୋଲି। ଏଠାରେ ରହିଲେ ତୁମର ଜିନିଷପତ୍ର ଚୋରି ହୋଇଯିବ। ଆମ ଘର ଅଛି ଏବଂ ରାତିକ ପାଇଁ ରହିଯାଅ। ରାତି ପାହିଲେ ତୁମେମାନେ ବନ୍ଧୁଗାଁ ଘରକୁ ଚାଲିଯିବ। ଦମ୍ପତି ଓ ଆଶ୍ରୟ ଦେବା ପାଇଁ କହିଥିବା ଯୁବକ ଗୋଟିଏ ସଂପ୍ରଦାୟର ହୋଇଥିବାରୁ ରାତି ରହିବା ପାଇଁ ରାଜି ହୋଇଯାଇଥିଲେ। ଏହାପରେ ଗୋଟିଏ ଦୋକାନରେ ତାଙ୍କ ସ୍ତ୍ରୀକୁ ବସାଇ ଯୁବକ ଜଣଙ୍କ ସହ ଜଳଖିଆ ଆଣିବାକୁ ଯାଇଥିଲେ। ଯୁବକ ଜଣଙ୍କ ନଫେରିବାରୁ ସ୍ୱାମୀ ତାଙ୍କ ସ୍ତ୍ରୀ ଅପେକ୍ଷା କରିଥିବା ଦୋକାନକୁ ଫେରି ସେଠାରୁ ସ୍ତ୍ରୀକୁ ନପାଇ ପଚାରିଥିଲେ। କିନ୍ତୁ ତାଙ୍କ ସ୍ତ୍ରୀଙ୍କୁ ଉକ୍ତ ଯୁବକ ସହ ଯାଇଥିବା ନେଇ ସେଠାରେ ଉପସ୍ଥିତ ଥିବା କିଛି ଲୋକ ପ୍ରକାଶ କରିଥିଲେ। ମହିଳାଙ୍କୁ ଉକ୍ତ ଯୁବକ ସେଠାରୁ ନେଇ କୋଇଲାସାହି ନିକଟସ୍ଥ ଏକ ଜଙ୍ଗଲରେ ବଳପୂର୍ବକ ଦୁଷ୍କର୍ମ କରିଥିଲେ। ସ୍ତ୍ରୀକୁ ନପାଇ ସ୍ୱାମୀ ଖୋଜାଖୋଜି କରୁଥିଲେ। ଏହି ସମୟରେ ତାଙ୍କ ସ୍ତ୍ରୀ କାନ୍ଦିକାନ୍ଦି ଆସୁଥିବା ଏବଂ ତାଙ୍କ ସହ ହୋଇଥିବା ଦୁଷ୍କର୍ମ ଘଟଣା ସଂପର୍କରେ ପ୍ରକାଶ କରିଥିଲେ। ଏହି ଘଟଣା ନେଇ ସ୍ୱାମୀ ରାୟଗଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ରାୟଗଡ଼ା ଏସଡିପିଓ ଗୌରହରୀ ସାହୁଙ୍କ ନେତୃତ୍ୱରେ ଘଟଣାର ତଦନ୍ତ ଆରମ୍ଭ ହୋଇଛି।

## ଅଧା ରହିଗଲା ରୋମିଓର ପାଉଁଜି ପିନ୍ଧା



### ଏୟାରଫୋର୍ସ ଗ୍ରାଉଣ୍ଡ ଷ୍ଟାଫ ଗିରଫ

**ଭୁବନେଶ୍ୱର, ୧୯।୧୧ (ସଂଚାର ବ୍ୟୁରୋ) :** ମାର୍କେଟ ବିଲ୍ଡିଂ ରୁ ବନ୍ଧାହେଲା ଲଭର ବୟ। ଲଭ ସେକ୍ସ ଧୋକା କେସରେ ଗିରଫ। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଗୋପାଳ ଚନ୍ଦ୍ର ଦୀକ୍ଷିତ। ଅଭିଯୁକ୍ତର ଘର ଇଟାମାଟି। ୧୫ ଦିନ ତଳେ ପୀଡିତା ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ଜଣଙ୍କ ଏୟାରଫୋର୍ସର ଗ୍ରାଉଣ୍ଡ ଷ୍ଟାଫ ଭାବେ କାମ କରନ୍ତି। ଲଦାଖ ରେ ସେ କାମ କରନ୍ତି। କାଲି ଲଦାଖ ଯିବାକୁ ପ୍ଲାନ କରୁଥିବା ବେଳେ କେସ ନମ୍ବର ୬୨୪ / ୨୫ ରେ ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି ପୁଲିସ। ପୀଡିତାଙ୍କ ସହ ସେ ଗତ ୩ ବର୍ଷ ହେଲା ଲିଭ ଇନ୍‌ରେ ରହୁଥିଲେ। ବିବାହର ପ୍ରଲୋଭନ ଦେଖାଇ ବାରମ୍ବାର ଶାରୀରିକ ସମ୍ପର୍କ ରଖୁଥିଲେ। ବଡ଼କଥା ହେଉଛି ଅଭିଯୁକ୍ତ ଜଣଙ୍କ ଗତକାଲି ସପିଂ ପାଇଁ ଭୁବନେଶ୍ୱର ଆସୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା ପୁଲିସ। ଥାନାଅଧିକାରୀ ତୃପ୍ତି ନାୟକଙ୍କ ନେତୃତ୍ୱରେ ଏକ ଟିମ ମାର୍କେଟ ବିଲ୍ଡିଂରେ ପହଞ୍ଚି ଦୋକାନରୁ ଦୋକାନ ବୁଲି ଯାଞ୍ଚ କରିଥିଲେ। ଠିକ ଏତିକିବେଳେ ଏକ ଜୁଏଲାରୀ ଦୋକାନରେ ଅଭିଯୁକ୍ତ ଜଣଙ୍କ ଥିବା ଦେଖିବାକୁ ପାଇଥିଲା ପୁଲିସ। କିନ୍ତୁ ସାଥିରେ ଥିଲେ ଆଉ ଜଣେ ଯୁବତୀ। ତାଙ୍କୁ ମଧ୍ୟ ପ୍ରେମ ଓ ବିବାହର ପ୍ରଲୋଭନ ଦେଖାଇ ଅଭିଯୁକ୍ତ ଜଣଙ୍କ ପାଉଁଜି ପିନ୍ଧାଉଥିବା ଦେଖିବାକୁ ପାଇଥିଲା ପୁଲିସ। ସେହିଠାରୁ ଅଭିଯୁକ୍ତକୁ ରଙ୍ଗେହାତ ଧରିବା ସହ ମେଡ଼ିକାଲ ଯାଞ୍ଚ ପରେ କୋର୍ଟଚାଲାଣ କରିଛି ପୁଲିସ।

### ● ନାବାଳିକା ଅପହରଣ ଓ ଅସଦାଚରଣ ମାମଲା

## ଅଭିଯୁକ୍ତଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ

**କନ୍ଧମାଳ, ୧୯।୧୧(ସଂଚାର ବ୍ୟୁରୋ):** ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟର ବିଚାରପତି ମନୋରଞ୍ଜନ ଦାଶ ଆଜି ଏକ ନାବାଳିକା ଅପହରଣ ଓ ଅସଦାଚରଣ ମାମଲାର ସାକ୍ଷୀ ଓ ପୀଡ଼ିତାଙ୍କ ବୟାନ ଆଧାରରେ ବିଚାର କରି ମାମଲାର ଅଭିଯୁକ୍ତ ଶିବରାମ ପ୍ରଧାନକୁ ୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୮ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦେୟ ତାକୁ ଆଉ ଅଧିକ ୬ ମାସ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ତରଫରୁ ଫାଷ୍ଟ ଟ୍ରାକ୍ ପୋକ୍ସୋକୋର୍ଟର ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲାକୁ ପରିଚାଳନା କରୁଥିଲେ। ସୂଚନା ଅନୁଯାୟୀ ଗତ ୨୦୨୫ ମସିହା ଅପ୍ରେଲ ମାସ ୧୮ ତାରିଖରେ ପୀଡ଼ିତାଙ୍କ ପରିବାର ପକ୍ଷରୁ ଘୁ. ଉଦୟଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାଧିକାରୀ ଏକ ମାମଲା ୭୧। ୨୦୨୫ ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟରେ ହାଜର କରାଇଥିଲେ। ଆଜି ବିଚାରପତି ସେହି ମାମଲାର ବିଚାର କରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ପୀଡ଼ିତାକୁ କ୍ଷତିପୂରଣ ବାବଦକୁ ଏକ ଲକ୍ଷ ଟଙ୍କା କ୍ଷତି ପୂରଣ ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଦେଶୀ ମଦ ଜବତ, ଜଣେ ଗିରଫ

**ଧର୍ମଶାଳା,୧୯।୧୧(ସଂଚାର ବ୍ୟୁରୋ):** ଯାଜପୁର ରସୁଲପୁର ବ୍ଲକରେ ବେଆଇନ ଦେଶୀ ମଦ କରାବାର ହେଉଥିବା ଖବର ପାଇ ଅବକାରୀ ବିଭାଗ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଭାଗବତ ମଲ୍ଲିକ ନିକଟରୁ ୪ ଲିଟର ଦେଶୀ ମଦ ଜବତ କରାଯିବା ସହ ତାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ବଡ ବ୍ୟବସାୟୀ ଖୁଲମଖୁଲା ବୁଲୁଥିବାବେଳେ କେବଳ ତଳିଆ ଲୋକଙ୍କୁ ଧରି ଗିରଫ କରି ଅବକାରୀ ବିଭାଗ ବାହାବା ନେଉଥିବା ସ୍ଥାନୀୟ ଲୋକେ କହିଛନ୍ତି।

### ୨ ଦିନ ହେଲା କେନ୍ଦ୍ରାପଡ଼ା ପୁଲିସ ସକ୍ରିୟ

## ବାଂଲା ଅନୁପ୍ରବେଶକାରୀଙ୍କ ଚାଲିଛି ଯାଞ୍ଚ

**କେନ୍ଦ୍ରାପଡା, ୧୯।୧୧ (ସଂଚାର):** ଜଗତସିଂହପୁର ସ୍ଥିତ କୁନ୍ଦରୁ ତିନି ସନ୍ଦିଗ୍ଧ ବାଂଲା ଅନୁପ୍ରବେଶକାରୀ ଧରା ପଡିବା ପରେ ଅନ୍ୟ ସନ୍ଦିଗ୍ଧମାନେ ଫେରାରହେବା ଘଟଣାକୁ ସରକାର ଓ କେନ୍ଦ୍ରାପଡା ପୁଲିସ ତତ୍ପର ହୋଇ ଛାନଭିନ ଆରମ୍ଭ କରିଛି। କେନ୍ଦ୍ରାପଡା ଏସପିଙ୍କ ନିର୍ଦ୍ଦେଶରେ ଦୁଇଦିନ ହେଲା ଆରମ୍ଭ ହୋଇଛି ସନ୍ଦିଗ୍ଧ ବାଂଲାଦେଶୀ ଯାଞ୍ଚ ପ୍ରକ୍ରିୟା। ଆକସନ୍ ମୁଡରେ କେନ୍ଦ୍ରାପଡା ପୁଲିସ ବିଭିନ୍ନ ସ୍ଥାନରେ ବ୍ଲକିଂ ଓ ଚେକିଂ ସହିତ ରାତିଆଧିଆ ଚଢ଼ାଉ ଜାରି ରହିଛି। ଘର ଭଡ଼ା ଦେଇଥିବା ମାଲିକ ସହ ଘର ଭଡ଼ା ନେଇଥିବା ଲୋକଙ୍କୁ ହାଜର ହେବା ପାଇଁ ଡକାଯାଇଛି। କେନ୍ଦ୍ରାପଡା ବିଭିନ୍ନ ବସ୍ତିରେ ରହୁଥିବା ଦିଲାରପୁର , ବଡ଼ହାଟ, ରଣପଡ଼ାରୁ ଅନେକ ସନ୍ଦିଗ୍ଧ ବାଂଲାଦେଶୀ ଟାଉନ୍ ଥାନକୁ ଡକାଯାଇ ଯାଞ୍ଚ୍ ଚାଲଛି। ଜଗତସିଂହପୁର ସନ୍ଦିଗ୍ଧ ବାଂଲାଦେଶୀ ଧରାପଡିବା ପରେ କେନ୍ଦ୍ରାପଡା ପୁଲିସ ତତ୍ପର ହୋଇ ଉଠିଛି। ଜିଲ୍ଲାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପ୍ରବେଶ ଓ ପଳାୟନ ଆଶଙ୍କା କରି ପୁଲିସ ଯାଞ୍ଚ ଆରମ୍ଭ କରିଛି। ଜିଲାର ଦୁହୁରିଆ, ଗରାପୁର, ରାଜକନିକା, ରାଜନଗର, ମହାକାଳପଡ଼ା, ଡେରାବିଶ ଅଞ୍ଚଳରେ ଯାଞ୍ଚ୍ ଚାଲିଛି ବୋଲି ଏସପି ସିଦ୍ଧାର୍ଥ କଟାରିଆ ସୁଚନା ଦେଇଛନ୍ତି। ଯଦି କୌଣସି ସ୍ଥାନରେ ସନ୍ଦିଗ୍ଧ ବାଂଲାଦେଶୀ ଧରାପଡନ୍ତି ସେମାନଙ୍କୁ ଛଡାଯିବ ନାହିଁ।

### ଆର୍‌ଟିଓ-୧ରେ ମାଳ ମାଳ ଦଲାଲ୍

## ୯ ଜଣଙ୍କୁ ବାନ୍ଧିଲା କମିସନରେଟ ପୁଲିସ

**ଭୁବନେଶ୍ୱର,୧୯।୧୧(ସଂଚାର ବ୍ୟୁରୋ):** ମହଙ୍ଗା ପଡିଲା ଆର୍‌ଟିଓ ଅଫିସ ସାମ୍ନାରେ ଦଲାଲଗିରି। ୯ ଜଣ ଦଲାଲଙ୍କୁ ବାନ୍ଧିବା କମିସନରେଟ ପୁଲିସ। ଆରଟିଓ ଭୁବନେଶ୍ୱର-୧ ସମ୍ମୁଖରେ ଦଲାଲରାଜ କରୁଥିବା ୯ ଜଣ ଦଲାଲଙ୍କୁ ଗିରଫ କରିଛି ପୁଲିସ। ୯ଟି ଲାପଟପ୍ ସହ ୨ଟି ପ୍ରିଣ୍ଟର ଜବତ କରିଛି ସହିଦ ନଗର ଥାନା ପୁଲିସ। ଡିଏଲ୍, ଏନ୍‌ଓସି, ଆର୍‌ସି ଓ ଗାଡ଼ି ମାଲିକାନା ପଞ୍ଜିକରଣ ଆଳରେ ଲୋକଙ୍କଠୁ ମୋଟା ଅଙ୍କର ଟଙ୍କା ଲୁଟୁଥିଲେ। ଟଙ୍କା ନେଇ ଲୋକଙ୍କୁ ଭୁଆଁ ବୁଲାଉ ଚାଲୁଥିଲେ। ଡ୍ରାଇଭିଂ ଲାଇସେନ୍ସ ପିଛା ୨ ହଜାର ଟଙ୍କା। ଏନ୍‌ଓସି ପାଇଁ ୫ ହଜାର ଟଙ୍କା ଦାବି କରୁଥିଲେ। ବାରମ୍ବାର ଲୋକ ଦଲାଲଙ୍କ ହାବୁଡ଼ରେ ପଡ଼ି ଆର୍‌ଟିଓ ଅଫିସକୁ ଆସି ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିଲେ। ଏନେଇ ବାରମ୍ବାର ଆର୍‌ଟିଓଙ୍କ ପାଖରେ ଅଭିଯୋଗ ପରେ ଏନେଇ ଭୁବନେଶ୍ୱର ଡିସିପିଙ୍କ ନିର୍ଦ୍ଦେଶ କ୍ରମେ ଦଲାଲଙ୍କୁ ଗିରଫ କରିଛି କମିଶନରେଟ୍ ପୁଲିସ୍। ଏପରିକି ପୂର୍ବରୁ ୨୦୨୨ରେ ମଧ୍ୟ ଗିରଫ ହୋଇଥିବା ଦଲାଲ ମଧ୍ୟ ଏଥର ଗିରଫ ହୋଇଛନ୍ତି। ଆଚାର୍ଯ୍ୟ ବିହାର ଆରଟିଓ-୧ କାର୍ଯ୍ୟାଳୟ ସମ୍ମୁଖରେ କିଛି ଦଲାଲ ସକ୍ରିୟ ଅଛନ୍ତି ଓ ଆରଟିଓ କର୍ମଚାରୀ ଭାବେ ନିଜକୁ ପରିଚୟ ଦେଇ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ/ନବୀକରଣ, ଏନଓସି, ମାଲିକାନା ହସ୍ତାନ୍ତର, ପଞ୍ଜୀକରଣ, ଫିଟନେସ୍ ସାର୍ଟିଫିକେଟ୍ ଓ ବୀମା ସହ ସମ୍ପର୍କିତ କାମ ପାଇଁ ଜନସାଧାରଣଙ୍କଠାରୁ ଅବୈଧ ଟଙ୍କା ଆଦାୟ କରୁଥିଲେ। ସେମାନେ ଅଫିସ୍ ସମ୍ମୁଖରେ ଲୋକଙ୍କୁ ଶସ୍ତା ଦରରେ ଶୀଘ୍ର ସେବା ପ୍ରଦାନ କରିବାର ଭ୍ରାମକ ପ୍ରତିଶ୍ରୁତି ଦେଇ ପ୍ରଲୋଭିତ କରୁଥିଲେ। ଯାଞ୍ଚ ସମୟରେ ଜନସାଧାରଣଙ୍କ ଚିହ୍ନଟ ଓ ପୂର୍ବ ଠକେଇ ରିପୋର୍ଟ ଆଧାରରେ ୯ ଜଣ ଅଭିଯୁକ୍ତଙ୍କୁ ଅଟକ ରଖାଯାଇଥିଲା। ପଚରାଉଚରାରେ ସେମାନେ ନିଜକୁ ଆରଟିଓ କର୍ମଚାରୀ ଭାବେ ପରିଚୟ ଦେଇ ଲୋକଙ୍କଠାରୁ ଟଙ୍କା ନେଉଥିବା, ଅନେକ ସମୟରେ ଡକ୍ୟୁମେଣ୍ଟ କିମ୍ବା ଫେରସ୍ତ ଟଙ୍କା ଦେଇନଥିବା ସ୍ୱୀକାର କରିଥିଲେ। ସେମାନେ ସରକାରୀ ନିର୍ଦ୍ଧାରିତ ଦରଠାରୁ ଅଧିକ ଟଙ୍କା ନେଇ ପ୍ରତ୍ୟେକ ପୀଡିତଙ୍କଠାରୁ ପ୍ରାୟ ୫ ହଜାର ଟଙ୍କା ରୋଜଗାର କରୁଥିବା କଥା ମଧ୍ୟ କହିଥିଲେ।

### ମାତିଛନ୍ତି ମାଫିଆ, ଅହରହ ବୋହୁଛନ୍ତି ବାଲି

# ଘନଉଛି ପଞ୍ଚାୟତ ପ୍ରତି ବିପଦ

- ପ୍ରଶାସନଠୁ ରାଜନେତା ସମସ୍ତଙ୍କ ଆଖିରେ ଅନ୍ଧପୁଟୁଳି
- ବିଲେଇ ବେକରେ ଘଣ୍ଟି ବାନ୍ଧିବାକୁ କାହାର ବି ଜୁ' ନାହିଁ

**ସୁକିନ୍ଦା,୧୯।୧୧(ସଂଚାର ବ୍ୟୁରୋ):** ସମ୍ପ୍ରତି ରାଜ୍ୟର ବିଭିନ୍ନ ବାଲିଘାଟରେ ମାଫିଆମାନେ ମନଇଛା ବାଲି ଉଠାଇ ବେଶ୍ ମୋଟା ଅଙ୍କର ମୁନାଫା କମାଉଛନ୍ତି। ଏଥିରେ ବାଧା ଦେଲେ ସେମାନେ ଆଇନକୁ ହାତକୁ ନେବାକୁ ବି ପଛାଉନାହାନ୍ତି। ସ୍ଥାନୀୟ ଲୋକେ ତ ଦୂରେ ଥାଉ, ପୁଲିସ, ଏପରିକି ବଡ଼ ବଡ଼ ଅଧିକାରୀ ବି ଏଥିରୁ ବାଦ୍ ପଡୁନାହାନ୍ତି। ଯାଜପୁର ଜିଲ୍ଲାର ସୁକିନ୍ଦା ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର୍ ପଞ୍ଚାୟତରେ ଏହିପରି ଅହରନିଶି ବାଲି ବୁହା ଚାଲିଛି। ପାଖାପାଖି ୫ ବର୍ଷ ହେଲା ଏହି ବେଆଇନ କାରବାର ଚାଲିଥିଲେ ହେଁ ଏଥିପ୍ରତି କେହି ବି ଦୃଷ୍ଟି ଦେଉନାହାନ୍ତି। ଗୋଟିଏ ପଟେ



ସଂପୃକ୍ତ ପଞ୍ଚାୟତ ବିଶେଷକରି ବଞ୍ଚା ଓ କୁମୁଡ଼ି ଗ୍ରାମବାସୀ ସେତେଟା ସଚେତନ ନ ଥିବାରୁ ସେମାନଙ୍କ ଆଖିରେ ଶୁଖୁଆ କଣ୍ଟା ଗେଞ୍ଜି ମାଫିଆମାନେ ନିଜ ପକେଟ୍ ଗରମ କରିଚାଲିଛନ୍ତି। ନିୟମିତ ଭାବେ ମାଫିଆମାନେ ଶହ ଶହ ଟ୍ରାକ୍ଟର ମାଧ୍ୟମରେ ଟନ୍ ଟନ୍ ବାଲି ବୋହିନେଉଛନ୍ତି। ନା ଏଥିପ୍ରତି ପ୍ରଶାସନର ନଜର ପଡୁଛି ନା ଅବିଚାରିତ ଭାବେ ବାଲି ଉଠିବା ଦ୍ୱାରା ନଦୀ ଗର୍ଭ ଉପରେ ପଡୁଥିବା ଚାପ ନେଇ ସ୍ଥାନୀୟ ଲୋକେ ହୃଦବୋଧ କରିପାରୁଛନ୍ତି। କାରଣ ପଞ୍ଚାୟତଟି ଏକ ବନ୍ୟାଞ୍ଚଳ ହୋଇଥିବାରୁ ଏଠାରେ ପ୍ରାୟତଃ ପ୍ରତିବର୍ଷ ବନ୍ୟା ଆସିଥାଏ। ଫଳତଃ ବିଲବାଡ଼ିରେ ପାଣି ମାଡି ଗାଁର ଗରିବ ଚାଷୀମାନେ ଗୁଜୁରାଣ ମେଣ୍ଟାଇବା ପାଇଁ କରିଥିବା ପରିବାପତ୍ର ହରାଇଥାନ୍ତି। ଏପରିକି ବିଲରେ ସପ୍ତାହ ସପ୍ତାହ ଧରି ପାଣି ଜମି ରହିବା ଫଳରେ ଚାଷୀ ବର୍ଷକର ଦାନା ବି ହରାଇ ପରବର୍ତ୍ତୀ ସମୟରେ ଧାର କରଜରେ ବୁଡ଼ିଯାଉଛନ୍ତି। ଏପରି ସ୍ଥିତିରେ ନଦୀପଠାରୁ ହଜାର ହଜାର ଟ୍ରିପ ବାଲି ଉଠୁଥିବାରୁ ବ୍ରାହ୍ମଣୀର ଜଳଧାରଣ କ୍ଷମତା ହ୍ରାସ ପରିପ୍ରେକ୍ଷୀରେ ଆଗାମୀ ଦିନରେ ବନ୍ୟା ଅଧିକ ସାଙ୍ଘାତିକ ରୂପ ନେବାର ଆଶଙ୍କା ରହିଛି। ଏପରି ହେଲେ ଦିନେ ଯେ ପଞ୍ଚାୟତର ତିନିଟି ଗାଁ ନଦୀ ଗର୍ଭରେ ଲୀନ ହୋଇଯିବେ। ଏଥିସହ ଆଜି ପର୍ଯ୍ୟନ୍ତ ଆଖିରେ ଅନ୍ଧପୁଟୁଳି ବାନ୍ଧିଆସିଥିବା ସ୍ଥାନୀୟ ଲୋକପ୍ରତିନିଧି ନିଜର ଦାୟିତ୍ୱକୁ ବୁଝିବାର ଆବଶ୍ୟକତା ରହିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ମେଟାକୁ ଆଶ୍ୱସ୍ତି: ଅବିଶ୍ୱାସ ସମ୍ବନ୍ଧୀୟ ମାମଲା ଖାରଜ



ନୂଆଦିଲ୍ଲୀ, ୧୯।୧୧: ମେଟାକୁ ମିଳିଲା ବଡ ଆଶ୍ୱସ୍ତି। ଏକ ମାମଲାରେ ଛନ୍ଦି ହୋଇଥିବା ମେଟା ବା ଫେସବୁକକୁ ଶେଷରେ କୋର୍ଟ ବିଭିନ୍ନ ଅଭିଯୋଗରୁ ମୁକ୍ତ କରିଛନ୍ତି। ଆମେରିକା ଜିଲ୍ଲା ଜଜ୍ ଜେମ୍ସ ବୋସବର୍ଗ ମେଟା ବିରୋଧରେ ଦାଖଲ ହୋଇଥିବା ଅବିଶ୍ୱାସ ସମ୍ବନ୍ଧୀୟ ମାମଲାକୁ ଖାରଜ କରିଛନ୍ତି। ତେବେ ଏହି ମାମଲା ୟୁଏସ ଫେଡେରାଲ ଟ୍ରେଡ୍ କମିଶନଙ୍କ ଦ୍ୱାରା ଦାଖଲ ହୋଇଥିଲା। ଯଦି ମେଟା କେସ ହାରିଥାନ୍ତା ତେବେ ହ୍ୱାଟସଆପ୍ ଏବଂ ଇନଷ୍ଟାଗ୍ରାମ୍ ସହ ସମ୍ପର୍କ ଛିନ୍ନ କରିଥାନ୍ତା କମ୍ପାନୀ।

ମେଟା ବିରୋଧରେ ଦାଖଲ ହୋଇଥିବା ଅବିଶ୍ୱାସ ମାମଲା କମ୍ପାନୀ ପାଇଁ ବଡ ଚ୍ୟାଲେଞ୍ଜ୍ ଥିଲା। ଅଭିଯୋଗ ଥିଲା ଯେ କମ୍ପାନୀ ଇନଷ୍ଟାଗ୍ରାମ ଏବଂ ହ୍ୱାଟସଆପକୁ କ୍ରୟ କରିଛି। ପ୍ରତିଯୋଗିତାକୁ ଶେଷ କରିବା ପାଇଁ ମେଟା ଏହା କରିଥିଲା। ଫଳରେ କମ୍ପାନୀ ଅନ୍ୟ ସଂସ୍ଥାର ଡାଟାକୁ ବ୍ୟବହାର କରିପାରିବ। ନିଜେ ମାର୍କ ଜୁକରବର୍ଗ ମଧ୍ୟ ପ୍ରତିଯୋଗିତା ବଦଳରେ କମ୍ପାନୀ କିଣିବାକୁ ପସନ୍ଦ କରିବେ ବୋଲି କହିଥିଲେ।

ମାମଲାର ଶୁଣାଣି ବେଳେ ଜଜ୍ କହିଥିଲେ ଯେ, କମ୍ପାନୀ ଦୀର୍ଘ ବର୍ଷ ହେଲା ସୋସିଆଲ ମିଡିଆରେ ନିଜର ଆଧିପତ୍ୟ ବିସ୍ତାର କରି ଆସିଛି। ହ୍ୱାଟସଆପ୍ ଏବଂ ଇନଷ୍ଟାଗ୍ରାମକୁ କ୍ରୟ କରି କମ୍ପାନୀ କିଛି ଭୁଲ କରିନି। କୌଣସି ଆପ୍ ସହ ଅନ୍ୟ କୌଣସି ଆପର ସମ୍ପର୍କ ନାହିଁ। ନିଜ ନିଜ ପରିସରରେ ସମସ୍ତ ଆପ୍ ସ୍ୱାଧିନ ଭାବେ କାମ କରୁଛନ୍ତି। ତେଣୁ ଏହା କମ୍ପାନୀ ପ୍ରତି ଥିବା ବିଶ୍ୱାସକୁ କ୍ଷତି ପହଁଚାଉ ନାହିଁ। ଗ୍ରାହକଙ୍କୁ ମଧ୍ୟ କୌଣସି ଦ୍ୱନ୍ଦ୍ୱରେ ରଖାଯାଇନି। ଫେଡେରାଲ ଟ୍ରେଡ୍ କମିଶନ ଅଭିଯୋଗ କରିଥିଲା ଯେ, ମେଟା ଲଗାତାର ଭାବେ ଅନେକ କମ୍ପାନୀକୁ ଅକ୍ତିଆର କରୁଛି। ଏହାଦ୍ୱାରା ସେ ବଜାରରେ ପ୍ରତିଯୋଗିତାକୁ ଶେଷ କରିଦେଉଛି। ଏକଚାଟିଆ କାରବାର କରୁଛି ମେଟା। ଯାହା ଗ୍ରାହକଙ୍କ ସ୍ୱାର୍ଥ ବିରୋଧୀ। ବଡ ବଡ କମ୍ପାନୀମାନେ କ୍ଷୁଦ୍ର ପ୍ରତିଯୋଗୀଙ୍କୁ ଆଗକୁ ବଢ଼ିବା ପାଇଁ ଦେଉ ନାହାଁନ୍ତି। ଯାହା ମେଟାର କାର୍ଯ୍ୟପ୍ରଣାଳୀରୁ ସ୍ପଷ୍ଟ ଜଣାପଡେ।

ସୂଚନାଯୋଗ୍ୟ, ଇନଷ୍ଟାଗ୍ରାମ ହେଉଛି ପ୍ରଥମ କମ୍ପାନୀ ଯାହାକୁ ମେଟା ଅକ୍ତିଆର କରିଥିଲା। କିନ୍ତୁ ଏହାକୁ ବନ୍ଦ କରାଯାଇ ନଥିଲା। ସ୍ୱାଧିନ ଭାବେ ଇନଷ୍ଟାଗ୍ରାମ ନିଜ ଆପରେ କାର୍ଯ୍ୟ କରୁଛି। ଅଧିକରୁ ଅଧିକ ଯୁବପୀଢ଼ିଙ୍କୁ ଆକୃଷ୍ଟ କରିବାକୁ ମେଟା ଇନଷ୍ଟାର ଅଂଶଧନ କିଣିଥିଲା ବୋଲି କମ୍ପାନୀ କହୁଛି। ଏହାପରେ ହ୍ୱାଟସଆପକୁ ମଧ୍ୟ ମେଟା ନିଜ ମାଲିକାନାକୁ ଆଣିଥିଲା।

## ପୁଣିଥରେ ପରିବର୍ତ୍ତନ ହେବ ଆପଣଙ୍କ ଆଧାର




ନୂଆଦିଲ୍ଲୀ,୧୯।୧୧: ଆଜିକାଲି ଆଧାର କେତେ ଗୁରୁତ୍ୱପୂର୍ଣ୍ଣ ତାହା ଆପଣ ଜାଣିଥିବେ। ଏହା ବିନା ଆପଣଙ୍କର ସମସ୍ତ ଆର୍ଥିକ ପ୍ରବେଶ ଅସମ୍ଭବ। ସ୍ପଷ୍ଟ ଭାବରେ, ଏପରି ଏକ ଅତ୍ୟାବଶ୍ୟକୀୟ ଡକ୍ୟୁମେଣ୍ଟର ଅପବ୍ୟବହାର ହେବାର ବିପଦ ଥାଏ। ଏହି ବିପଦକୁ ଆଶଙ୍କା କରି, ସରକାର ପୁଣି ଥରେ ଆଧାରକୁ ଅଧିକ ସୁରକ୍ଷିତ କରିବା ପାଇଁ ପରିବର୍ତ୍ତନ ଘୋଷଣା କରିଛନ୍ତି। ଆଗାମୀ ନୂତନ ଆଧାର କାର୍ଡରେ କେବଳ ଆପଣଙ୍କର ଫଟୋ ଏବଂ ଏକ କ୍ୟୁଆର୍ କୋଡ ରହିବ। ପୂର୍ବରୁ ଲେଖାଯାଇଥିବା ନାମ, ଠିକଣା ଏବଂ ଆଧାର କାର୍ଡ ନମ୍ବର ହଟାଇ ଦିଆଯିବ। ବ୍ୟକ୍ତିଗତ ସୂଚନାର ଅପବ୍ୟବହାର ରୋକିବା ଏବଂ ଅଫଲାଇନ ଯାଞ୍ଚକୁ ନିରୁତ୍ସାହିତ କରିବା ପାଇଁ ଭାରତୀୟ ଅନନ୍ୟ ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ) ଆଧାର କାର୍ଡ ଧାରକଙ୍କ ଫଟୋ ଏବଂ ଏକ କ୍ୟୁଆର୍ କୋଡ ସହିତ ପ୍ରଦାନ କରିବା ବିଷୟରେ ବିଚାର କରୁଛି। ଆଧାର ଉପରେ ଏକ ସମ୍ମିଳନୀରେ ଭାଷଣ ଦେଇ, ୟୁଆଇଡିଏଆଇ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭୁବନେଶ କୁମାର କହିଛନ୍ତି ଯେ ହୋଟେଲ, ଇଭେଣ୍ଟ ଆୟୋଜକ ଏବଂ ଅନ୍ୟାନ୍ୟ ସଂଗଠନ ଭଳି ସଂଗଠନ ଦ୍ୱାରା ଅଫଲାଇନ ଯାଞ୍ଚକୁ ନିରୁତ୍ସାହିତ କରିବା ପାଇଁ କର୍ତ୍ତୃପକ୍ଷ ଡିସେମ୍ବରରେ ଏକ ନୂତନ ନିୟମ ପ୍ରଣୟନ କରିବାକୁ ବିଚାର କରୁଛନ୍ତି। ଏହା ସହିତ, ବ୍ୟକ୍ତିଗତ ଗୋପନୀୟତା ବଜାୟ ରଖି ଆଧାର ବ୍ୟବହାର କରି ବୟସ ଯାଞ୍ଚକୁ ସୁଗମ କରାଯାଇପାରିବ। ଶ୍ରୀ କୁମାର କହିଛନ୍ତି, କାର୍ଡରେ ଅତିରିକ୍ତ ବିବରଣୀ କାହିଁକି ଆବଶ୍ୟକ ତାହା ଆମେ ବିଚାର କରୁଛୁ। ଏଥିରେ କେବଳ ଏକ ଫଟୋ ଏବଂ ଏକ କ୍ୟୁଆର୍ କୋଡ ରହିବା ଉଚିତ୍। ଯଦି ଆମେ ଅଧିକ ସୂଚନା ମୁଦ୍ରଣ କରୁ, ତେବେ ଲୋକମାନେ ତାହା ବିଶ୍ୱାସ କରିବେ, ଏବଂ ଯେଉଁମାନେ ଏହାର ଅପବ୍ୟବହାର ଜାଣନ୍ତି ସେମାନେ ଏହା ଜାରି ରଖିବେ। ଏହାର ଅର୍ଥ ହେଉଛି ଆଧାର କାର୍ଡରେ ଏବେ କେବଳ ଆପଣଙ୍କର ଫଟୋ ଏବଂ ଏକ କ୍ୟୁଆର୍ କୋଡ ରହିବ, ଯାହା ଆପଣଙ୍କ ସମସ୍ତ ସୂଚନାକୁ ଗୋପନୀୟ ଏବଂ ସ୍ପଷ୍ଟ ରଖିବ।

## ଆଜିର ସୁନା ଦର



ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୪,୮୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୪,୪୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୪,୮୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୪,୪୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୪,୮୬୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୪,୪୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୫,୦୧୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୪,୬୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୪,୮୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୪,୪୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୪,୮୬୦ ଓ ୧,୧୪,୪୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୬୫,୦୦୦ ଟଙ୍କା ହୋଇଛି।

# ୧୫ ହଜାରରୁ ଅଧିକ ରୋଜଗାର କରୁଥିବା ଲୋକ ପାଇବେ ପେନ୍‌ସନ

ନୂଆଦିଲ୍ଲୀ,୧୯।୧୧: କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଅଧୀନରେ ପେନସନ କଭରେଜକୁ ବିସ୍ତାର କରିବା ପାଇଁ ସରକାର ବିଚାର ଆରମ୍ଭ କରିଛନ୍ତି। ଆର୍ଥିକ ସେବା ବିଭାଗ ସଚିବ ଏମ. ନାଗରାଜୁ କହିଛନ୍ତି ଯେ ଜନସଂଖ୍ୟାକୁ ସାମାଜିକ ସୁରକ୍ଷା ପ୍ରଦାନ କରିବା ପାଇଁ ବାଧ୍ୟତାମୂଳକ ପେନସନ କଭରେଜ ପାଇଁ ମାସିକ ୧୫,୦୦୦ ଦରମା ସୀମା ଆବଶ୍ୟକ। ସେ କହିଛନ୍ତି ଯେ ଏହା "ଅତ୍ୟନ୍ତ ଖରାପ" ଯେ କିଛି ଲୋକ, ବିଶେଷକରି ଘରୋଇ କ୍ଷେତ୍ରରେ କାମ କରୁଥିବା ଲୋକମାନେ, ଯେଉଁମାନେ ମାସିକ ୧୫,୦୦୦ରୁ ଅଧିକ ରୋଜଗାର କରନ୍ତି, ସେମାନଙ୍କର କୌଣସି ପେନସନ କଭରେଜ ନାହିଁ ଏବଂ ବୟସ ବଢ଼ିବା ସହିତ ସେମାନଙ୍କ ପିଲାମାନଙ୍କ ଉପରେ ନିର୍ଭରଶୀଳ ହୋଇଯାଆନ୍ତି।

ନାଗରାଜୁ ବ୍ୟାଖ୍ୟା କରିଛନ୍ତି ଯେ ମାସିକ ୧୫୦୦୦ରୁ କମ୍ ରୋଜଗାର କରୁଥିବା ଲୋକଙ୍କ ପାଇଁ ଇପିଏଫ (କର୍ମଚାରୀ ଭବିଷ୍ୟନିଧି ପାଣ୍ଠି) ବ୍ୟବସ୍ଥାରେ ପଞ୍ଜୀକରଣ ବାଧ୍ୟତାମୂଳକ। ତଥାପି, ୧୫୦୦୦ରୁ ଅଧିକ ରୋଜଗାର କରୁଥିବା ଲୋକଙ୍କ ପାଇଁ ଏହା ବାଧ୍ୟତାମୂଳକ ନୁହେଁ। ଆମକୁ ଏହା ବିଚାର କରିବାକୁ ପଡିବ। ଆମକୁ ବିଚାର କରିବାକୁ ପଡିବ ଯେ ଯେଉଁମାନେ ଟିକିଏ ଅଧିକ ରୋଜଗାର କରନ୍ତି ସେମାନଙ୍କ ଭବିଷ୍ୟତକୁ କିପରି ସୁରକ୍ଷିତ କରାଯାଇପାରିବ ଯାହା ଦ୍ୱାରା ସେମାନଙ୍କର ଭବିଷ୍ୟତ ସୁରକ୍ଷିତ ରହିବ ଏବଂ ବୃଦ୍ଧାବସ୍ଥାରେ ସେମାନଙ୍କ ପିଲାମାନଙ୍କ ଉପରେ ନିର୍ଭରଶୀଳ ନହେବେ," ସେ କହିଛନ୍ତି।




ଶିଳ୍ପ ସଂଗଠନ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅର୍ଥ ସଚିବ ଏହି ପେନସନ ଅସମାନତାକୁ ଏକ ଅସଙ୍ଗତି ବୋଲି ବର୍ଣ୍ଣନା କରିଥିଲେ। ସେ କହିଛନ୍ତି ଯେ ଏହା ସରକାରଙ୍କ ସର୍ବାଧିକ ସଂଖ୍ୟକ ଲୋକଙ୍କୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରିବାର ଲକ୍ଷ୍ୟର ବିରୁଦ୍ଧାଚରଣ କରେ। ନାଗରାଜୁ କହିଛନ୍ତି ଯେ ସରକାର-ସମର୍ଥିତ ଅଟଳ ପେନସନ ଯୋଜନାର ହିତାଧିକାରୀଙ୍କ ସଂଖ୍ୟା ୮୩ ନିୟୁତରେ ପହଞ୍ଚିଛି, ଏବଂ ସେମାନଙ୍କ ମଧ୍ୟରୁ ୪୮ ପ୍ରତିଶତ ମହିଳା। ସାମାଜିକ ସୁରକ୍ଷା ବ୍ୟବସ୍ଥା ଅଧୀନରେ ଅସଂଗଠିତ କ୍ଷେତ୍ରର ଲୋକଙ୍କ ସମେତ ଅଧିକ ଲୋକଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରଙ୍କ ପ୍ରୟାସ ଭବିଷ୍ୟତରେ ଜାରି ରହିବ।

### ଭାରତର ଇଲେକ୍ଟ୍ରିକ୍ କାର୍ ବଜାର

# ଚୀନ କମ୍ପାନିଙ୍କ କବ୍‌ଜାରେ ୩୩%

ମୁମ୍ବାଇ, ୧୯।୧୧: ଭାରତର ଇଲେକ୍ଟ୍ରିକ୍ କାର୍ ବଜାରରେ ଚୀନ୍ କମ୍ପାନିଙ୍କ ଦବ୍‌ଦବା ବଢ଼ିବାରେ ଲାଗିଛି। ସଂପ୍ରତି ଟାଟା ମୋଟର୍ସ ଏବଂ ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ଭଳି ଘରୋଇ କମ୍ପାନିଙ୍କ ଆଧିପତ୍ୟ ଭାରତ ବଜାରରେ ରହିଥିଲେ ମଧ୍ୟ ଆଗାମୀ ଦିନରେ ଏମାନଙ୍କ ପତିଆରା ବଜାୟ ରହିବା ନେଇ ଆହ୍ୱାନ ସୃଷ୍ଟି ହୋଇଛି।

ଗତ ୨ ବର୍ଷରୁ କମ୍ ସମୟ ମଧ୍ୟରେ ଅଧିକାଂଶ ଚୀନ କମ୍ପାନି ବିୱାଇଡି, ଏମ୍‌ଜି ଏବଂ ଭଲଭୋ (ସମସ୍ତେ ଚୀନରେ ନିବେଶରେ ପରିପୁଷ୍ଟ) ଆଦି କମ୍ପାନି ଭାରତରେ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀ ଦକ୍ଷିଣ କୋରିଆ ଏବଂ ଜର୍ମାନୀ କମ୍ପାନିଙ୍କୁ ଟପି ଭାରତରେ ଇଲେକ୍ଟ୍ରିକ କାର୍ ବଜାରର ଏକ ତୃତୀୟାଂଶ ଅକ୍ତିଆର କରିନେଇଛନ୍ତି। ଚୀନର ଇଲେକ୍ଟ୍ରିକ କାର୍ ଉପରେ ଭାରତୀୟଙ୍କ ଭରସା ବଢୁଛି। ସେମାନେ ଗ୍ରାହକଙ୍କୁ ଉନ୍ନତ ପ୍ରଯୁକ୍ତି, ରେଞ୍ଜ ଆଦି ଥିବା କାର୍ ଯୋଗାଇ ଦେଉଛନ୍ତି।

ଏଥିସହିତ ଜେପେଙ୍ଗ୍, ଗ୍ରେଟ୍ ୱାଲ୍ ଏବଂ ହାଇମା ଭଳି ଚୀନର ବିଦ୍ୟୁତ କାର ନିର୍ମାତା ଭାରତ ବଜାରରେ ସେମାନଙ୍କ ବଜାର ଖୋଜିବା ଉଦ୍ୟମ ଆରମ୍ଭ କରିଛନ୍ତି। ୫ ବର୍ଷ ଧରି ଭାରତ-ଚୀନ ସଂପର୍କ ଖରାପ ରହିବା ପରେ ସଂପ୍ରତି ଏଥିରେ ସୁଧାର ଆସିଛି। ଏଭଳି ସ୍ଥିତିରେ ଉପରୋକ୍ତ କମ୍ପାନିଗୁଡ଼ିକ ଭାରତ ବଜାରରେ ଉପସ୍ଥିତି ଜାହିର କରିବାରେ ସମର୍ଥ ହେବେ ବୋଲି ଆଶା କରାଯାଉଛି। ଚୀନ ନିବେଶକଙ୍କ ମାଲିକାନାରେ ଥିବା ବ୍ରିଟିସ କମ୍ପାନି ଏମ୍‌ଜି ମୋଟର ପ୍ରଥମେ ଭାରତରେ ତାହାର କାୟା ବିସ୍ତାର କରିଥିଲା। ଆଗୁଆ ଆସିଥିବାରୁ ଅନ୍ୟ ଚୀନ କମ୍ପାନିଙ୍କ ତୁଳନାରେ ଏହା ଆଗରେ ରହିଛି। ସବୁ ବର୍ଗର ଗ୍ରାହକଙ୍କ ପାଇଁ ଏହା ପ୍ରତିଯୋଗିତାମୂଳକ ମୂଲ୍ୟରେ ଗାଡ଼ି ଯୋଗାଇ ଦେଉଛି। ଗ୍ରାହକକେନ୍ଦ୍ରିକ ଉଦ୍ଭାବନ ସହିତ ସ୍ଥାନୀୟ ବଜାରକୁ ଭଲ ଭାବରେ ବୁଝିପାରିଥିବାରୁ କାରଣରୁ ଆମର ବିକ୍ରି ଆଗକୁ ବଢୁଛି ବୋଲି ଜେଏସଡବ୍ଲ୍ୟୁ ଏମ୍‌ଜି ମୋଟର ଇଣ୍ଡିଆର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ବିନୟ ରାଇନା କହିଛନ୍ତି। ଜେଏସ୍‌ଡବ୍ଲ୍ୟୁ ଏମ୍‌ଜି ମୋଟର ଇଣ୍ଡିଆ ହେଉଛି ଏକ ଯୌଥ ଉଦ୍ୟୋଗ ଯେଉଁଥିରେ ଭାରତର ଜେଏସଡବ୍ଲ୍ୟୁ ଗ୍ରୁପ୍ ଏବଂ ଚୀନର ଏସଏଆଇସି ମୋଟରର ଅଂଶଧନ ରହିଛି।

ଏଥିସହିତ ଚୀନର ବିୱାଇଡି ମଧ୍ୟ ଭାରତରେ ଏହାର ଗାଡ଼ି ବିକ୍ରିରେ ଦ୍ରୁତ ଉନ୍ନତି ଦେଖିଛି। ଭଲଭୋ ବ୍ରାଣ୍ଡ୍ ସ୍ୱିଡେନର ହୋଇଥିଲେ ମଧ୍ୟ ଏଥିରେ ଚୀନ କମ୍ପାନି ଗିଲିର ନିବେଶ ରହିଛି। ବିଳାସପୂର୍ଣ୍ଣ ଇଭି ବଜାରରେ ଏହାର ସ୍ଥିତି ଭଲ ରହିଛି।

୨୦୧୯ ମସିହା ବେଳକୁ ଭାରତରେ ଚୀନ କମ୍ପାନିଙ୍କ ଗୋଟିଏ ବି ବ୍ୟାଟେରି ଚାଳିତ ବିଦ୍ୟୁତ୍ ଯାନ (ବିଇଭି) ବିକ୍ରି ହୋଇ ନଥିଲା। କିନ୍ତୁ ଚଳିତବର୍ଷ ଅକ୍ଟୋବର ସୁଦ୍ଧା ଚୀନ କମ୍ପାନି ଭାରତରେ ୫୭,୨୬୦ଟି ଗାଡ଼ି ବିକ୍ରି କରି ଭାରତର ୩୦ ପ୍ରତିଶତ ବଜାରଅଂଶ ହାସଲ କରିଛନ୍ତି ବୋଲି ଜାଟୋ ଡାଇନାମିକ୍ସ ପକ୍ଷରୁ କୁହାଯାଇଛି।

ଚୀନ କମ୍ପାନିଙ୍କ ବିକ୍ରି ବୃଦ୍ଧି ସତ୍ତ୍ୱେ ଭାରତୀୟ କମ୍ପାନିଗୁଡ଼ିକ ଦେଶର ଇଭି ବଜାରରେ ଆଗରେ ରହିଛନ୍ତି। ଭାରତରେ ୨୦୨୫ ମସିହାର ଅକ୍ଟୋବର ସୁଦ୍ଧା ବା ୧୦ ମାସରେ ମୋଟ ୧,୭୪,୮୩୫ଟି ବିଇଭି ବିକ୍ରି ହୋଇଛି। ବିଳମ୍ବରେ ଭାରତ ବଜାରରେ ପ୍ରବେଶ କରିଥିବା ଆମେରିକୀୟ କମ୍ପାନି ଟେସ୍‌ଲା ଏବଂ ଭିଏତନାମ୍ କମ୍ପାନି ଭିନଫାଷ୍ଟ୍‌ର ଚଳିତବର୍ଷ ଅକ୍ଟୋବର ସୁଦ୍ଧା ଯଥାକ୍ରମେ ୧୬୫ ଏବଂ ୧୧୨ଟି ଗାଡ଼ି ବିକ୍ରି କରିଛନ୍ତି। ତେଣୁ ଆଗାମୀ ଦିନରେ ଭାରତ ଏବଂ ଚୀନର ମାଲିକାନାରେ ଥିବା କମ୍ପାନିଙ୍କ ବିଦ୍ୟୁତ୍ ଯାନ ଭାରତରେ ରାଜ୍ କରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

**ଭାରତରେ ବ୍ୟାଟେରି ଇଭି ବିକ୍ରି**

| ଦେଶ | କମ୍ପାନି | ସଂଖ୍ୟା | |
|---|---|---|---|
| | | ୨୦୨୪ | ୨୦୨୫ ଅକ୍ଟୋବର |
| ଭାରତ | ଟାଟା, ମହିନ୍ଦ୍ରା | ୭୪,୪୪୨ | ୧୦୧,୭୨୪ |
| ଚୀନ | ବିୱାଇଡି, ଭଲଭୋ, ଏମ୍‌ଜି | ୩୩,୦୧୮ | ୫୭,୨୬୦ |
| ଦକ୍ଷିଣ କୋରିଆ | ହୁଣ୍ଡାଇ, କିଆ | ୧୦୭୮ | ୧୧,୦୩୫ |
| ଜର୍ମାନୀ | ମର୍ସିଡିଜ୍,ବିଏମ୍‌ଡବ୍ଲୁ, ମିନି, ଅଡି | ୨୪୦୩ | ୩୭୮୯ |
| ନେଦରଲ୍ୟାଣ୍ଡ୍ | ଷ୍ଟେଲାଣ୍ଟିସ୍ | ୨୫୬୭ | ୭୫୦ |
| ଆମେରିକା | ଟେସ୍‌ଲା | - | ୧୬୫ |
| ଭିଏତନାମ୍ | ଭିନଫାଷ୍ଟ୍ | - | ୧୧୨ |




## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ମୂଲ୍ୟ ପରିବର୍ତ୍ତନ ହୋଇଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୪୨ ପଇସା କମି ୧୦୦.୯୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



## ଚାଷୀଙ୍କୁ ମିଳିଲା ପିଏମ୍ କିଷାନ ଟଙ୍କା



ନୂଆଦିଲ୍ଲୀ, ୧୯।୧୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନ୍ଧ୍ରପ୍ରଦେଶରୁ ତାମିଲନାଡୁର କୋୟମ୍ବଟୁର୍‌ରୁ ପିଏମ୍ କିଷାନ ସମ୍ମାନ ନିଧିର ବହୁପ୍ରତୀକ୍ଷିତ ୨୧ତମ କିସ୍ତି ଛାଡ଼ିଛନ୍ତି। ରବି ଫସଲର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୟରେ ସରକାରଙ୍କ ତରଫରୁ ମିଳିଥିବା ଏହି ଅର୍ଥନୈତିକ ସହାୟତା କୃଷକମାନଙ୍କ ପାଇଁ କୌଣସି ବଡ଼ ଉପହାରଠାରୁ କମ ନୁହେଁ। କେନ୍ଦ୍ରୀୟ କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ ପୂର୍ବରୁ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' (ପୂର୍ବରୁ ଟୁଇଟର୍)ରେ ସୂଚନା ଦେଇ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଅପରାହ୍ନ ୧:୩୦ଟାରେ ଦେଶର ୯ କୋଟି କୃଷକଙ୍କ ବ୍ୟାଙ୍କ ଆକାଉଣ୍ଟରେ ସମ୍ମାନ ନିଧିର ରାଶି ଟ୍ରାନ୍ସଫର୍ କରିବେ, ଯଦିଓ ଏହି ରାଶି ନିର୍ଦ୍ଧାରିତ ସମୟରୁ ସାମାନ୍ୟ ବିଳମ୍ବରେ ଜାରି କରାଯାଇଛି। ଦେଶର ଅଧିକାଂଶ ରାଜ୍ୟରେ ବୁଧବାର ୨୧ତମ କିସ୍ତି ଆସିଥିବା ବେଳେ ପୂର୍ବରୁ କିଛି ରାଜ୍ୟର କୃଷକଙ୍କୁ ଏହି ରାଶି ମିଳିଯାଇଛି। ସରକାର ହିମାଚଳ ପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ ଏବଂ ଜମ୍ମୁ-କାଶ୍ମୀରର କୃଷକଙ୍କ ଆକାଉଣ୍ଟରେ ଏହି ଟଙ୍କା ପୂର୍ବରୁ ଟ୍ରାନ୍ସଫର୍ କରିଦେଇଥିଲେ। ଏହାର ପଛରେ ଏକ ଅତ୍ୟନ୍ତ ସଂବେଦନଶୀଳ କାରଣ ଥିଲା। କାରଣ ଏହି ରାଜ୍ୟଗୁଡ଼ିକ ବିଗତ କିଛି ସମୟରୁ ପ୍ରାକୃତିକ ବିପଦର ସାମ୍ନା କରୁଥିଲେ। କେଉଁଠାରେ ବନ୍ୟା, ତ କେଉଁଠାରେ ଭୂସ୍ଖଳନ କୃଷିକୁ ବଡ଼ କ୍ଷତି ପହଞ୍ଚାଇଥିଲା। ବିପଦର ଏହି ସମୟରେ କୃଷକମାନଙ୍କୁ ସମର୍ଥନ ପ୍ରଦାନ କରିବା ପାଇଁ ସରକାର ୨୧ତମ କିସ୍ତର ଅପେକ୍ଷା ନକରି, ଏହି ରାଜ୍ୟଗୁଡ଼ିକରେ ଅଗ୍ରିମ ଦେୟ କରିଦେଇଥିଲେ। ତେବେ କିଛି କୃଷକ ଏମିତି ମଧ୍ୟ ଥାଇପାରନ୍ତି ଯେଉଁମାନଙ୍କର ଆକାଉଣ୍ଟରେ ଆଜି ୨,୦୦୦ ଟଙ୍କାର କିସ୍ତି ପହଞ୍ଚିନାହିଁ। ଯଦି ଆପଣ ମଧ୍ୟ ସେମାନଙ୍କ ମଧ୍ୟରୁ ଜଣେ ତେବେ ଚିନ୍ତା କରନ୍ତୁ ନାହିଁ। କାରଣଗୁଡ଼ିକୁ ବୁଝିବା ଜରୁରୀ। ପଇସା ନ ଆସିବାର ସବୁଠାରୁ ବଡ଼ ଏବଂ ମୁଖ୍ୟ କାରଣ 'ଇ-କେୱାସି'ର ସମ୍ପୂର୍ଣ୍ଣ ନ ହେବା। ସରକାର ଇ-କେୱାସିକୁ ଆବଶ୍ୟକୀୟ କରିଦେଇଛନ୍ତି। ଯଦି ଆପଣ ଏପର୍ଯ୍ୟନ୍ତ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିନାହାନ୍ତି, ତେବେ ଆପଣଙ୍କର କିସ୍ତି ଅଟକିପାରେ। ଏହା ବ୍ୟତୀତ ଏହି ଯୋଜନା କେବଳ ସେହି କୃଷକମାନଙ୍କ ପାଇଁ ଯେଉଁମାନେ ନିଜ ପଞ୍ଜୀକୃତ ଜମିରେ କୃଷି କରି ଜୀବିକା ନିର୍ବାହ କରୁଥାନ୍ତି। ଯଦି ଜମିର କାଗଜରେ କିମ୍ବା ଆଧାର୍ କାର୍ଡ ଏବଂ ବ୍ୟାଙ୍କ ଆକାଉଣ୍ଟର ନାମରେ କୌଣସି ଅସୁବିଧା ଅଛି, ତେବେ ମଧ୍ୟ ଟଙ୍କା ଅଟକିଯାଇପାରେ। ଏଥିଲାଗି ଆପଣ ପିଏମ୍ କିଷାନ ଯୋଜନାର ଆଧିକାରିକ ୱେବସାଇଟ୍‌ରେ ଯାଇ କିମ୍ବା ନିଜର ନିକଟସ୍ଥ କମନ ସର୍ଭିସ ସେଣ୍ଟର୍‌ରେ ନିଜର ଇ-କଓ୍ୱେସି ସମ୍ପୂର୍ଣ୍ଣ କରିପାରିବେ। ଯେତେବେଳେ ଆପଣଙ୍କର ଦସ୍ତାବେଜ ସଠିକ ହେବ, ଅଟକିଥିବା ରାଶି ପରବର୍ତ୍ତୀ ପ୍ରକ୍ରିୟାରେ ଆକାଉଣ୍ଟକୁ ଆସିଯିବ।

## ଆଧାର ସହିତ ପ୍ୟାନ ଲିଙ୍କ କରିବା ବାଧ୍ୟତାମୂଳକ

ନୂଆଦିଲ୍ଲୀ,୧୯।୧୧: ଭାରତରେ ରହୁଥିବା ଲୋକଙ୍କ ପାଖରେ ଅନେକ ଡକ୍ୟୁମେଣ୍ଟ ରହିବା ଆବଶ୍ୟକ, ଯାହା ପ୍ରତିଦିନ ବିଭିନ୍ନ ଉଦ୍ଦେଶ୍ୟ ପାଇଁ ଆବଶ୍ୟକ। ଏଥିରେ ବହୁ ସଂଖ୍ୟକ ଡକ୍ୟୁମେଣ୍ଟ ଅନ୍ତର୍ଭୁକ୍ତ। ପାନ କାର୍ଡ ଭାରତରେ ବ୍ୟବହୃତ ଏକ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ। ଏହା ବିନା, ଅନେକ କାର୍ଯ୍ୟ ବାଧାପ୍ରାପ୍ତ ହୁଏ, ତାହା ବ୍ୟାଙ୍କିଙ୍ଗ, ଟିକସ ସମ୍ବନ୍ଧୀୟ କିମ୍ବା ସରକାରୀ ପରିଚୟ ଆବଶ୍ୟକ ହେଉ। ଏପରିକି ଅନେକ ସରକାରୀ ଯୋଜନା ଏବଂ ଆର୍ଥିକ ସେବା ପାଇଁ ମଧ୍ୟ ପାନ ଆବଶ୍ୟକ। ଯଦି କୌଣସି କାରଣରୁ ପାନ ନିଷ୍କ୍ରିୟ ହୋଇଯାଏ, ତେବେ ଏହା ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସୃଷ୍ଟି କରିପାରେ। ତେଣୁ ସରକାର ନିରନ୍ତର ଲୋକଙ୍କୁ ସେମାନଙ୍କର ପାନ ସକ୍ରିୟ ରହିବାକୁ ସୁନିଶ୍ଚିତ କରିବା ପାଇଁ ସମୟସୀମା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମାପ୍ତ କରିବାକୁ ପରାମର୍ଶ ଦେଇଆସୁଛନ୍ତି। ଆବଶ୍ୟକୀୟ ପଦକ୍ଷେପଗୁଡ଼ିକ ବିଷୟରେ ଜାଣନ୍ତୁ। ସରକାର ପୂର୍ବରୁ ପ୍ୟାନ କାର୍ଡ ଧାରକମାନଙ୍କୁ ଆଧାର ସହିତ ପ୍ୟାନ ଲିଙ୍କ କରିବା ପାଇଁ ଏକ ବିଜ୍ଞପ୍ତି ଜାରି କରିସାରିଛନ୍ତି। ସରକାର ସମସ୍ତଙ୍କ ପାଇଁ ଏହାକୁ ବାଧ୍ୟତାମୂଳକ କରିଛନ୍ତି।

# ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ




**କଳାହାଣ୍ଡି,୧୯।୧୧ (ସଂଚାର ବ୍ୟୁରୋ):** ଗୋଲାମୁଣ୍ଡା ବ୍ଲକ ପଞ୍ଚାୟତ ସମିତି ପଡ଼ିଆ ଠାରେ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା -୨୦୨୫ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ତ୍ରିପୁରା ମହାନନ୍ଦ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ନିରୋଦ ଚନ୍ଦ୍ର କହଁର ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠି, ସହକାରୀ ମତ୍ସ୍ୟ ଅଧିକାରୀ ବନ୍ଦନା ରାଣୀ ପଣ୍ଡା, ସାଂସଦ ଙ୍କ ପ୍ରତିନିଧି ପ୍ରସନ୍ନ କୁମାର ରାଉତ, ତହସିଲଦାର ଚନ୍ଦନ କୁମାର ନାୟକ, ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ମଞ୍ଜୁଲତା ବାଗ, ଗୋଲାମୁଣ୍ଡା କୃଷି ଅଧିକାରୀ ନଉକେଶ୍ୱର ନାଗ, ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ, ଜିଲ୍ଲା ପରିଷଦ ସଭ୍ୟା ହେମାଙ୍ଗିନୀ ରାଉତ, ଜୋନ-୨ ଜିଲ୍ଲା ପରିଷଦ ସଭ୍ୟା ସରିତା ମାଝୀ, ଜୋନ-୩ ଜିଲ୍ଲା ପରିଷଦ ସଭ୍ୟ ଜୟସେନ ସାହୁ, ଖଲିଆପାଲି ସରପଞ୍ଚ ଜିମୂତ ବାହାନ ହରପାଲ ପ୍ରମୁଖ ଯୋଗଦେଇଥିଲେ। ନୂତନ ପୋଖରୀ ଖନନ, ମତ୍ସ୍ୟ ଚାଷ, ଗୋପାଳନ, କୁକୁଡ଼ା ସାଙ୍ଗକୁ ପ୍ରାଣୀ ଓ ମତ୍ସ୍ୟ ଚାଷ ଆଦି ବିଭାଗ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏ ନେଇ ବ୍ଲକ ର ପ୍ରାଣୀ ଓ ମତ୍ସ୍ୟ ଚାଷୀଙ୍କ ପାଇଁ ବିଭିନ୍ନ ଷ୍ଟଲର ମଧ୍ୟ ବ୍ୟବସ୍ଥା ହୋଇଥିଲା।

# ବେଆଇନ କଫ ସିରପ୍, ଏମ୍.ଏସ୍ ବିକ୍ରି

## ଖବର ପରେ ଡ୍ରଗ୍ସ ବିଭାଗର ଚଢ଼ାଉ



**କଳାହାଣ୍ଡି,୧୯।୧୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅଞ୍ଚଳରେ ବିଭିନ୍ନ ମେଡ଼ିସିନ ଦୋକାନ ରେ ବେଆଇନ ଭାବେ କଫ୍ ସିରଫ ଓ ମୃତ୍ୟୁ ସଞ୍ଜିବନୀ ସୁରା (ଏମ୍ଏସ) ବିକ୍ରି ହେଉଥିବା ନେଇ କିଛି ଦିନ ପୂର୍ବରୁ ବିଭିନ୍ନ ଖବରକାଗଜ ରେ ଖବର ପ୍ରକାଶିତ ପରେ ତତ୍ପରତା ଦେଖାଇଛି କଳାହାଣ୍ଡି ଡ୍ରଗ୍ସ ବିଭାଗ। ବୁଧବାର କୋରାପୁଟ ସର୍କଲ ଜୟପୁର ଡିଭିଜନ ଓ କଳାହାଣ୍ଡି ଜିଲ୍ଲା ଡ୍ରଗ୍ସ ବିଭାଗୀୟ ଅଧିକାରୀ ମାନେ ମିଳିତ ଭାବେ କୋକସରା ବ୍ଲକ ର ୫ ଗୋଟି ମେଡ଼ିସିନ ଷ୍ଟୋର ରେ ଚଢ଼ାଉ କରି ଯାଞ୍ଚ କରିଥିବା ଜଣାପଡ଼ିଛି। ତେବେ ଯାଞ୍ଚ ସମୟରେ ନିଶା ପାଇଁ ବ୍ୟବହୃତ ହେଉଥିବା କଫ ସିରଫ କିମ୍ବା ଏମ ଏସ ଜବତ ହୋଇନଥିବା ସୂଚନା ମିଳିଛି। ଡ୍ରଗ୍ସ ବିଭାଗ ଅଧିକାରୀ ଯାଞ୍ଚ ରେ ଆସିଥିବା ଖବର ମିଳିବା ପରେ ଅନେକ ମେଡ଼ିସିନ ଦୋକାନ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। କୋରାପୁଟ ସର୍କଲ ଜୟପୁର ଡିଭିଜନ ଅତିରିକ୍ତ ଡ୍ରଗ୍ସ ନିରୀକ୍ଷକ ପ୍ରିୟ ରଞ୍ଜନ ନାୟକ ଙ୍କ ନେତୃତ୍ୱରେ କଳାହାଣ୍ଡି ଡ୍ରଗ୍ସ ଇନିସ୍ପେକ୍ଟର ଅଶ୍ୱିନୀ କୁମାର ଗୌଡ଼ ଓ ଅନ୍ୟ କର୍ମଚାରୀ ମାନେ ସାମିଲ ରହିଥିଲେ। ତେବେ ଯାଞ୍ଚ ସମୟରେ ଡ୍ରଗ୍ସ ବିଭାଗ ଅଧିକାରୀ ମାନେ ମେଡ଼ିସିନ ଦୋକାନ ରେ ଔଷଧ ବିକ୍ରି କରିବା ନେଇ ଅନିୟମିତତା ପରିଲକ୍ଷିତ ହେଉଥିବା ଓ ଆଗାମୀ ଦିନରେ ଯାଞ୍ଚ ପ୍ରକ୍ରିୟା କୁ କଡାକଡି କରାଯିବା ସହ ବିଭିନ୍ନ ମେଡ଼ିସିନ ଦୋକାନର ଲାଇସେନ୍ସ ରେ ମଧ୍ୟ ଅନିୟମିତତା ହେଉଥିବା ନେଇ ସୂଚନା ଦେଇଛନ୍ତି। ଏହା ଉପରେ ବିଭାଗ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ମଧ୍ୟ ସୂଚନା ଦେଇଛନ୍ତି।

ତେବେ ଡ୍ରଗ୍ସ ବିଭାଗ ର ଚଢ଼ାଉ ବେଆଇନ ଭାବେ ନିଶା ଔଷଧ ବିକ୍ରି କରୁଥିବା ଦୋକାନୀ ଙ୍କ ମଧ୍ୟରେ ଛନକା ପଶିଥିବା ବେଳେ ବିଭିନ୍ନ ମେଡ଼ିସିନ ଦୋକାନ ରେ ବେଆଇନ ଭାବେ ବିକ୍ରି ହେଉଥିବା କଫ ସିରଫ ଓ ଏମ ଏସ ଭଳି ନିଶା ସେବନ ଔଷଧ ଉପରେ କେତେ ରୋକ ଲାଗୁଛି ତାହା ଦେଖିବାକୁ ବାକି ରହିଲା।

● ରାଜ୍ୟସ୍ତରୀୟ ବିଜ୍ଞାନମେଳାରେ ଆର୍ଯ୍ୟ ସ୍ମିତା ପ୍ରଥମ

# ସଜୀବ ଓ ନିର୍ଜୀବ ପ୍ରକଳ୍ପରେ ପ୍ରଥମ ବ୍ଲକର ଝିଅ



**ବାଲିଆପାଳ,୧୯।୧୧(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ମାଳତୀ ମଞ୍ଜରୀ ବିହାର ଶିଶୁ ମନ୍ଦିରର ଦ୍ୱିତୀୟ ଶ୍ରେଣୀର ଛାତ୍ରୀ ଆର୍ଯ୍ୟସ୍ମିତା ଜେନା ରାଜ୍ୟ ସ୍ତରୀୟ ବିଜ୍ଞାନ ମେଳାରେ ଉପଶୁଶୁ ବିଭାଗରେ ସଜୀବ ଓ ନିର୍ଜୀବ ପ୍ରକଳ୍ପରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଆର୍ଯ୍ୟସ୍ମିତା ସୂର୍ଯ୍ୟାପୁର ଗ୍ରାମର ବାପା କରୁଣା କର ଜେନା ଓ ସୁଲତା ଜେନାଙ୍କ ଝିଅ।ଏହି ସଫଳତା ପରେ ସୋମବାର ଶିଶୁ ମନ୍ଦିର ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇ ଆର୍ଯ୍ୟସ୍ମିତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ଉତ୍ସବ ରେ ପ୍ରଧାନ ଆଚାର୍ଯ୍ୟା ସନ୍ଧ୍ୟାରାଣୀ ଜେନା, ପୁଲିନ କୁମାର ନନ୍ଦି, ସଞ୍ଜୁବାଳା ମହାନ୍ତି, ରଶ୍ମିତା ରାଉତ ଏବଂ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ।

# ଏନ୍‌ଟିପିସି ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ଗ୍ରାମସଭା



**ସୁନ୍ଦରଗଡ଼,୧୯।୧୧(ସଂଚାର ବ୍ୟୁରୋ):** ୧୯ ନଭେମ୍ବର ୨୦୨୫ ବୁଧବାର ଦିନ ସୁନ୍ଦରଗଡ଼ ଜିଲ୍ଲାରେ ଏନଟିପିସି ଦର୍ଲିପାଲି ପ୍ରକଳ୍ପର ଏକ ଅତିରିକ୍ତ ୟୁନିଟ୍ (୧x୮୦୦ ଏମ୍‌ଡବ୍ଲୁ) ସ୍ଥାପନ ପାଇଁ ଭୂମି ଅଧିଗ୍ରହଣ ଆବେଦନ ଦାଖଲ ପୂର୍ବରୁ ସାମ୍ବିଧାନିକ ପ୍ରକ୍ରିୟାର ଅଂଶ ଭାବରେ ଦର୍ଲିପାଲି ଗ୍ରାମ ପଞ୍ଚାୟତରେ ଏନଟିପିସି ଦର୍ଲିପାଲି ପାଇଁ ଗ୍ରାମସଭା ଡକା ଯାଇଥିଲା। ଭୂମି ଅଧିଗ୍ରହଣ ବିଭାଗର ଅଧିକାରୀ, ଏନଟିପିସି ପ୍ରତିନିଧି ଏବଂ ଦର୍ଲିପାଲି ଗ୍ରାମ ପଞ୍ଚାୟତର ଗ୍ରାମବାସୀଙ୍କ ଉପସ୍ଥିତିରେ ସୁନ୍ଦରଗଡ଼ ଲେଫ୍ରିପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଆତିସି ପରିଡ଼ା ଏବଂ ଦର୍ଲିପାଲିର ସରପଞ୍ଚ ଶ୍ରୀମତୀ ନଳିନୀ କୁମୁରାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ଼ ଏକ ଅନୁସୂଚିତ ଜିଲ୍ଲା ହୋଇଥିବାରୁ, ଏହି ଗ୍ରାମସଭା ପେଶା ଆଇନର ନିୟମାବଳୀ ଅନୁଯାୟୀ ଅନୁଷ୍ଠିତ ହୋଇଥିଲା ବୋଲି ସୂଚନା ଦିଆଯାଇଥିଲା। ଅଧିବେଶନ ସମୟରେ, ପ୍ରକଳ୍ପ କର୍ତ୍ତୃପକ୍ଷ ଆଗାମୀ ସମ୍ପ୍ରସାରଣ ପ୍ରକଳ୍ପ ଏବଂ ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମି ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଗ୍ରାମସଭାରେ ଗ୍ରାମବାସୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ଏବଂ କମ୍ପାନୀକୁ ଏହାର ସିଏସଆର କାର୍ଯ୍ୟକ୍ରମ ଅଧୀନରେ ଅତିରିକ୍ତ ବିକାଶମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ଏନଟିପିସିର ଅଧିକାରୀ ମାନେ ଦର୍ଲିପାଲି ଏବଂ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ପୂର୍ବରୁ କରାଯାଇ ଥିବା ବିଭିନ୍ନ ବିକାଶମୂଳକ ଏବଂ କଲ୍ୟାଣକାରୀ କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ ଏବଂ ଭବିଷ୍ୟତରେ ମଧ୍ୟ ସମାନ ପଦକ୍ଷେପ ଜାରି ରହିବ ବୋଲି ସମ୍ପ୍ରଦାୟକୁ ଆଶ୍ୱାସନା ଦେଇଥିଲେ।

# ବିଦ୍ୟାଳୟରେ ମାରାଥନ ଦୌଡ଼




**ସୁନ୍ଦରଗଡ଼,୧୯।୧୧(ସଂଚାର ବ୍ୟୁରୋ):** ହେମଗିରୀ ବ୍ଲକ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କନକତୁରା ଠାରେ ୧୯ ନଭେମ୍ବର ୨୦୨୫ ବୁଧବାର ଦିନ ଓଡିଶା ସରକାରଙ୍କ ଅଧୀନସ୍ଥ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ନିମନ୍ତେ ପ୍ରଧାନ ଶିକ୍ଷକ ତେଜରାମ ସାହୁଙ୍କ ଅଧ୍ୟକ୍ଷତାରେ ମାରାଥନ ଦୌଡ ୧୦ କି.ମି. ପ୍ରତିଯୋଗୀତା କାର୍ଯ୍ୟକ୍ରମ କରାଯାଇଅଛି। ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ହେମଗିରି ଗୋଷ୍ଠୀ ଶିକ୍ଷା ଅଧିକାରୀ କରୁଣା ସାଗର ପଟେଲ, ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କିଶୋର କୁମାର ଅର୍କ, ଶିକ୍ଷାବିତ ରାଜେଶ ଓରାମ, ଲୋଭାରାମ ପଟେଲ ଓ ଲିଙ୍ଗରାଜ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବାରେ ସାହାଯ୍ୟ କରିଥିଲେ ଓ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସଞ୍ଜୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସର୍ବଶେଷରେ ବିଜେତା ଛାତ୍ରଛାତ୍ରୀ ବାଳକ ବିଭାଗ-ପ୍ରଥମ-ସୌଭାଗ୍ୟ ନାଏକ, ଦ୍ୱିତୀୟ-ରାଜା ପେରୁଆ, ତୃତୀୟ-ଚନ୍ଦନ ଲରିଆ, ବାଳିକା ବିଭାଗ-ପ୍ରଥମ-ବୈଜୟନ୍ତୀ ଖଡିଆ, ଦ୍ୱିତୀୟ-ପାର୍ବତୀ ହେମବ୍ରମ, ତୃତୀୟ-ହେମଲତା ମାଝୀଙ୍କୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କର କମଳରେ ପୁରସ୍କାର ବିତରଣ କରାଯାଇଥିଲା ଏବଂ ତା ସହ ପ୍ରୋତ୍ସାହନ ରାଶି ମଧ୍ଯ ଦିଆଯାଇଥିଲା।

# ମା' ସୁରେଶ୍ୱରୀଙ୍କ ମନ୍ଦିରରେ ଭବ୍ୟ କଲ୍ୟାଣ ମଣ୍ଡପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



**ସୁବର୍ଣ୍ଣପୁର,୧୯।୧୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ର ଇଷ୍ଟଦେବୀ ମା ସୁରେଶ୍ୱରୀ ଙ୍କ ମନ୍ଦିର ପ୍ରାଙ୍ଗଣ ରେ ଓଡ଼ିଶା ସରକାର ଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୦ ହଜାର ବର୍ଗ ଫୁଟ ର ଏକ ଭବ୍ୟ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରା ଯାଇଛି। ସୋନପୁର ମାଟିର ସନ୍ତାନ ତଥା ମା ଙ୍କ ଜଣେ ପରମ ଭକ୍ତ ଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ଏହି କାର୍ଯ୍ଯ କ୍ରମରେ ପର୍ଯ୍ୟଟନ ବିଭାଗ ର ଅଧିକ୍ଷଣ ଯନ୍ତ୍ରୀ, ସହକାରୀ କାର୍ଯ୍ଯ ନିର୍ବାହୀ, କନିଷ୍ଠ ଯନ୍ତ୍ରୀ, ଏସ ଡି ପି ଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଉପ ଜିଲ୍ଲାପାଳ ସୌମ୍ୟା ରୂପା ରଥ, ତହସିଲଦାର, ଅତିରିକ୍ତ ତହସିଲଦାର, ଆର ଆଇ, ରାଜସ୍ୱ ସୁପର ଭାଇଜର, ଦେବୋତ୍ତର ବିଭାଗ କମିଟି ସଦସ୍ୟ ବୈକୁଣ୍ଠ ଶତପଥୀ, ସତ୍ୟ ନାରାୟଣ ତ୍ରୀପାଠୀ ପ୍ରମୁଖ ବହୁ ସଦସ୍ୟ ଓ ସହର ର ବୁଦ୍ଧିଜୀବି, ମିଡ଼ିଆ ଉପସ୍ଥିତ ଥିଲେ।

# ହରିପୁର ଓ ସାନକେରୋକ ଠାରେ ପୁଲିସ ଆଉଟ ପୋଷ୍ଟ ପ୍ରତିଷ୍ଠା ଦାବିକୁ ଦୋହରାଇଲା ବିକାଶ ମଞ୍ଚ

**ବୈଶିଙ୍ଗା,୧୯।୧୧(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲା ବେତନଟୀ ପୁଲିସ ଉପଖଣ୍ଡ ଅଧିନସ୍ଥ ପାଞ୍ଚଟି ଥାନା ମଧ୍ୟରୁ ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ଥାନା ଯାହା ବାଲେଶ୍ୱର ଜିଲାକୁ ଲାଗି ରହିଛି ଏହା ଅଧିକ ଅପରାଧ ପ୍ରବଣ ଅଟେ। ଏହି ଥାନାରେ ଅଧିକ ଅପରାଧିକ କାର୍ଯ୍ୟକଳାପ ଅନ୍ୟ ଥାନା ମାନଙ୍କ ତୁଳନାରେ ବର୍ଷ ତମାମ ପଞ୍ଜିକୃତ ହୋଇଥାଏ। ଏଠାକାର ଥାନା ଆଇଆଇସି ଅପରାଧ ନିୟନ୍ତ୍ରଣ କରିବାରେ ଅନେକ ସମୟରେ ବିଫଳ ହୋଇଥାନ୍ତି। ଏଣୁ ଏଠାକାର ଅଣ ରାଜନୈତିକ ସଂଗଠନ ବେତନଟୀର ବିକାଶ ମଞ୍ଚ ପକ୍ଷରୁ ଗତ ୨୦୧୯ ମସିହା ରୁ ବୈଶିଙ୍ଗା ଥାନା ଅଧିନ ହରିପୁର ଠାରେ ଏବଂ ବଡସାହି ଥାନା ଅଧିନସ୍ଥ ସାନ କେରକ ଠାରେ ଦୁଇଟି ପୋଲିସ ଆଉଟ ପୋଷ୍ଟ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଲିଖିତ ଭାବେ ପ୍ରଦାନ କରାଯିବା ସହିତ ସମସ୍ତ ପରିସଂଖ୍ୟାନ ରିପୋର୍ଟ ମଧ୍ୟ ଦୁଇ ଥାନା ଓ ତହସିଲ ପକ୍ଷରୁ ଜିଲା ପୋଲିସ ଆରକ୍ଷୀ ଅଧିକ୍ଷକଙ୍କୁ ବେତନଟୀ ପୁଲିସ ଉପଖଣ୍ଡ ଅଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଏହା ସହିତ ବହୁବାର ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରାଯାଇ ଫାଣ୍ଡି ପ୍ରତିଷ୍ଠା ଦାବି ସଂପର୍କରେ ଦୃଷ୍ଟି ଆକର୍ଷଣ କରା ଯାଇଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ଙ୍କ ପକ୍ଷରୁ ପଠାଯାଇଥିବା ପ୍ରସ୍ତାବ କାର୍ଯ୍ୟକାରୀ କରାଯିବା ପାଇଁ ରାଜ୍ୟ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକଙ୍କୁ ମୟୂରଭଞ୍ଜ ଜିଲାପାଳ ଲିଖିତ ଭାବେ ଜଣାଇଥିବା ଜଣାଯାଇଛି।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



**ସୁବର୍ଣ୍ଣପୁର,୧୯।୧୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ତରଭା କଲେଜ ପଡିଆ ଠାରେ ତରଭା ବ୍ଲକ ର ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ସୁବ୍ରତ କୁମାର ପୁରୋହିତ ଙ୍କ ସଂଯୋଜନା ରେ ଅନୁଷ୍ଠିତ ସଭାରେ ବିନିକା ବ୍ଲକ ର ସମସ୍ତ ଗ୍ରାମ ପଞ୍ଚାୟତ ରୁ ୪୫୦ ରୁ ଅଧିକ ମତ୍ସ୍ୟଜୀବୀ ଏବଂ ପ୍ରାଣିପାଳକ ତଥା ସ୍ୱୟଂ ସହାୟକ ଗୋଷ୍ଠୀ ଦଳ ର ମାଁ ମାନେ ଅଂଶ ଗ୍ରହଣ କରି ଥିଲେ। ଏତଦ୍ ବ୍ୟତୀତ ଉତ୍ସାହୀ ଜନ ସାଧାରଣ, ପଞ୍ଚାୟତ ସମିତିର ସଭ୍ୟ ସଭ୍ୟା, ସରପଞ୍ଚ, ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ କର୍ମଚାରୀ, ତାଙ୍କର ସହାୟକ କର୍ମଚାରୀ ସମସ୍ତେ ଉପସ୍ଥିତ ଥିଲେ। ସୂପରା ଠେଲା , ସଭାପତି ଜିଲ୍ଲା ପରିଷଦ ସୁବର୍ଣ୍ଣପୁର ମେଳା ଓ ପ୍ରଦର୍ଶନୀ କୁ ଫିତା କାଟି ଉଦ୍‌ଘାଟନ କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲା ର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନ ପଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭା ରେ ମୁଖ୍ୟ ଅତିଥି ରୂପେ ସୂପରା ଠେଲା , ସଭାପତି ଜିଲ୍ଲା ପରିଷଦ ସୁବର୍ଣ୍ଣପୁର ଯୋଗ ଦେଇ ଉପସ୍ଥିତ ଚାଷୀ ମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନୀତ ଅତିଥି ଭାବରେ ଡା ଉଷାରାଣୀ ଦାସ ଜିଲ୍ଲା ମୁଖ୍ୟ ଜନ ସ୍ୱାସ୍ଥ୍ୟ ଅଧିକାରୀ, ସୁବର୍ଣ୍ଣପୁର, ସରୋଜ କମ୍ପ, ତରଭା ପଞ୍ଚାୟତ ସମିତି ଅଧ୍ୟକ୍ଷ, ବନ୍ଦିତା ନାୟକ, ଅଧ୍ୟକ୍ଷା ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜୟ କୁମାର ସାହୁ,ଜିଲ୍ଲା ମତ୍ସ୍ୟ ଅଧିକାରୀ, ସୁବର୍ଣ୍ଣପୁର, ଗଙ୍ଗାରାମ ବୁଡେକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଭା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା ଭାବରେ ଡା ରଞ୍ଜନ କୁମାର ଦାସ, ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଯୋଗ ଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତରଭା ବ୍ଲକର ଚାରି ଜଣ ଅଗ୍ରଣୀ ମତ୍ସ୍ୟ ଚାଷୀ ଏବଂ ଚାରି ଜଣ ପ୍ରାଣୀପାଳକ ଓ କୁକୁଡ଼ା ପାଳନ ତଥା ପଞ୍ଚାୟତ ପୋଖରୀ ରେ ମାଛ ଚାଷ ପାଇଁ ସ୍ୱୟଂ ସହାୟକ ଦଳ ଙ୍କୁ ପୁରସ୍କୃତ କରାଯାଇଥିଲା।

## ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧିର ସିଧା ପ୍ରସାରଣ

# ପିଏମ୍ କିଷାନର ୨୧ ତମ କିସ୍ତିର ରାଶି ଚାଷୀଙ୍କୁ ହସ୍ତାନ୍ତର



**ସୁନ୍ଦରଗଡ଼,୧୯।୧୧(ସଂଚାର ବ୍ୟୁରୋ):** ନଭେମ୍ବର ୧୯ ତାରିଖ ସୁନ୍ଦରଗଡ଼ ଜିଲ୍ଲାର କୃଷି ବିଜ୍ଞାନ କେନ୍ଦ୍ର ଓ କୃଷି ଓ କୃଷକ ଶସକ୍ତିକରଣ ବିଭାଗ, ସୁନ୍ଦରଗଡ଼ର ମିଳିତ ସହଯୋଗରେ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼(କିରେଇ)ଠାରେ ପ୍ରଧାନ ମନ୍ତ୍ରୀ କିସାନ ସମ୍ମାନନିଧିର ୨୧ ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଓ ଏକ ସଭା ଆୟୋଜନ କରାଯାଇଥିଲା। ତାମିଲନାଡୁର କୋଏମ୍ବାଟୁର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ୯ କୋଟିରୁ ଉର୍ଦ୍ଧ୍ୱ ଚାଷୀ ଭାଇ ଭଉଣୀମାନଙ୍କୁ ପି.ଏମ୍. କିସାନର ୨୧ ତମ କିସ୍ତି ଡିବିଟି ମାଧ୍ୟମରେ ୧୮ ହଜାର କୋଟି ଟଙ୍କା ହସ୍ତାନ୍ତର ଓ ଦକ୍ଷିଣ ଭାରତ ପ୍ରାକୃତିକ କୃଷି ସମ୍ମିଳନୀର ଶୁଭ-ଉଦ୍ଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକର ୧୮୦ ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇ ଥିଲେ। ଏହି ୨୧ ତମ କିସ୍ତି ସୁନ୍ଦରଗଡ଼ ଜିଲ୍ଲାର ୧ ଲକ୍ଷ ୩୨ ହଜାର ୭୨୨ ଜଣ ହିତାଧିକାରୀଙ୍କ ଖାତାକୁ ୨୬ କୋଟି ୫୪ ଲକ୍ଷ ୪୪ ହଜାର ଟଙ୍କା ହସ୍ତାନ୍ତର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶା ବିଧାନ ସଭାର ଉପ-ବାଚସ୍ପତି ଭବାନୀ ଶଙ୍କର ଭୋଇ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ପିଏମ୍ କିସାନର ସହାୟତା ରାଶି ଚାଷୀଭାଇ ମାନଙ୍କୁ ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଭାରତ ତଥା ଓଡିଶା ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ବିଭିନ୍ନ ଯୋଜନାର ସୁଫଳ ନେବାପାଇଁ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ।

# ରାଜ୍ୟ ମହିଳା କମିଶନଙ୍କୁ ଭବ୍ୟ ସ୍ୱାଗତ



**କଳାହାଣ୍ଡି,୧୯।୧୧(ସଂଚାର ବ୍ୟୁରୋ):** ଭାରତୀୟ ଜନତା ପାର୍ଟିର ରାଜ୍ୟ ମହିଳା ନେତ୍ରୀ ସୋଭୋନା ମହାନ୍ତି ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଦାଇତ୍ୱ ନେବା ପରେ ପ୍ରଥମ କରି କଳାହାଣ୍ଡି ଗସ୍ତ ରେ ଆସି ଭବାନୀପାଟଣା ସର୍କିଟ ହାଉସ ଠାରେ ପହଞ୍ଚି ଥିଲେ, ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼ ଙ୍କ ସହ ଜିଲ୍ଲା ସ୍ତରୀୟ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସୋଭନା ମହାନ୍ତି ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଥିଲେ। ଏହି ସ୍ୱାଗତ ସମ୍ବର୍ଦ୍ଧନା ଅବସର ରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ପୂର୍ବତନ ବିଧାୟକ ଅନାମ ନାଏକ, ରାଜ୍ୟ ଉପ ସଭାପତି ଭବେନ୍ଦ୍ର ପଣ୍ଡା, ପୂର୍ବତନ ଜିଲ୍ଲା ସଭାପତି ଦେବେନ୍ଦ୍ର ମହାନ୍ତି, ବରିଷ୍ଠ ନେତା ଭାରତ ଦେଓ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ରମେଶ ମାଝୀ, ଉପ ସଭାପତି ପ୍ରଶାନ୍ତ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଜୟ ଶଙ୍କର ନାଏକ, ପୂର୍ବତନ ନଗର ସଭାପତି ସନ୍ତୋଷ ବିଶି, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନମିତା ସାହୁ, ଶର୍ମିଷ୍ଠା ମେହେର, ସ୍ୱଚ୍ଛ ଭାରତ ଜିଲ୍ଲା ସଂଯୋଜକ ଲୋକନାଥ ଦୁର୍ଗା, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିବ୍ୟ ଜ୍ୟୋତି ମୁଣ୍ଡ, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ବିଜୟ ଦେବ ସାହୁ, ଉପ ସଭାପତି ସନ୍ତୋଷିନି ଦାସ, ଜିଲ୍ଲା ସାଧାରଣ ସମ୍ପାଦିକା ଶୋଭଗିନି ପାତ୍ର, ବିନିତା ଦାସ, କାଞ୍ଚନ ବେମାଲ, ଶର୍ମିଷ୍ଠା ନାଏକ, ନିରୁପମା ସାମଲ ସମତେ ଜିଲ୍ଲା ମିଡିଆ ସଂଯୋଜକ ନରହରି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଶ୍ରୀ ଶ୍ରୀ ମଲ୍ଲିକେଶ୍ୱର ଦେବ ସଂଗ୍ରାଳୟ ଉଦ୍‌ଘାଟିତ

**କଣାସ,୧୯।୧୧(ସଂଚାର ବ୍ୟୁରୋ):** ପୁରୀ ମହାରାଜା କପିଳେଶ୍ୱର ଦେବଙ୍କ ସମୟରେ କଣାସ ବ୍ଲକରେ ଗଡ଼ବଡପୁଟ ଗ୍ରାମ ପ୍ରତିଷ୍ଠା କରିଥିବାବେଳେ ସେହି ଗଡ଼ରେ ରାଜାଙ୍କ ପ୍ରତିକ୍ଷା ବଶଂଧରମାନେ ବସବାସ କରୁଥିଲେ। ସେହି ଗ୍ରାମରେ ଆଜି ଗ୍ରାମର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ମଲ୍ଲିକେଶ୍ୱର ଦେବଙ୍କ ନାମରେ ଏକ ସଂଗ୍ରାହଳୟ ଉଦଘାଟିତ ହୋଇଯାଇଛି। ଡେଲାଙ୍ଗ ମହା ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ସାମନ୍ତରାୟ ଉଦଘାଟନ କରିଥିଲେ। ଏହି ସଂଗ୍ରାହଳୟରେ ଦୁଇ ହଜାର ବର୍ଷ ତଳର କୁଶାଣ ଶାସନ ସମୟର ବିରଳ ମୁଦ୍ରା ଥିବା ମାଟି ଘଡି, ଇଂରେଜ ଅମଳର ମୁଦ୍ରା, ଖଣ୍ଡା, ମୁଦ୍ରାପାତ୍ର, ସୁରାପାତ୍ର ୧୧ ଶହ ଶତାବ୍ଦୀର ପ୍ରସ୍ତର ମୂର୍ତ୍ତି, ଶକ୍ତିସ୍ଥଳ ପ୍ରଭୃତି ଅନ୍ୟାନ୍ୟ ଦ୍ରବ୍ୟ ସଂଗ୍ରକ କରି ରଖାଯାଇଅଛି।

# ଷ୍ଟେଟ ବ୍ୟାଙ୍କ ନିକଟରୁ ଦୁର୍ବୃତ୍ତ ୫୦ ହଜାର ନେଇ ଛୁ

**କଣାସ,୧୯।୧୧(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ଥାନା ଅଞ୍ଚଳ ଏକ ଉତେଜନା ଅଞ୍ଚଳଭାବେ ପୁଲିସ ରେର୍କଡରେ ଚିତ୍ରଣ କରାଯାଇଛି। ଥାନାରେ ଆବଶ୍ୟକୀୟ ମୁତାବକ ପୁଲିସ ଅଧିକାରୀ ନଥିବାରୁ ଦଂନନ୍ଦିନ ଛୋଟବଡ ଚୋରୀମାନ ଘଟିବାରେ ଲାଗିଛି। ଗତକାଲି ଥାନା ନିକଟରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ନିକଟରୁ ଅବସରପ୍ରାପ୍ତ ଗ୍ରାମସେବକ ବକୁ ଗ୍ରାମର ସୁବଳ ରାଉତଙ୍କ ଠାରୁ ଅଭିନବ ଉପାୟରେ ୫୦ ହଜାର ଟଙ୍କା ବ୍ୟାଗକୁ ଦୁର୍ବୃତମାନେ ନେଇ ଚମ୍ପଟ ମାରିଛନ୍ତି। ଶ୍ରୀ ରଉତ ଷ୍ଟେଟ ବ୍ୟାଙ୍କରୁ ୫୦ ହଜାର ଟଙ୍କା ଉଠାଇ ବ୍ୟାଗରେ ରଖି ଲୁନାରେ ତହସିଲି କାଯ୍ୟାଳୟକୁ ଯାଇ ସେଠାରୁ ଫେରିବା ପରେ ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। ବ୍ଲକ କାର୍ଯ୍ୟାଳୟରୁ ଆସି ଲୁନା ଷ୍ଟାଟ କରିବା ସମୟରେ ଲୁନା ମୁଠାରେ କିଛି ଅଠା ଲାଗିଥିବାରୁ ଲୁନାରେ ଟଙ୍କା ବ୍ୟାଗକୁ ଲଟକାଇ ପାଖ ଦୋକାନକୁ ହାତ୬ ଧୋଇବାକୁ ଯାଇଥିଲେ। ଦୋକାନରୁ ଆସି ଦେଖନ୍ତିତ ଲୁନାରେ ଟଙ୍କା ବ୍ୟାଗ ନାହିଁ। ବହୁ ଖୋଜା ଖୋଜି କରି କଣାସ ଥାନାରେ ଏତଲା ଦେଇଥିଲେ।

# ବିଦ୍ୟା ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ ପକ୍ଷରୁ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ସୁବର୍ଣ୍ଣପୁର,୧୯।୧୧ (ସଂଚାର ବ୍ୟୁରୋ):** ସୋନପୁର ଆଇଡିଏଲ ପବ୍ଲିକ ସ୍କୁଲ ରେ ବିକାଶ ଏପ୍ଟିଚିୟୁଟ (ଜ୍ଞାନ କୌଶଳ) ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ୧୩ ଜଣ କୃତି ଛାତ୍ର ଛାତ୍ରୀ ଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

ବିଦ୍ୟା ବିକାଶ ଅନୁଷ୍ଠାନ ଶାସନ ସମ୍ବଲପୁର ଦ୍ୱାରା ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବ ରେ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ତ୍ରୀପାଠୀ, ସ୍କୁଲ୍ ର ଚେୟାରମେନ୍ ଦେବେନ୍ଦ୍ର ପଧାନ, ପ୍ରିନ୍ସିପାଲ୍ ଅନୁଶୟା ପଧାନ, ବିଦ୍ୟା ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟ ର ମାର୍କେଟିଂ ମ୍ୟାନେଜର ସୁବଳ ପଧାନ, ପୀୟୁଷ ସିଂହ, ମିଷ୍ଟର ଜନସନ ଓ ଆଇଡିଏଲ ସ୍କୁଲ୍ ର ଇଂରାଜୀ ଶିକ୍ଷକ ଜସପାଲ୍ ଷଡ଼ଙ୍ଗୀ ଯୋଗ ଦେଇ କୃତୀ ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରି ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଉତ୍ସାହିତ କରିଥିଲେ। ଆଦ୍ୟାସା ବାରିକ୍, ଆଦ୍ୟାସା ଅମାତ୍, ସ୍ୱପ୍ନା ପାଣ୍ଡେ, ଇସିକା ଇପିସା ମେହେର, ଆୟୁଷ୍ମାନ ମେହେର, ରାହୁଲ ମେହେର, ବିଶ୍ୱଜିତ୍ ସ୍ୱାଇଁ, ସ୍ୱସ୍ତିକ କୁମାର୍ ସାହୁ, ଜେନିତ ଆରୀୟନ୍ ଗୁରୁ, ମଧୁ ଚନ୍ଦା ବାଗ, କ୍ରିତିବାସ ପ୍ରଧାନ, ସୌମ୍ୟ ରଞ୍ଜନ ପ୍ରଧାନ, ସ୍ନେଶା ସମର୍ପିକା ସାହୁ ପ୍ରମୁଖ ୧୩ ଜଣ ଛାତ୍ର ଛାତ୍ରୀ ଙ୍କୁ ଅତିଥି ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି।

ବିଦ୍ୟା ବିକାଶ ଅନୁଷ୍ଠାନ ଶାସନ ସମ୍ବଲପୁର ପକ୍ଷରୁ ପଶ୍ଚିମ ଓଡ଼ିଶାରେ ପ୍ରାୟ ସମସ୍ତ ସ୍କୁଲ୍ ମାନଙ୍କରେ ଛାତ୍ର ଛାତ୍ରୀ ଙ୍କ ଟ୍ୟାଲେଣ୍ଟ ବୃଦ୍ଧି ପାଇଁ ବିଭିନ୍ନ ପରୀକ୍ଷା ସବୁ ଆୟୋଜନ କରାଯାଉଥିବା ସୂଚନା ମିଳିଛି।

# ଚିପ୍ସ ପ୍ୟାକେଟ୍‌ରେ ଥିଲା ଖେଳନା

## ଗିଳିଦେଲେ ଶିଶୁ: ଆଉ ତା'ପରେ ଘଟିଲା




**ଫିରିଙ୍ଗିଆ,୧୯।୧୧ (ସଂଚାର ବ୍ୟୁରୋ):** ଏମିତି ବି ଆସେ ମୃତ୍ୟୁ। ମସଲା ଜାତୀୟ ଚିପ୍ସ ପ୍ୟାକେଟ ଭିତରେ ଥିବା ପ୍ଲାଷ୍ଟିକ ଖେଳନା ଗିଳି ୪ ବର୍ଷର ଶିଶୁଙ୍କ ଅକାଳରେ ଜୀବନ ଚାଲିଯାଇଛି। ମୃତ ଶିଶୁ ହେଲେ ବ୍ରାହ୍ମଣୀଗାଁ ଥାନା ତାଜୁଙ୍ଗିଆ ପଞ୍ଚାୟତ ଶିକରମାହା ଗ୍ରାମ ନିକଟ ମୁସୁମାହା ପଡାର ରଞ୍ଜିତ ପ୍ରଧାନଙ୍କ ୪ ବର୍ଷର ଶିଶୁ ବିଗିଲ ପ୍ରଧାନ। ସବୁଦିନ ଭଳିସେ ମଙ୍ଗଳବାର ମଧ୍ୟ ଅଙ୍ଗନାୱାଡି ପାଠ ପଢିବାକୁ ଗଲେ ପାଠପଢା ସାରି ମଧ୍ୟାହ୍ନ ଭୋଜନ ଖାଇ ବାପାଙ୍କ ସହ ମକା ବାଡ଼କୁ ଗଲେ।ସେଠାରେ ବାପା ମା'ଙ୍କ ସହ କିଛି ସମୟ ବିତାଇ ଖେଳୁଥିଲେ। ପୂର୍ବରୁ ବିଗିଲଙ୍କ ବାପା ଏକ ମସଲା ଜାତୀୟ ଚିପ୍ସ ପ୍ୟାକେଟ ପୁଅ ପାଇଁ ନେଇ ରଖିଥିଲେ। ବିଗିଲ ଉକ୍ତ ଚିପ୍ସ ପ୍ୟାକେଟରେ ଥିବା ଏକ ବନ୍ଧୁକ ଖେଳନାକୁ ଖେଳୁଥିବାବେଳେ ଅସାବଧାନତାରେ ଗିଳିଦେଇଥିଲେ ଓ ତାହା ତାଙ୍କ ତଣ୍ଟିରେ ଅଟକିଯାଇଥିଲା ଏବଂ ସେ ନିଶ୍ୱାସ ପ୍ରଶ୍ୱାସ ନେବା ମୁସ୍କିଲ ହୋଇପଡ଼ିଥିଲା ତାଙ୍କ ବାପା ଓ ମା' ଅଟକିଯାଇଥିବା ଖେଳନାକୁ ବାହାର କରିବାକୁ ଉଦ୍ୟମ କରି ଶେଷରେ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣାଟି ଅପରାହ୍ନ ମଧ୍ୟାହ୍ନ ସମୟରେ ଘଟିଥିବାବେଳେ ଦାରିଙ୍ଗବାଡି ପ୍ରାୟ ୩୦ କିମି ଦୂର ଆଣି ୨ଟାବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟ କହିଛନ୍ତି।

SANCHAR
ସଂଚାର
ଗୁରୁବାର ୨୦ ନଭେମ୍ବର ୨୦୨୫
ସ୍ୱାସ୍ଥ୍ୟ




# ମୋବାଇଲ୍‌ର ବହୁଳ ବ୍ୟବହାର ବଢ଼ାଉଛି ହୃଦ୍‌ରୋଗ ଆଶଙ୍କା



ପିଲାମାନଙ୍କଠାରୁ ସେମାନଙ୍କ ଶୈଶବ ଛଡ଼ାଇ ନେଉଛି ଆଜିର ଡିଜିଟାଲ୍ ଯୁଗ। ସତେ ଯେପରି ସେମାନଙ୍କ ଜୀବନ ବନ୍ଧା ପଡ଼ିଛି ସ୍ମାର୍ଟଫୋନ୍, ଅନଲାଇନ୍ କ୍ଲାସ୍, ଗେମିଂ ଓ ଷ୍ଟ୍ରିମିଂରେ। ହୋମୱାର୍କ କରି ଟିକେ ଥକିପଡ଼ିଲେ ସେମାନେ ଖୋଜୁଛନ୍ତି ମୋବାଇଲ୍, ପୁଣି ରାତିରେ ଶୋଇବା ଆଗରୁ ମୋବାଇଲ୍ ନ କେଞ୍ଚିଲେ ପିଲାଙ୍କୁ ନିଦ ବି ଆସୁ ନାହିଁ। ସମବୟସ୍କଙ୍କ ସହ ଖେଳକୁଦ, ଜେଜେଜେଜୀଙ୍କ ପାଖରୁ କାହାଣୀ ଶୁଣିବା ବଦଳରେ ପିଲାଏ ଏବେ ମୋବାଇଲ୍‌ରେ ମନୋନିବେଶ କରିଛନ୍ତି। କିନ୍ତୁ ଶିଶୁଙ୍କ ଭିତରେ ବୃଦ୍ଧି ପାଉଥିବା ଏହି ଅଭ୍ୟାସ ହୃଦ୍‌ରୋଗର କାରଣ ପାଲଟୁଛି ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି।

ଆମେରିକୀୟ ହାର୍ଟ ଆସୋସିଏସନ୍ ଜର୍ଣ୍ଣାଲରେ ପ୍ରକାଶିତ ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ ମୋବାଇଲ୍ କେବଳ ପିଲାମାନଙ୍କୁ ମାନସିକ ସ୍ତରରେ ନୁହେଁ; ବରଂ ଶାରୀରିକ ଭାବେ ବି ଅସୁସ୍ଥ କରିପକାଉଛି। ମାତ୍ରାଧିକ ମୋବାଇଲ୍ ବ୍ୟବହାର ଶିଶୁ ଓ କିଶୋରଙ୍କ ମଧ୍ୟରେ ହୃଦ୍‌ରୋଗ ସୃଷ୍ଟି କରାଉଛି। ଏହା କେବଳ ପାଶ୍ଚାତ୍ୟର ସମସ୍ୟା ନୁହେଁ; ଭାରତୀୟ ଶିଶୁ ଓ କିଶୋର ମଧ୍ୟ ଏହାର କବଳିତ। ଏହି ଅଧ୍ୟୟନରେ ଗବେଷକମାନେ ୧ ହଜାର ଯୋଡ଼ି ମହିଳା ଓ ଶିଶୁଙ୍କୁ ପର୍ଯ୍ୟବେକ୍ଷଣ ପରିସରଭୁକ୍ତ କରିଥିଲେ। ପିଲାଏ କେତେ ସମୟ ଧରି ମୋବାଇଲ୍ ବ୍ୟବହାର କରୁଛନ୍ତି ସେ ତଥ୍ୟ ସଂଗ୍ରହ କରାଯାଇଥିଲା। ମାତ୍ରାଧିକ ମୋବାଇଲ୍ ବ୍ୟବହାର ଶିଶୁ ଓ କିଶୋରଙ୍କ ମଧ୍ୟରେ ହୃଦ୍‌ରୋଗ ସୃଷ୍ଟି କରାଉଛି। ଏହା କେବଳ ପାଶ୍ଚାତ୍ୟର ସମସ୍ୟା ନୁହେଁ; ଭାରତୀୟ ଶିଶୁ ଓ କିଶୋର ମଧ୍ୟ ଏହାର କବଳିତ।

ଅନ୍ୟପକ୍ଷରେ ଦୁଇ ସପ୍ତାହ ଧରି ସେମାନଙ୍କ ନିଦ୍ରା ଓ ଶାରୀରିକ କାର୍ଯ୍ୟକଳାପ ଆକ୍ସିଲେରୋମିଟର ଜରିଆରେ ନିରୀକ୍ଷଣ କରାଯାଇଥିଲା। ଏହାବ୍ୟତୀତ ଅଣ୍ଟାର ପରିଧି, ସିଷ୍ଟୋଲିକ୍ ବ୍ଲଡ୍ ପ୍ରେସର୍, ଏଚ୍‌ଡିଏଲ୍(ଭଲ), କୋଲେଷ୍ଟ୍ରଲ୍, ଟ୍ରାଇଗ୍ଲିସରାଇଡ୍‌ସ ଓ ରକ୍ତ ଶର୍କରା ଆଦିର ପରିମାପ ଜରିଆରେ ହୃଦ୍‌ରୋଗଜନିତ ବିପଦ ଓ କାର୍ଡିଓମେଟାବୋଲିକ୍ ରିସ୍କ (ସିଏମ୍‌ଆର୍) କେତେ ରହୁଛି, ତାହା ନିର୍ଣ୍ଣୟ କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ ମୋବାଇଲ୍‌ର ବହୁଳ ବ୍ୟବହାର ଶିଶୁଙ୍କ ଭିତରେ ହୃଦ୍‌ରୋଗ ଆଶଙ୍କା ବଢ଼ାଉଛି।

ଅଧ୍ୟୟନରୁ ଜଣାପଡ଼ିଛି, ପ୍ରତ୍ୟେକ ଅତିରିକ୍ତ ଘଣ୍ଟା ମୋବାଇଲ୍ ବ୍ୟବହାର ଶିଶୁଙ୍କ ମଧ୍ୟରେ ପ୍ରାୟ ୦.୦୮ ମାନକ ବିଚ୍ୟୁତି ଏବଂ କିଶୋରମାନଙ୍କ ମଧ୍ୟରେ ୦.୧୩ କାର୍ଡିଓମେଟାବୋଲିକ୍ ସମସ୍ୟା ସୃଷ୍ଟି କରୁଛି। ନିଦ୍ରାହୀନତା ଓ ନିଦ୍ରା ବିଶୃଙ୍ଖଳା ମଧ୍ୟ ହୃଦ୍‌ରୋଗ ଆଶଙ୍କା ବୃଦ୍ଧି କରୁଛି। ସ୍ୱଳ୍ପ କିମ୍ବା ବିଳମ୍ବିତ ଶୟନ ଅଭ୍ୟାସ ରଖିଥିବା ପିଲାଙ୍କ ମଧ୍ୟରେ ଏହି ବିପଦ ଅଧିକ। କୋଭିଡ୍ ମହାମାରୀ କାରଣରୁ ୨୦୨୦ ମସିହା ପରଠାରୁ ଭାରତରେ ଅନ୍‌ଲାଇନ୍ ପାଠପଢ଼ାକୁ ଗୁରୁତ୍ୱ ଦିଆଯିବାରୁ ଛୋଟ ପିଲାଙ୍କର ସ୍କ୍ରିନ୍ ଟାଇମ୍ ବୃଦ୍ଧି ପାଇଥିଲା। ବର୍ଦ୍ଧିତ ମୋବାଇଲ୍ ନିର୍ଭରଶୀଳତା କାରଣରୁ ନିଦ୍ରାହୀନତା, ମେଦବହୁଳତା, ଇନସୁଲିନ୍ ପ୍ରତିରୋଧ ଭଳି କାର୍ଡିଓମେଟାବୋଲିକ୍ ସମସ୍ୟା ମଧ୍ୟ ଶିଶୁଙ୍କ ଠାରେ ବୃଦ୍ଧି ପାଉଛି ବୋଲି ଗବେଷକମାନେ ଜାଣିବାକୁ ପାଇଛନ୍ତି।

# ଶୀତଦିନେ ଶିଶୁଙ୍କଠାରେ ଦେଖାଯାଏ ବିଭିନ୍ନ ରୋଗ



ଭୁବନେଶ୍ୱର: ସବୁଠାରୁ ଅଧିକ ଯତ୍ନ ନେବାର ଋତୁ ହେଉଛି ଶୀତ ଋତୁ। ଏହି ସମୟରେ ଶିଶୁଙ୍କ ଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ନିଜର ଧ୍ୟାନ ନେବା ଆବଶ୍ୟକ। ଖାସ୍ କରି ଛୋଟ ଛୁଆଙ୍କ ସ୍ୱାସ୍ଥ୍ୟ। ପିଲାଙ୍କ ସ୍କୁଲ୍ ମଧ୍ୟ ସକାଳେ ଥାଏ। ଏହି ଦିନରେ ବିଭିନ୍ନ ଜୀବାଣୁ ଭୂତାଣୁ ଜନିତ ରୋଗ, ଥଣ୍ଡା, କାଶ ପ୍ରଭୃତି ରୋଗ ଦେଖାଯାଏ। ବିଭିନ୍ନ ଆଲର୍ଜି ଠାରୁ ଆରମ୍ଭ କରି ବିଭିନ୍ନ ଶ୍ୱାସ ଜନିତ ରୋଗ ଦେଖାଯିବାର ସମ୍ଭାବନା ରହିଛି। ତେଣୁ ଏ ସବୁଥିରେ ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ନଜର ପକାଇବା ନିହାତି ଦରକାର। ଚାଲନ୍ତୁ ଜାଣିବା କି କି ରୋଗ ହେବାର ସମ୍ଭାବନା ରହିଛି...

ଚର୍ମରୋଗ: ଶୀତଋତୁରେ ବାୟୁମଣ୍ଡଳ ତାପମାତ୍ରା କମିଯାଇଥାଏ। ଏହା ଫଳରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ହୁଏ। ଶୀତଳ ଓ ଶୁଷ୍କ ବାୟୁମଣ୍ଡଳ ହେତୁ ଚର୍ମ ଶୁଷ୍କ ହୋଇ ଧୂସର ବର୍ଣ୍ଣ ଦେଖାଯାଏ। ଶୀତ ଋତୁରେ ଆଲର୍ଜି ହେତୁ ଚର୍ମ କୁଣ୍ଡିଆ ରୋଗ ଅଧିକ ହୋଇଥାଏ। ଶିଶୁଙ୍କ ଏହି ସମୟରେ କାଛୁ ଓ କୁଣ୍ଡିଆ ରୋଗ ଅଧିକ ହୋଇଥାଏ। ବିଶେଷ କରି ହଷ୍ଟେଲ ଓ ଅଧିକ ଲୋକ ରହୁଥିବା ଗୃହରେ ଏହାର ପ୍ରାଦୁର୍ଭାବ ଅଧିକ ଦେଖାଯାଏ।

ଶ୍ୱାସରୋଗ: ଏହା ଭୂତାଣୁ ଜନିତ କିମ୍ବା ଜୀବାଣୁ ଦ୍ୱାରା ହୋଇଥାଏ। ଇନ୍‌ଫ୍ଲୁଏଞ୍ଜା ଓ ଆର.ଏସ.ଭି ଭୂତାଣୁ ଦ୍ୱାରା ଶିଶୁ ଆକ୍ରାନ୍ତ ହୋଇଥାଏ। ସମାନ୍ୟ ଥଣ୍ଡା ଜ୍ୱର ଠାରୁ ଆରମ୍ଭ କରି ଅତି ସାଂଘାତିକ ବ୍ରୋଙ୍କିଓଲାଇଟିସ ରୋଗ ଶିଶୁ ଠାରେ ଦେଖାଦେଇଥାଏ। ଏହି ରୋଗରେ ଶିଶୁ ଖୁବ ଦ୍ରୁତ ଗତିରେ ନିଶ୍ୱାସ ନେଇଥାଏ। ମାଆ ଠାରୁ ଖାଦ୍ୟ ଖାଇପାରେ ନାହିଁ। ୨ ବର୍ଷରୁ କମ୍ ଶିଶୁଙ୍କ ଠାରେ ଏହା ଅଧିକ ଦେଖାଯାଏ। ନାକରୁ ପାଣି ବାହାରିବା ସହ ପୂର୍ବରୁ ଥିବା ଶ୍ୱାସ ରୋଗ ଅଧିକ ବୃଦ୍ଧି ପାଇଥାଏ। ଛିଙ୍କ ଏହି ସମୟରେ ସାଧାରଣ ରୋଗ।

ତରଳଝାଡ଼ା: ଛଅମାସରୁ ତିନିବର୍ଷ ବୟସର ଶିଶୁଙ୍କୁ ବାନ୍ତି ଝାଡ଼ା ଦେଖାଦେଇଥାଏ। ଏହା କୌଣସି ଔଷଧ ଦ୍ୱାରା ଭଲ ହୋଇ ନଥାଏ। କେବଳ ଓଆରଏସ ଓ ଜିଙ୍କ୍ ଔଷଧ ଦ୍ୱାରା ଧୀରେ ଧୀରେ ଭଲ ହୋଇଥାଏ। ଏହାକୁ ବାଛୁରା ଝାଡ଼ା, ପତ୍ରଛଡ଼ି ଝାଡା ବା ଚୁର୍ଣ୍ଣା ବାଛରା କୁହାଯାଏ ।

ମାନସିକ ଅବସାଦ: କେତେ ବୟସ୍କ ଶିଶୁଙ୍କ ଠାରେ ଶୀତ ଋତୁ ମାନସିକ ଅବସାଦ ଆଣିଥାଏ। ତେଣୁ ଏ ପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ।

# ରାତି ଖାଇବା ପରେ ଘିଅ ଓ ଗୁଡ଼ ସେବନ କରିବାର ଉପକାରିତା ଜାଣନ୍ତୁ





ଖାଦ୍ୟ ଆମ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥାଏ। କେବଳ ଆମେ ଯେଉଁ ଖାଦ୍ୟ ଖାଉ ତାହା ନୁହେଁ, ବରଂ ଖାଦ୍ୟ ପରେ ଆମେ ଯାହା ଖାଉ ତାହାର ମଧ୍ୟ ଆମ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ରହିଥାଏ। ଲୋକମାନେ ସାଧାରଣତଃ ଖାଦ୍ୟ ଖାଇସାରିବା ପରେ ହଜମ ପାଇଁ ପାନମଧୁରୀ ଖାଇଥାଆନ୍ତି । ଏହା ତ ଆମେ ସମସ୍ତେ ଜାଣିଛେ କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଖାଦ୍ୟ ପରେ ଘିଅ ଏବଂ ଗୁଡ଼ ଖାଇବା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ହୋଇଥାଏ। ପ୍ରତିଦିନ ରାତି ଖାଦ୍ୟ ଖାଇସାରିବା ପରେ ଘିଅ ଏବଂ ଗୁଡ଼ ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭଦାୟକ ହୋଇଥାଏ। ଏହା ଶରୀରକୁ ହାଲୁକା, ଆରାମଦାୟକ ଅନୁଭବ କରାଇବା ସହିତ ପାଚନ ଶକ୍ତିକୁ ବୃଦ୍ଧି କରିଥାଏ। ଘିଅ ଏବଂ ଗୁଡ଼ର ମିଶ୍ରଣ ଶରୀରକୁ ବିଷମୁକ୍ତ କରିବାରେ ସାହାଯ୍ୟ କରେ। ଖାଦ୍ୟ ପରେ ନିୟମିତ ଭାବରେ ଏହାକୁ ସେବନ କରିବା ଦ୍ୱାରା ଶରୀର ଆଭ୍ୟନ୍ତରୀଣ ଭାବରେ ସଫା ହୋଇଥାଏ। ଘିଅ ଏବଂ ଗୁଡ଼ ଉଭୟ ଆଣ୍ଟିଅକ୍ସିଡାଣ୍ଟ ଗୁଣ ପାଇଁ ଜଣାଶୁଣା। ଏହାକୁ ନିୟମିତ ସେବନ ଦ୍ୱାରା ଗଣ୍ଠି ଯନ୍ତ୍ରଣା ହ୍ରାସ ପାଇଥାଏ। କେବଳ ଏତିକି ନୁହେଁ, ଘିଅ ଓ ଗୁଡ଼ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ସହିତ ଋତୁକାଳୀନ ଫ୍ଲୁ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରେ। ଖାଦ୍ୟ ପରେ ମିଠା ଲାଳସାକୁ ମଧ୍ୟ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ।

# ଶୀତ ଦିନେ ଶରୀର ପାଇଁ ଉପକାରୀ ଅଁଳା ଆଚାର



ଭୁବନେଶ୍ୱର: ଶୀତଦିନ ଆସିଲାଣି। ଥଣ୍ଡା ସର୍ଦ୍ଦି ହେବାର ଆଶଙ୍କା ଏବେ ବଢ଼ିବ। ଏଣୁ ଏହି ଶୀତଦିନେ ବଜାରରେ ମିଳୁଥିବା ଅଁଳା ବେଶ୍ ଉପକାରୀ ଆମ ଦେହ ପାଇଁ । ଅଁଳା ଜୁସ୍ ଆମ ଦେହ ପାଇଁ ଖୁବ୍ ଭଲ। ଖାଲି ଜୁସ୍ ନୁହେଁ ଅଁଳା ଆଚାର ବି ଘରେ ବନାନ୍ତୁ ଏବଂ ପୁରା ପରିବାରକୁ ଖୁଆନ୍ତୁ।

ପ୍ରସ୍ତୁତି ପ୍ରଣାଳୀ: ୫୦୦ ଗ୍ରାମ୍ ଅଁଳା ନେଇ ଷ୍ଟିମର୍‌ରେ ପ୍ରାୟ ଦଶମିନିଟ୍ ଯାଏ ସିଝେଇ ଅଳ୍ପ ଗରମ ଥିବାବେଳେ ମଞ୍ଜି ବାହାର କରି ରଖନ୍ତୁ। ୧୫୦ ଗ୍ରାମ୍ କଞ୍ଚାଲଙ୍କା ନେଇ ମଝିରୁ ଚିରି ବା ଦୁଇଖଣ୍ଡ କରି କାଟି ରଖନ୍ତୁ। ଗୋଟିଏ ପ୍ୟାନ୍ ଗରମ କରି ସେଥିରେ ୧ ଚାମଚ ଗୋଟା ଧନିଆ, ୧ ଚାମଚ କଳା ସୋରିଷ, ୧ ଚାମଚ ହଳଦିଆ ସୋରିଷ, ୧ ଚାମଚ ପାନମହୁରୀ, ଅଧ ଚାମଚ ମେଥି, ୧ ଚାମଚ ଜିରା, ଅଧଚାମଚ ଗୋଲମରିଚ ନେଇ ତିନିଚାରି ମିନିଟ୍ ହାଲୁକା ଆଞ୍ଚରେ ଭାଜି ନିଅନ୍ତୁ। ଏହାଦ୍ୱାରା ମସଲାଗୁଣ୍ଡରୁ ଜଳୀୟଅଂଶ ଶୁଖି ଆଚାର ଅଧିକ ଦିନ ରହିବ ଓ ଭଲ ବାସ୍ନା ଆସିବ। ଥଣ୍ଡା ହେଲେ ମସଲାକୁ ଖଦଡ଼ା କରି ଗୁଣ୍ଡ କରିଦିଅନ୍ତୁ। ଏଥର ଗ୍ୟାସ୍‌ରେ ପ୍ୟାନ୍ ଗରମ କରି ଏକ ବଡ଼ କପ୍ ସୋରିଷ ତେଲ ଗରମ କରନ୍ତୁ। ତେଲରୁ ଧୂଆଁ ବାହାରିଲେ ଆଞ୍ଚ କମେଇ ସେଥିରେ ଅଧ ଚାମଚ କଳାଜିରା, ଅଧ ଚାମଚ ମେଥି, ଅଳ୍ପ ହେଙ୍ଗୁ ଓ ଅଁଳା ପକାନ୍ତୁ। ସେଥିରେ ଦୁଇ ତିନି ଚାମଚ ସରୁସରୁ ଲମ୍ବା କଟା ହୋଇଥିବା ଅଦାର ଜୁଲିଏନ୍, କଟା ଲଙ୍କା ପକେଇ ଘାଣ୍ଟନ୍ତୁ। ଆଞ୍ଚକୁ ଏକ୍‌ଦମ୍ ଧିମା କରି ସେଥିରେ ଏକ ଚାମଚ ହଳଦୀଗୁଣ୍ଡ, ଏକ ଚାମଚ କଶ୍ମୀର ଲଙ୍କାଗୁଣ୍ଡ, ଏକ ଚାମଚ ଲୁଣ, ଏକ ଚାମଚ ଆମ୍‌ଚୁର୍ ପାଉଡର୍ ଏବଂ କରିଥିବା ମସଲାଗୁଣ୍ଡତକ ମିଶାଇ ତିନିଚାରି ମିନିଟ୍ ଆସ୍ତେ ଆସ୍ତେ ଘାଣ୍ଟନ୍ତୁ। ଆଚାରକୁ ଥଣ୍ଡା କରି କାଚ ବୋତଲରେ ବର୍ଷେ ଯାଏ ସଂରକ୍ଷିତ ରଖନ୍ତୁ।



# ବୟସ୍କମାନଙ୍କ ପାଇଁ ଜରୁରୀ ଖାଦ୍ୟାଭାସ

ବୟସ୍କ ବ୍ୟକ୍ତିଙ୍କର ଶାରୀରିକ ସ୍ତରରେ ଧୀରେଧୀରେ ବିଭିନ୍ନ ପରିବର୍ତ୍ତନ ଦେଖାଯାଏ। ଏଣୁ ଏସବୁ ସହ ଜଣେ ବୟସ୍କ ବ୍ୟକ୍ତିଙ୍କୁ ଖାପ ଖୁଆଇବାକୁ ହେଲେ ଆମକୁ ତାଙ୍କର ଖାଦ୍ୟପେୟ ଓ ଜରୁରୀ ପୋଷଣର ଧ୍ୟାନ ରଖିବାକୁ ପଡ଼ିବ। ଆମେ ବିଭିନ୍ନ ପ୍ରକାର ପୋଷକପୂର୍ଣ୍ଣ ଖାଦ୍ୟ ଖାଇଥାଉ କାରଣ ଏହା ଶରୀରର ବୃଦ୍ଧି ଓ କାର୍ଯ୍ୟକାରିତାରେ ସାହାଯ୍ୟ କରେ। ଯାହା ବି ବୟସ ହେଉ ପଛେ ଉପଯୁକ୍ତ ପୋଷକ ବା ନ୍ୟୁଟ୍ରିଏଣ୍ଟ୍ ଶରୀରକୁ ସୁସ୍ଥ ରଖିବାକୁ ଦରକାର ହୋଇଥାଏ। ତେବେ ବୟସ ବଢ଼ିବା ଅନୁସାରେ ଆମ ଶରୀରର ପୋଷକ ଆବଶ୍ୟକତା ମଧ୍ୟ ବଦଳିଥାଏ। ବିଭିନ୍ନ ପ୍ରକାର କ୍ରୋନିକ୍ ରୋଗ ଯେପରି ଡାଇବେଟିସ୍, ବ୍ଲଡ୍‌ପ୍ରେସର, ଅଷ୍ଟିଓପୋରୋସିସ୍, ହୃଦ୍‌ରୋଗ ଆଦିରୁ ବୟସ୍କମାନଙ୍କୁ ଦୂରେଇ ରଖିବା ପାଇଁ ଜରୁରୀ ପୋଷକ ଥିବା ଖାଦ୍ୟ ଖାଇବା ନିହାତି ଜରୁରୀ।

ବୟସ ବଢ଼ିବା ସହିତ ସେମାନଙ୍କର ମେଟାବୋଲିଜିମ୍ ପ୍ରକ୍ରିୟା କମିଯାଏ। ସେଥିପାଇଁ ସେମାନଙ୍କର ସନ୍ତୁଳିତ ଆହାର ଖାଇକୁ ପଡ଼ିଥାଏ। ବର୍ଦ୍ଧିତ ବୟସ ସହିତ ଶରୀରର ଶର୍କରା ଗ୍ରହଣ କରିବା ଶକ୍ତି କମିଯାଇଥାଏ। ବୟସ୍କମାନଙ୍କର ଖାଦ୍ୟରେ ଶ୍ୱେତସାର ପରିମାଣ କମ୍ ରହିବା ଆବଶ୍ୟକ ହୋଇଥାଏ। ବୟସ୍କମାନଙ୍କର ଖାଦ୍ୟରେ ନିୟମିତ ସ୍ନେହସାର ପରିମାଣ ୨୦ ପ୍ରତିଶତ ପର୍ଯ୍ୟନ୍ତ ସୀମିତ ରହିବା ଉଚିତ।

ଖେଚିଡ଼ି, ଉଷୁନା ଭାତ ସହିତ ସବୁଜ ପନିପରିବାର ପରିମାଣ ବଢ଼ାଇବା। ଅଧିକ ସୁଗାର ଥିବା ଫଳ ଯେପରି ଅଙ୍ଗୁର, ଆମ୍ବ, କଦଳୀ ଆଦି ନ ଖାଇ କମ୍ ସୁଗାର ଯୁକ୍ତ ଫଳ ଯେପରି ସେଓ, ପିଜୁଳି ଆଦି ଖାଇବାକୁ ଦେବା। କ୍ଷୀର, ଛେନା ଆଦି ଦେବା ଯାହାକି କ୍ୟାଲ୍‌ସିୟମ୍ ଦେବ। ରାଜ୍‌ମା, ଛୋଲେ, ମଞ୍ଜି ଜାତୀୟ ଖାଦ୍ୟ ସହିତ ଡାଲିଜାତୀୟ ଖାଦ୍ୟର ପରିମାଣ ବଢ଼ାଇବା। ଚିକେନ୍ ବ୍ରେଷ୍ଟ, ମାଛ, ଅଣ୍ଡା ଆଦି ଆବଶକୀୟ ପୃଷ୍ଟିସାର ଖାଦ୍ୟ ଦେବା। ଛଣାଛଣି ଓ ବଜାରରେ ମିଳୁଥିବା ସ୍ନାକ୍ସରୁ ଦୂରେଇ ରଖିବା। ଏକାଥରେ ପେଟପୂରା ଖାଦ୍ୟ ନ ଖାଇ କିଛି କିଛି ସମୟ ବ୍ୟବଧାନରେ ଖାଦ୍ୟ ଆହରଣ କରିବା ଦରକାର।

## କଂଗ୍ରେସ ସାଙ୍ଗଠନିକ ବୈଠକ

# ପଞ୍ଚାୟତ ନିର୍ବାଚନ ପୂର୍ବରୁ ରୋଡ ମ୍ୟାପ ପ୍ରସ୍ତୁତି ଆରମ୍ଭ କରିଛି କଂଗ୍ରେସ



**ନୟାଗଡ଼,୧୯।୧୧(ସଂଚାର ବ୍ୟୁରୋ):** ନୟାଗଡ଼ ବ୍ଲକ ଅନ୍ତର୍ଗତ ନଡ଼ିଆଳି ଗ୍ରାମ ପଞ୍ଚାୟତ ପଲ୍ଲୀଶାସନସ୍ଥିତ ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ ଠାରେ ନୟାଗଡ଼ କଂଗ୍ରେସର ଏକ ସାଙ୍ଗଠନିକ ବୈଠକ ବ୍ଲକ କଂଗ୍ରେସ ସଭାପତି ପୂର୍ବତନ ସରପଞ୍ଚ ଫକୀର ଚରଣ ମଲ୍ଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ୨୦୨୪ ସାଧାରଣ ନିର୍ବାଚନ ପରେ ନୟାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦଳ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତରେ ବୈଠକ ଆୟୋଜନ କରାଯାଇ ପ୍ରତ୍ୟକ୍ଷ ଭାବେ ଜନସାଧାରଣ ମାନଙ୍କ ସହ ଜନସମ୍ପର୍କ ମାଧ୍ୟମରେ ନୂଆ ସଂଗଠନ ଆରମ୍ଭ କରାଯାଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେପି ସହ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ରୋଡ଼ମ୍ୟାପ ପ୍ରସ୍ତୁତ କରାଯାଉ ଥିବା କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ଜିଲ୍ଲା ସଭାପତି ରଣଜିତ ଦାଶ କହିଛନ୍ତି। ନଡ଼ିଆଳି ଭଳି ପଞ୍ଚାୟତ ବିଜେଡି ଦୁର୍ଗରେ କଂଗ୍ରେସ ସଭା ଆୟୋଜନ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ମନରେ ଉତ୍ସାହ ସୃଷ୍ଟି କରିଛି। ପିସିସି ପୂର୍ବତନ ସାଧାରଣ ସମ୍ପାଦକ ହୁସେନ ଖାଁ ବିଜେପି ସରକାରଙ୍କ ଭୋଟଚୋରି ରୋକିବା ପାଇଁ ଦଳୀୟ କାର୍ଯ୍ୟକର୍ତ୍ତା ମାନଙ୍କୁ ସଚେତନ କରି କଂଗ୍ରେସ ସଂଗଠନ ସଶକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ରଣପୁର କଂଗ୍ରେସ ପ୍ରାର୍ଥୀ ବିଭୁ ପ୍ରସାଦ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ଲକ୍ଷ୍ମୀଧର ତ୍ରିପାଠୀ, ବିଶ୍ୱନାଥ ବରାଡ଼, ନକୁଳ ନାୟକ, ଦଳିତ ନେତା ଭଗବାନ ମଲ୍ଲିକ, ଜିତେନ୍ଦ୍ର ନାୟକ ଛାତ୍ର କଂଗ୍ରେସ ନେତା ଜୀବନଜ୍ୟୋତି ପ୍ରକାଶ ରାଉତ, ଅମ୍ଲାନ ଅଂଶୁମାନ ସାହୁ ଏବଂ ଅରବିନ୍ଦ ପାଢ଼ୀ ପ୍ରମୁଖ କାର୍ଯ୍ୟକର୍ତ୍ତା ଙ୍କ ସହ ଶତାଧିକ ଦଳୀୟ କର୍ମୀ, ହିଞ୍ଜଳଗାଡ଼ିଆ, ବଢ଼ିଆସାହୀ, ନଡ଼ିଆଳି, ଅଶ୍ୱସ୍ଥପଡା, ବାଲିପାଟଣା, ଗବନଳ, ମାଛିପଡ଼ା, ସିପାହୀ ଅସୁରଢିପକ୍ଷ ଗ୍ରାମବାସୀ ଜନସାଧାରଣ ଏହି ବୈଠକ ରେ ଉପସ୍ଥିତ ଥିଲେ ।

## ନିର୍ମାଣର ବର୍ଷ ବର୍ଷ ପରେ ବି କାମରେ ଆସୁନି

# ପୋଲ କାର୍ଯ୍ୟକ୍ଷମରେ ବାଧକ ସାଜିଛି ଆପ୍ରୋଚ୍ ରୋଡ

**ଦେବଗଡ଼,୧୯।୧୧(ସଂଚାର ବ୍ୟୁରୋ):** ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦାଙ୍କ ଗମନାଗମନର ସୁବିଧା ପାଇଁ ନିର୍ମାଣ ହେଲା ପୋଲ । ହେଲେ ଆପ୍ରୋଚ୍ ରୋଡ୍ ନଥିବାରୁ ପୋଲଟି କାର୍ଯ୍ୟକ୍ଷମ ହୋଇପାରୁନି ।

ଫଳରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ପର୍ଯ୍ୟଟକ ଓ ଗ୍ରାମବାସୀ । ଗତ ୨୦୨୩ରେ ଦେବଗଡ଼ ଜିଲ୍ଲାର ଝରା ଗୋଗୁଆ ପଞ୍ଚାୟତ ଫୁଲପଥର ଖୋଳ ଆମ୍ବତୁଭା ଠାରେ ନିର୍ମାଣ ହୋଇଥିଲା ପୋଲ। ମନରେଗା ଯୋଜନାରେ ନିର୍ମିତ ଏହି ପୋଲ ପାଇଁ ଖର୍ଚ୍ଚ ହୋଇଥିଲା ୨୦ ଲକ୍ଷ ଟଙ୍କା। ହେଲେ ଆପ୍ରୋଚ୍ ରୋଡ୍ ନହେବା କାରଣରୁ ପୋଲଟି ଏଯାଏଁ କାର୍ଯ୍ୟକ୍ଷମ ହୋଇପାରିନି । ଗାଁ ନିକଟରେ ରହିଛି କୁକୁରୁଘାଗି ଜଳପ୍ରପାତ। ଯାହାକୁ ଦେଖିବାକୁ ପର୍ଯ୍ୟଟକଙ୍କ ଭିଡ଼ ଜମେ । ହେଲେ କୁକୁରୁଘାଗିକୁ ସଂଯୋଗ କରୁଥିବା ରାସ୍ତାରେ ବାଧକ ସାଜିଛି ଏହି ଆପ୍ରୋଚ୍ ରୋଡ୍ । ଏନେଇ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ଜଣାଯାଇଛି, ହେଲେ କୌଣସି ସୁଫଳ ମିଳୁନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଅନ୍ୟପଟେ ବ୍ଲକ ବୈଠକରେ ଆଲୋଚନା କରାଯାଇ ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି ଜିଲ୍ଲାପାଳ । ବର୍ତ୍ତମାନ ପର୍ଯ୍ୟଟନ ଋତୁ ଆସିଲାଣ । ତୁରନ୍ତ ଆପ୍ରୋଚ୍ ରୋଡ୍ ନିର୍ମାଣ କରାଗଲେ ପର୍ଯ୍ୟଟକଙ୍କ ସହ ସ୍ଥାନୀୟ ଜନସାଧାରଣ ଉପକୃତ ହୋଇପାରିବେ ।



## ବ୍ଲକ୍‌ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ

**ପାଟଣା,୧୯।୧୧ (ସଂଚାର ବ୍ୟୁରୋ):** କେନ୍ଦୁଝରଜିଲା ପାଟଣା ବ୍ଲକର ଯମୁନାପଶି ପଞ୍ଚାୟତ ସ୍ଥିତ ଯମୁନାପଶି ବିଶେଇପାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ମୋଟ ୧୨୫ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ଯୋଗଦେଇଥିଲେ। ସେ ବିଭିନ୍ନ ବର୍ଗରୁ ଜିଲା ସ୍ତର ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବା ୭ ଜଣ କୃତୀ ପ୍ରତିଭାଙ୍କୁ ଟ୍ରଫି ଓ ସାର୍ଟିଫିକେଟ୍ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ରାୟ, ଭାଷ୍ୟକାର ପାର୍ଥ ସାରଥୀ ବେଜ, ବରିଷ୍ଠ ଖବରଦାତା ସନ୍ତୋଷ କୁମାର ପତି ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ପ୍ରତି ଆଗ୍ରହ ବଢ଼ାଇବାକୁ ଉତ୍ସାହିତ କରିଥିଲେ।

## ଗବେଷକ ପ୍ରଫୁଲ୍ଲ ତ୍ରିପାଠୀଙ୍କ ଜୟନ୍ତୀ ପାଳିତ



**ବାଲିଅନ୍ତା,୧୯।୧୧(ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ମା ଦୁର୍ଲ୍ଲବା ଦେବୀ ପୀଠ ପରିସରରେ ଡମିଲୋ ଗ୍ରାମ କମିଟି ଓ ଜୟଦେବ ଯୁବକ ସଂଘ ମିଳିତ ସହଯୋଗରେ ଗବେଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କ ୮୫ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ସମାଜସେବୀ ସୁବ୍ରତ ମହାନ୍ତି, ପୂର୍ବତନ ବିଧାୟକ ଡ. ଅରବିନ୍ଦ ଢାଲି, ଜିଲ୍ଲା ବିଜେପି ସଭାପତି ନିରଞ୍ଜନ ମିଶ୍ର, ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ,ବାଲିପାଟଣା ପ୍ରେସ କ୍ଳବ ସଭାପତି ଦିଲ୍ଲୀପ ଓଝା, ସାମ୍ବାଦିକ ରମେଶ ଚନ୍ଦ୍ର ରଥ ଓ ପ୍ରକୃତିବନ୍ଧୁ ନିରଞ୍ଜନ ସେନାପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଗବେଷକ ଶ୍ରୀ ତ୍ରିପାଠୀଙ୍କ ବହୁମୁଖୀ ପ୍ରତିଭା ଓ ଜୟଦେବ ସଂସ୍କୃତିର ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ସଭାରେ ସାମ୍ବାଦିକ ଗଗନ ଭୋଇ ସଭାପତିତ୍ୱ କରିଥିବା ବେଳେ ଗ୍ରାମ କମିଟି ସଦସ୍ୟ ବିଜୟ ଭୋଇ ଧନ୍ୟବାଦ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସମାଜସେବା, ସାମ୍ବାଦିକତା ଓ ବିଭିନ୍ନ ସେବା ଭିତ୍ତିକ କାର୍ଯ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜ୍ଜନ କରିଥିବା ୪୦ ଜଣ ବ୍ୟକ୍ତି ବିଶେଷଙ୍କୁ ଅତିଥିବୃନ୍ଦ ଉପଢୌକନ ଓ ମାନପତ୍ର ଦେଇ ଅତିଥିବୃନ୍ଦ ସମ୍ବର୍ଦ୍ଧିତ କରିଥିଲେ ।

# ବିଦ୍ୟାଳୟରେ ବର୍ଣ୍ଣବୋଧ ବଣ୍ଟନ



**ରାଜନଗର,୧୯।୧୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ୍ ଓସ୍ତିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଓ୍ୱାଲିକଣା ଯୁଜିୟୁପି ବିଦ୍ୟାଳୟରେ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ତରଫରୁ "ବର୍ଣ୍ଣବୋଧ ବଣ୍ଟନ ଅଭିଯାନ" ଅନୁଷ୍ଠିତ ହୋଇଯାଇଛି । କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ସଭାପତି ଆଇନଜୀବୀ ଧୀରେନ୍ଦ୍ରନାଥ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାଜନଗର ବ୍ଲକ୍ ଚେୟାରମ୍ୟାନ୍ ପ୍ରତିଭା ପାତ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ସଭାକୁ ଉଦଘାଟନ କରିଥିଲେ । "ଛବିଳ ମଧୁ ବର୍ଣ୍ଣବୋଧ" କୁ ସମଗ୍ର ରାଜ୍ୟ ସ୍ତରରେ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ପ୍ରଚଳନ କରିବା ପାଇଁ ମୋ ମାଟିର ସାମାଜିକ ସଙ୍ଗଠନ "କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ" ତରଫରୁ ସ୍ୱର ଉଠୁଥିବା ରୁ ମୁଁ ଗର୍ବୀତ । ଏଥିପାଇଁ ମୁଁ ବ୍ଲକ୍ ଚେୟାରମ୍ୟାନ୍ ହିସାବରେ ସରକାରଙ୍କ ଦୃଷ୍ଟି ଗୋଚର କୁ ଆଣିବାକୁ ଚେଷ୍ଟା କରିବି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ସିଆରସିସି ନିରାକାର ସେଠୀ "ବର୍ଣ୍ଣବୋଧ ବଣ୍ଟନ ଅଭିଯାନ" ଭଳି ଭାଷାଭିତ୍ତିକ ପ୍ରୟାସ କୁ ସାଧୁବାଦ୍ ଦେଇଥିଲେ । ଓ୍ୱାଲିକଣା ଯୁଜିୟୁପି ସ୍କୁଲ୍ ର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅୟେସ୍ କୁମାର ମାହୁନ୍ତ,ସହକାରୀ ଶିକ୍ଷକ ପ୍ରଦୀପ କୁମାର ରାଉତ,ଶିକ୍ଷୟତ୍ରୀ ଆରତୀ ମଲ୍ଲିକ୍ ,ସଂସଦ ର ବରିଷ୍ଠ ସଦସ୍ୟ ରଙ୍ଗାଧର ଜେନା, ପ୍ରତିଷ୍ଠାତା ସୁଶ୍ରୀକାନ୍ତ ପରିଡ଼ା ,ଉପସ୍ଥିତ ରହି ପିଲାମାନଙ୍କୁ ର୍ୱର୍ଣ୍ଣୱୋଧେ ବଣ୍ଟନ କରିଥିଲେ । ଶିକ୍ଷୟତ୍ରୀ ଲକ୍ଷ୍ମୀପ୍ରିୟା ଲେଙ୍କା ଧନ୍ୟବାଦ୍ ଦେଇଥିଲେ ।

## ସମାଜସେବୀ ଅକ୍ଷୟ ପ୍ରତାପସିଂହଙ୍କ ଅକାଳ ବିୟୋଗ

**କଣାସ,୧୯।୧୧ (ସଂଚାର ବ୍ୟୁରୋ):** କଣାସ ବ୍ଲକ କାଦୁଆ ଗ୍ରାମପଞ୍ଚାୟତ ସାନଓରା ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ସମାଜସେବୀ ଅକ୍ଷୟ କୁମାର ପ୍ରତାପସିଂହ ୫୫ ବର୍ଷଙ୍କର ଆଜି ପରଲୋକ ହୋଇଥିବା ଜଣାପଡ଼ିଛି। ପ୍ରତାପସିଂହ ସକାଳୁ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଖୋର୍ଦ୍ଧା ଚିକିତ୍ସା ପାଇଁ ନିଆଯାଇଥିଲା ପେଟରେ ଯନ୍ତ୍ରଣା ହେବା ସହ ଛାତିରେ କଷ୍ଟ ଅନୁଭବ କରୁଥିବାରୁ ଆଲଟ୍ରାସାଉଣ୍ଡ ହେବା ପାଇଁ ବସିଥିବାବେଳେ ତାଙ୍କର ପ୍ରାଣ ବାୟୁ ଛାଡି ଯାଇଥିଲା। ତାଙ୍କର ମର ଶରୀରକୁ ଗ୍ରାମକୁ ଅଣାଯାଇଛି। ତାଙ୍କର ଏକମାତ୍ର ପୁତ୍ର ତାମିଲନାଡୁରେ କାର୍ଯ୍ୟ କରୁଥିବାରୁ ସେ ବିମାନ ଯୋଗେ ଆସି ପହଁଚିବା ପରେ ଶବ ସତ୍କାର କରାଯିବ।

# ରାଇଘରଠାରେ ଯୁଗ୍ମ ଜନଶୁଣାଣି ଶିବିର



**ରାଇଘର,୧୯।୧୧ (ସଂଚାର ବ୍ୟୁରୋ):** ଆଜି ରାଇଘର ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଏବଂ ଆରକ୍ଷୀ ଅଧକ୍ଷକ ମଡକର ସନ୍ଦୀପ ସମ୍ପତିଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଉପ ଜିଲ୍ଲାପାଳ, ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର , ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝଙ୍କର,ଏସ ଡି ପି ଓ ଉମରକୋଟ ଶୁଭେନ୍ଦୁ ଶବର, ବିଡିଓ , ରାଇଘର ରିତୁ ସିଂ ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଜନ ଶୁଣାଣି ଶିବିରରେ ମୋଟ ୩୧ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ ସେଥିମଧ୍ୟରୁ ୨୦ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୧ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୫ ଟି ଅଭିଯୋଗର ସମାଧାନ ତତକ୍ଷଣାତ କରାଯାଇଥିଲା । ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ଦିବ୍ୟଙ୍ଗ ମାନଙ୍କୁ ୮ଟି ହୁଇଲ ଚେୟାର ଏବଂ ୩ଟି ଟାଇସାଇକଲ ପ୍ରଦାନ କରାଯାଇଥିଲା ।

## ଡେପୁଟେସନରେ ଗଲେ ବିବାଦୀୟ ଯନ୍ତ୍ରୀ



**ନୀଳଗିରି,୧୯।୧୧(ସଂଚାର ବ୍ୟୁରୋ):** ନୀଳଗିରିର ବହୁ ବାଦବିବାଦରେ ଲିପ୍ତ ନୀଳଗିରି ବ୍ଲକର ସହକାରି ଯନ୍ତ୍ରୀ ଶରତଚନ୍ଦ୍ର ଉପାଧ୍ୟାୟ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକକୁ ଡେପୁଟେସନରେ ବଦଳି ଅଡର ହୋଇଥିବା ଜଣାଯାଇଛି। ଆଇଟିଡିଏ କାର୍ଯ୍ୟରତ ଥିବାବେଳେ ଆଦିବାସୀ ଟଙ୍କାରେ ଅୟସ କରୁଥିଲେ ଯନ୍ତ୍ରୀ ଜଣକ। ବହୁ ବାଦବିବାଦରେ ଲିପ୍ତ ନୀଳଗିରି ବ୍ଲକର ସହକାରୀ ଯନ୍ତ୍ରୀ ଶ୍ରୀ ଶରତ ଚନ୍ଦ୍ର ଉପାଧ୍ୟାୟଙ୍କୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଜିଲ୍ଲାପାଳ ଚିଠି ନମ୍ବର ୪୮୨୯ତା ୧୭.୧୧.୨୫ମୂଳେ ଭୋଗରାଇକୁ ଡେପୁଟେସନରେ ବଦଳି ଅଡର କରାଯାଇଛି। ଉପାଧ୍ୟାୟଙ୍କ ସ୍ଥାନରେ ରେମୁଣା ବ୍ଲକର ସହକାରୀଯନ୍ତ୍ରୀ କାର୍ଯ୍ୟଭାର ଗ୍ରହଣ କରିବାର ନିର୍ଦ୍ଦେଶ ରହିଛି। ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶପରେ ଶ୍ରୀ ଉପାଧ୍ୟାୟଙ୍କ ତେଲ ପକାଇ ଅର୍ଥହଡପ ଘଟଣା ଲୋକଲୋଚନକୁ ଆସିଥିଲା। ସତ୍ୟତା ପ୍ରମାଣିତ ପରେ ଶ୍ରୀ ଉପାଧ୍ୟାୟଙ୍କୁ ଜିଲ୍ଲାପାଳ ଡେପୁଟେସନରେ ବଦଳି କରିଥିବାର ଜଣାପଡ଼ିଛି। ଯନ୍ତ୍ରୀ ଉପାଧ୍ୟାୟ ନୀଳଗିରି ଆଇଟିଡିଏରେ କାର୍ଯ୍ୟରତ ଥିବାବେଳେ ସରକାରୀ ତେଲ ବିଲନେଇ ସରକାରୀ ଗାଡ଼ିରେ ତେଲନପକାଇ ନିଜଗାଡିରେ ଡିଜେଲ ବଦଳରେ ପେଟ୍ରୋଲ ପକାଇବା ସିସି ଟିଭିରେ କୟଦ୍ ହୋଇ ଘଟଣା ଲୋକଲୋଚନକୁ ଆସିବାପରେ ଜିଲ୍ଲାପାଳ ତଦନ୍ତ କରିବାକୁ ନୀଳଗିରି ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନୀଳଗିରି ଉପଜିଲ୍ଲାପାଳ ତଦନ୍ତକରି ଘଟଣାର ସତ୍ୟତା ଜାଣି ଜିଲ୍ଲାପାଳଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ। ଜିଲ୍ଲାପାଳ ତଦନ୍ତ ରିପୋର୍ଟକୁ ଆଧାର କରି ଶ୍ରୀଉପାଧ୍ୟାୟଙ୍କ ବଦଳି କରିବାକୁ ରାଜ୍ୟସରକାରଙ୍କୁ ସୁପାରିସ କରିଥିଲେ। ଏହି ଆଧାରରେ ରାଜ୍ୟସରକାର ଉପାଧ୍ୟାୟଙ୍କର ଡେପୁଟେସନରେ ବଦଳି କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଜିଲ୍ଲା ଯାଦବ ମହାସଭା: ଅହିର ରେଜିମେଣ୍ଟ ଆମଦାବି



**ନବରଙ୍ଗପୁର,୧୯।୧୧ (ସଂଚାର ବ୍ୟୁରୋ):** ଜିଲ୍ଲା ଡାବୁଗାଁ ବ୍ଲକ ଚଚରାଗୁଡ଼ା ଗ୍ରାମ ପଞ୍ଚାୟତ କୁସୁମବନ୍ଧ ଗ୍ରାମ ର ପୂର୍ଣ୍ଣେଶ୍ୱର ମନ୍ଦିର ଠାରେ ଜିଲ୍ଲା ଯାଦବ ମହାସଭା ଓ ଡାବୁଗାଁ ବ୍ଲକ ଯାଦବ ମହାସଭା ର ମିଳିତ ଆନୁକୂଲ୍ୟରେ ଯାଦବ ଶୌର୍ଯ୍ୟ ଦିବସ ସଭାପତି କୃପାସିନ୍ଧୁ ଗୌଡ ଙ୍କ ସଭାପତିତ୍ୱ ରେ ପାଳନ କରାଯାଇ ଥିଲା। ପ୍ରଥମେ ମନ୍ଦିର ଠାରୁ ସମସ୍ତ କର୍ମକର୍ତ୍ତା ଓ ଯାଦବ ଭାଇ ଭଉଣୀ ମାନେ ଏକତ୍ରିତ ହୋଇ ସହିଦ୍ ସ୍ୱର୍ଗତ ସୋନୁ ମାଝୀ ଙ୍କ ପରିବାର ବର୍ଗ ଙ୍କୁ ଭେଟି ସମ୍ମାନୀତ କରିଥିଲେ। ଏବଂ ସହିଦ୍ ପରିବାର ସଦସ୍ୟାଙ୍କ ଘରୁ ମଶାଲ ଶୋଭାଯାତ୍ରା କରି କୁସୁମବନ୍ଧ ଗ୍ରାମ ପରିକ୍ରମା କରିଥିଲେ। ଏହା ପରେ ଆଜି ସାରା ଭାରତ ବର୍ଷ ରେ ପାଳନ ହେଉଥିବା ଯାଦବ ସୋର୍ଯ୍ୟ ଦିବସ ବା ରେଜେଙ୍ଗାଲା ଡେ ର ସବିଶେଷ ବିବରଣୀ ଅତିଥି ମାନେ ଉପସ୍ଥାପନା କରିଥିଲେ। ସହିଦ୍ ୧୧୪ ଜଣ ବୀର ଯାଦବ ସୈନିକ ମାନଙ୍କ ବୀରଗାଥା କହିଥିଲେ। ଏବଂ ଯାଦବ ସମାଜ ଭାଇ ଭଉଣୀ ମାନଙ୍କ ସୁବିଧା ଅସୁବିଧା ବିଷୟରେ ଡାବୁଗାଁ ଅଧ୍ୟକ୍ଷା ବୀଣା ମାଝୀ ଙ୍କୁ ସହଯୋଗ ପାଇଁ ଅନୁରୋଧ କରିଥିଲେ।ପରି ଶେଷରେ ନନ୍ଦା ହାଣ୍ଡି ବ୍ଲକ ସମ୍ପାଦକ ସୁରେନ୍ଦ୍ର ଭକ୍ତ ଧନ୍ୟବାଦ୍ ଅର୍ପଣ କରି ସଭା ସାଙ୍ଗ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝୀ ଯୋଗଦାନ କରିଥିଲେ। ଏବଂ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଯାଦବ ମହାସଭା ର ଯୁବ ସଭାପତି ନବ କିଶୋର ଗୌଡ,ଉପ ସଭାପତି ସୈନିକ ଗୌଡ,ହରି ଗୌଡ,ସହ ସମ୍ପାଦକ ମହାଦେବ ମାଝୀ, ସହିଦ୍ ପରିବାର ସଦସ୍ୟା ବାଲମତି ମାଝୀ,ପାପଡାହାଣ୍ଡି ବ୍ଲକ ସଭାପତି କୁଶନାଥ ଗୌଡ, ଉମରକୋଟ ବ୍ଲକ ସମ୍ପାଦକ ତ୍ରିନାଥ ମାଝୀ, ନନ୍ଦା ହାଣ୍ଡି ବ୍ଲକ ସମ୍ପାଦକ ସୁରେନ୍ଦ୍ର ଭକ୍ତ, ଉମରକୋଟ ବ୍ଲକ ବରିଷ୍ଠ କର୍ମକର୍ତ୍ତା ଟଙ୍କଧର ଗୌଡ ଏବଂ ବହୁତ ଯାଦବ ସମାଜ ଭାଇ ଭଉଣୀ ମାନେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ଆୟୋଜକ ଭାବେ ଡାବୁଗାଁ ବ୍ଲକ ଯାଦବ ମହାସଭା ର ସମ୍ପାଦକ ଶ୍ରୀଯୁକ୍ତ ତ୍ରିନାଥ ଗୌଡ ଏବଂ ଚଚରାଗୁଡା ଗ୍ରାମ ପଞ୍ଚାୟତ କୁସୁମବନ୍ଧ ଗ୍ରାମ ର ସମସ୍ତ କର୍ମକର୍ତ୍ତା ଓ ଯାଦବ ଭାଇ ଭଉଣୀ ମାନେ ସହଯୋଗ କରିଥିଲେ।

## ୨୧ତମ ପିଏମ୍ କିଷାନ ଦିବସ ପାଳିତ

# ଲକ୍ଷାଧିକ ଚାଷୀଙ୍କ ଆକାଉଣ୍ଟ ଗଲା ୨୨କୋଟିରୁ ଉର୍ଦ୍ଧ୍ୱ ଟଙ୍କା



**ନୟାଗଡ଼,୧୯।୧୧ (ସଂଚାର ବ୍ୟୁରୋ):** ଜିଲ୍ଲାସ୍ତରୀୟ ୨୧ତମ ପି ଏମ କିଷାନ ଦିବସର ସିଧା ପ୍ରସାରଣ କାର୍ଯ୍ୟକ୍ରମ ନୟାଗଡ଼ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋଏମ୍ବାଟୁର, ତାମିଲନାଡୁ ଠାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ସିଧା ପ୍ରସାରଣ ମାଧ୍ୟମରେ ଚାଷୀମାନଙ୍କୁ ପ୍ରାକୃତିକ କୃଷି ସମ୍ବନ୍ଧରେ ଉଦବୋଧନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଖଣ୍ଡପଡ଼ା ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦାନ କରି ନୟାଗଡ଼ ଜିଲ୍ଲାର ଚାଷୀ ଭାଇଭଉଣୀମାନଙ୍କୁ ବିଭିନ୍ନ ଚାଷ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହା ଛଡା ଉକ୍ତ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଏବଂ ଜିଲ୍ଲାର ବିଭାଗୀୟ ଅଧିକାରୀମାନେ ଚାଷୀମାନଙ୍କୁ ବୈଜ୍ଞାନିକ ପଦ୍ଧତିରେ ଚାଷବାସ ଏବଂ ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ। ତେବେ ଆଜି ୧କୋଟି ୧୨ହଜାର ୪୨୯ଜଣ ଚାଷୀଙ୍କ ଆକାଉଣ୍ଟକୁ ଆଜି ସିଧାସଳଖ ୨୨କୋଟି ୪୮ଲକ୍ଷ ୫୮ହଜାର ଟଙ୍କା ଯାଇଥିବା ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମଟି ଉଭୟ କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ ଓ ଜିଲ୍ଲା କୃଷି ବିଭାଗର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ଉଦ୍ୟାନ ବିଭାଗର ମୁଖ୍ୟ ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ, ମୁଖ୍ୟ କୃଷି ଯାନ୍ତ୍ରିକକରଣ ଅଧିକାରୀ ଯୋଗଦାନ କରିଥିଲେ।

## ଦାବି ପରେ ବି ନିର୍ମାଣ ହେଉନି ରାସ୍ତା



**କେସିଙ୍ଗା,୧୯।୧୧ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କସ୍ତୂପଡ଼ା ପଞ୍ଚାୟତ ଅଧିନସ୍ଥ ସିଂହଝରଣ ଗ୍ରାମକୁ ସଂଯୋଗ ହୋଇଥିବା ରାସ୍ତା ଦୀର୍ଘବର୍ଷଠାରୁ ଶୋଚନୀୟ ଅବସ୍ଥାରେ ପଡ଼ିରହିଛି। ବହୁବାର ସ୍ଥାନୀୟ ସରପଞ୍ଚଠାରୁ ବ୍ଲକର ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଜାତୀୟ ରାଜପଥ ୨୬ ଶ୍ରୀଅରବିନ୍ଦ ଛକଠାରୁ ସିଂହଝରଣ ଗ୍ରାମକୁ ସଂଯୋଗ ହୋଇଥିବା ପ୍ରାୟ ୫ କିମି ରାସ୍ତାକୁ ଦୀର୍ଘ ୨୫ ବର୍ଷ ତଳେ ଆରଡି ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିଲା। ବଜ୍ରଗଡ଼ ଜଙ୍ଗଲ ଭିତର ଦେଇ ସିଂହଝରଣ ଗ୍ରାମକୁ ଏହି ରାସ୍ତା ଯାଇଥିବାରୁ ବିଭାଗୀୟ ପକ୍ଷରୁ ପୁନର୍ବାର ମରାମତି କରିବାକୁ ଚାହୁଁନାହାନ୍ତି। କାରଣ ଜଙ୍ଗଲ ରାସ୍ତା ଥିବାରୁ ପ୍ରଶାସନ ଗୁରୁତ୍ୱ ଦେଉନାହିଁ। ଏହି ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ, ବିଡିଓ ଏବଂ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ବହୁବାର ଲିଖିତ ଅଭିଯୋଗ କରିଛନ୍ତି।

# ବ୍ଲକ ପଞ୍ଚାୟତ ପିଅନ ସଂଘର ବୈଠକ



**ରାଜନଗର,୧୯।୧୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ମହିଁଷାସୁର ପଚାଂୟତ କାର୍ଯ୍ୟାଳୟ ସଭାଗୃହ ପରିସରରେ ପଚାଂୟତ ପିଅନ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଂଘର ସଭାପତି ବିଷ୍ଣଚରଣ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପିଅନମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯାଇଥିଲା। ପଞ୍ଚାୟତ ପିଅନମାନଙ୍କୁ ସ୍ଥାୟୀ ନିଯୁକ୍ତି ସହ ନିୟମିତ ଦରମା ପ୍ରଦାନ କରିବା, ଓଡିଶା ଗ୍ରାମପଚାଂୟତ ୨୦୧୪/୧୨୫ ନିୟମକୁ ଉଚ୍ଛେଦ କରି ୧୯୬୪/୧୨୩ ଆଇନକୁ ବିଧାନ ସଭାରେ ଉପସ୍ଥାପନ କରାଯାଇ ପଚାଂୟତରେ ନିଯୁକ୍ତି ପିଅନଙ୍କୁ ଶ୍ରମ ଓ ନିୟୋଜନ ବିଭାଗ ନିର୍ଦ୍ଧାରିତ ଅଣକୁଶଳୀ, ଅର୍ଦ୍ଧକୁଶଳୀ ଓ ନିପୁଣ କୁଶଳୀ ବର୍ଗରେ ସାମିଲ କରାଯାଇ ଦୈନିକ ସର୍ବନିମ୍ନ ମଜୁରୀ ୬ଶହ ଟଙ୍କା ପ୍ରଦାନ ନିମନ୍ତେ ପଚାଂୟତକୁ ସର୍କୁଲାର ପଠାଇବା ପାଇଁ ଆଲୋଚନା କରାଯାଇଥିଲା । ମାସକୁ ସର୍ବନିମ୍ନ ଦରମା ୧୮ହଜାର ଟଙ୍କା ପ୍ରଦାନ କରିବା, ପଚାଂୟତ ବିଧି ବ୍ୟବସ୍ଥାରେ ପିଅନମାନଙ୍କୁ ଅର୍ନ୍ତଭୁକ୍ତ କରିବା, ଇ-ଗଭର୍ଣ୍ଣାନ୍ସ ପୋର୍ଟାଲ ପଞ୍ଚାୟତରାଜ ବିଭାଗରେ କର୍ମଚାରୀଙ୍କ ତାଲିକାକୁ ପଞ୍ଜିକରଣ କରିବା, ସାମାଜିକ ସୁରକ୍ଷା ପ୍ରଦାନ କରିବା, ପଞ୍ଚାୟତରାଜ ଓ ଅର୍ଥବିଭାଗ ବରିଷ୍ଠ ଅଧିକାରୀଙ୍କ ସହ ସଂଘ ପ୍ରତିନିଧିଙ୍କୁ ନେଇ ହାଇପାୱାର କମିଟି ଗଠନ, ଅର୍ଥ ବିଭାଗରେ ସ୍ୱତନ୍ତ୍ର ବଜେଟ ରଖିବା, ଶିକ୍ଷାଗତ ଭିତିରେ ପଦୋନ୍ନତି ଦେବା, ୬୦ବର୍ଷ ପରେ ପେନସନର ବ୍ୟବସ୍ଥା କରିବା ପ୍ରଭୃତି ବିଭିନ୍ନ ଦାବୀ ସଂପର୍କରେ ଆଲୋଚନା କରାଯାଇଥିଲା। ସଂଘର ସଂପାଦକ ବଳରାମ ରାଉତଙ୍କ ସଂଯୋଜନାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ।

## ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମଉତ୍ସବ ପାଳନ



**ନୀଳଗିରି,୧୯।୧୧ (ସଂଚାର ବ୍ୟୁରୋ):** ଦୁଇଦିନ ବ୍ୟାପି ଶ୍ରୀ ସତ୍ୟ ସାଇ ବାବା ଙ୍କ ଶତ ବାର୍ଷିକ (୧୦୦ ତମ) ଶୁଭ ଜନ୍ମ ସମସ୍ତ ଧର୍ମର, ସମସ୍ତ ଜାତି, ସମସ୍ତ ବ୍ୟକ୍ତିର ପ୍ରେମର ଆଲୋକ ବର୍ତ୍ତିକା, ପ୍ରେମ ହିଁ ଭଗବାନ, ଭଗବାନ ତାଙ୍କର ଦିବ୍ୟ ପୂର୍ଣ୍ଣ ଅବତାରତ୍ୱରେ ବିଶ୍ୱକୁ ଗୋଟିଏ ସୂତାରେ ବାନ୍ଧିପାରିଛନ୍ତି। ମାନବ ସମାଜକୁ ଭଗବାନଙ୍କର ଦିବ୍ୟକୃପା ଆମ ଜୀବନକୁ ବଂଶୀ କରିବା ତାଙ୍କର ଉଦ୍ଦେଶ୍ୟ। ମାନବ ସମାଜ ପ୍ରତି ଶ୍ରୀ ସତ୍ୟ ସାଇ ସେବା ସଂଗଠନ ଭଗବାନଙ୍କର ଦିବ୍ୟ ଉପହାର, ସାରା ବିଶ୍ୱରେ ଅବତାରଙ୍କର ଜନ୍ମ ଉତ୍ସବ ପାଳନ ହେଉଅଛି। ଏହି ପରି ଶୁଭ ଅବସରରେ ଶ୍ରୀ ସତ୍ୟ ସାଇ ଭଜନ ମଣ୍ଡଳୀ, ନୀଳଗିରି ବ୍ଲକ ମଲ୍ୟାଣୀ ଠାରେ ଦୁଇ ଦିବସ ବ୍ୟାପୀ ଅନନ୍ୟ ଦିବ୍ୟ ଶତ ବାର୍ଷିକ ଜନ୍ମ ଉତ୍ସବ ପାଳନ ହୋଇଜାଇଛି। ଉକ୍ତ ଦିବ୍ୟ ଅମୃତ ରସାମୃତରେ ସମସ୍ତେ ସାମିଲ ହୋଇ ଡିବ୍ୟକୃପା ଲାଭ କରିଛନ୍ତି।

● ତାମିଲନାଡୁର କୋଏମ୍ବାଟୁର ଠାରେ

## ଅନୁଷ୍ଠିତ ହେଲା କିଷାନ ସମ୍ମାନ ନିଧି ସମାରୋହ

**ବାରିପଦା,୧୯।୧୧(ସଂଚାର ବ୍ୟୁରୋ):** ଆଜି ତାମିଲନାଡୁର କୋଏମ୍ବାଟୁର ଠାରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ପି ଏମ କିଷାନ ସମ୍ମାନ ନିଧି ସମାରୋହକୁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧ୍ୟମରେ ଉଦଘାଟନ କରିଛନ୍ତି। ଏହି ଅବସରରେ ମାନ୍ୟବର ପ୍ରଧାନମନ୍ତ୍ରୀ ପି ଏମ କିଷାନ ଯୋଜନାର ୨୧ତମ କିସ୍ତିକୁ ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ଆଭାସୀ ମାଧ୍ୟମରେ ପ୍ରଦାନ କରିଛନ୍ତି। ଏହି କୃଷକ କଲ୍ୟାଣ ଯୋଜନା ଯାହାକି କୃଷକ ମାନଙ୍କ ଅର୍ଥନୈତିକ ଉନ୍ନତି ନିମିତ୍ତ ୨୦୧୯ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା ଯେଉଁ ଯୋଜନା ରେ ଚାଷୀଙ୍କୁ ଗୋଟିଏ ବର୍ଷରେ ୩ଟି କିସ୍ତି ରେ ୨୦୦୦ ହଜାର ଟଙ୍କା ଲେଖାଏଁ ମୋଟ ୬୦୦୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥାଏ। ଏହି ଅବସରରେ ଆଜି ଭୁବନେଶ୍ୱର କୃଷି ଭବନ ପ୍ରେକ୍ଷାଳୟରେ ରାଜ୍ୟ ସ୍ତରୀୟ ଉତ୍ସବ ଆୟୋଜିତ ହୋଇଥିବା ବେଳେ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଶ୍ୟାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ର ପରିସରସ୍ଥିତ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ର ର ମିଳିତ ଉଦ୍ୟମରେ ଆୟୋଜିତ ହୋଇଥିଲା।



# ତମାଖୁ ମୁକ୍ତ ଅଭିଯାନ ପରିପ୍ରେକ୍ଷୀରେ ମିଳିତ ଚଢ଼ାଉ

## ତମାଖୁ ଜାତୀୟ ନିଶା ଦ୍ରବ୍ୟ ଜବତ ସାଙ୍ଗକୁ ଜରିମାନା ଆଦାୟ

**ବାରିପଦା,୧୯।୧୧ (ସଂଚାର ବ୍ୟୁରୋ):** ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୩.୦ ପରିପ୍ରେକ୍ଷୀରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ପୋଲିସ ବିଭାଗ, ଡ୍ରଗ ଇନ୍ସପେକ୍ଟର ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଆଜି ଚାନ୍ଦୁଆ ଓ କୁଳିଅଣା ଥାନା ଅଞ୍ଚଳରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ନିକଟସ୍ଥ ପାନ ଦୋକାନ, କିରାନା (ଗ୍ରୋସେରୀ) ଦୋକାନ ମାନଙ୍କରେ ଅଚାନକ ଚଢ଼ାଉ କରାଯାଇ ଏହି ସବୁ ଦୋକାନ ଗୁଡିକରେ ବିକ୍ରୟ କରାଯାଉଥିବା ବିଭିନ୍ନ ପ୍ରକାର ତମାଖୁ ଜାତୀୟ ନିଶା ଦ୍ରବ୍ୟ ଜବତ କରଯିବା ସହିତ ୬ଟି ଦୋକାନରୁ ୧୨୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି। ତତ ସହିତ ଶିକ୍ଷାନୁଷ୍ଠାନର ୧୦୦ ମିଟର ପରିଧିରେ କୌଣସି ପ୍ରକାର ତମାଖୁ ଜାତୀୟ ଦ୍ରବ୍ୟ ବିକ୍ରି ନକରିବା ପାଇଁ ଅଞ୍ଚଳର ଦୋକାନୀ ତଥା ଜନସାଧାରଣଙ୍କୁ ବାରଣ କରାଯିବା ସହିତ ନିଶା ଦ୍ରବ୍ୟ ସେବନ ଦ୍ୱାରା ସ୍ୱାସ୍ଥ୍ୟ ପ୍ରତି ଏହାର କୁପ୍ରଭାବ ଏବଂ ମାରାତ୍ମକ ରୋଗରେ ଆକ୍ରାନ୍ତ ସମ୍ବନ୍ଧରେ ସଚେତନ କରାଯାଇଛି।